ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

•VOLUME- 43 •ISSUE-155 •MONDAY •1 DECEMBER 2025 •PAGE-20 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୫୫ •ସୋମବାର •୧ ଡିସେମ୍ବର ୨୦୨୫ •ପୃଷ୍ଠା-୨୦ •ଟ.୬.୦୦




# ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ, ଦୁଇ ଆହତ

ନରସିଂହପୁର,୩୦।୧୧(ସମିସ): ନରସିଂହପୁର ମହାବିଦ୍ୟାଳୟ ନିକଟରେ ରବିବାର ଏକ ବାଇକ ଓ ମହିଳାଙ୍କ ସହିତ ଦୁର୍ଘଟଣା ଘଟି ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଯୁବକ ଆହତ ହୋଇଛନ୍ତି। ସମସ୍ତଙ୍କୁ ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କୃଷ୍ଣଚନ୍ଦ୍ରପୁର ଗ୍ରାମର ମଲ୍ଲିକତା ବାରିକ(୫୫) ନିଜର ଘରକୁ ଚାଲି ଚାଲି ଯାଉଥିବା ବେଳେ ତାଙ୍କ ସହିତ ଗଣଗାଣା ଗ୍ରାମର ଦୁଇଜଣ ଯୁବକ ଯଶୋବନ୍ତ ବେହେରା (୧୯) ଏବଂ ସୁନୀଲ ବେହେରା (୨୦) ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଧକ୍କା ହୋଇଥିଲା। ଏହାପରେ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ତିନିଜଣଙ୍କୁ ସ୍ଥାନୀୟ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିବା ବେଳେ ଯୁବକ ଦୁଇଜଣ ଚିକିତ୍ସାଧୀନ ରହିଛନ୍ତି। ନରସିଂହପୁର ପୁଲିସ ତଦନ୍ତ ଆରମ୍ଭ କରିବା ସହିତ ବାଇକଟି ଏବଂ ମହିଳାଙ୍କ ଶବକୁ ଜବତ କରିଛି।




## ପ୍ରଶାସନର ମନମାନୀ

# ନତକାଇ ପଞ୍ଚାୟତରେ ଖର୍ଚ୍ଚ ହେଉନି ସରକାରୀ ଅନୁଦାନ



ନିଶ୍ଚିନ୍ତକୋଇଲି,୩୦।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନତକାଇ ପଞ୍ଚାୟତରେ ବର୍ତ୍ତମାନ ସୁଦ୍ଧା ୪୦ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଖର୍ଚ୍ଚ ହୋଇ ନ ପାରି ପଡି ରହିଥିବା ଅଭିଯୋଗ ହୋଇଛି। ବ୍ଲକ ପ୍ରଶାସନର ଅସହଯୋଗ ଓ ଦାୟିତ୍ୱହୀନତା ପାଇଁ ଏହି ପଞ୍ଚାୟତରେ ଯଥେଷ୍ଟ ସରକାରୀ ଅନୁଦାନ ରହିଥିଲେ ମଧ୍ୟ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରାଯାଉ ନ ଥିବାରୁ ପଞ୍ଚାୟତବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସସ୍ମିତା ଓତା କୌଣସି କାର୍ଯ୍ୟ କରିବାରେ ଆନ୍ତରିକତା ପ୍ରକାଶ କରୁ ନ ଥିବା ଦେଖାଯାଇଛି। ବିଗତ ଦେଢ ବର୍ଷ ମଧ୍ୟରେ ଏହି ପଞ୍ଚାୟତରେ ମାତ୍ର ଯନ୍ତ୍ରୀ ଜଣକ ୨ ଲକ୍ଷ ଟଙ୍କାର କାମ କରିଥିବା ଦେଖାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ପଞ୍ଚାୟତରେ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରେ ୨୩ଲକ୍ଷ ଟଙ୍କା ଥିଲା ବେଳେ ପଞ୍ଚମ ଅର୍ଥ କମିଶନରେ କୌଣସି କାମ ନ ହୋଇ ୧୪ ଲକ୍ଷ ଟଙ୍କା ପଡିରହିଛି। ଏହି ପଞ୍ଚାୟତରେ ଜନପ୍ରତିନିଧି ସରପଞ୍ଚ କ୍ରିୟାଶୀଳ ଥିଲେ ମଧ୍ୟ ଟଙ୍କା ଥାଇ ମଧ୍ୟ କ'ଣ ପାଇଁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନାହିଁ ସେ ନେଇ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି। ଗତ ଏପ୍ରିଲ ୨୪ ତାରିଖରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳନ ଅବସରରେ ଏହି ପଞ୍ଚାୟତର ସରପଞ୍ଚ ସରକାରଙ୍କର ସମସ୍ତ ଉନ୍ନୟନମୂଳକ କାମ ଓ ଯୋଜନା ସଠିକ୍ ଭାବେ ରୂପାୟନ କରିଥିବାରୁ ସରକାରଙ୍କ ପଞ୍ଚାୟତରାଜ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ପଞ୍ଚାୟତକୁ ଏ-ଗ୍ରେଡ୍ ମାନ୍ୟତା ଦିଆଯିବା ସହିତ ୭ ଲକ୍ଷ ୭୨ ହଜାର ୯୪୬ ଟଙ୍କା ଖର୍ଚ୍ଚ ପାଇଁ ସ୍ୱତନ୍ତ୍ର ପୁରସ୍କାର ଅର୍ଥ ପ୍ରଦାନ କରାଯାଇଥିଲା। ହେଲେ ଏହି ବ୍ଲକ ପ୍ରଶାସନ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ସରପଞ୍ଚଙ୍କୁ ସଂପୂର୍ଣ୍ଣ ଅସହଯୋଗ କରୁଥିବାରୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନାହିଁ ବୋଲି ସରପଞ୍ଚ ଜୟଦେବ ରାଉତ ଅଭିଯୋଗ କରିଛନ୍ତି। ଅନେକ ସମୟରେ ସରପଞ୍ଚ ଜଣକ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ଅଗ୍ରସର ହେଉଥିଲା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ କାର୍ଯ୍ୟକୁ ଅଧାରୁ ବନ୍ଦ୍ କରିଦିଆଯାଉଥିବାର ମଧ୍ୟ ନଜିର ରହିଛି। ଯାହାଫଳରେ ଏହି ପଞ୍ଚାୟତରେ ୪୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ନ ହୋଇପଡି ରହିଥିବା ଜଣାଯାଇଛି। ପଞ୍ଚାୟତରାଜ ସଚିବ ଓ କଟକ ଜିଲ୍ଲାପାଳ ଉକ୍ତ ଘଟଣାର ତଦନ୍ତ କରି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ପଛରେ କି ରହସ୍ୟ ରହିଛି ତାହାକୁ ଲୋକଲୋଚନକୁ ଆଣିବା ଏବଂ ଯେଉଁ ଅଧିକାରୀମାନେ ଏହି ଘଟଣାରେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ପଞ୍ଚାୟତ ଜନ ପ୍ରତିନିଧିଙ୍କୁ ଅଣଦେଖା

# ଆଜିଠୁ ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା

ନିଆଳି,୩୦।୧୧(ସମିସ): ନିଆଳି ପଞ୍ଚାୟତ ସମିତିର ନିର୍ବାଚିତ ଜନପ୍ରତିନିଧିଙ୍କୁ ଅସମ୍ମାନୀତ, ଅଣଦେଖା ଓ ଉନ୍ନୟନମୂଳକ କାର୍ଯ୍ୟରେ ଅସହଯୋଗ ପ୍ରତିବାଦରେ ନିର୍ବାଚିତ ଜନପ୍ରତିନିଧିମାନେ ସୋମବାର ଠାରୁ ବ୍ଲକ ପରିସରରେ ଥିବା ଗାନ୍ଧୀମୂର୍ତ୍ତି ନିକଟରେ ଅହରାତ୍ର ଧାରଣା ଦେବେ ବୋଲି ସୂଚନା ମିଳିଛି। ନିଆଳି ପଞ୍ଚାୟତ ସମିତିର ନିର୍ବାଚିତ ଜନପ୍ରତିନିଧିଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟ ସରକାରଙ୍କ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ଅନୁଯାୟୀ ତୃଣମୂଳସ୍ତରରୁ ଉନ୍ନୟନମୂଳକ କାର୍ଯ୍ୟକୁ କ୍ରିୟାଶୀଳ କରିବା ପାଇଁ ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତକୁ କ୍ଷମତା ଅର୍ପଣ କରାଯାଇଥିଲା। ମାତ୍ର ଦୁଃଖ ଓ ପରିତାପର ରାଜନୈତିକ ଚାଷର ବଶବର୍ତ୍ତୀ ହୋଇ ନିଆଳି ପଞ୍ଚାୟତ ସମିତିର ପ୍ରଶାସନ ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଣଦେଖା ଅସମ୍ମାନୀତ କରି ଉନ୍ନୟନମୂଳକ କାର୍ଯ୍ୟରେ ଅସହଯୋଗ କରୁଛି। ବିପିଏପିରେ ସ୍ଥାନ ପାଇଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତାରେ ଅସହଯୋଗ ଯଥା କାର୍ଯ୍ୟାଦେଶ ପ୍ରସ୍ତୁତ କରିବା, କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରକଳ୍ପ ଗୁଡିକର କାର୍ଯ୍ୟ କରିବାରେ ଅଣଦେଖା କରିବା, ଜିପିଏପିରେ ଅନୁରୂପ କାର୍ଯ୍ୟଶୈଳୀ ଗ୍ରହଣ କରିବା, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଏପିଓ ଓ ବିଭାଗୀୟ ଯନ୍ତ୍ରୀଙ୍କ ଅସହଯୋଗ କରିବା, ସର୍ବପରି ବିଭାଗୀୟ ଯନ୍ତ୍ରୀ ଓ ଏପିଓଙ୍କ ନିର୍ବାଚିତ ଜନପ୍ରତିନିଧି ପ୍ରତି ଅସଦାଚରଣ, ଅଭଦ୍ରୋଚିତ ବ୍ୟବହାର, ଅଧିକାଂଶ ପ୍ରତିନିଧିଙ୍କୁ ବ୍ୟଥିତ ଓ ମର୍ମାହତ କରିଛି। ଏ ନେଇ ପଞ୍ଚାୟତ ପ୍ରତିନିଧିମାନେ ଗତ ୨୧.୧୧.୨୦୨୫ରେ ଲିଖିତ ଭାବେ ବିଡିଓ, ଜିଲ୍ଲାପାଳ, ତହସିଲଦାର, ନିଆଳି ଥାନା ସମେତ ବହୁ ବିଭାଗୀୟ ଅଧିକାରୀଙ୍କୁ ଲେଖି ଜଣାଇଥିଲେ। ମାତ୍ର ବ୍ଲକ ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ନ ନେବାରୁ ଡିସେମ୍ବର ୧ ତାରିଖ ସୋମବାର ଦିନ ୧୦ ଘଟିକା ସମୟରେ ବ୍ଲକ ପରିସରରେ ଗାନ୍ଧୀମୂର୍ତ୍ତି ତଳେ ନିର୍ବାଚିତ ପ୍ରତିନିଧିମାନେ ଦିବାରାତ୍ର ଧାରଣାରେ ବସିବା ପାଇଁ ନିଷ୍ପତ୍ତି ନିଆଯାଇଛି।

**ଉନ୍ନୟନମୂଳକ କାର୍ଯ୍ୟରେ ଅସହଯୋଗ**

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

ନିଶ୍ଚିନ୍ତକୋଇଲି,୩୦।୧୧(ସମିସ): ଶିକ୍ଷାବିକାଶ ସମିତି ଓଡିଶା ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ ମୋଟ ୫୨ ଜଣ ଛାତ୍ରଛାତ୍ରୀଙ୍କ ମାଆ ଯୋଗଦେଇଥିଲେ। ଏହି କର୍ମଶାଳାରେ ମାଆଙ୍କ ମଧ୍ୟରେ ୫ଟି ବିଭାଗରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ସଭାରେ ପରିଚାଳନା କମିଟିର ସଭାପତି ଦୀପାଞ୍ଜଳୀ ମିଶ୍ରଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପ୍ରବଚକ ଶରତ ଚନ୍ଦ୍ର ରଥ, ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟର ଯୁଗ୍ମ ସଂପାଦକ ବିଦୁଲତା ପଣ୍ଡା ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ମୀନକେତନ ମହାନ୍ତି ସ୍ୱାଗତ ଭାଷଣ ଓ ମାତୃ କର୍ମଶାଳାର ତାତ୍ପର୍ଯ୍ୟ ସଂକ୍ରାନ୍ତରେ ଅବଗତ କରାଯାଇଥିବା ବେଳେ ବାଟିକା ପ୍ରମୁଖ କିଶୋର କୁମାର ବାରିକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲା ବେଳେ ସହ ପ୍ରମୁଖ ପୁଷ୍ପଲତା ପଲେଇ ଧନ୍ୟବାଦ ଦେଇଥିଲେ।



# ବେଆଇନ୍ ବାଲି ଚାଲାଣ; ୨ ଟ୍ରାକ୍ଟର ଜବତ

ସାଲେପୁର,୩୦।୧୧(ସମିସ): ବେଆଇନ୍ ଭାବେ ନଦୀରୁ ବାଲି ଉଠାଇ ଚାଲାଣ କରୁଥିବାବେଳେ ସାଲେପୁର ପୁଲିସ ୨ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଆଜି ସକାଳୁ କିଶୋରନଗର ଅଞ୍ଚଳ ମହାନଦୀରୁ ବାଲି ବେଆଇନ୍ ଭାବେ ଟ୍ରାକ୍ଟର ଯୋଗେ ନେଇ ଯାଉଥିବାବେଳେ ସାଲେପୁର ପୁଲିସ ଆଜି ହରିଚନ୍ଦନପୁର ବ୍ୟାରେଜ୍ ନିକଟରୁ ୨ଟି ବେଆଇନ୍ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ସାଲେପୁର ଥାନାରେ ୫୫୩ ଓ ୫୫୪/୨୦୨୫ରେ ୨ଟି ପୃଥକ୍ ମାମଲା ରୁଜୁ କରି ୨ଡ୍ରାଇଭର ଗୁଆଳି ଗ୍ରାମର ଅମରଜିତ୍ ପରିଡ଼ା ଓ କାଠାହାର ଗ୍ରାମର ଦିଲ୍ଲୀପ ଦାସକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।









● ଏସସିବି ଟ୍ରମା କାଜୁଆଲ୍‌ଟିରେ ଉତ୍ତେଜନା

# ଜରୁରିକାଳୀନ ରୋଗୀଙ୍କୁ ୪ ଘଣ୍ଟା ଅପେକ୍ଷା

କଟକ,୩୦।୧୧(ସମିସ)



କଟକ ବଡ଼ ଡାକ୍ତରଖାନା (ଏସସିବି)ର ଟ୍ରମା କାଜୁଆଲିଟି ବିଭାଗରେ ପୁଣି ଥରେ ଚିକିତ୍ସା ଅବହେଳାର ଏକ ସାଙ୍ଘାତିକ ଚିତ୍ର ଦେଖିବାକୁ ମିଳିଛି। ଜଣେ ସଡ଼କ ଦୁର୍ଘଟଣାଗ୍ରସ୍ତ ଗୁରୁତର ରୋଗୀଙ୍କୁ ଡାକ୍ତରଙ୍କ ଅନୁପସ୍ଥିତି ଓ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ପ୍ରାୟ ୪ ଘଣ୍ଟା କାଳ ବିନା ଚିକିତ୍ସାରେ ଅପେକ୍ଷା କରିବାକୁ ପଡ଼ିଛି। ଏହି ଘଟଣାକୁ ନେଇ ରୋଗୀ ସମ୍ପର୍କୀୟ ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡ ସହ ହାତାହାତି ପରିସ୍ଥିତି ସୃଷ୍ଟି ହେବା ଫଳରେ କିଛି ସମୟ ପାଇଁ ଟ୍ରମା କାଜୁଆଲିଟିରେ ଉତ୍ତେଜନା ଦେଖାଦେଇଥିଲା। ଯାଜପୁର ଅଞ୍ଚଳର ଅଜୟ ସାହୁ (୨୨) ନାମକ ଜଣେ ଯୁବକ ରବିବାର ଅପରାହ୍ଣ ପ୍ରାୟ ୨ଟା ସମୟରେ ବାଖରାବାଦ ନିକଟରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ଜଣେ ମଦ୍ୟପଙ୍କ ଧକ୍କାରେ ତାଙ୍କ ଆଖିପତା ଫାଟିଯାଇ ପ୍ରବଳ ରକ୍ତସ୍ରାବ ହେବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପ୍ରାଥମିକ ଚିକିତ୍ସା ପରେ ସିଟି ହସ୍ପିଟାଲରୁ ତାଙ୍କୁ ତୁରନ୍ତ ଏସସିବିର ଟ୍ରମା କାଜୁଆଲିଟିକୁ ସ୍ଥାନାନ୍ତର କରାଯାଇଥିଲା। ରୋଗୀକୁ ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ଟ୍ରମା କାଜୁଆଲିଟିରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ଉପସ୍ଥିତ ନ ଥିବାରୁ ଚିକିତ୍ସା ଆରମ୍ଭ ହୋଇପାରି ନ ଥିଲା। ଏପରିକି ଚିକିତ୍ସା ଅଭାବରୁ ଅଜୟଙ୍କ ଆଖି ହଠାତ୍ ନୀଳ ପଡ଼ିବାକୁ ଲାଗିଥିଲା। ରୋଗୀର ଗୁରୁତର ଅବସ୍ଥା ଦେଖି ସମ୍ପର୍କୀୟମାନେ ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀଙ୍କୁ ବାରମ୍ବାର ନିବେଦନ କରିଥିଲେ। ମାତ୍ର କିଛି କର୍ମଚାରୀ ସହାୟତା କରିବା ପରିବର୍ତ୍ତେ ନିଜ ନିଜ ମୋବାଇଲରେ ବ୍ୟସ୍ତ ରହି ଗପସପ କରୁଥିବା ସମ୍ପର୍କୀୟମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ରୋଗୀ ସମ୍ପର୍କୀୟ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ଓ ହୋ-ହଲ୍ଲା ସୃଷ୍ଟି ହୋଇଥିଲା। ପରିସ୍ଥିତି ଉଗ୍ର ରୂପ ନେବାରୁ କିଛି ସୁରକ୍ଷାକର୍ମୀ ଜଣେ ସମ୍ପର୍କୀୟଙ୍କ ମୋବାଇଲ୍ ଛଡ଼ାଇ ନେଇଥିବା ଅଭିଯୋଗ ମଧ୍ୟ ହୋଇଛି। ଶେଷରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମାମଲାକୁ ଶାନ୍ତ କରିଥିଲା। ଦିନ ୨ଟା ୩୦ ମିନିଟ୍‌ରେ ଆସିଥିବା ରୋଗୀଙ୍କୁ ପ୍ରାୟ ସନ୍ଧ୍ୟା ୫ଟା ୩୦ ମିନିଟ୍ ପରେ ଅର୍ଥାତ୍ ୩ ଘଣ୍ଟା ପରେ ଚିକିତ୍ସା ମିଳିପାରିଥିଲା। ଏସସିବି ଭଳି ରାଜ୍ୟର ସର୍ବବୃହତ୍ ଚିକିତ୍ସାଳୟର ଜରୁରୀକାଳୀନ ଟ୍ରମା କାଜୁଆଲିଟିରେ ଏଭଳି ଚିକିତ୍ସା ଏବଂ ସମୟାନୁବର୍ତ୍ତିତାର ଅଭାବ ଘୋର ଅସନ୍ତୋଷ ସୃଷ୍ଟି କରିଛି। ରୋଗୀଙ୍କ ପ୍ରତି ଉତ୍ତମ ବ୍ୟବହାର ଓ ଜରୁରୀ ସେବା ଯୋଗାଇବାରେ ବିଳମ୍ବକୁ ନେଇ ସାଧାରଣରେ ପ୍ରଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

● ବିନା ଚିକିତ୍ସାରେ ଗୁରୁତରଙ୍କ ଅବସ୍ଥା ସାଙ୍ଘାତିକ

● ଡାକ୍ତର ଅନୁପସ୍ଥିତ, କର୍ମଚାରୀ ମୋବାଇଲରେ ବ୍ୟସ୍ତ

# ଆପାର୍ଟମେଣ୍ଟ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ଲାଗୁନି ସିସିଟିଭି

● ଆପାର୍ଟମେଣ୍ଟ କଲ୍ୟାଣ ସଂଘ ଓ ପୁଲିସ ମଧ୍ୟରେ ତାଲମେଳ ନାହିଁ

● ୧୦୦ରୁ ଅଧିକ ଆପାର୍ଟମେଣ୍ଟରେ ନାହିଁ ସିସିଟିଭି

କଟକ,୩୦।୧୧(ସମିସ): କମିସନରେଟ୍ ପୁଲିସ ସହରରେ ସିସି କ୍ୟାମେରା ଲଗାଇବା ଉପରେ ଗୁରୁତ୍ୱ ଦେଉଛି ସତ କିନ୍ତୁ ଏହା ଫଳପ୍ରଦ ହେଉ ନାହିଁ। କଟକ ସହରରେ 'ସହଭାଗିତା' ଯୋଜନା ମାଧ୍ୟମରେ ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗାଯାଇଛି। ସମ୍ପ୍ରତି ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ଅତ୍ୟାଧୁନିକ ସିସି କ୍ୟାମେରା ବେଶ୍ ସହାୟ ହେଉଛି। ଯଦିଓ କମିସନରେଟ୍ ପୁଲିସ ଏଥି ନିମନ୍ତେ ଅର୍ଥ ବିନିଯୋଗ କରିନାହିଁ ସହରର ପୂଜା କମିଟି, ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ କାର୍ଯ୍ୟକ୍ଷମ ହେଉଛି ଏହି 'ସହଭାଗିତା' ଯୋଜନା। ଏହି ଯୋଜନା ମାଧ୍ୟମରେ ଡିସିପିଙ୍କ କାର୍ଯ୍ୟାଳୟରେ ଥିବା କଣ୍ଟ୍ରୋଲ୍ ରୁମ୍‌ରେ ୫୭୭ଟି ସିସି କ୍ୟାମେରା ସିଧା ପ୍ରସାରଣ(ଲାଇଭ୍) କରାଯାଉଛି। ପୁଲିସ କମିସନର କଟକ ସହରରେ ଥିବା ଆପାର୍ଟମେଣ୍ଟଗୁଡ଼ିକରେ ସିସି କ୍ୟାମେରା ଲଗାଇବା ବାଧ୍ୟତାମୂଳକ ବୋଲି ସୂଚନା ଦେଇଥିଲେ। ସମ୍ପୃକ୍ତ ଆପାର୍ଟମେଣ୍ଟ ମାଲିକମାନେ ନିରାପତ୍ତା ପାଇଁ ଏଣ୍ଟ୍ରି ଓ ଏକ୍‌ଜିଟ୍ ପଏଣ୍ଟରେ ହାଇଡେଫିନେସନ୍ କ୍ୟାମେରା ଲଗାଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସିସି କ୍ୟାମେରାର ରେକର୍ଡିଂ ଫିଡ୍‌କୁ ଡିସିପିଙ୍କ କାର୍ଯ୍ୟାଳୟରେ ଥିବା କଣ୍ଟ୍ରୋଲ ରୁମ୍‌କୁ ଦେବାକୁ କମିଶନର ଏସ୍ ଦେବଦତ୍ତ ସିଂ କହିଥିଲେ। ହେଲେ ଏହି ଘୋଷଣାରେ ୯ ମାସ ବିତି ଯାଇଥିବା ବେଳେ ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇ ପାରୁନାହିଁ।

ପୁଲିସ ସୂଚନା ଅନୁସାରେ, ଆପାର୍ଟମେଣ୍ଟରେ ଥିବା ବାସିନ୍ଦା କଲ୍ୟାଣ ସଂଘ ଗୁଡ଼ିକ ଆପାର୍ଟମେଣ୍ଟର ପ୍ରବେଶ ଏବଂ ପ୍ରସ୍ଥାନ ପଏଣ୍ଟ ଗୁଡ଼ିକରେ କ୍ୟାମେରା ଲଗାଇବା ପରେ କମିଶନରେଟ ପୁଲିସର କଣ୍ଟ୍ରୋଲ୍ ରୁମରେ ତାହା ସଂଯୋଗ କରବାକୁ ପୁଲିସ ସହିତ ଯୋଗଯୋଗ କରିବେ। ଦାୟିତ୍ୱରେ ଥିବା ଏସିପିଙ୍କୁ ମୋବାଇଲ ୭୬୦୬୦୬୬୭୬୬ରେ ଯୋଗାଯୋଗ କରିବେ। ଏହାକୁ ତଦାରଖ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଚଳିତ ବର୍ଷ ଉଭୟ କଟକ ଓ ଭୁବନେଶ୍ୱରରେ ଥିବା ଆପାର୍ଟମେଣ୍ଟଗୁଡ଼ିକରେ ୬୫ ଚୋରି ମାମଲା ପଞ୍ଜିକୃତ ହୋଇଛି। ଅନ୍ୟପଟେ ଆପାର୍ଟମେଣ୍ଟଗୁଡ଼ିକରେ ଘର ମାଲିକ ରହୁଛନ୍ତି କିମ୍ବା ତାହାକୁ ଭଡ଼ା ଲଗାଯାଇଛି, ସେ ସମ୍ପର୍କରେ ସ୍ଥାନୀୟ ଥାନାରେ ସବିଶେଷ ତଥ୍ୟ ଦେବା ପାଇଁ ପୁଲିସ କହିଛି। ଏ ବାବଦରେ ଏଡିସିପି ଦେବଦତ୍ତ କରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ସମସ୍ତ ଜୋନ୍‌ର ଏସିପି ଓ ସ୍ଥାନୀୟ ଥାନା ଗୁଡ଼ିକର ଆଇଆଇସିଙ୍କୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ଆପାର୍ଟମେଣ୍ଟ ମାଲିକ ଏବଂ ବାସିନ୍ଦା କଲ୍ୟାଣ ସଂଘଗୁଡ଼ିକ ସହଯୋଗରେ କଟକ ସହରରେ ଥିବା ସମସ୍ତ ଆପାର୍ଟମେଣ୍ଟରେ ସିସି କ୍ୟାମେରା ଲଗାଯିବ। ୧ ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ପ୍ରଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

ବିଶେଷ କରି କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, ଚଣ୍ଡିଛକ, ବକ୍ସିବଜାର, ମହାନଦୀବିହାର, ସିଡିଏ, ତ୍ରିଶୂଳିଆ, ବାରଙ୍ଗ ଅଞ୍ଚଳରେ ଅନେକ ଆପାର୍ଟମେଣ୍ଟ ରହିଛି। ସ୍ଥାନୀୟ ଥାନାଗୁଡ଼ିକୁ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସିସି କ୍ୟାମେରା ଲଗାଇବା ସମ୍ପର୍କରେ ସୂଚନା ଦିଆଯାଇଛି। ଯେଉଁଠାରେ ଏହି ଯୋଜନା କାର୍ଯ୍ୟକାରୀ ହେବ ନାହିଁ ସେଠାରେ ପୁଲିସ ନିଜ ପକ୍ଷରୁ ସିସି କ୍ୟାମେରା ଲଗାଇବାକୁ ଉଦ୍ୟମ କରିବ ବୋଲି ଜଣାପଡ଼ିଛି।

# ଶ୍ରୀଜଗନ୍ନାଥଙ୍କ ବିଧିବିଧାନରେ ମାନବୀୟ ଚେତନା ରୂପାୟିତ

କଟକ,୩୦।୧୧(ସମିସ): ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରବିବାର ସନ୍ଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ 'ଶ୍ରୀଜଗନ୍ନାଥ ଦର୍ଶନରେ





ମାନବୀୟ ଚେତନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ କହିଲେ ଯେ, ଓଡ଼ିଶାର ଜନଜୀବନ ସହ ଯୋଡ଼ି ହୋଇ ରହିଛନ୍ତି ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ମାନବୀୟ ଚେତନା ତାଙ୍କର ପ୍ରତିଟି ପର୍ବପର୍ବାଣିରେ ପ୍ରତିଫଳିତ। ଉତ୍କଳ ସାହିତ୍ୟ ସମାଜ ହେଉଛି ସାହିତ୍ୟର ଏନ୍ତୁଡ଼ିଶାଳ ଏବଂ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ସାହିତ୍ୟର ଆତ୍ମସାର। ଏଥିରେ ବରେଣ୍ୟ ଅତିଥି 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ'ର ସଭାପତି ପୀତବାସ ରାଉତରାୟ ପଣ୍ଡିତ ନୀଳକଣ୍ଠ ଦାସ, ଜନ୍ ବୀମ୍‌ସଙ୍କ ପରି ବିଦ୍ୱାନ୍‌ଙ୍କ ଗବେଷଣା ସଂପର୍କରେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା 'ପୌରୁଷ' ସଂପାଦକ ଡକ୍ଟର ଅସିତ ମହାନ୍ତି ସ୍କନ୍ଦ ପୁରାଣଠାରୁ ଭବିଷ୍ୟ ପୁରାଣ ପର୍ଯ୍ୟନ୍ତ ଗ୍ରନ୍ଥରୁ ତଥ୍ୟ ଉପସ୍ଥାପନ କରି ଦ୍ୱାରପାଳ ପୂଜା, ରଥଯାତ୍ରାରେ ହେଉଥିବା ରଥଯାତ୍ରାର ବିଭିନ୍ନ ବିଧିରେ ମାନବୀୟ ଚେତନାର ବାର୍ତ୍ତା ରହିଛି ତାହା ପ୍ରକାଶ ପାଇଛି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଶେଖର ଘୋଷ, ତନ୍ମୟ ହୋତା, ଦୀପ୍ତି ଦାଶ ଓ କସ୍ତୁରୀ ସ୍ୱାଇଁ ଭକ୍ତିସଂଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ମନୋରଞ୍ଜନ ଅଧିକାରୀ ଓ ବିଭୁଦତ୍ତ ମଲ୍ଲ। ପ୍ରାରମ୍ଭରେ ଅନୁଷ୍ଠାନର କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲାବେଳେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଓ ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ବିଶିଷ୍ଟ ବୁଦ୍ଧିଜୀବୀ ଓ ସାହିତ୍ୟିକମାନଙ୍କ ସମେତ ଉତ୍କଳ ସାହିତ୍ୟ ସମାଜର ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଆଦିତ୍ୟ ପ୍ରତାପ ଧଳ, ବୈଜୟନ୍ତୀମାଳା ଶତପଥୀ, ଅମିତାଭ ଖିଲାର, ରଘୁ ସାହୁ, ଡ. ଧରଣୀଧର ନାଥ, ଗୀତାଞ୍ଜଳି ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

'ଶ୍ରୀଜଗନ୍ନାଥ ଦର୍ଶନରେ ମାନବୀୟ ଚେତନା' ଶୀର୍ଷକ ଆଲୋଚନାଚକ୍ର

# ୭ରେ ଜିଲ୍ଲା ସ୍ତରୀୟ ବିଜ୍ଞାନମେଳା

କଟକ,୩୦।୧୧(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ହେଲ୍ପ ଦି ହ୍ୟୁମାନିଟି ପକ୍ଷରୁ ଆସନ୍ତା ୭ ତାରିଖରେ ଜିଲ୍ଲାସ୍ତରୀୟ ବିଜ୍ଞାନମେଳା ଆୟୋଜନ ହେବ। ପୋତାପୋଖରୀ ନେତାଜୀ ପଡ଼ିଆରେ ହେବାକୁ ଥିବା ଏହି ମେଳାରେ ଜିଲ୍ଲାର ୩୦ରୁ ଅଧିକ ବିଦ୍ୟାଳୟର ପ୍ରତିଯୋଗୀ ଭାଗ ନେବେ। ଛାତ୍ରଛାତ୍ରୀଙ୍କ ବୈଜ୍ଞାନିକ ମଡେଲ୍, ନୂତନ ଆବିଷ୍କାର ପ୍ରକଳ୍ପ, ପରିବେଶ ସଚେତନତା, ବିଜ୍ଞାନ ପରୀକ୍ଷଣ ପ୍ରକାଶ କରିବାର ଏହା ମାଧ୍ୟମ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଏହାଦ୍ୱାରା ସମ୍ପୃକ୍ତ ପ୍ରତିଯୋଗୀଙ୍କ ବୈଜ୍ଞାନିକ ଅଭିବୃଦ୍ଧି ଘଟିବ। ସେନେଇ ଆଶାୟୀ ପ୍ରତିଯୋଗୀ ମୋବାଇଲ ନମ୍ବର ୮୬୫୮୫୬୪୪୪୮ରେ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି।

# ଓସ୍ତପାଡ଼ ଶାଖା ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ କଥାମୃତ



କଟକ,୩୦।୧୧(ସମିସ): ନୂଆ ଭୁବନେଶ୍ୱର, ଓସ୍ତପଡା ଚାରଣ ଶାଖାର ଦଳପତି ଚନ୍ଦନ ସାହୁଙ୍କ ପ୍ରଚେଷ୍ଟାରେ ଶ୍ରୀଜଗନ୍ନାଥ ଦିବ୍ୟ କଥାମୃତ ଅନୁଷ୍ଠିତ ହୋଇଯାଇଛି। ଇଷ୍ଟଦେବୀ ମାଆ ଶାଙ୍କେନୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସେବାୟତ ବଳଭଦ୍ର ମହାପାତ୍ର ଏବଂ ଚୈତନ୍ୟ ଚେତନା ଆଶ୍ରମର ମଠାଧୀଶ ସ୍ୱାମୀ ଭକ୍ତି ବିଜ୍ଞାନ ଅକିଞ୍ଚନ ମହାରାଜ ଯୋଗଦାନ କରି ମହାପ୍ରଭୁଙ୍କ ଦିବ୍ୟ ଚେତନା ଉପରେ ପ୍ରବଚନ ରଖିଥିଲେ। କଟକ ଜିଲ୍ଲା ସଂଗଠକ ତରଣୀସେନ ଲେଙ୍କା ମହାପ୍ରଭୁଙ୍କ ସାଜସଜ୍ଜା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଡଃ ଶୁଭେନ୍ଦୁ ସ୍ୱାଇଁଙ୍କ ତତ୍ତ୍ୱବଧାନରେ ଗ୍ରାମେ ଗ୍ରାମେ ମହାପ୍ରଭୁଙ୍କ ଦିବ୍ୟ ଚେତନା ପ୍ରଚାର କାର୍ଯ୍ୟକ୍ରମ ଯୋରଦାର ଭାବରେ ଚାଲୁଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ପଣ୍ଡିତ ଲିଙ୍ଗରାଜ ପତି ମହାପ୍ରଭୁଙ୍କ ଆଜ୍ଞା ନେଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମଧୁପୁର ଶାଖା ଦଳପତି ଭାସ୍କର ପ୍ରଧାନ, ବାଲିପଡା ଶାଖା ଦଳପତି ଉମେଶ ବସ୍ତିଆ, ବାରଙ୍ଗ ଶାଖା ବରିଷ୍ଠ ଚାରଣ ଦିଲ୍ଲୀପ ପାଣି, ଖାନନଗର ଶାଖା ଦଳପତି ବସନ୍ତ ସାହୁ, କାଜିଡିହ ଶାଖା ଦଳପତି ସତ୍ୟନାରାୟଣ ସେନାପତି, ପିଠାପୁର ଶାଖାର ଯୁବ ଚାରଣ ଇଂ ତାରେଣୀ ରଥ, ରୀନା ବସ୍ତିଆ, ଜଗତପୁର ଶାଖା ଉପଦଳପତି ସୁଶୀଳ ବେହେରା ସମେତ ବହୁତ ଚାରଣମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଓସ୍ତପଡା ଶାଖାର ସମସ୍ତ ସଭ୍ୟମାନଙ୍କୁ ଅନୁଷ୍ଠାନର ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସେହି ଗ୍ରାମପଞ୍ଚାୟତର ସରପଞ୍ଚ ଓ ମନ୍ଦିର ଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ମହାପ୍ରଭୁ ନିକଟରେ ମଙ୍ଗଳ ଆଳତି ପରେ ସମସ୍ତଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା।






























# ଅଟକିଲା ସୀତା ବିବାହ; ଦୁର୍ଘଟଣାରେ କର୍ତ୍ତା ମୃତ

ଗୋପ,୩୦।୧୧(ସମିସ): ଅଧାରେ ଅଟକିଲା ରାମଚରିତ ମାନସର ସୀତା ବିବାହ। ରାମଚରିତ ମାନସ କାର୍ଯ୍ୟକ୍ରମର କର୍ତ୍ତା ହୋଇଥିବା ଯୋଗେନ୍ଦ୍ର ସେନାପତି (୫୦)ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିବା ପରେ ୯ ଦିନ ଧରି ଚାଲିବାକୁଥିବା ଏହି କାର୍ଯ୍ୟକ୍ରମ ୩ ଦିନରେ ବନ୍ଦ ହୋଇଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ପ୍ରତିବର୍ଷ ପରି ଚଳିତ ବର୍ଷ ଗୋପ ପଞ୍ଚାୟତ ଅନ୍ତର୍ଗତ ବାୟାକୁଦା ଗ୍ରାମରେ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ୯ମ ରାମଚରିତ ମାନସ କାର୍ଯ୍ୟକ୍ରମ ୨୮ ତାରିଖ ଦିନ ଆରମ୍ଭ ହେବା ପରେ ସନ୍ଧ୍ୟାରେ ପ୍ରବଚକ ଅଧ୍ୟାପକ ସନ୍ତୋଷ କୁମାର ସାହୁଙ୍କ ଦ୍ୱାରା ପ୍ରବଚନ ହୋଇଥିଲା। ଏହି ରାମଚରିତ ମାନସ ଦୀର୍ଘ ୯ ଦିନ ବ୍ୟାପୀ ଚାଲିଥା'ନ୍ତା। ରବିବାର ସନ୍ଧ୍ୟାରେ ରାମଚରିତ ମାନସ କାର୍ଯ୍ୟକ୍ରମରେ ସୀତା ବିବାହ ଥିବାରୁ କର୍ତ୍ତା ହୋଇଥିବା ଯୋଗେନ୍ଦ୍ର ସେନାପତି ତାଙ୍କ ବାଇକ୍ ଯୋଗେ ବାଣ ଆଣିବାକୁ ଚାରିଛକ ଯାଉଥିଲେ। ଗୋପ-ଚାରିଛକ ରାସ୍ତାର ଚାରିଛକ ନିକଟସ୍ଥ ଅନ୍ନପୂର୍ଣ୍ଣା ବିଦ୍ୟାଳୟ ନିକଟରେ ଅପର ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ବୋଲେରୋ ଗାଡ଼ି ସମ୍ମୁଖରୁ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ପୁଲିସ ଓ କେତେକ ଯୁବକ ବାଇକ୍ ତାଙ୍କୁ ଚାରିଛକ ଡାକ୍ତରଖାନାକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଗୋପ ବ୍ଲକ୍ ଅଞ୍ଚଳରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ବୋଲେରୋ ଗାଡ଼ିକୁ ଜବତ କରିବା ସହିତ ଚାରିଛକ ଥାନାରେ ଏକ ମାମଲା (୧୫୧/୨୫) ରୁଜୁ ହୋଇଛି। ଏପଟେ ରାମଚରିତ ମାନସ କାର୍ଯ୍ୟକ୍ରମକୁ ସ୍ଥଗିତ କରାଯାଇଥିବାବେଳେ ରାମଚନ୍ଦ୍ର, ଲକ୍ଷ୍ମଣଙ୍କ ସହିତ ମା' ସୀତାଙ୍କ ମୂର୍ତ୍ତିକୁ ବିସର୍ଜନ କରାଯାଇଛି।














































# କୋଇଲା ବୋଝେଇ ଜାହାଜରେ ନିଆଁ



ପାରାଦୀପ,୩୦।୧୧(ସମିସ): ଗତକାଲି ବିଳମ୍ବିତ ରାତିରେ ପାରାଦୀପ ବନ୍ଦରର ବର୍ଥରେ ଏକ ଜାହାଜ କୋଇଲା ବୋଝେଇ କରୁଥିବା ସମୟରେ କୋଇଲାରେ ନିଆଁ ଲାଗି ଯାଇଥିଲା। ଇକୋ କୋଲୋନେଲ ମନୋରଭିଆ ନାମକ ଜାହାଜଟି ଆଇରନ ଓର୍ ବର୍ଥରେ ଥର୍ମାଲ କୋଇଲା ବୋଝେଇ କରୁଥିବା ବେଳେ ଏଭଳି ଅଘଟଣ ଘଟିଥିଲା। ତେବେ କନଭେୟର ବେଲ୍ଟ ମାଧ୍ୟମରେ ଜାହାଜରେ ଏହି କୋଇଲା ବୋଝେଇ ଚାଲିଥିଲା। ପାଖାପାଖି ୬ ହଜାର ଟନ୍ କୋଇଲା ଜାହାଜରେ ବୋଝେଇ ହୋଇ ସାରିଥିବା ବେଳେ ହଠାତ୍ ଜାହାଜରୁ ଧୂଆଁ ବାହାରୁ ଥିବା ଦେଖି ଭେସେଲ ମାଷ୍ଟର କୋଇଲା ଲୋଡ୍ ବନ୍ଦ ପାଇଁ ସିଗ୍ନାଲ ଦେଇଥିଲେ। ଜାହାଜରେ ତୁରନ୍ତ କୋଇଲା ବୋଝେଇ ବନ୍ଦ କରି ଦିଆଯାଇଥିଲା। ପରେ ତୁରନ୍ତ ଜାହାଜକୁ ସେଠାରୁ ଅନ୍ୟ ଏକ ବର୍ଥ ସିକ୍ୟୁ-୨କୁ ସ୍ଥାନାନ୍ତରିତ କରାଯାଇଥିଲା। ଜାହାଜରୁ କୋଇଲା ଖଲାସ କରାଯାଇ ପାଣି ମରାଯାଇ ନିଆଁକୁ ଆୟତ୍ତ କରାଯାଇଥିଲା। ଥର୍ମାଲ କୋଇଲା ସବୁବେଳେ ଉତ୍ତପ୍ତ ରହିଥାଏ। ଏଥିରୁ ନିଆଁ ଲାଗିବାର ସମ୍ଭାବନା ବହୁ ସମୟରରେ ରହିଥାଏ। ଏଣୁ କୋଇଲା ବୋଝେଇ ଓ ଖଲାସ ସମୟରେ ପାଣି ସିଞ୍ଚନ କରାଯିବା ଜରୁରୀଥାଏ। ତେବେ ଗତକାଲି ଏହି କୋଇଲା ଲୋଡିଂ ବେଳେ ପାଣି ସିଞ୍ଚନ କରାଯାଇଥିଲେ ମଧ୍ୟ କ'ଣ ପାଇଁ ସେହି କୋଇଲାରେ ନିଆଁ ଲାଗିଯାଇଥିଲା ତାକୁ ନେଇ ତଦନ୍ତ ଆରମ୍ଭ କରାଯାଇଛି। ତେବେ ଜାହାଜରେ ଥର୍ମାଲ କୋଇଲା ବେଲ୍ଟ ମାଧ୍ୟମରେ ପରିବହନ କରାଯାଇ ଜାହାଜରେ ବୋଝେଇ ହେଉଥିବା ସମୟରେ ପାଣି ସିଞ୍ଚନ ହୁଏତ କମ୍ ହୋଇଥିବା ଯୋଗୁଁ ନିଆଁ ଲାଗିଥାଇ ପାରେ ବୋଲି ଅନୁମାନ କରାଯାଉଛ। ସବୁଠାରୁ ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜାହାଜରେ ଏକ ବଡଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା କୁହାଯାଉଛି।

**ଖଲାସ୍ ହେଲା ୬ ହଜାର ଟନ୍ ଲୋଡିଂ କୋଇଲା**

# ମା' ଜାଗ୍ରତ ଗୌରୀ ପୀଠରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ

ବାଲିକୁଦା,୩୦।୧୧(ସମିସ): ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ ରଣପୁର ସ୍ଥିତ ମା' ଜାଗ୍ରତ ଗୌରୀଙ୍କ ପୀଠରେ ଆଞ୍ଚଳିକ ଜାଗ୍ରତ ଗୌରୀ ଗୀତା ପ୍ରଚାର ସମିତି ଆନୁକୂଲ୍ୟରେ ଦ୍ୱାତ୍ରିଂଶତମ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଉଦ୍‌ଘାଟିତ ହୋଇଯାଇଛି। ପ୍ରାତଃରୁ ଅଙ୍କୁରାରୋପଣ, ଅଧିବାସ କାର୍ଯ୍ୟକ୍ରମ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ସନ୍ଧ୍ୟାରେବରେଣ୍ୟଅତିଥି ରୂପେ ମା' ସିଦ୍ଧିଦାତ୍ରୀ ଦିବ୍ୟଜୀବନ ସେବାଶ୍ରମର ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ମହାରାଜ, ବେଦାନ୍ତାଚାର୍ଯ୍ୟ ପଣ୍ଡିତ ଅମରେନ୍ଦ୍ର ପ୍ରସାଦ ନନ୍ଦ, ଡାକ୍ତର ସରୋଜ କୁମାର ପରିଡା ଯୋଗଦେଇଥିଲେ। ଗୀତା ପ୍ରଚାର ସମିତିର ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଗୀତା ପ୍ରଚାର ସମିତିର ସମ୍ପାଦକ ଚନ୍ଦ୍ରଶେଖର ଶତପଥି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଗୀତାଜ୍ଞାନ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୀର୍ଘ ୫ ଦିନ ବ୍ୟାପୀ ଏହି ବିଶ୍ୱଶାନ୍ତି ଗୀତା ମହାଯଜ୍ଞ କାର୍ଯ୍ୟକ୍ରମରେ ୧ ତାରିଖ ସୋମବାର ଜଳଯାତ୍ରା, ଗୋ-ପୂଜନ ଉତ୍ସବ, ସୂର୍ଯ୍ୟପୂଜା ଓ ଅଗ୍ନି ସ୍ଥାପନ, ସନ୍ଧ୍ୟା ୭ ଘଟିକାରେ ବେଦାନ୍ତାଚାର୍ଯ୍ୟ ପଣ୍ଡିତ ଅମରେନ୍ଦ୍ର ପ୍ରସାଦ ନନ୍ଦଙ୍କ ଦ୍ୱାରା ପ୍ରବଚନ ଦିଆଯିବ। ୨ ତାରିଖ ମଙ୍ଗଳବାର ସୂର୍ଯ୍ୟପୂଜା, ଘୃତଯାଗ, ୩ ତାରିଖ ବୁଧବାର ଦିନ ରୁଦ୍ରାଭିଷେକ ଓ ସପ୍ତଶତୀ ଚଣ୍ଡୀପାଠ, ୪ ତାରିଖ ଗୁରୁବାର ସୂର୍ଯ୍ୟପୂଜା, ଗୀତାଯାଗ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ପ୍ରତ୍ୟହ ପ୍ରାତଃ କାଳରେ ପ୍ରାତଃ ବନ୍ଦନା, ସାମୂହିକ ଗୀତା ପାରାୟଣ ଓ ଯୋଗ ପ୍ରାଣାୟମ ଶିକ୍ଷା ଅନୁଷ୍ଠିତ ହେବ। ଶେଷରେ ଉପଦେଷ୍ଟା ପଣ୍ଡିତ ହୃଷୀକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କର୍ତ୍ତା ଭାବେ ଦୁର୍ଗାପ୍ରସାଦ ଷଡ଼ଙ୍ଗୀ ଓ କର୍ତ୍ତ୍ରୀ ରୂପେ ଝାନ୍ସୀରାଣୀ ଷଡ଼ଙ୍ଗୀ କାର୍ଯ୍ୟନିର୍ବାହ କରୁଥିବା ବେଳେ, ପଣ୍ଡିତ ପ୍ରଫୁଲ୍ଲ ମିଶ୍ର, ହୃଦାନନ୍ଦ ମିଶ୍ର, ହୃଦାନନ୍ଦ ପଣ୍ଡା ଯଜ୍ଞ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ବାରିକ୍, ରାମଚନ୍ଦ୍ର ଗାୟା, ପ୍ରଶାନ୍ତ କୁମାର ସ୍ୱାଇଁ, ଶିଶିର କୁମାର ଶତପଥୀ, ନରୋତ୍ତମ ଶତପଥି, କୁଳମଣି ରଥ, ବଟକୃଷ୍ଣ ମିଶ୍ର, ଗଗନ ବିହାରୀ ଶତପଥି, ବିଷ୍ଣୁ ପ୍ରସାଦ ଦାସ, କୀର୍ତ୍ତି ରଞ୍ଜନ ଶତପଥି, ଆର୍ତ୍ତବନ୍ଧୁ ସ୍ୱାଇଁ, ଦୁର୍ଗାଚରଣ ଷଡ଼ଙ୍ଗୀ, ସଚ୍ଚିକାନ୍ତ ଶତପଥି ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଭାବରେ ପରିଚାଳନା କରିଥିଲେ।

**ଜଙ୍ଗଲ ଜମିରେ ବିଦ୍ୟୁତ୍ ତାର ବାଡ଼**

# ବିଦ୍ୟୁତ୍ ଆଘାତରେ ମରୁଛନ୍ତି ବାର୍‌ହା, ଷଣ୍ଢ

ପାରାଦୀପ,୩୦।୧୧(ସମିସ)



ଭୂୟାଁପାଳ ଅଞ୍ଚଳରେ ବସବାସ କରୁଥିବା କେତେକ ସ୍ଥାନୀୟ ମୁଷ୍ଟିମେୟ ଲୋକ ଜଙ୍ଗଲ ଜମିରେ ତାର ବାଡ଼ ବୁଲାଇ ଜଙ୍ଗଲୀ ଜୀବଜନ୍ତୁଙ୍କ ଶିକାର ପାଇଁ ଇଲେକ୍ଟ୍ରି ତାର ସଂଯୋଗ କରିବାରୁ ଦୁର୍ଘଟଣା ଘଟୁଛି। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ବାର୍‌ହା ଓ ଷଣ୍ଢଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତେବେ ଗତକାଲି ଭୂୟାଁପାଳ ଗ୍ରାମର ସନ୍ଧ୍ୟାରାଣୀ ସାହୁଙ୍କର ଏକ ଗାଈ ଓ ବାଛୁରି ରାସ୍ତା ଉପରେ ବନ୍ଧା ହୋଇଥିବା ବେଳେ ବିଦ୍ୟୁତ୍ ଆଘାତରେ ସମ୍ମୁଖିନ ହୋଇ ଗାଈର ମୃତ୍ୟୁ ଘଟିଛି। ବାଛୁରିଟି ଗୁରୁତର ହୋଇଥିବା ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି ସନ୍ଧ୍ୟାରାଣୀ ସାହୁ। ତେବେ ବାର୍‌ହା ଓ ହରିଣ ଶିକାର ପାଇଁ କେତେକ ଲୋକ ବିଦ୍ୟୁତ୍ ତାର ବିଛାଉଛନ୍ତି। ଫଳରେ ଘାସ ଚରିବାକୁ ଯାଇ ଏକ ଗାଈ ସେଥିରେ ପଡ଼ିଯିବାରୁ ତାର ମୃତ୍ୟୁ ଘଟିଛି। ଏଭଳି ଏକ ଘଟଣା ଘଟିଛି ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗଡ଼କୁଜଙ୍ଗ ପଞ୍ଚାୟତ ର ଭୂୟାଁପାଳ ଗାଁରେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଜଟାଧାରୀ ମୁହାଣ ନିକଟ ଜଙ୍ଗଲରେ ହଜାର ହଜାର ସଂଖ୍ୟାରେ ହରିଣ ଓ ବାର୍‌ହା ରହୁଛନ୍ତି। ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ସେଠାରେ ଗଛ କଟାଯାଇ ପାଚେରି ନିର୍ମାଣ ହେଉଥିବାରୁ ଜଙ୍ଗଲୀ ଜନ୍ତୁ ସବୁ ଏବେ ନୋଳିଆସାହି, ନୂଆଗାଁ ଓ ଗଡ଼କୁଜଙ୍ଗ ଅଞ୍ଚଳରେ ବିଚରଣ କରୁଛନ୍ତି। ଶହ ଶହ ସଂଖ୍ୟାରେ ଦଳ ଦଳ ହୋଇ ବୁଲୁଥିବା ଏହି ବିରଳ ଜଙ୍ଗଲୀ ଜୀବଙ୍କୁ ସ୍ଥାନୀୟ କିଛି ମୁଷ୍ଟିମେୟ ଲୋକ ଅନବରତ ଶିକାର କରୁଛନ୍ତି। ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ ମଧ୍ୟ ସ୍ଥାନୀୟ ପୁଲିସ କିମ୍ବା ବନବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଫଳରେ ସେମାନେ ଗ୍ରାମବାସୀଙ୍କୁ ଧମକାଇବା ସହିତ ଜବରଦସ୍ତ ବିଦ୍ୟୁତ୍ ତାର ବିଛାଇ ଶିକାର କରୁଛନ୍ତି। ସେପଟେ ବିଲ କାମରେ ଯାଉଥିବା ଲୋକେ ଓ ଗୃହପାଳିତ ପଶୁ ମଧ୍ୟ ଏହି ତାର ସଂସ୍ପର୍ଶରେ ଆସି ଆହାତ ହେଉଥିବା ବେଳେ ଗୋଟିଏ ଗାଈର ମୃତ୍ୟୁ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅଭୟଚାନ୍ଦପୁର ଥାନାରେ ମୃତ ଗାଈ ର ମାଲିକ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୈଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ସୂଚନା ମିଳିଛି।

**● ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ**

# ଯୋଡ଼ିହେଲା ଭାଙ୍ଗି ଯାଇଥିବା ପରିବାର



ଜଗତସିଂହପୁର,୩୦।୧୧(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ କନ୍ତାର ଗ୍ରାମର ରାକେଶ ସାମନ୍ତରାୟ ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗା ବ୍ଲକ ଅନ୍ତର୍ଗତ ତୁଳସିପଶି ଗ୍ରାମର ଦେବଯାନୀ ସାମନ୍ତରାୟଙ୍କୁ ପ୍ରେମ ବିବାହ କରିଥିଲେ। ଉଭୟଙ୍କର ୧୧ ବର୍ଷର ଏକ ପୁତ୍ର ଓ ୧୦ ବର୍ଷର ଏକ କନ୍ୟା ସନ୍ତାନ ଅଛି। ତେବେ ସ୍ୱାମୀ-ସ୍ତ୍ରୀ ଏବଂ ଶାଶୂ ଶଶୁରଙ୍କ ମଧ୍ୟରେ କୌଣସି କାରଣରୁ ମନାନ୍ତର ମତାନ୍ତର ଘଟିଥିଲା। ଫଳରେ ପ୍ରାୟ ଦୁଇବର୍ଷ ହେବ ପୁଅବୋହୂଙ୍କୁ ଶାଶୂଶଶୁର ତାଙ୍କ ଘରୁ ବାହାର କରିଦେଇଥିଲେ ଏବଂ ଉଭୟ ସ୍ୱାମୀ ସ୍ତ୍ରୀ ଏକ ଭଡ଼ାଘରେ ରହୁଥିଲେ। ଏହି ସମସ୍ୟାର ସମାଧାନ ନିମନ୍ତେ ଦେବଯାନୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଦୁଇ ପକ୍ଷଙ୍କୁ ଉପସ୍ଥିତ ରହି ସମାଧାନ ନିମନ୍ତେ ନୋଟିସ କରାଯାଇଥିଲା। ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନଙ୍କ ହସ୍ତକ୍ଷେପ ଏବଂ ରିଟେନର ଆଇନଜୀବୀ ମିହିର ନାରାୟଣ ମଲ୍ଲିକଙ୍କ ମଧ୍ୟସ୍ଥତା ମାଧ୍ୟମରେ ଦେବଯାନୀ ଓ ତାଙ୍କ ସ୍ୱାମୀ ରାକେଶ ଏବଂ ତାଙ୍କ ଶାଶୂଶଶୁର ପୁଣି ଏକାଠି ହୋଇ ଚଳିବାକୁ ରାଜି ହୋଇଥିଲେ। ଉଭୟ ପକ୍ଷ ଏହି ସମାଧାନରେ ଖୁସି ହୋଇ ଘରକୁ ଯାଇଥିଲେ।

**● ଜଗନ୍ନାଥ ଲଳିତ କଳା ସଂସଦ ସାଂସ୍କୃତିକ ମହୋତ୍ସବ**

# ଲେଡିଜ୍ କ୍ଲବ୍ ମଞ୍ଚସ୍ଥ କଲା 'ସକାଳର ମେଘ'

ପାରାଦୀପ,୩୦।୧୧(ସମିସ): ପାରାଦୀପ ବନ୍ଦର ସାଂସ୍କୃତିକ ଅନୁଷ୍ଠାନ ଜଗନ୍ନାଥ ଲଳିତ କଳାସଂସଦ ପକ୍ଷରୁ ଆୟୋଜିତ ସାଂସ୍କୃତିକ ମହୋତ୍ସବର ଆଜି ଥିଲା ତୃତୀୟ ସନ୍ଧ୍ୟା। ତୃତୀୟ ସନ୍ଧ୍ୟାରେ ଅତିଥିଭାବେ ପାରାଦୀପ ବନ୍ଦରର ଅଧ୍ୟକ୍ଷ ପିଏଲ୍ ହରନାଦ ଯୋଗ ଦେଇଥିବା ବେଳେ ବନ୍ଦରର ଅନ୍ୟ ବହୁ ବିଭାଗୀୟ ମୁଖ୍ୟ ମାନେ ମଧ୍ୟ ଉପସ୍ଥିତ ଥିଲେ। ସହଯୋଗ ଓ ସାଂସ୍କୃତିକ ପରମ୍ପରାକୁ ସୁଦୃଢ଼ କରିବା ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ର ମୁଖ୍ୟ ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ଶ୍ରୀଯୁକ୍ତ ହରନାଦ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ପାରାଦୀପ ଲେଡିଜ୍ କ୍ଲବ ପକ୍ଷରୁ ଆଜି ମଞ୍ଚସ୍ଥ ହୋଇଥିଲା ନାଟକ 'ସକାଳର ମେଘ'। ନାଟକଟି ଏକ ପାରିବାରିକ ଘଟଣାକୁ ନେଇ କରାଯାଇଥିବା ବେଳେ



ଦୁଃଖରେ ଅନ୍ତଘଟିଛି ପୁଣି ହସଖୁସିରେ ଭରିଯାଇଛି ନାଟକଟି। ଯାହାକୁ ପରିବେଷଣ କରିଛନ୍ତି ପାରାଦୀପ ଲେଡିଜ କ୍ଲବ (ଅଫିସର୍ସ)ର କଳାକାରମାନେ। ଆଜି ଏହି ନାଟକଟିକୁ ବହୁ ସଂଖ୍ୟାରେ ଦର୍ଶକ ମୂଳରୁ ଶେଷ ପର୍ଯ୍ୟନ୍ତ ବସି ରହି ଉପଭୋଗ କରିଥିଲେ।







# ବଙ୍ଗ ଦଲାଲଙ୍କ କବ୍‌ଜାରେ ଖଇରା ବ୍ଲକ ଚାଷୀ

ଖଇରା, ୩୦।୧୧ (ସମିସ)




ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ବ୍ଲକ ଚାଷୀ ଏବେ ପଶ୍ଚିମବଙ୍ଗ ଦଲାଲଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଦଲାଲମାନେ ହିଁ ମୁଣ୍ଡରୁ ଶାଗମାଛ ଦରରେ କିଣି ନିଜ ରାଜ୍ୟକୁ ବୋହି ନେଉଛନ୍ତି। ରାଜ୍ୟ ସୀମା ସିଲ ନ ହେବା କିମ୍ବା ଅନ୍ୟ କୌଣସି କଟକଣା ନରହିବା ଶୋଷଣ ପାଇଁ ଦଲାଲଙ୍କୁ ପ୍ରୋତ୍ସାହିତ କରୁଛି। ସରକାର ତୁରନ୍ତ କୌଣସି ବିକଳ୍ପ ବ୍ୟବସ୍ଥା କରିବାକୁ ଖଇରା ବ୍ଲକର ବିଭିନ୍ନ କୃଷକ ସଙ୍ଗଠନ ତରଫରୁ ଦାବି କରାଯାଇଛି। ଚଳିତ ବର୍ଷ ଖଇରା ବ୍ଲକରେ ପାଖାପାଖି ୧୯ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥିବା ବେଳେ ଅଣଜଳସେଚିତ ୧୨ହଜାର ହେକ୍ଟର ଜମି ମଧ୍ୟରୁ ଅଧିକାଂଶ ଜମିରେ ଚାଷୀ ଧାନ କାଟିବା ଆରମ୍ଭ କଲେଣି। ସେପଟେ ଡିସେମ୍ବର ୨୯ତାରିଖରୁ ଧାନକିଣା ପାଇଁ ଜିଲ୍ଲା କମିଟି ନିଷ୍ପତ୍ତି ନେଇଥିବାରୁ ଧାନକିଣା ଆରମ୍ଭ ହେବାକୁ ଆହୁରି ମାସେ ବାକି। ଏଣୁ ଷଣ୍ଢଙ୍କ ଦାଉରୁ ପାଚିଲାଧାନ ରକ୍ଷା କରିବା ତଥା ସାର ଦୋକାନୀଙ୍କ ବାକି ଟଙ୍କା ଶୁଝିବା ସହିତ ତାଗିଦା ଯୋଗୁଁ ଏବେ ଧାନକାଟି ଦଲାଲଙ୍କୁ ବିକିବାକୁ ବାଧ୍ୟ ହେଉଛନ୍ତି। ୨୦୨୫-୨୬ ମସିହା ଖରିଫ ଋତୁ ଧାନପାଇଁ ସରକାରୀ ଦର କୁଇଣ୍ଟାଲ ପିଛା ୩ ହଜାର ୧୬୯ଟଙ୍କା ଥିବା ବେଳେ ଏବେ ବଙ୍ଗ ବ୍ୟବସାୟୀମାନେ କୁଇଣ୍ଟାଲ ପିଛା ଅତି ବେଶୀରେହେଲାର ୨୨ଶହ ଟଙ୍କା ଦେଇ ଧାନ କିଣୁଛନ୍ତି। ଯାହାଫଳରେ ଚାଷୀ ମାନେ ସେମାନଙ୍କର ଖର୍ଚ୍ଚ ଉଠାଇବା ସମ୍ଭବ ହୋଇ ପାରୁନାହିଁ। ଗତ ୧୮ ତାରିଖ ଦିନ ଓଡିଶା କୃଷକ ସଭା ପକ୍ଷରୁ ଚାଷୀ ମାନଙ୍କର ସମସ୍ୟା ହୃଦୟଙ୍ଗମ କରି ତୁରନ୍ତ ମଣ୍ଡି ଖୋଲିବା ପାଇଁ ଖଇରା ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ପ୍ରଶାସନ ତରଫରୁ ଗୁରୁତ୍ୱ ଦିଆଯାଇନାହିଁ। ସରକାରଙ୍କ ତରଫରୁ ଧାର୍ଯ୍ୟ ହୋଇଥିବା ଦର ମାତ୍ର କିଛି ହାତଗଣତି ଚାଷୀଙ୍କ ପାଇଁ ବୋଲି କୃଷକ ସଭାର ପ୍ରମୁଖ ସଖା ଜଗଦାନନ୍ଦ ମହାପାତ୍ର କହିଛନ୍ତି। ସରକାର ତୁରନ୍ତ କିଛି ବ୍ୟବସ୍ଥା ନକଲେ କୃଷକ ସଙ୍ଗଠନର ସଦସ୍ୟ ମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ବିଭାଗ ଅଧିକାରୀ ସୁଶାନ୍ତିନୀ ସାହୁଙ୍କ ପ୍ରତିକ୍ରିୟା ନେବାରୁ ବଙ୍ଗୀୟ ବ୍ୟବସାୟୀଙ୍କ ଉପରେ କଟକଣା ପାଇଁ ଉପରୁ କୌଣସି ନିର୍ଦ୍ଦେଶ ଏ ଯାଏଁ ଆସିନାହିଁ ବୋଲି କହିଛନ୍ତି।

# ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥ ୪ ଲେନ୍ ହେଉ

● ପ୍ରଶ୍ନକାଳରେ ଦାବି ଉଠାଇଲେ ଭୋଗରାଇ ବିଧାୟକ



ବାଲେଶ୍ୱର(ଉତ୍ତର), ୩୦।୧୧(ସମିସ): ବାଲେଶ୍ୱର ଜିଲ୍ଲା ଉପାନ୍ତ ଭୋଗରାଇର ଜାକନରେଖା କୁହାଯାଉଥିବା ଜଳେଶ୍ୱର - ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥ ଅନ୍ୟତମ ବ୍ୟସ୍ତ ବହୁଳ ରାସ୍ତା। ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର, ଏସିଆ ମହାଦେଶ ର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର, ମନୋରମ ବେଳାଭୂମି ତାଳସାରି ଓ ଉଦୟପୁର ଭଳି ପର୍ଯ୍ୟଟନ କ୍ଷେତ୍ର ସହିତ ଏହି ରାସ୍ତା ପଶ୍ଚିମବଙ୍ଗ ଦୀଘାକୁ ସଂଯୋଗ କରୁଥିବାରୁ ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ବସ, ଚାରିଚକିଆ ଗାଡ଼ି ଚଳାଚଳ କରୁଛି। ତେଣୁ ଅଧିକାଂଶ ସମୟରେ ରାସ୍ତା ଜାମ ରହୁଥିବା ବେଳେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ସେଥିପାଇଁ ଏହି ରାସ୍ତାକୁ ଜାତୀୟ ରାଜପଥ ଭାବେ ଘୋଷଣା କିମ୍ବା ୪ ଲେନ ବିଶିଷ୍ଟ ରାସ୍ତା ଭାବେ ନିର୍ମାଣ କରାଯିବା ଆବଶ୍ୟକ ହୋଇପଡ଼ିଛି। ଏ ନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ପୂର୍ତ୍ତ ଓ ୱାର୍କସ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସେତିକି ଦାବି କରିଥିବା ବେଳେ ଗତ ଶନିବାର ବିଧାନସଭାର ପ୍ରଶ୍ନକାଳରେ ପୁଣି ଉପରୋକ୍ତ ଦାବି ଉଠାଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟପକ୍ଷରେ ମନ୍ତ୍ରୀ ଏହାର ଉତ୍ତରରେ କହିଥିଲେ ଯେ ଏହି ଦାବିର ଯଥାର୍ଥତା ବାବଦରେ ସେ ଅବଗତ ଅଛନ୍ତି। ତେଣୁ ଏହାକୁ ନେଇ ବିଚାର ବିମର୍ଷ ଚାଲିଛି। ଯଥାଶୀଘ୍ର ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଘରୁ ସୁନାଗହଣା ଓ ଟଙ୍କା ଚୋରି

ଭୋଗରାଇ/ଚନ୍ଦନେଶ୍ୱର, ୩୦।୧୧(ସମିସ) : ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଞ୍ଚଳରେ ଦିନକ ଦିନ ଚୋରି ବଢ଼ିବାକୁ ଲାଗିଛି। ଗତକାଲି ଘରେ କେହି ନଥିବା ବେଳେ କଳା କନା ବୁଲାଇଲେ ଦୁର୍ବୃତ୍ତ। ୨୦ ଲକ୍ଷ ଟଙ୍କାର ସୁନା ଗହଣା ଓ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଗୁଣ୍ଡସାର୍ଥା ଗ୍ରାମର ତପନ କୁମାର ପାଣିଗ୍ରାହୀ ପରିବାର ସହିତ ଭୁବନେଶ୍ୱର ଯାଇଥିଲେ। ଆଜି ସକାଳେ ଘରକୁ ଫେରିବା ବେଳକୁ ଘରର ମୁଖ୍ୟ ଫାଟକର ତାଲା କାଟିଲୁଟ ହୋଇଥିବା ଦେଖିବାକୁ ପାଇଥିଲେ। ଆଲମାରି ତାଡି ସୁନା, ରୂପା ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ କମର୍ଦ୍ଦା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ଗୋଟିଏ ମାସରେ କମର୍ଦ୍ଦା ଥାନା ଅଞ୍ଚଳରୁ ତିନୋଟି ଲୁଟ୍‌କୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ୧୫ ବେଆଇନ ବାଲି ଓ ପଥର ବୋଝେଇ ଗାଡ଼ି ଜବତ

ସୋର, ୩୦।୧୧ (ସମିସ): ସୋର ତହସିଲ ଓ ଖଣି ବିଭାଗ ପକ୍ଷରୁ ପୃଥକ ଭାବେ ଚଢ଼ଉ କରାଯାଇ ୧୦ଟି ପଥର ଓ ୫ଟି ବାଲି ବୋଝେଇ ଗାଡିକୁ ଜବତ କରାଯାଇଛି। ଗତକାଲି ରାତିରେ ବାଗୁଡିରୁ ପଥର ଚୋରା ଚାଲାଣର ଖବର ପାଇ ବାଲେଶ୍ୱର ଖଣି ବିଭାଗ ପକ୍ଷରୁ ବିଦୁ ନିକଟରେ ଚଢ଼ଉ କରାଯାଇଥିଲା। ଏହି ସମୟରେ ୮ ଟି ପଥର ବୋଝେଇ ଗାଡିକୁ ଖଣି ବିଭାଗ ପକ୍ଷରୁ ଜବତ କରାଯାଇ ଥାନାରେ ଜିମା ଦିଆଯାଇଛି। ଅନ୍ୟପଟେ ସୋର ତହସିଲଦାର ଦୈତାରି ମଲ୍ଲିକ ବିଳମ୍ବିତ ରାତିରେ ବାଗୁଡ଼ି ଖାଦାନରେ ଚଢ଼ଉ କରି ଦୁଇଟି ପଥର ବୋଝେଇ ଡମ୍ପର ଜବତ କରିବା ସହ ୧୬ ନମ୍ବର ଜାତୀୟ ତଳନଗର ନିକଟରେ ଚଢ଼ଉ କରିଥିଲେ। ଏହି ସମୟରେ ବେଆଇନ ଭାବେ ଚାଲାଣ ହେଉଥିବା ୫ଟି ବାଲି ବୋଝେଇ ହାଇୱାକୁ ମଧ୍ୟ ଜବତ କରି ଥାନାରେ ଜିମା ଦେଇଛନ୍ତି। ଏହି ଚଢ଼ଉ ପରେ ମାଫିଆଙ୍କ ମନରେ ଭୟର ବାତାବରଣ ଖେଳିଯାଇଛି। ଚଢ଼ଉ ହେଉଥିବା ଜାଣିପାରି ଅନେକ ଗାଡି ରାସ୍ତା ବଦଳାଇ ଫେରାର ହୋଇଯାଇଥିବା ବେଳେ ଅନେକ ଗାଡି ପଥର ଢାଳି ଦେଇ ଫେରାର ହୋଇଯାଇଥିଲେ।

## ଦେଉଳାରେ କଂଗ୍ରେସର ସାଂଗଠନିକ ବୈଠକ

ଭୋଗରାଇ, ୩୦।୧୧(ସମିସ): ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତ ଦେଉଳାହାଟ ଅରବିନ୍ଦ ତୋଳା ବାସଭବନରେ କଂଗ୍ରେସର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଉଳା ପଞ୍ଚାୟତ ଯୁବ ନେତା ଦେବୀ ଦାସ ଗୋସ୍ୱାମୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ପୂର୍ବତନ ସରପଞ୍ଚ ସୁକୁମାର ଜେନା, ବରିଷ୍ଠ ମାର୍ଗଦର୍ଶକ ହରିଶ ଚନ୍ଦ୍ର ପାତ୍ର, ମୁରଲୀ ଜେନା, ଦେବଦତ୍ତ ଦାସ, ପୂର୍ଣ୍ଣ ପାତ୍ର, ବସନ୍ତ ଜେନା, ରାଜେନ୍ଦ୍ର ଜେନା, ପ୍ରଦୀପ ଜେନା, ରାଧେଶ୍ୟାମ ପାତ୍ର, ଶଙ୍କର ପାତ୍ର, ପ୍ରଭାକର ପାତ୍ର, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସଞ୍ଜୟ ପାଳ ପ୍ରମୁଖ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ସୁଦୃଢ଼ କରିବା ଉପରେ ଆଲୋଚନା କରାଯାଇଥିଲା। ଦେଉଳା ପଞ୍ଚାୟତ ପୂର୍ବତନ ଯୁବ କଂଗ୍ରେସ ସଭାପତି ରାଜେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ

କାଳିପଦା, ୩୦।୧୧ (ସମିସ): ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜି ବାଲିଆପାଳ ନୂଆ ବସ୍‌ଷ୍ଟାଣ୍ଡ ନିକଟ ପଡିଆରେ ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବିଜେପି ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲ୍ଲା ସଂଯୋଜକ କୃଷ୍ଣଚନ୍ଦ୍ର ଦତ୍ତ, ସିପ୍ରା ବାଜ ପେୟୀ, ମମତା ମହାପାତ୍ର ତଥା ବହୁ ନେତା ଯୋଗ ଦେଇଥିଲେ। ରବୀନ୍ଦ୍ର ନାଥ ଅଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ନବୋଦୟ ବିଦ୍ୟାଳୟରେ ଅଗ୍ନିକାଣ୍ଡ ଘଟଣାର ତଦନ୍ତ କଲେ ତହସିଲଦାର


ସୋର, ୩୦।୧୧ (ସମିସ): ଗତକାଲି ସୋର ବାଗୁଡିସ୍ଥିତ ନବୋଦୟ ବିଦ୍ୟାଳୟର ଛାତ୍ର ନିବାସରେ ଅଗ୍ନିକାଣ୍ଡ ଘଟଣାରେ ବିଦ୍ୟାଳୟ ବୁଲି ଦେଖିଛନ୍ତି ସୋର ତହସିଲଦାର ଦୈତାରି ମଲ୍ଲିକ। ଗତକାଲି ପୂର୍ବାହ୍ନରେ ବିଦ୍ୟାଳୟର ଛାତ୍ରଛାତ୍ରୀ ପାଠ ପଢିବାକୁ ଯାଇଥିବାବେଳେ ଉଦୟଗିରି କନିଷ୍ଠ ବାଳକ ହଷ୍ଟେଲରେ କୌଣସି କାରଣରୁ ଅଗ୍ନକାଣ୍ଡ ଘଟିଥିଲା। ଖବରପାଇ ସୋର ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚିବା ବେଳକୁ ବିଦ୍ୟାଳୟ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ୨ଟି ବେଡ ସମେତ କିଛି ଛାତ୍ରଙ୍କ ଲୁଗା ଓ ବହିଖାତା ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ବେଳେ ବିଦ୍ୟୁତ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଆଜି ମଧ୍ୟାହ୍ନରେ ସୋର ତହସିଲଦାର ଦୈତାରି ମଲ୍ଲିକ ବିଦ୍ୟାଳୟରେ ବୁଲି ସ୍ଥିତି ପରଖିବା ସହ କେତେକ କ୍ଷେତ୍ରକୁ ନେଇ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିବା ଜଣାପଡିଛି।

## ନୀଳଗିରି ସହର ସଫେଇ କର୍ମଚାରୀ ସଂଘର ପ୍ରତିବାଦ ସଭା

ନୀଳଗିରି, ୩୦।୧୧ (ସମିସ): କେନ୍ଦ୍ର ସରକାର ଶ୍ରମିକ ମାନଙ୍କ ପାଇଁ ଥିବା ୪୪ଟି ଶ୍ରମ ଆଇନ୍ କୁ ଭାଙ୍ଗି ଚାରୋଟି କୋଡରେ ପରିବର୍ତ୍ତନ କରିଛନ୍ତି। ଯାହାକି ଶ୍ରମିକମାନେ ଦାଦନ ଶ୍ରମିକଠାରୁ ହୀନ ଭାବେ ପରିଗଣିତ ହେବେ। ସେମାନେ ନିଜର ଦାବି ପାଇଁ ଲଢେଇ କରିବାର ସୁଯୋଗ ରହିବ ନାହିଁ। ୮ ଘଣ୍ଟା ବଦଳରେ ୧୨ ଘଣ୍ଟା କାମ କରିବାକୁ ପଡ଼ିବ। ଏହାକୁ ପ୍ରତିବାଦ କରି ନୀଳଗିରି ସହର ସଫେଇ କର୍ମଚାରୀ ସଂଘ ପକ୍ଷରୁ ଶ୍ରମିକ ଭବନ ଠାରୁ ଶୋଭାଯାତ୍ରା ରେ ବାହାରି ନୀଳଗିରି ବସଷ୍ଟାଣ୍ଡ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଛି। ଉକ୍ତ ସଭାରେ ଉମାକାନ୍ତ ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ସିଆଇଟିୟୁର ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ନୀତି ବିରୁଦ୍ଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସିଆଇଟିୟୁର ରାଜ୍ୟନେତ୍ରୀ ଈଶାଣୀ ଷଡଙ୍ଗୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତି ବିରୁଦ୍ଧରେ ଆଲୋଚନା କରିଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସୋର, ୩୦।୧୧(ସମିସ): ସୋର ଥାନା ଆଟପୁର ଗ୍ରାମରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିବା ବେଳେ ମହିଳାଙ୍କ ବାପଘର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସୋର ଥାନାରେ ଅଭିଯୋଗ କରିଛନ୍ତି।



ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

କୁଡେଇ ଗ୍ରାମର କୈଳାଶ ବିଶ୍ୱାଳଙ୍କ ଝିଅ ସବିତା ବିଶ୍ୱାଳ(୨୫)ଙ୍କୁ ଆଟପୁର ଗ୍ରାମର ସନ୍ତୋଷ ଜେନା ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ କୈଳାଶ ନଗଦ ୩୦ ହଜାର ଟଙ୍କା ସହିତ ପ୍ରାୟ ଦୁଇ ଲକ୍ଷ ଟଙ୍କାର ସୁନା ଗହଣା ଯୌତୁକ ଦେଇଥିଲେ। ବିବାହ ପରେ ତାଙ୍କର ଏକ ଚାରିବର୍ଷର ଶିଶୁପୁତ୍ର ଥିବା ବେଳେ ଗତ ସାବିତ୍ରୀ ଅମାବାସ୍ୟା ଦିନ ପାରିବାରିକ କଳହରୁ ବିଷପିଇ ସନ୍ତୋଷ ଆତ୍ମହତ୍ୟା କରିଥିଲେ। ଫଳରେ ସବିତାଙ୍କ ଶାଶୂ, ନଣନ୍ଦ ଏବଂ ନଣନ୍ଦେଇ ଅଧିକ ପଚାଶ ହଜାର ଯୌତୁକ ଦାବି କରି ତାଙ୍କ ଉପରେ ଅତ୍ୟାଚାର ଆରମ୍ଭ କରିଥିଲେ। ଫଳରେ ସବିତା ଏ ବାବଦରେ ତାଙ୍କ ବାପାଙ୍କୁ କହିବାରୁ କୈଳାସ ଏଥିରେ ଅସହାୟତା ପ୍ରକାଶ କରିଥିଲେ। ପରେ ବିଭିନ୍ନ ସମୟରେ ଶାଶୂଘର ଲୋକେ ତାଙ୍କୁ ଅଧିକରୁ ଅଧିକ ମାନସିକ ଏବଂ ଶାରୀରିକ ନିର୍ଯାତନା ଦେଉଥିଲେ। ଏଥିରେ ଅତିଷ୍ଠ ହୋଇ ଆଜି ସକାଳେ ସବିତା ନିଜ ଶୋଇବା ଘରେ ଗଡାଣରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା କୁହାଯାଉଛି। ମୃତ୍ୟୁ ପୂର୍ବରୁ ସବିତା ଶାଶୁ ନଣନ୍ଦଙ୍କ ଯନ୍ତ୍ରଣା ଆଉ ସହି ହେଉନାହିଁ ମରିଯିବି ବୋଲି ନିଜ ଭାଉଜଙ୍କ ସହିତ ମୋବାଇଲରେ ଚାଟିଂ କରିଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ସୋର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ବାବଦରେ କୈଳାଶ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୯୮୯/୨୫ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଶାଶୁ, ନଣନ୍ଦଙ୍କୁ ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ସୋରରେ ଗଣଦୌଡ଼; ଭାଗନେଲେ ୧୬୨୬ ପ୍ରତିଯୋଗୀ



ସୋର, ୩୦।୧୧(ସମିସ) : ସୋର ପୌର ପାଳିକାରେ ଚତୁର୍ଥ ବର୍ଷ ମାରାଥନ ଶାନ୍ତି ଶୃଙ୍ଖଳାର ସହିତ ସଭାପତି ସଞ୍ଜୟ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଖୁବ ଉତ୍ସାହ ଓ ଉଦ୍ଦୀପନା ସହିତ ଝାଡ଼ଖଣ୍ଡ, ବାରିପଦା, ରାଇରଙ୍ଗପୁର ଓ ଓଡ଼ିଶାର ବିଭିନ୍ନ ଜିଲା ତଥା ସ୍ଥାନୀୟ ଅଞ୍ଚଳରୁ ୧୬୨୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସୋର ବିଧାୟକ ମାଧବ ଧଡ଼ା ମଶାଲ ପ୍ରଜ୍ୱଳନ ପୂର୍ବକ ଦୌଡର ଶୁଭ ଉଦଘାଟନ କରିଥିଲେ। ସମାଜସେବୀ ଶଶି କୁମାର ସାହୁ, ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଓଡ଼ିଆ ଚଳଚ୍ଚିତ୍ରର ଅଭିନେତା ମିଟୁ ମିଥୁନ, ଅଭିନେତ୍ରୀ ଧାରା ଶ୍ରାବଣୀ, ଉପଦେଷ୍ଟା ଇଂ. ନିହାର ରଞ୍ଜନ ରାଉତ, ସୋର ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନ, ତହସିଲଦାର ଦୈତାରି ମଲ୍ଲିକ, ଷ୍ଟେଟବ୍ୟାଙ୍କ ସୋର ଶାଖା ପ୍ରବନ୍ଧକ ଗୋବିନ୍ଦ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇ ଗଣଦୌଡ ଶୁଭାରମ୍ଭର ସୂଚନା ପ୍ରଦାନ କରିଥିଲେ। ଏହି ଦୌଡ଼ କୋର୍ଟ ଛକରୁ ଆରମ୍ଭ ହୋଇ ଛତ୍ରପୁର, ବାମ୍ପିଛକ ଦେଇ ଶିରାପୁର ଖେଳ ପଡିଆରୁ ଅଡ଼ଙ୍ଗବଜାର, ମେଡିକାଲ ଛକ ଦେଇ ପୁନର୍ବାର କୋର୍ଟଛକ ଟାଉନହଲ ନିକଟରେ ସମାପ୍ତ ହୋଇଥିଲା। ୧୦ କିମି ପ୍ରତିଯୋଗିତାରେ ପୁରୁଷ ବର୍ଗର ଶ୍ରେଷ୍ଠ ୩ ପ୍ରତିଯୋଗୀ ଏବଂ ମହିଳା ବର୍ଗର ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ଟ୍ରଫି ଏବଂ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ପୁରୁଷ ବର୍ଗରେ କରଞ୍ଜିଆର ପ୍ରେମରାଜ ଟୁଡୁ ପ୍ରଥମ, ଭୁବନେଶ୍ୱର ର ଗୋବିନ୍ଦ ଟୁଡୁ ଦ୍ୱିତୀୟ, ମୟୂରଭଞ୍ଜର ନାରାୟଣ ମାଝୀ ତୃତୀୟ, ମହିଳା ବର୍ଗରେ ମୟୂରଭଞ୍ଜର ସନ୍ଧ୍ୟା ମୁର୍ମୁ ପ୍ରଥମ, ଭାରତୀ ହେମ୍ବ୍ରମ ଦ୍ୱିତୀୟ ଏବଂ ସୋର ସରଶଙ୍ଖ ଗ୍ରାମର କବିତା ସାମଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ସୌମ୍ୟଶାନ୍ତ ଅମୃତ ପଟ୍ଟନାୟକ, ଉପସଭାପତି ଅବଦୁଲ ୱଦୁତ୍ ଖାଁ, ଯୁଗ୍ମ ସଂପାଦକ ଭଗବାନ ଲେଙ୍କା, ପ୍ରଦୀପ ବିଶ୍ୱାଳ, ସଂଗ୍ରାମ ଗୁଇଁ, ଆଦ୍ୟାଶା ଦାସ, ମିଡ଼ିଆ ସଂଯୋଜକ ଦାମୋଦର ଦାଶ ମହାପାତ୍ର ତଥା ମାରାଥନ କମିଟିର ସମସ୍ତ ଉପଦେଷ୍ଟା, ସଦସ୍ୟ ସଦସ୍ୟା ପରିଚାଳନାରେ ସହଯୋଗ କରିଥିଲେ।

## ଜଳେଶ୍ୱର ବିଜେଡିର ଯୁବ ସମାବେଶ

ଜଳେଶ୍ୱର, ୩୦।୧୧(ସମିସ): ଜଳେଶ୍ୱର ବ୍ଲକ ବିଜୁ ଜନତା ଦଳର ଯୁବ ସମାବେଶ ନୂଆ ବଜାରସ୍ଥିତ ଭଞ୍ଜଶ୍ରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ଆୟୋଜିତ ସଭାରେ ଯୁବ ବିଜେଡି ବ୍ଲକ୍ ସଭାପତି ନିମାଇଁ ଘୋଷ ସଭାପତିତ୍ୱ କରି ଯୁବ ଶକ୍ତିଙ୍କୁ ତୃଣମୂଳ ସ୍ତରରେ ଲୋକଙ୍କ ସହିତ ସିଧା ସଳଖ ଯୋଡ଼ି ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ତଥା ଗଡ଼ସାହି ବାଲିଆପାଳ ପଞ୍ଚାୟତର ସରପଞ୍ଚ ଧ୍ରୁବଜ୍ୟୋତି ଗିରି, ଛାତ୍ର ସଭାପତି ଗୌରବ ଦାସ, ଗୌତମ ପାତ୍ର, ଯୁବ ସଂଗଠକ ଗଣେଷ ଦଳାଇ ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ଅମଳରେ ପ୍ରଣୟନ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ଗୁରୁ ମନ୍ତ୍ର ଦେଇଥିଲେ। ଏହା ସହିତ ଯୁବ ଶକ୍ତିମାନଙ୍କୁ ସଂଗଠିତ କରି ଲୋକଙ୍କ ସମସ୍ୟା ସମାଧାନ କରିବା ସହିତ କ୍ରିୟାଶୀଳ ହେବାକୁ ଆହ୍ୱାନ ଦେଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ଯୁବ କର୍ମକର୍ତ୍ତା ସମାବେଶରେ ଅଂଶଗ୍ରହଣ କରିଥିଲେ।

## ଭୋଗରାଇ କଳାକାର ସଂସ୍କୃତି ସଂସଦର ବାର୍ଷିକ ସମ୍ମିଳନୀ



ଚନ୍ଦନେଶ୍ୱର, ୩୦।୧୧(ସମିସ) : ଭୋଗରାଇ କଳାକାର ସଂସ୍କୃତି ସଂସଦର ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାପୁର ହାଟ ପ୍ରାଙ୍ଗଣରେ ଆୟୋଜିତ ବୈଠକକୁ ବିଶିଷ୍ଟ କଳାକାର ତଥା ସଂସଦର ସଭାପତି ଭାଗବତ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ବିଶିଷ୍ଟ ସାମ୍ବାଦିକ ସୁବାସ ଦାସ, ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ରାଧାକାନ୍ତ ପ୍ରଧାନ, ସମ୍ମାନିତ ବକ୍ତା ଭାବେ ସାମ୍ବାଦିକ ଅନନ୍ତ ପ୍ରଧାନ, ବରିଷ୍ଠ କଳାକାର ଭୋଳାନାଥ ବେହେରା, ହେମନ୍ତ ପ୍ରଧାନ, ଚତୁର୍ଭୁଜ ଭଞ୍ଜ, ବଂଶୀଧର ଜେନା ପ୍ରମୁଖ କଳାକାରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର କୋଷାଧ୍ୟକ୍ଷ ରାଧାଶ୍ୟାମ ଦେ ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ଶିବ ଶଙ୍କର ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ଓ ଶେଷରେ ଜୀତେନ୍ଦ୍ର ଦିଣ୍ଡା ଧନ୍ୟବାଦ ଦେଇଥିଲେ। ବରିଷ୍ଠ କଳାକାର କାର୍ତ୍ତିକ ଚନ୍ଦ୍ର ସେଣ, ନନ୍ଦ ଦୁଲାଲ ପ୍ରଧାନ, ନୀଳକଣ୍ଠ ପାତ୍ର, ବଂଶୀଧର ଜେନା, ହୃଷିକେଶ ଭୂୟାଁ, ବଂଶୀଧର ମହାନ୍ତି, ପ୍ରଦୀପ ପାତ୍ର, ପ୍ରଫୁଲ୍ଲ ଜେନା, ଶିରୋବାଲା ସାହୁ, ରମଣୀ ଚନ୍ଦ, ଅମୁଲ୍ୟ ପାତ୍ର, ମୃଷି ପଣ୍ଡା, ଜଗନ୍ନାଥ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

● ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଉତ୍ସବର ପଞ୍ଚମ ସନ୍ଧ୍ୟା

## ଆଧ୍ୟାତ୍ମିକ ଚେତନା ମାନବ ସମାଜକୁ ସଂସ୍କାରିତ କରିଥାଏ

ବାଲେଶ୍ୱର(ଉତ୍ତର), ୩୦।୧୧(ସମିସ): ଶ୍ରୀଜଗନ୍ନାଥଙ୍କ ବେଶ ପରମ୍ପରା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ମଜବୁତ କରି ଥାଏ। ଭକ୍ତମାନେ ଭଗବାନଙ୍କୁ ବିଭିନ୍ନ ରୂପରେ ଦର୍ଶନ କରି ଆଧ୍ୟାତ୍ମିକ ଶାନ୍ତି ଅନୁଭବ କରନ୍ତି। ଏହା ହେଉଛି ଜଗନ୍ନାଥ ସଂସ୍କୃତିର ଏକ ଜୀବନ୍ତ ପ୍ରତୀକ, ଯାହା ଓଡ଼ିଶାର ଧାର୍ମିକ, ସାମାଜିକ, ଏବଂ କଳାତ୍ମକ ଜୀବନଶୈଳୀକୁ ପ୍ରତିପାଦିତ କରିଥାଏ। ତେଣୁ ଏଭଳି ଉତ୍ସବର ଆୟୋଜନ କେବଳ ମନୋରଞ୍ଜନଧର୍ମୀ ନୁହଁ, ଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତିକ ଚେତନା ମାଧ୍ୟମରେ ମାନବ ସମାଜକୁ ସଂସ୍କାରିତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଆଜି ଭୋଗରାଇ ବ୍ଲକ ଦେହୁର୍ଦ୍ଦା ଥାନାଛକସ୍ଥିତ ହେଲିପେଡ ପଡ଼ିଆ ଠାରେ ଅନୁଷ୍ଠିତ ହେଉଥିବା ଶ୍ରୀ ଜଗନ୍ନାଥଙ୍କ ୩୨ବେଶ ସମାରୋହର ପଞ୍ଚମ ସନ୍ଧ୍ୟାରେ ଆୟୋଜିତ ସଭାରେ ଯୋଗ ଦେଇଥିବା ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଉତ୍ସବ କମିଟିର ସଭାପତି ସମାଜସେବୀ ଅଂଶୁମାନ ମହାନ୍ତିଙ୍କ ପୌରହିତ୍ୟରେ ପରିଚାଳିତ ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ଆଶିଷ କୁମାର ମହାନ୍ତି, ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ତଥା ଉତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ନଟ ରଞ୍ଜନ ଘରାଇ, ସମ୍ମାନିତ ଅତିଥି ଭାବେ ସତ୍ୟବ୍ରତ ଜେନା, ସାଧାରଣ ସମ୍ପାଦକ ଡାକ୍ତର ବିଧୁ ଭୂଷଣ ଦାସ, ସୀତାରାମ ପ୍ରଧାନ ପ୍ରମୁଖ ଯୋଗ ଦେଇ ୩୨ବେଶ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ କବି ଶ୍ରୀକୁମାର ଘୋଷ, ଅତିଥି ମାନଙ୍କୁ ଆମନ୍ତ୍ରଣ, ପରିଚୟ ପ୍ରଦାନ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।




## ଗ୍ରାମାଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ ଟିପିଏନ୍‌ଓଡିଏଲ ସମ୍ମାନିତ

ବାଲେଶ୍ୱର, ୩୦।୧୧ (ସମିସ)




ଗ୍ରାମାଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଣ ତଥା ସାମାଜିକ ଦାୟିତ୍ୱବୋଧତା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଟିପିନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ)କୁ ବେଷ୍ଟ ହେଲ୍ଥ କେୟାର ଫେସିଲିଟି ଏଟ୍ ଦ ଡୋର ଷ୍ଟେପ ଇନ୍ ରୁରାଲ ଏରିଆ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରରେ ସିଏସଆର ଫୋରମ ପକ୍ଷରୁ ଆୟୋଜିତ "ଓଡ଼ିଶା ସିଏସଆର ଏବଂ ଏଚଆର ଲିଡରସିପ ସମ୍ମିଳନୀ-୨୦୨୫'ରେ ଟିପିଏନଓଡିଏଲକୁ ପୁରସ୍କୃତ କରାଯାଇଛି। ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢୀଙ୍କ ଠାରୁ ଟିପିଏନଓଡିଏଲ ବାଣିଜ୍ୟକ ଓ ସିଏସଆର ପ୍ରମୁଖ ଜୟଦୀପ ରୟ, ସିଏସଆର ମୁଖ୍ୟ ରଞ୍ଜନ ଶର୍ମା, ଦିଲ୍ଲୀପ ସାହୁ, ଦୀପଞ୍ଜନ ଦାସ ଓ ହିମାଂଶୁ ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ପୁରସ୍କାର ଗ୍ରହଣ କରିଥିଲେ। ସାମାଜିକ ବିକାଶ ଏବଂ ସଶକ୍ତିକରଣ କ୍ଷେତ୍ରରେ ଏହି ସ୍ୱୀକୃତି ଟିପିଏନଓଡିଏଲର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ସହ ସମାଜ ଉପରେ ଏକ ସକରାତ୍ମକ ପ୍ରଭାବ ସୃଷ୍ଟି କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀଙ୍କୁ ପ୍ରେରଣା ଦେବ ବୋଲି ବାଣିଜ୍ୟକ ଓ ସିଏସଆର ପ୍ରମୁଖ ଶ୍ରୀ ରୟ ନିଜ ଅଭିଭାଷଣରେ କହିଥିଲେ।

ଟିପିଏନଓଡିଏଲ ପକ୍ଷରୁ ନିଃଶୁଳ୍କ ମୋବାଇଲ ସ୍ୱାସ୍ଥ୍ୟ ସେବା ନିମିତ୍ତ ଭ୍ରାମ୍ୟମାଣ ଆମ୍ବୁଲାନ୍ସ ବାଲେଶ୍ୱର ଜିଲ୍ଲା ସମେତ ଯାଜପୁର, କେନ୍ଦୁଝର, ଭଦ୍ରକ, ଓ ମୟୂରଭଞ୍ଜ ଜିଲ୍ଲାର ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଆରମ୍ଭ କରାଯାଇଛି। ପ୍ରତ୍ୟେକ ଜିଲ୍ଲା ପାଇଁ ଗୋଟିଏ ଲେଖାଏଁ ମୋଟ ୫ଟି ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଉପଲବ୍ଧ କରାଯାଇଥିବା ବେଳେ ଏହି ଆମ୍ବୁଲାନ୍ସ ଉପାନ୍ତ ଓ ଗ୍ରାମାଞ୍ଚଳ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସ୍ୱାସ୍ଥ୍ୟସେବା ଯୋଗାଉଛି। ଆମ୍ବୁଲାନ୍ସଗୁଡିକରେ ଅତ୍ୟାବଶ୍ୟକୀୟ ଚିକିତ୍ସା ଉପକରଣ ଓ ଔଷଧ ସହ ଜଣେ ଲେଖାଏଁ ଡାକ୍ତର, ଫାର୍ମାସିଷ୍ଟ, ଏବଂ ଏଏନଏମ ନିୟୋଜିତ ହୋଇଛନ୍ତି।

## ଚାନ୍ଦିପୁର ମହିଳା ଫୁଟବଲ ଆସୋସିଏସନର ବାର୍ଷିକ ଉତ୍ସବ




ବାଲେଶ୍ୱର, ୩୦।୧୧(ସମିସ): ଚାନ୍ଦିପୁର ମହିଳା ଫୁଟବଲ ଆସୋସିଏସନର ୧୫ ତମ ବାର୍ଷିକ ଉତ୍ସବ, ପୁରସ୍କାର ବିତରଣ ଏବଂ ସମ୍ବର୍ଦ୍ଧନା ସଭା ଡିଆରଡିଓ ପ୍ରେକ୍ଷାଳୟରେ ଆସୋସିଏସନ୍ ଉପଦେଷ୍ଟା ସାଦିକ୍ ଅଲ୍ଲୀ ଖାନ୍ ଓ ମୁଖ୍ୟ କୋଚ୍ ଏମ୍ ପି ବାପିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗତ ମାର୍ଚ୍ଚ ମାସରେ କେନ୍ଦୁଝରଠାରେ ଆୟୋଜିତ ଖେଲୋ ଇଣ୍ଡିଆ ଫୁଟବଲ ଲିଗ୍ ରେ ୧୭ ବର୍ଷରୁ କମ୍ ମହିଳା ବର୍ଗରେ ଚମ୍ପିୟାନ ହୋଇଥିବା ଖେଳାଳୀ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପିଏକ୍ସଇର ନିର୍ଦ୍ଦେଶକ ତଥା ଉତ୍କୃଷ୍ଟ ବୈଜ୍ଞାନିକ ସୁବୋଧ ନାୟକ ଯୋଗଦେଇ ଖେଳାଳୀଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ। ଓଡ଼ିଶା ଫୁଟବଲ ଆସୋସିଏସନ ଉପସଭାପତି ମହମ୍ମଦ ସାହିଦ୍ ଜବାର ଓ ପଦ୍ମଲୋଚନ ଲେଙ୍କା, କଟକସ୍ଥିତ ନୀତା ଫୁଟବଲ ଏକାଡେ଼ମୀର ସମ୍ପାଦକ ଅରୁଣ ପରିଜା, ଶିକ୍ଷାବିତ ଅଞ୍ଜଳି ପଣ୍ଡା, ଫକୀର ମୋହନ ବିଶ୍?ବିଦ୍ୟାଳୟ ସହାୟକ ପ୍ରଫେସର ସ୍ମୃତି ପାଢ଼ୀ, ପ୍ରଖ୍ୟାତ ବଡିବିଲ୍ଡର ତରୁଣ ଚାଟାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଲୋକ ମହାନ୍ତି ମଞ୍ଚ ଆହ୍ୱାନ, ବାର୍ଷିକ ବିବରଣୀ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଛୋଟରାୟ ମାରାଣ୍ଡି, ଅଭ୍ୟୁଦୟ ଦାସ, ଜୟନ୍ତୀ ପ୍ରଭା ସାମଲ, କବିତା କର, ଭାରତୀ ଦାସ, ସୌକତ ଅଲ୍ଲି, ସେଖ ସୁରଜ ପ୍ରମୁଖ ସହଯୋଗ କରିଥିଲେ।

## ଆଇଟିଆଇ ଛକରେ ବୃକ୍ଷରୋପଣ

ବାଲେଶ୍ୱର,୩୦।୧୧(ସମିସ): ବାଲେଶ୍ୱର ଯୁବଶକ୍ତି ପକ୍ଷରୁ ଆଇଟିଆଇ ଛକଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଯୁବ ସ୍ୱୟଂସେବକମାନେ ଉତ୍ସାହର ସହ ଗଛ ଲଗାଇ ସେଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ପାଣି ଦେଇ ସଂରକ୍ଷଣ କାମ ମଧ୍ୟ କରିଥିଲେ। ବାଲେଶ୍ୱର ଯୁବଶକ୍ତି ତରଫରୁ ତପନ ବେହେରା, ଆଶ୍ରିତା ତରେଇ, ଦୁର୍ଗା ପ୍ରସାଦ ମହାନ୍ତି, କିରଣ ଦାସ,ପ୍ରିତମ ମାଝୀ, ବଳରାମ ସାହୁ, ସବନ୍ ଦାସ, ହିମାଂଶୁ ଶେଖର ବାରିକ, ଅଭିନାଶ ବେହେରା ,ବାବୁ, ଜ୍ୟୋତି, ବାପି ପ୍ରମୁଖ ଉପସ୍ଥିତ ରହି ଗଛ ଲଗାଇଥିଲେ।

# ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟରୁ ଚୋରି

ବାଲେଶ୍ୱର,୩୦।୧୧(ସମିସ)

ଜିଲ୍ଲାପାଳଙ୍କ ନୂଆ କାର୍ଯ୍ୟାଳୟ ପରିସରରେ ଥିବା ଜିଲ୍ଲା ନିର୍ବାଚନ ପୁରୁଣା କାର୍ଯ୍ୟାଳୟ ପରିସରରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଚୋରି ହୋଇଯାଇଛି। ଏପରିକି ୧୯୯୫-୨୦୨୧ ମସିହା ମଧ୍ୟରେ ଥିବା ସମସ୍ତ ନିର୍ବାଚନ ସମ୍ପର୍କିତ କାଗଜ ସାଙ୍ଗକୁ ୧୬ପ୍ରକାର ସାମଗ୍ରୀ ଚୋରି ହୋଇଯାଇଛି। ହେଲେ ଏହି ଚୋରି କେବେ ହୋଇଛି ତାହା ଜଣା ପଡ଼ିନାହିଁ। ହେଲେ ଗତକାଲି ଅର୍ଥାତ ଶନିବାର କୌଣସି କାର୍ଯ୍ୟ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ରାଇମତ ଟୁଡୁ ଯାଇଥିବା ବେଳେ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୪୭୬/୨୫ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରର ବାହାର କାନ୍ଥରେ ଲାଗିଥିବା ସିସିଟିଭି କାର୍ଯ୍ୟ କରୁନଥିବା ଜଣାଯାଇଛି।

ଉକ୍ତ କାର୍ଯ୍ୟାଳୟ ପରିସରରେ ୧୯୯୫ମସିହାରୁ ୨୦୨୧ପର୍ଯ୍ୟନ୍ତ ସମସ୍ତ ନିର୍ବାଚନର ତଥ୍ୟ ସାଙ୍ଗକୁ ସେତେବେଳେ ବ୍ୟବହାର ହେଉଥିବା ୨୦ଟିଲନଠନ, ୧୯୭୫ରୁ ୨୦୧୫ମଧ୍ୟରେ ଥିବା ସମସ୍ତ ପୁରୁଣା ଇ ରୋଲ ସିଡି, ୫ଟି ମନିଟର, ୫ଟି ମାଉସ, ୫ଟି ସିପିୟୁ,୮ଟି ବାରକୋଡ ସ୍କାନର,୨ଟି ଟାଇପ ରାଇଟର, ୧୦ଟି ଲ୍ୟାଣ୍ଡ ଲାଇନ ଫୋନ,୧୦ଟି ସ୍ପିକର,୩ଟି ପ୍ରିଂଟର,୧୦ଟି ଟିଣ ଟ୍ରଙ୍କ,ଶହେଟି ଥର୍ମାଲ ଗନ,୩ଟି ସିଲିଂ ଫ୍ୟାନ,୫ଟି କାନ୍ଥ ପଙ୍ଖା,୧୦ଟି ବିଦ୍ୟୁତ ବୋର୍ଡ ଏବଂ ଗୋଟିଏ ସୋନି ଟିଭି ରହିଥିଲା। ଏହି ସବୁ ସାମଗ୍ରୀ ଦୀର୍ଘଦିନ ହେବ ସେଠାରେ ରହିଛି। ଏପରିକି ସେଇ ପୁରୁଣା ନିର୍ବାଚନ କାର୍ଯ୍ୟାଳୟର କାନ୍ଥ ପ୍ରାୟ ଭଙ୍ଗା ହୋଇଛି। ଏହାଛଡା ବର୍ତ୍ତମାନ ସେଇ ପୁରୁଣା ନିର୍ବାଚନ କାର୍ଯ୍ୟାଳୟକୁ ଗୋଦାମ ଭାବେ ବ୍ୟବହାର କରାଯାଉଛି। ତେବେ ଗତକାଲି ଅର୍ଥାତ ଶନିବାର ଦିନ ନିର୍ବାଚନ ଅଧିକାରୀଙ୍କୁ ଖବର ଆସିଥିଲା ଯେ ଉକ୍ତ କାର୍ଯ୍ୟାଳୟର ପଛପଟ ଝରକା ଭାଙ୍ଗା ହୋଇ କାର୍ଯ୍ୟାଳୟ ପରିସରରେ ଥିବା ବିଭିନ୍ନ ଆସବାବପତ୍ର ଗୁଡିକ ଚୋରି ହୋଇଯାଇଛି। ଏ ନେଇ ସେ ତୁରନ୍ତ କାର୍ଯ୍ୟାଳୟ ପରିସରକୁ ଆସି ଦେଖିବା ପରେ ସହଦେବଖୁଣ୍ଟା ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ହେଲେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କାନ୍ଥରେ ଦୁଇଟି ସିସିଟିଭି ଲାଗିଥିବା ବେଳେ ତାହା ବହୁତ ଉପରକୁ ଲାଗିଛି। ଫଳରେ ଚୋରି ହୋଇଗଲେ ତାହା ଜଣାପଡିବ ନାହିଁ। ଏହାଛଡା ସେଇ ସିସିଟିଭି କାର୍ଯ୍ୟକ୍ଷମ ହେଉନଥିବା ବେଳେ କେବେ ଚୋରି ହୋଇଛି ତାହା ମଧ୍ୟ ଜଣାପଡିବ ନାହିଁ।

ଏବେ ପୁଲିସର ତଦନ୍ତ ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ ହେବ। ଅନ୍ୟପଟେ ଦେଖିବାକୁ ଗଲେ ପୁରୁଣା କାର୍ଯ୍ୟାଳୟର ପଛପଟରେ ଏକ ପଡିଆ ରହିଛି। ପଡିଆର ପାଚେରି ପାଖରେ ରାତିରେ ଗାଡି ଲଗାଇ କେହି ଏହି ଝରକା ଭାଙ୍ଗି ଉକ୍ତ ସାମଗ୍ରୀ ଗୁଡିକ ଚୋରି କରିନେଇଥିବା ଅନୁମାନ କରାଯାଉଛି। ସହଦେବଖୁଣ୍ଟା ପୁଲିସ ୪୭୬/୨୫ନମ୍ବରରେ ଏକ ମାମଲା ରୁଜୁ କରି ଚୋରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଏ ନେଇ ଜିଲ୍ଲା ନିର୍ବାଚନ ଅଧିକାରୀ ରାଇମତ ଟୁଡୁ କହିଛନ୍ତି ଯେ, କେବେ ଚୋରି ହୋଇଛି ତାହା ସ୍ପଷ୍ଟ ଭାବେ ଜଣାପଡି ନାହିଁ ହେଲେ ପାଖାପାଖି ଗତମାସରୁ ଏହି ମାସ ମଧ୍ୟରେ ଚୋରି ହୋଇଥିବା ଅନୁମାନ କରାଯାଉଛି। ପାଖରେ ସିସିଟିଭି ରହିଛି ହେଲେ ତାହା ଉପରମୁହାଁ ହୋଇଥିବାରୁ ଚୋରି କରିଥିବା ବ୍ୟକ୍ତିଙ୍କୁ ଜାଣିବା ମଧ୍ୟ କଷ୍ଟକର। ଏ ନେଇ ଥାନାରେ ଲିଖିତ ଭାବେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରୁଛି।



ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଗାଏବ

## କଣ୍ଟେନରରେ ଗୋଚାଲାଣ; ୪୦ ଗୋରୁ ଉଦ୍ଧାର

ରାଜଘାଟ, ୩୦।୧୧ (ସମିସ): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥ ଦେଇ ଏକ କଣ୍ଟେନର ଯୋଗେ ପଶ୍ଚିମବଙ୍ଗକୁ ଗୋଚାଲାଣ ହେଉଥିବା ସମୟରେ ବଜରଙ୍ଗ ଦଳ କର୍ମୀଙ୍କ ଦ୍ୱାରା ୪୦ରୁ ଅଧିକ ଗୋରୁ ଉଦ୍ଧାର ହୋଇଛି। ଆଜି ଅପରାହ୍ଣ ୪ଟା ସମୟରେ ବାଲେଶ୍ୱର ପଟୁ ପଶ୍ଚିମବଙ୍ଗକୁ ଏକ କଣ୍ଟେନର ଯୋଗେ ଗୋରୁ ଚୋରା ଚାଲାଣ ହେଉଥିଲା। ଖବର ପାଇ ବାପୁ ପଣ୍ଡା, ଲମ୍ବୋଦର ମହାପାତ୍ରଙ୍କ ସମେତ ଅନ୍ୟ ବଜରଙ୍ଗ ଦଳର କର୍ମୀ ମାନେ କଣ୍ଟେନରଟିକୁ ଫୁଲାଡ଼ି ପୂର୍ବରୁ ଗୋଡ଼ାଇଥିଲେ। କର୍ମୀମାନେ ବାଲେଶ୍ୱର ଏସଡିପିଓଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା ପରେ ସେ ବସ୍ତା ଏସଡିପିଓ ମାନସ କୁମାର ଦେଓଙ୍କୁ ଖବର ଦେଇଥିଲେ। ଗାଡ଼ିଟିକୁ ପିଛା କରିବା ସମୟରେ ନିଧିପଣ୍ଡା ନିକଟରେ ଜାତୀୟ ରାଜପଥ ପାଟ୍ରୋଲିଂ ଭ୍ୟାନ-୨ ଥିବା ଦେଖି ପୁଲିସକୁ କଣ୍ଟେନରଟିକୁ ଧରିବାରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର ସହଯୋଗ କରିବା ତ ଦୂରର କଥା ପହରା ପୁଲିସ କର୍ମଚାରୀ ମାନେ ଗାଡ଼ି ଭିତରେ ତାସ ଖେଳରେ ମଜ୍ଜି ଯାଇଥିଲେ। ବସ୍ତା ଏସଡିପିଓଙ୍କ ଠାରୁ ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ଭ୍ୟାନ-୧ କର୍ମଚାରୀ ମାନେ ଉକ୍ତ କଣ୍ଟେନରଟିକୁ ଭେଲୋରା ତାରିଣୀ ଛକ ନିକଟରେ କାବୁ କରିଥିଲେ। ମାତ୍ର କୌଶଳକ୍ରମେ କଣ୍ଟେନର ଭିତରେ ଥିବା ଚାଳକ ସମେତ ଅନ୍ୟମାନେ ଘଟଣା ସ୍ଥଳରୁ ଫେରାର୍ ମାରିଥିଲେ। ପୁଲିସ ଓ ବଜରଙ୍ଗ ଦଳର କର୍ମୀଙ୍କ ସହଯୋଗରେ କଣ୍ଟେନର ମଧ୍ୟରୁ ୪୦ରୁ ଅଧିକ ଗୋରୁ ଉଦ୍ଧାର ହୋଇଥିଲା। ଗୋରୁଗୁଡ଼ିକୁ ଗୋଶାଳାରେ ଛଡ଼ାଯାଇଛି। ଏ ସଂକ୍ରାନ୍ତରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଅସ୍ମିତା ଖେଲୋ ଇଣ୍ଡିଆ ଦୌଡ଼କୁଦ ପ୍ରତିଯୋଗିତା

ବାଲେଶ୍ୱର,୩୦।୧୧(ସମିସ): ଭାରତ ସରକାରଙ୍କ କ୍ରୀଡ଼ା ବିଭାଗ ଭାରତୀୟ ଦୌଡ଼କୁଦ ସଙ୍ଘ ଓ ଭାରତୀୟ ଖେଳ ପ୍ରାଧୀକରଣ (ସାଇ) ଏବଂ ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ ଆନୁକୂଲ୍ୟରେ ଅସ୍ମିତା ଖେଲୋ ଇଣ୍ଡିଆ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରୀଡା ସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପସଭାପତି ଜଗଦିଶ ବେହେରା, ସହ ସଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଯୁଗ୍ମ ସମ୍ପାଦକ ବୀରେନ୍ଦ୍ର କୁମାର ସ୍ୱାଇଁ, ସଂଜୟ ଲେଙ୍କା, ଜନ୍ମଜୟ ଦେ, କୋଷାଧକ୍ଷ ବିଷ୍ଣୁ ପ୍ରସାଦ ମହାନ୍ତି, ସଭ୍ୟ ସୁଜୟ ଆଚାଯ୍ୟ, ହରେନ ଚନ୍ଦ୍ର ରଣା ଗୋପାଳ ସେଠୀ ଉଦଘାଟନ କରିଥିଲେ। ଏହି ଖେଳରେ ୪୦ ଟି ସ୍କୁଲ ଏବଂ ୩ ଟି କ୍ଲବ ର ୧୪୪ ଜଣ ବାଳିକା ପ୍ରତିଯୋଗୀ ଓ ୨୫ ଜଣ କ୍ରୀଡା ଶିକ୍ଷକ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ସୁଧାକର ନାୟକ ଯୋଗଦେଇ କ୍ରୀଡ଼ାବିତଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ ଖେଳରେ ବିଜୟୀ ପ୍ରତିଯୋଗୀଙ୍କୁ ପଦକ ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। କ୍ରୀଡ଼ା ସଂଘ ଉପସଭାପତି ଅମର ମହାନ୍ତି, ଯୁଗ୍ମ ସମ୍ପାଦକ ନିମାଇଁ ଚରଣ ରାଉତରାୟ, ସଭ୍ୟ ରବିନ ମିତ୍ର, ଅକ୍ଷୟ ଆସ, ରବିନ୍ଦ୍ର ସାହୁ, ଦିଲ୍ଲୀପ ଜେନା ଓ ବହୁ ଦର୍ଶକ ପଡିଆରେ ରହି ଏହି ଖେଳକୁ ଉପଭୋଗ କରିଥିଲେ।

## ଜିଲ୍ଲା କଂଗ୍ରେସର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ


ବାଲେଶ୍ୱର,୩୦।୧୧(ସମିସ): ଏଆଇସିସିର ସଭାପତିଙ୍କ ନିର୍ଦ୍ଦେଶ ଓ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ତତ୍ତ୍ୱାବଧାନରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ସୂଚନା ଦେଇଛନ୍ତି। କଂଗ୍ରେସ ଦଳର ମୂଲ୍ୟବୋଧ ଓ ଆଦର୍ଶ, ଦଳ ପ୍ରତି ପ୍ରତିବଦ୍ଧତା, ସ୍ୱଷ୍ଟ ଚିନ୍ତାଧାରା ଓ ତୁରନ୍ତ ପ୍ରତିକ୍ରିୟା ଦେବାର କ୍ଷମତା ସମ୍ପନ୍ନ ଯୁବକ ଯୁବତୀ, ଉତ୍ତମ ଭାଷା ଜ୍ଞାନ ଓ ଦକ୍ଷ ଉପସ୍ଥାନା ଶୈଳୀ, ରାଜନୈତିକ ସଚେତନତା ଏବଂ ଇତିହାସ ଉପରେ ପ୍ରଗାଢ଼ ଜ୍ଞାନ ଥିବା ଯୁବକ ଯୁବତୀ ଏହି ଅନ୍ୱେଷଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିପାରିବେ। ଚଳିତ ମାସ୨୨ତାରିଖ ଠାରୁ ଆବେଦନ ପତ୍ର ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ତାହା ଆଜି ଶେଷ ହୋଇଛି ବୋଲି କହିଛନ୍ତି। ଆସନ୍ତା ମାସ ତିନି ତାରିଖରେ ଯାଞ୍ଚ କରାଯାଇ ୬ତାରିଖ ଠାରୁ ଆଠ ତାରିଖ ମଧ୍ୟରେ ଆଞ୍ଚଳିକ ସ୍ତରରେ ବ୍ୟକ୍ତିଗତ ସାକ୍ଷାତକାର ଏବଂ ସେହି ମାସ ୧୪ତାରିଖରେ ଜାତୀୟ ସ୍ତରରେ ସାକ୍ଷାତକାର ନିଆଯାଇ ଯୋଗ୍ୟ ଯୁବକ ଯୁବତୀଙ୍କୁ ଚୟନ କରାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାସ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସଦର ନିର୍ବାଚନ ମଣ୍ଡଳୀର ଯୁବ ନେତା ସରୋଜ ଲେଙ୍କା, ପ୍ରଦେଶ ମହିଳା କଂଗ୍ରେସ କମିଟିର ରାଜ୍ୟ ସମ୍ପାଦିକା ଜୋସ୍ନା ସେନାପତି, ପ୍ରତିଭା ଅନ୍ୱେଷଣ ଜିଲ୍ଲା ସଂଯୋଜକ ତୁଷାରକାନ୍ତି ତପସ୍ୱି ଓ ଜିଲ୍ଲା କଂଗ୍ରେସର ଗଣମାଧ୍ୟମ ସଂଯୋଜକ ଦେବଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


## ପିଏମଶ୍ରୀ ଡିଟିଏଲକେ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଚନ୍ଦନେଶ୍ୱର, ୩୦।୧୧(ସମିସ) : ଭୋଗରାଇ ବ୍ଲକ ଗୋଛିଦାତେଘରି ପଞ୍ଚାୟତ ଅଧୀନ ପିଏମଶ୍ରୀ ଡିଟିଏଲକେ ହାଇସ୍କୁଲ,ଶ୍ୟାମାନନ୍ଦିପୁରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉଦ୍‌ଘାଟନୀ ସଭାକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଶୋକ କୁମାର ପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ସ୍ଥାନୀୟ ସରପଞ୍ଚ ରାଜେଶ୍ୱରୀ କାମିଲା କହିଲେ, କ୍ରୀ?। ମନୁଷ୍ୟର ସହଜାତ ପ୍ରବୃତ୍ତି ଏବଂ ମହିଳାମାନେ ବି ଖେଳରେ ସୁନାମ ଅର୍ଜନ କରି ପ୍ରେରଣାର ଉତ୍ସ ପାଲଟିଛନ୍ତି କ୍ଷ ମୁଖ୍ୟ ବକ୍ତା ସାମ୍ବାଦିକ ଅନନ୍ତ ପ୍ରଧାନ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ ମହାନ୍ତି, ପ୍ରଧାନ ଶିକ୍ଷକ ଗୌର ଗୋପାଳ ପ୍ରଧାନ ପ୍ରମୁଖ ଯୋଗଦେଇ କ୍ରୀଡ଼ା ଆମକୁ ଶାରୀରିକ ବୃଦ୍ଧି ଓ ମାନସିକ ଶାନ୍ତି ଦେଇଥାଏ ବୋଲି କହିଥିଲେ। ଶିକ୍ଷକ ଜୟକୃଷ୍ଣ ଆଇଚ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ନନ୍ଦଦୁଲାଲ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ମେଧା ଅନ୍ୱେଷଣ ପରୀକ୍ଷା

ଚନ୍ଦନେଶ୍ୱର, ୩୦।୧୧(ସମିସ) : ଭୋଗରାଇ ବ୍ଲକରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ରାଜ୍ୟସ୍ତରୀୟମେଧା ଅନ୍ୱେଷଣ ପରୀକ୍ଷା ୩କେନ୍ଦ୍ରରେଅନୁଷ୍ଠିତ ହୋଇଯାଇଛି। ଶଙ୍ଖାରି ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୧୦ଜଣ, ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୧୮ ଜଣ ଓ ଝଗଡ଼େଶ୍ୱର ହାଇସ୍କୁଲ, ପୁରୁଷୋତ୍ତମପୁରରେ ୧୭୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷା ପାଇଁ ୪୪୩ ଜଣ ନାମ ଲେଖାଇ ଥିବା ବେଳେ ୩୯୯ ଜଣ ପରୀକ୍ଷା ଦେଇଥିଲେ ଓ ୪୪ ଜଣ ଅନୁପସ୍ଥିତ ଥିବାର ଦକ୍ଷିଣ ଭୋଗରାଇ ଓଷ୍ଟାର ସମ୍ପାଦକ ଶାଶ୍ୱତ କୁମାର ଜେନା ସୂଚନା ଦେଇଛନ୍ତି। ଓଷ୍ଟାର ଜିଲା ସଭାପତି ମନୋରଞ୍ଜନ ଦାସ, ଶଶୀକାନ୍ତ ପ୍ରଧାନ ଓ ସଚ୍ଚିଦାନନ୍ଦ ମହାନ୍ତି ପର୍ଯ୍ୟବେକ୍ଷକ ଭାବେ ୩ଟି ପରୀକ୍ଷା କେନ୍ଦ୍ରରେ ଯୋଗ ଦେଇଥିଲେ।









## ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ମହିଳାଙ୍କୁ ଉଠାଇନେଲା ପୁଲିସ

ବଲଙ୍ଗା,୩୦।୧୧(ସମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବଲଙ୍ଗା ଅଞ୍ଚଳକୁ ରବିବାର ଗସ୍ତ ଥିବାବେଳେ ପୁଲିସ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ରଖିବା ନିମନ୍ତେ ଜଣେ ସରପଞ୍ଚଙ୍କୁ ସୁରକ୍ଷା ଦେବାକୁ ଯାଇ ପୀଡ଼ିତା ମହିଳାଙ୍କୁ ଗ୍ରାମରୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। ସମ୍ପୃକ୍ତ ସରପଞ୍ଚ ଗତ ୨୯ ତାରିଖ ରାତି ୩ଟା ସମୟରେ ମହିଳାଙ୍କ ସ୍ୱାମୀ ନ ଥିବାର ସୁଯୋଗ ନେଇ ଘର ଭିତରେ ପଶିଥିଲେ। ତାଙ୍କ ବେକରେ ଭୁଜାଲି ଲଗାଇ ଅସଦାଚରଣ କରି ହତ୍ୟା ଧମକ ଦେବା ସହ ମହିଳାଙ୍କ ବେକରେ ଥିବା ମଙ୍ଗଳସୂତ୍ରକୁ ଛିଣ୍ଡାଇ ନେଇଥିଲେ। ଏ ସମ୍ପର୍କରେ ମହିଳା ଜଣକ ବଲଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଦେବାର ୪୦ ଘଣ୍ଟା ପୂରିଯାଇଥିଲେ ମଧ୍ୟ ପୁଲିସ ଏ ପର୍ଯ୍ୟନ୍ତ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଯୋଗୁଁ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ବଲଙ୍ଗା ଥାନା ଆଇଆଇସିଙ୍କ ମତାମତ ଲୋଡ଼ିଥିବାବେଳେ ସେ ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତରେ ବ୍ୟସ୍ତ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଜଣେ ମହିଳାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ତାଙ୍କୁ ଘରୁ ଉଠାଇନେବା ପୁଲିସର ଏ କି ପ୍ରକାର ନ୍ୟାୟ ବ୍ୟବସ୍ଥା।




'ଆମ ଐତିହ୍ୟ, ଆମ ଗୌରବ'

## କୋଣାର୍କ ପ୍ରେସ୍ କ୍ଲବ୍ ପକ୍ଷରୁ ମିନି ସାଇକ୍ଲୋଥନ୍



କୋଣାର୍କ,୩୦।୧୧(ସମିସ): କୋଣାର୍କ ଉତ୍ସବର ଅବ୍ୟବହିତ ପୂର୍ବରୁ ରବିବାର ସକାଳୁ 'ଆମ ଐତିହ୍ୟ, ଆମ ଗୌରବ' ବାର୍ତ୍ତା ନେଇ କୋଣାର୍କ ପ୍ରେସ୍ କ୍ଲବ୍ ପକ୍ଷରୁ ଆୟୋଜିତ ହୋଇଛି ମିନି ସାଇକ୍ଲୋଥନ୍। କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ରାମଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ବେଳାମାର୍ଗ ରାସ୍ତାରେ ଆୟୋଜିତ ଏହି ସାଇକଲ ଚାଳନା କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ଯୁବଗୋଷ୍ଠୀ ଓ ସମାଜସେବୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ସିଂହାରୀ ସେବାୟତ ମଧୁସୂଦନ ସିଂହାରୀ, କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଗୋପ ବ୍ଲକ୍ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଗୋପ ତହସିଲ୍ଦାର ସୂର୍ଯ୍ୟ ଶଙ୍କର ଦାଶ, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ବିଧୁଭୂଷଣ ନାୟକ, କାଉନ୍ସିଲର ସୌମ୍ୟ ସୌରଭ ଦାଶ ଓ କୋଣାର୍କ ମଣ୍ଡଳ ବିଜେପି ସଭାପତି ଗୋପୀନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସାଇକଲ ଶୋଭାଯାତ୍ରା କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ବାହାରି ରାମଚଣ୍ଡୀ ପୀଠରେ ପହଞ୍ଚିବା ପରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବରେ ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡ଼ା, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ବିଚିତ୍ର ଚୌଧୁରୀ ଓ ସୁତନ ଗ୍ରାମପଞ୍ଚାୟତର ସମିତିସଭ୍ୟ କାଶୀନାଥ ନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମହୋଦଧି ଏଜୁକେସନ ଏକାଡେମୀର ଅଧ୍ୟକ୍ଷ ଶୁଭ୍ରଜିତ୍ ମହାପାତ୍ରଙ୍କୁ ବିଶିଷ୍ଟ ଶିକ୍ଷାବିତ୍ ସମ୍ମାନ, ଦିବଂଗତ ସାମ୍ବାଦିକ ବାଦଲ ଦାଶ ସ୍ମୃତି ସମ୍ମାନରେ ସାମ୍ବାଦିକ ଦୀପ୍ତି ରଞ୍ଜନ ପାତ୍ର ଓ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସ୍ମୃତି ସମ୍ମାନରେ ବରିଷ୍ଠ ସାମ୍ବାଦିକ ଭାଗିରଥି ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରେସ୍ କ୍ଲବ୍ ଉପଦେଷ୍ଟା ରାମକୃଷ୍ଣ ମହାନ୍ତି ଓ ସଞ୍ଜୟ ପତି ସଞ୍ଚାଳନ କରିଥିବାବେଳେ ସଭାପତି ଧନଞ୍ଜୟ ବେହେରା, ସମ୍ପାଦକ ବିଚିତ୍ର ଓଝା ଓ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ଦେଢ଼ ଘଣ୍ଟା ବିଳମ୍ବରେ ଆସିଲା ଆମ୍ବୁଲାନ୍ସ; ରୋଗୀ ମୃତ

**୧ ଘଣ୍ଟା ଧରି ଆମ୍ବୁଲାନ୍ସ ଅଟକ, ଗୋପ ଡାକ୍ତରଖାନାରେ ଉତ୍ତେଜନା**

ଗୋପ,୩୦।୧୧(ସମିସ): ରବିବାର ଅପରାହ୍ଣରେ ପାରାଲିସିସ୍‌ରେ ଆକ୍ରାନ୍ତ ଜଣେ ରୋଗୀ ସରକାରଙ୍କ ୧୦୮ ଆମ୍ବୁଲାନ୍ସ ସେବା ନ ପାଇ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ବିନୋଦ ମଲ୍ଲିକ(୮୦)। ଦୀର୍ଘ ଦେଢ଼ ଘଣ୍ଟା ପରେ ଆମ୍ବୁଲାନ୍ସ ଆସିବାରୁ ରୋଗୀଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୋପ ଥାନା କୁଆଁପଡ଼ା ପଞ୍ଚାୟତ ଅନ୍ତର୍ଗତ ଓରୁଆଳି ଗ୍ରାମର ବିନୋଦ ମଲ୍ଲିକ (୮୦)ଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ପରିବାର ସଦସ୍ୟ ଅପରାହ୍ଣରେ ଗୋପ ଡାକ୍ତରଖାନାକୁ ଆଣିଥିଲେ। ଡ୍ୟୁଟିରେ ଥିବା ଡାକ୍ତର କାବ୍ୟାରାଣୀ ସ୍ୱାଇଁ ଚିକିତ୍ସା କରିବା ପରେ ସନ୍ଧ୍ୟା ସାଢ଼େ ୫ଟାରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଡାକ୍ତର ରେଫର କରିବା ପରେ ରୋଗୀଙ୍କ ସାନ ଭାଇ ରବିନ୍ଦ୍ର ମଲ୍ଲିକ ୧୦୮ ଆମ୍ବୁଲାନ୍ସକୁ ୫ଟା ୩୭ ମିନିଟ୍‌ରେ ଫୋନ୍ କରିଥିଲେ। କଲ୍ ସେଣ୍ଟରରୁ ୫ଟା ୫୨ରେ ପୁରୀରୁ ଆମ୍ବୁଲାନ୍ସ ଯାଉଥିବା ସୂଚନା ମଧ୍ୟ ଆସିଥିଲା। ଆମ୍ବୁଲାନ୍ସ ବିଳମ୍ବ ହେବା ଫଳରେ ପରିବାର ସଦସ୍ୟ ବାରମ୍ବାର ଆମ୍ବୁଲାନ୍ସକୁ ଫୋନ୍ ମଧ୍ୟ କରିଥିଲେ। ଆମ୍ବୁଲାନ୍ସଟି ଗୋପ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ବିନୋଦ ମଲ୍ଲିକ ଆଖି ବୁଜିଦେଇଥିଲେ। ଦୀର୍ଘ ଦେଢ଼ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସ ଆସିବା ଯୋଗୁଁ ମୋ ବାପାଙ୍କ ମୃତ୍ୟୁ ହୋଇଥିବା ପୁଅ ଅନାମ ମଲ୍ଲିକ ଅଭିଯୋଗ କରିଛନ୍ତି। ଏନେଇ ପରିବାର ସଦସ୍ୟ ଡାକ୍ତରଖାନାରେ ହୋ-ହଲ୍ଲା କରିବା ସହ ଆମ୍ବୁଲାନ୍ସ ଗାଡ଼ିର କାଚକୁ ବାଡ଼ାବାଡ଼ି କରିଥିଲେ। ଫଳରେ ୩ ଜଣ ଆମ୍ବୁଲାନ୍ସ କର୍ମଚାରୀ ବାହାରକୁ ବାହାରିପାରି ନ ଥିଲେ। ଏହି ଘଟଣା ଘଟିବା ପରେ ସ୍ଥାନୀୟ ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଏକ ଗୁରୁତ୍ୱପୂର୍ଣ୍ଣ କଥା ଯେ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ପୁରାତନ ଡାକ୍ତରଖାନା ହୋଇଥିବାବେଳେ କିଛି ବିନା ସୂଚନାରେ ରାତି ଅଧରେ ଗୋପ ଡାକ୍ତରଖାନା ପାଇଁ ନିୟୋଜିତ ଥିବା ୧୦୮ ଆମ୍ବୁଲାନ୍ସ ନିମାପଡ଼ା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯିବା ଯୋଗୁଁ ଆଜି ଏପରି ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଚାରିଛକ,୩୦।୧୧(ସମିସ): ଚାରିଛକ-ଗୋପ ମୁଖ୍ୟ ରାସ୍ତାର ଅନ୍ନପୂର୍ଣ୍ଣା ବିଦ୍ୟାପୀଠ ନିକଟରେ ରବିବାର ଅପରାହ୍ଣରେ ଏକ ବୋଲେରୋ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ଗୋପ ଥାନା ଅନ୍ତର୍ଗତ ବାଇଆକୁଦ ଗ୍ରାମର ଜଗନ ସେନାପତି। ଜଗନ ଚାରିଛକରୁ ନିଜ ଘରକୁ ପରିବା କିଣି ନେଇ ଯାଉଥିବା ସମୟରେ ଏକ ବୋଲେରୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକମାନେ ଦୁର୍ଘଟଣାସ୍ଥଳରୁ ଜଗନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଜଗନ ପରିବା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମର ଲୋକମାନେ ଦାବି କରିଛନ୍ତି।

## ଛାତ୍ରୀକୁ ଅସଦାଚରଣ ଉଦ୍ୟମ; ଯୁବକ ଗିରଫ

କଣାସ,୩୦।୧୧(ସମିସ): କଣାସ କଲେଜରେ କ୍ଲାସ୍ ସାରି ଘରକୁ ଯିବା ବାଟରେ ନିଛାଟିଆ ରାସ୍ତାର ସୁଯୋଗ ନେଇ ଜନୈକା ନାବାଳିକା ଛାତ୍ରୀଙ୍କୁ (୧୭) ଜଟଣୀ ଥାନା ଅନ୍ତର୍ଗତ ଜୋରକଣି ବଡ଼ଂଗାରା ଗ୍ରାମର ସୁଦେଇ ଓରଫ ପ୍ରଭାସ ପ୍ରଧାନ ନାମକ ଜଣେ ଯୁବକ ରାସ୍ତାରେ ଅଟକାଇ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ତାଙ୍କୁ ଟଣାଓଟରା କରିବାବେଳେ ଛାତ୍ରୀ ଜଣକ ତାଙ୍କ ଭାଇକୁ ଫୋନ୍ କରି ଡାକିଥିଲେ। ଭାଇ ଆସୁଥିବା ଜାଣି ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇଥିଲା। ଏନେଇ କଣାସ ଥାନା ଆଇଆଇସିଙ୍କୁ ଜଣାଇବା ପରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ରବିବାର ସକାଳୁ ପ୍ରଭାସକୁ ମନ୍ଦାରବସ୍ତ ନିକଟରୁ ଗିରଫ କରିଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨ଟି ପ୍ରକଳ୍ପର ଶିଳାନ୍ୟାସ

ଚାରିଛକ,୩୦।୧୧(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ବାହାରଣା ପଞ୍ଚାୟତରେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ୨ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଶ୍ରୀକୋଇଲିଠାରୁ ବାଇଦୀପଡ଼ା ୩ କି.ମି. କେନାଲ ବନ୍ଧ ବାମପଟ ରାସ୍ତାର ସମ୍ପ୍ରସାରଣ ଓ ଉନ୍ନତୀକରଣ ନିମନ୍ତେ ଶିଳାନ୍ୟାସ କରାଯାଇଛି। ସେହିପରି କୁଣ୍ଢେଇ ଡିଷ୍ଟ୍ରିବ୍ୟୁଟାରୀ ମୁଖ୍ୟ କେନାଲର ବାହାରଣା ଡିଭିଜନ ତାଳଦଣ୍ଡାଠାରେ ୧୭ଲକ୍ଷ ଟଙ୍କା ବ୍ୟୟରେ ଏକ ପୋଲ ନିମନ୍ତେ ଶିଳାନ୍ୟାସ ହୋଇଯାଇଛି। ଏହି ରାସ୍ତାଟି ନିର୍ମାଣ ହେଲେ ୨ଟି ବାହାରଣା ଓ ତୁଳସୀପୁର ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ଉପକୃତ ହେବେ। ଏହି ଶିଳାନ୍ୟାସ ଉତ୍ସବରେ ଶ୍ୟାମ ସୁନ୍ଦର ନାୟକ, ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ପ୍ରଭାତ କୁମାର ନାୟକ, ବ୍ରଜବନ୍ଧୁ ନାୟକ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସ୍ୱାଇଁ, ଭକ୍ତବନ୍ଧୁ ବିଶ୍ୱାଳ, ଦୁର୍ଯ୍ୟୋଧନ ମହାନ୍ତି, କୈଳାସ ଚନ୍ଦ୍ର କର, ଜ୍ୟୋତି ରଞ୍ଜନ ପାତ୍ର, ଅରକ୍ଷିତ ଭୋଇ, ପୂର୍ବତନ ସରପଞ୍ଚ ଭଗବାନ ମିଶ୍ର, ଛଣିଜଙ୍ଗ ସରପଞ୍ଚ ଅଜୟ କୁମାର ପରିଡ଼ାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।









# ଧାନ ସଂଗ୍ରହରେ ଅଚଳାବସ୍ଥା
# ଆନ୍ଦୋଳନ ପାଇଁ ସଜବାଜ

ଅତାବିରା, ୩୦।୧୧(ସମିସ)



ଚଳିତ ଖରିଫ ଫସଲ ଧାନ ସଂଗ୍ରହ ଅଚଳାବସ୍ଥା ବଡ଼ ସମସ୍ୟା ଆଡ଼କୁ ଗତି କରୁଛି। ସରକାର ଧାନ କିଣିବା ନେଇ ଅନିଚ୍ଛା ଚାଷୀମାନଙ୍କରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାକୁ ନେଇ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରାର ଏକ ବୈଠକ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଗଠନର ଏକ ବୈଠକରେ ସୋମବାର ଦିନ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ସାକ୍ଷାତ କରି ଧାନ ସଂଗ୍ରହ, ବଞ୍ଚିତଥିବା ଚାଷୀଙ୍କ ପଞ୍ଜୀକରଣ ଆଦି ସମସ୍ୟା ଉପରେ ଆଲୋଚନା କରିବାର ନିଷ୍ପତ୍ତି ହୋଇଥିଲା। ସଂଗଠନର ବୈଠକରେ ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର ଯୋଗ ଜିଲ୍ଲାର ସାମଗ୍ରୀକ ସମସ୍ୟା ଉପରେ ସୂଚନା ଦେଇ ଜିଲ୍ଲାର କାର୍ଯ୍ୟ କରୁଥିବା ସମସ୍ତ ବ୍ଲକ କୃଷକ/ଚାଷୀ ସଂଗଠନକୁ ନେଇ ସୋମବାର କଳାପାଣିରେ ଏକ ବୈଠକ କରାଯିବ ବୋଲି ପ୍ରକାଶ କରିଥିଲେ। ଏଥିରେ ସମସ୍ତ ସଂଗଠନର ନିଷ୍ପତ୍ତିକ୍ରମେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ। ବହୁ ଚାଷୀଙ୍କ ଟୋକନ ଆସିଛି, ଆଉ କିଛିଙ୍କ ଆସି ନାହିଁ। ଜାନୁଆରୀରୁ ରବି ଫସଲ କାମ ଆରମ୍ଭ ହେଉଥିବାରୁ ଟୋକନକୁ ଆଗକୁ ଅଣାଯାଉ। ସରକାରଙ୍କ କିଣ୍ଟାଲ ପ୍ରତି ବର୍ଦ୍ଧିତ ୬୯ ଟଙ୍କା ସହାୟକ ଦର ଦେବେ କି ନାହିଁ ସ୍ପଷ୍ଟ କରନ୍ତୁ। ଆସି ନ ଥିବା ଟୋକନ ସବୁ ଜେନେରେଟ୍ କରାଯାଉ। ଚାଷୀ ପଞ୍ଜୀକରଣରୁ ବାଦି ପଡ଼ିଥିବା ୫ ହଜାର ଚାଷୀଙ୍କ ପଞ୍ଜୀକରଣ ଦିଗରେ କ'ଣ ପଦକ୍ଷେପ ସରକାର ଗ୍ରହଣ କରିଛନ୍ତି। ଜାନୁଆରୀ ୧୫ ତାରିଖ ସୁଦ୍ଧା ପଞ୍ଜୀକୃତ ସମସ୍ତ ଧାନ ସଂଗ୍ରହ କରନ୍ତୁ। ମଣ୍ଡିକୁ ଚାଷୀ ଧାନ ଆଣିବାରୁ ୪୮ ଘଣ୍ଟା ଭିତରେ ସରକାର ଧାନ କିଣୁ। ଏହି ଦାବି ନେଇ ମୁଖ୍ୟତଃ ଆଲୋଚନାର ବିଷୟ ରହିବ। ଏଥିରେ ଏକାଦଶିଆ ସାହୁ, ଓଡ଼ିଶା ରାଜ୍ୟ କୃଷକ ସଂଗଠନର ସମ୍ପାଦକ ସୁରେଶ କର୍ଣ୍ଣ, ସୁଜିତ ପ୍ରଧାନ, ସତବାବୁ, ପାପା ରାଓ, କେ.ରାମବାବୁ, କୃପା ରାଓ, କୃଷ୍ଣ ବାବୁ, ସଂକ୍ରାନ୍ତି ରେଡ୍ଡୀ, ଦଶରଥ ଭୋଇ, ସମୀର ପ୍ରଧାନ, ବୁଦ୍ଧଦେବ ନନ୍ଦ, ଭୁବନ ପ୍ରଧାନ, ପଦ୍ମପ୍ରକାଶ ମିଶ୍ର, କୁବେର ପ୍ରଧାନ, ଦେବେନ୍ଦ୍ର ସାହୁ, ରାଜେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପାଚେରିରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ପାଇକମାଲ, ୩୦।୧୧(ସମିସ):** ପାଇକମାଲ ଥାନା ସଦାନନ୍ଦପୁର ଗାଁର ଯୁବକଙ୍କ ଅକାଳ ବିୟୋଗ ହୋଇଛି। ଗାଁର ଘନଶ୍ୟାମ ବରିହା (୨୪) ଗତକାଲି ରାତିରେ ମଲଦାକୁ ଯାତ୍ରା ଦେଖିବାକୁ ଯାଇ ରାତିରେ ଘରକୁ ଫେରିଥିଲା। ଘରେ କବାଟ ବନ୍ଦ ଥିବାରୁ ସେ ମାଆକୁ ଡାକିଥିଲେ। ତାଙ୍କ ମାଆ ଡାକ ନ ଶୁଣିବାରୁ ସେ ତାଙ୍କ ପାଚେରି ଡେଇଁ ଘରକୁ ଯିବା ସମୟରେ ପଡ଼ିଯାଇ ଘରପାଖରେ ପଡ଼ି ରହିଥିଲେ। ସକାଳେ ତାଙ୍କ ମାଆ ଦେଖିବାବେଳକୁ ପୁଅର ମୃତ୍ୟୁ ହୋଇସାରି ଥିଲା। ଏନେଇ ପରିବାର ଲୋକେ ଜାଣିବା ପରେ ପାଇକମାଲ ଥାନାରେ ଅଭିଯୋଗ ପରେ ପୁଲିସ ପହଞ୍ଚି ଶବକୁ ଜବତ କରି ମାମଲା ରୁଜୁକରି ଶବକୁ ପଦ୍ମପୁରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହାପରେ ପରିବାରକୁ ଶବ ହସ୍ତାନ୍ତର କରାଯାଇଛି ବୋଲି ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

● ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

## ୯୭ ଜଣଙ୍କ ଆଖି ପରୀକ୍ଷା, ୬୦ଜଣଙ୍କୁ ଔଷଧ ପ୍ରଦାନ

**ବରଗଡ଼, ୩୦। ୧୧(ସମିସ):** ରିଦ୍ଧି ଟ୍ରଷ୍ଟ ଓ ତ୍ରିଲୋଚନ ନେତ୍ରାଳୟ ଆନୁକୂଲ୍ୟରେ ଲାଉମୁଣ୍ଡା ଠାରେ ଦ୍ୱିତୀୟ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ତ୍ରିଲୋଚନ ନେତ୍ରାଳୟ ଡା. ଟିମ୍ ୯୭ରୋଗୀ ଆଖି ପରୀକ୍ଷା କରି ୬୦ ଜଣଙ୍କୁ ମାଗଣାରେ ଚଷମା ଓ ଔଷଧ ବଣ୍ଟନ କାରାଯାଇଥିବାବେଳେ ୩୭ ଜଣଙ୍କୁ ମୋତିଆ ବିନ୍ଦୁ ଚିହ୍ନଟ କରି ଅସ୍ତ୍ରୋପ୍ରଚାର ପାଇଁ ସମ୍ବଲପୁର ପଠାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରିଦ୍ଧି ଟ୍ରଷ୍ଟର ସଭାପତି ସୀତାରାମ ଭୋଇ, ସମ୍ପାଦିକା ସବିତା ଥପା ଏବଂ ଟ୍ରଷ୍ଟି ସଦସ୍ୟା ଆଞ୍ଚଲ ଶତପଥୀ ସହଯୋଗ କରିଥିବାବେଳେ ଲାଉମୁଣ୍ଡାର ପୂର୍ବତନ ଜିଲ୍ଲା ପରିଷଦ କିଶୋର ମେହେର ଉଦ୍‌ଘାଟନ କରିଥିଲେ। ତ୍ରିଲୋଚନ ନେତ୍ରାଳୟର ଡାକ୍ତର ଆଦ୍ୟାସା, ଅର୍ଚ୍ଚିତା, ପ୍ରିୟଙ୍କା, ସୁମିତ ଏବଂ ସୁମନ୍ତ ଉପସ୍ଥିତ ଥିଲେ।


## ବୀରତା ଦିବସ ପାଳନ ପାଇଁ ପ୍ରସ୍ତୁତି

**ପାଇକମାଲ, ୩୦।୧୧(ସମିସ):** ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜର ଲାଟ ସଭାପତି ହୃଷିକେଶ ବରିହାଙ୍କ ସଭାପତିତ୍ୱରେ ବିରତା ଦିବସ ପାଳନ ପାଇଁ ନୃସିଂହନାଥ ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଆସନ୍ତା ଡିସେମ୍ବର ୩୧ରେ ବିରତା ଦିବସକୁ ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ସମାଜର କର୍ମକର୍ତ୍ତା ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜର ଲାଟ ସଭାପତି ଶ୍ରୀ ବରିହା, ସମ୍ପାଦକ ଦେବରାଜ ବରିହା, ପାଇକମାଲ ବ୍ଲକ ସଭାପତି ପ୍ରେମାନନ୍ଦ ବରିହା, ପାଇକମାଲ ଜୋନ୍ -୧ର ସଭାପତି ବିଲାଧର ଭୁଏ, ଜୋନ-୨ ସଭାପତି ଘନଶ୍ୟାମ ବରିହା, ପଦ୍ମପୁର ସଭାପତି ତୁଲାରାମ ଲୁହାର ଏବଂ ପଞ୍ଚାୟତ ସଭାପତି ଓ ଗନିତ ପ୍ରମୁଖ ଉପସ୍ଥିତ ଥିଲେ।

## କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

**ଝାରବନ୍ଧ, ୩୦।୧୧(ସମିସ):** ଝାରବନ୍ଧ ବ୍ଲକ ଅଧୀନ ଭଣ୍ଡାରପୁରୀ ପଞ୍ଚାୟତ ଅଧୀନ ଜାମପାଲି ଗ୍ରାମରେ ୨୦ ତମ ଲକ୍ଷ୍ମୀପୂଜା ଉପଲକ୍ଷେ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲ ରାଧାକାନ୍ତ ସ୍ପୋର୍ଟସ ଏକାଡେମୀ ଦେଲାଙ୍ଗ ଏବଂ ବାହାଦୁଲପୁର ମଧ୍ୟରେ ଖେଳାଯାଇଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ପେଦ୍ରାୱନ ଏବଂ ପଠାରିମୁଣ୍ଡା ମଧ୍ୟରେ ଖେଳାଯାଇଥିଲା। ପେଦ୍ରାବନ ଏବଂ ବାହାଦୁଲପୁର ସେମିଫାଇନାଲ ଜିତିବା ପରେ ଫାଇନାଲ ଖେଳିଥିଲେ ଏବଂ ପେଦ୍ରାୱନ ଫାଇନାଲ ଜିତି ଚାମ୍ପିଅନ ହୋଇଥିଲା। ଏହି ପ୍ରତିଯୋଗିତାରେ ରେଫରି ଏବଂ ଅମ୍ପାୟାର ଭାବେ ଉମାସଙ୍କର, ପିତ ସାହୁ, ଲକି ଦାସ, କହ୍ନେୟା ପଟେଲ, ବଳରାମ ଏବଂ କ୍ଷୀରୋଦ ଦାୟିତ୍ୱ ତୁଲାଇଥିବାବେଳେ ଗୋଲାପ ସାହୁ ଏବଂ ଯୋଗେନ୍ଦ୍ର ବାଗ କମେଣ୍ଟେଟର ଭାର ତୁଲାଇ ଥିଲେ। ଏହି ପ୍ରତିଯୋଗିତାରେ ବେଷ୍ଟରେଡର ଭାବେ ପେଦ୍ରାବନ ଟିମର ହିମାଂଶୁ, ବେଷ୍ଟକେଚର ଭାବେ ବାହାଦୁଲପୁର ଟିମର ଦେବ, ବେଷ୍ଟ ଅଲରାଉଣ୍ଡର ଭାବେ ପେଦ୍ରାବନର ଅଜିତ, ବେଷ୍ଟ ବ୍ଲକର ଭାବେ ପେଦ୍ରାବନର ପ୍ରକାଶଙ୍କୁ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଲକ୍ଷ୍ମୀପୂଜା କମିଟିର ସଭାପତି ପ୍ରମୋଦ ଚନ୍ଦ୍ର ସାହୁ ଚାମ୍ପିଅନ ଟିମକୁ ଟ୍ରଫି ଦେଇ ପୁରସ୍କୃତ କରିଥିବାବେଳେ, କମିଟିର ସମ୍ପାଦକ ଦ୍ୱିତୀୟ ବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସୋମନାଥ ବାଗ ସଞ୍ଚାଳନ କରିଥିବା ବେଳେ ସୁବନ ସାହୁ, ଦିଲୀପ କୁମାର ସାହୁ, ଚରଣ ଦାସ ସାହୁ, ଲଳିତ କୁମାର ସାହୁ, ବୈଦ୍ୟନାଥ ସାହୁ, ଦୁର୍ଜନ ସେଠ, ଓମ୍ ପ୍ରକାଶ ସାହୁ ସହଯୋଗ କରିଥିଲେ। କୌଶଳ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## କୃଷ୍ଣଗୁରୁ ଗାୟିକା ଗୋପିକା ନାୟକଙ୍କ ପରଲୋକ



**ଭଟଲି, ୩୦। ୧୧(ସମିସ):** ଶୁକ୍ରବାର ସନ୍ଧ୍ୟା ୭ଟା ସମୟରେ ରାୟଶୋଭା ଗ୍ରାମର ବିଶିଷ୍ଟ ପୁରାତନ କୃଷ୍ଣଗୁରୁ ଗାୟିକା ଗୋପିକା ନାୟକଙ୍କ ୯୮ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ଚାରି ପୁଅ ମଧ୍ୟରୁ ବଡ଼ପୁଅ ରୋହିତ ନାୟକ ମୁଖାଗ୍ନି ଦେଇଥିଲେ। ପୁଅ ନବୀନ ନାୟକ, ଦୂର୍ବାଦଳ ନାୟକ, ଜନ୍ମେଜୟ ନାଏକ ଝିଅ କେଶାଇପାଲି ଗ୍ରାମର ନିଳେନ୍ଦ୍ରି ପଧାନ ଜ୍ୱାଇଁ ଗଙ୍ଗାଧର ପଧାନ ଓ ୧୬ ଜଣ ନାତି ନାତୁଣୀ ଏବଂ ୧୪ ଜଣ ପଏଣ ନାତି ନାତୁଣୀ ଛାଡ଼ି ଆର ପାରିକୁ ଚାଲିଯାଇଛନ୍ତି।

## ରକ୍ତଦାନ ଶିବିର; ୪୧ ୟୁନିଟ ରକ୍ତ ସଂଗ୍ରହ

**ବରଗଡ଼, ୩୦।୧୧(ସମିସ):** ବରଗଡ଼ ବ୍ଲକ ଅଧୀନ ଚଣ୍ଡିପାଲି, ଦେଓଗାଁ ଠାରେ ଚଣ୍ଡୀମନ୍ଦିରର ରତ୍ନମୁଦ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ



ଜଗଦାନନ୍ଦ ମିଶ୍ର ଓ ବରେଣ୍ୟ ଅତିଥି ଭାବରେ ସୁଦାମ ମହାପାତ୍ର ଯୋଗ ଦେଇ ଶିବିରର ଶୁଭାରମ୍ଭ କରିଥିଲେ। ରତ୍ନମୁଦ ଉତ୍ସବକୁ ଆସୁଥିବା ଭକ୍ତ ମାନେ ଖୁସିମନରେ ରକ୍ତଦାନ କରିଥିଲେ। ଏହି ଶିବିରରୁ ସର୍ବମୋଟ ୪୧ୟୁନିଟ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିବାବେଳେ ପୁରୁଷୋତ୍ତମ ଠାକୁର, ବାସୁଦେବ ମିଶ୍ର, ଡା. ପ୍ରଶାନ୍ତ କୁମାର ମିଶ୍ର, ନିଗମା ନନ୍ଦ ମିଶ୍ର, ଅକ୍ରୁର ପଟେଲଙ୍କ ସହ ଚଣ୍ଡୀ ମନ୍ଦିର ନିର୍ମାଣ କମିଟି ଓ ନିଷ୍ଠା ପରିବାରର ଉପଦେଷ୍ଟା ସଚି ପଣ୍ଡା, ଆଶିଷ କର, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ମାନସ ମେହେର, ଆଶିଷ କିରଣ ମହାପାତ୍ର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ମା' ଶାନ୍ତିଲକ୍ଷ୍ମୀ ଦେବୀଙ୍କ ବାର୍ଷିକୋତ୍ସବ



**ବରପାଲି, ୩୦।୧୧(ସମିସ):** ବରପାଲି ମାଁ ଶାନ୍ତିଲକ୍ଷ୍ମୀ ଦେବୀଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶନିବାର ମାଁଙ୍କ ମନ୍ଦିର ପରିସରରେ ପୂଜାର୍ଚ୍ଚନା ଦୁର୍ଗାପ୍ରସାଦ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ପଣ୍ଡିତ ପ୍ରତାପ କେଶରୀ ମୁଣ୍ଡଙ୍କ ଦ୍ୱାରା ମାଁଙ୍କ ନୀତିକାନ୍ତି ସହ ମହାଦୀପ ପ୍ରଜ୍ୱଳନ ଓ ଅଭିଷେକ ପର୍ବ ପାଳିତ ହୋଇଥିଲା। ପରେ ଅରୁଣ ସିହ୍ନା ଏବଂ ସାଥି ମାନଙ୍କ ସହାୟତାରେ ଆଧ୍ୟାତ୍ମିକ ଭଜନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ଛପନଭୋଗ ମାଁଙ୍କ ସମ୍ମୁଖରେ ସମର୍ପଣ କରାଯାଇଥିଲା। ପୂଜାକର୍ତ୍ତା ଭାବେ କିରଣ ଅଗ୍ରୱାଲ ଦାୟିତ୍ୱଭାର ନିର୍ବାହ କରିଥିଲେ। ପୂଜା ସମାପନ ପରେ ଭକ୍ତ ମାନଙ୍କ ଗହଣରେ ଆଶୀର୍ବାଦ ପ୍ରଦାନ ଓ ପ୍ରସାଦ ବିତରଣ ପର୍ବ ଆରମ୍ଭ ହୋଇଥିଲା।

## ବ୍ଲକସ୍ତରୀୟ ଲୋକମହୋତ୍ସବ



**ପାଇକମାଲ, ୩୦।୧୧(ସମିସ):** ପାଇକମାଲ ନୃସିଂହନାଥ ଧର୍ମଶାଳା ପରିସରରେ ଶନିବାର ବ୍ଲକ ସ୍ତରୀୟ ଲୋକମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳାରୁ ବାଜା ବଜାଇ ମଶାଲ ଧରି ଦୁର୍ଗା ମନ୍ଦିର ଯାଇ ସେଠାରେ ଦୁର୍ଗା ଦେବୀଙ୍କୁ ପୂଜା କରି କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ପାଇକମାଳ ପରିକ୍ରମା କରିଥିଲେ। ଧର୍ମଶାଳାକୁ ଫେରି ମଶାଲ ସ୍ଥାପନ କରାଯାଇଥିଲା। ଅନୁଷ୍ଠିତ ସଭାରେ ପ୍ରିତିଶ ବହିଦାର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଡ.କେଶରଞ୍ଜନ ପ୍ରଧାନ ଓ ସମ୍ମାନିତ ଅତିଥି ଅଶୋକ ମିଶ୍ର, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରତାପ ସିଂ ବରିହା, ନାଟ୍ୟକାର ସୁରେନ୍ଦ୍ର ସାହୁ, ରମେଶ ଗୁର୍ଲ୍ଲା, ପୁରୁଷୋତ୍ତମ ପ୍ରଧାନ, ଲଳିତ ଜଗତ, ଗୋବର୍ଦ୍ଧନ ଅଗ୍ରୱାଲ, ସରୋଜ ସାମଲ, ବଡ ଶତପଥୀ, ତ୍ରିଲୋଚନ ମେହେର, ପ୍ରେମ ସାଗର, ଚିତ୍ତ ସରାପ, କୈଳାସ ଦିଶ୍ରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସଭାରେ ବିଭିନ୍ନ କ୍ଷେତ୍ରରେ ପୁରସ୍କୃତ ହୋଇଥିବା ୧୦ଜଣ କଳାକାରଙ୍କୁ ଅତିଥିମାନେ ଉପଢୌକନ ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ।

## ଦଧିବାମନ ମହାବିଦ୍ୟାଳୟରେ ଏନ୍‌ଏସଏସ୍ ଶିବିର ଉଦ୍‌ଯାପିତ




**ଭଟଲି, ୩୦।୧୧(ସମିସ):** ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟରେ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏନଏସଏସ୍ ବ୍ୟୁରୋ ପ୍ରଫେସର ଡ. ବିରେନ୍ଦ୍ର ବେହେରା ଓ ଜିଲ୍ଲା ଏନ୍‌ଏସଏସ୍ ସଂଯୋଜିକା ଅଧ୍ୟାପିକା ବବିତା ଷଡ଼ଙ୍ଗୀ ତଥା ପ୍ରାଧ୍ୟାପକ ବିଶ୍ୱଜିତ ହୋତା ଓ ପ୍ରାଧ୍ୟାପକ ଚୁଡ଼ାମଣି ରଥ ମଞ୍ଚାସିନ ଥିଲେ। ମହାବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ଦାଶ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ଅଧ୍ୟାପକ ରାଜୀବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀଙ୍କୁ ନିଜର ପୁଅ ଓ ଝିଅ ବୋଲି ସମ୍ବୋଧନ କରି ଏକ ଭାବାବେଗ ସୃଷ୍ଟି କରିଥିଲେ। ସେହିପରି ମୁଖ୍ୟ ଅତିଥି ନିଜ ଛାତ୍ର ବୟସର ଉଦାହରଣ ଦେଇ ନିଜକୁ ସମାଜସେବାରେ ବ୍ରତୀ ହେବା ସକାଶେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଏନଏସଏସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟାପକ ସଂଗ୍ରାମ ସାହୁ ସଭା ସଂଯୋଜନ କରିଥିବାବେଳେ ପ୍ରାଧ୍ୟାପକ ଚୁଡ଼ାମଣି ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିଚିଣ୍ଡା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଷଷ୍ଠ ସାନ୍ଧ୍ୟ: କାଳୀୟ ନାଗ ଦଳନ



**ଭେଡେନ୍, ୩୦।୧୧(ସମିସ):** ଭେଡେନ ବ୍ଲକ ଅଧୀନ ଚିଚିଣ୍ଡା ଗ୍ରାମରେ ଚାଲୁଥିବା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ରବିବାର ଷଷ୍ଠ ସନ୍ଧ୍ୟାରେ ମଥୁରାରେ ମହାରାଜ କଂସଙ୍କ ନଗର ପରିଭ୍ରମଣ, ରାଜ ଦରବାରରେ ଦୂତ ପ୍ରକାଶ କରିଛି ଯେ ଯୁଦ୍ଧରେ ଅଷ୍ଟମଲ୍ଲ ନିହତ ଏହି ଖବର ପାଇ ମହାରାଜ କଂସ ବିଚଳିତ ଓ ପାତ୍ର ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ସମୟରେ ରାଜଦରବାରରେ ଦେବର୍ଷି ନାରଦଙ୍କ ଆଗମନ, ତାଙ୍କ ନିର୍ଦ୍ଦେଶ କ୍ରମେ ମହାରାଜ କଂସଙ୍କ କାଳୀୟ ନାଗ ଆହ୍ୱାନ କରିଛନ୍ତି ଓ କୃଷ୍ଣ ବଳରାମଙ୍କୁ ମାରିବା ପାଇଁ ଗୋପକୁ କାଳୀୟ ନାଗ ପ୍ରେରଣ କରିଛନ୍ତି। ମହାରାଜ କଂସଙ୍କ ଯମପୁରକୁ ଆକ୍ରମଣ ଆଦି ଦୃଶ୍ୟ ଅଭିନୀତ ହୋଇଥିବା ବେଳେ ଗୋପପୁରରେ କୃଷ୍ଣ ବଳରାମଙ୍କ ବାଲ୍ୟଲିଳା ଅନୁଷ୍ଠିତ ଶ୍ରୀକୃଷ୍ଣଙ୍କ ଦ୍ୱାରା କାଳୀୟ ନାଗ ଦଳନ, ଗୋପୀଙ୍କ ଦଧିବିକା, ଗୋପୀଙ୍କ ବସ୍ତ୍ରହରଣ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା।

## ନୂତନ ପେନ୍‌ସନଭୁକ୍ତ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ବୈଠକ

**ବରଗଡ଼, ୩୦।୧୧(ସମିସ):** ଅଗ୍ରଗାମୀ ଯୁବକ ସଂଘ ବରଗଡ଼ ଠାରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ନୂତନ ପେନସନ ଭୁକ୍ତ ବରଗଡ଼ର ସଭାପତି ନନ୍ଦିଘୋଷ ଭୁଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପ ସଭାପତି ରାଧେଶ୍ୟାମ ଯୋଷୀ, ଜିଲ୍ଲା ସମ୍ପାଦକ ଶ୍ରୀକାନ୍ତ ବାରିକ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭରଦ୍ୱାଜ ପ୍ରଧାନ, ରଘୁନାଥ ପୁରୀ ଏବଂ ସମସ୍ତ ବ୍ଲକର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି, ସମ୍ପାଦକ ତଥା ଶିକ୍ଷକ ପ୍ରତିନିଧି ଉପସ୍ଥିତ ଥିଲେ। ବୈଠକରେ ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘର ଡାକରା କ୍ରମେ ଆସନ୍ତା ୩୦ ତାରିଖ ସମସ୍ତ ବ୍ଲକରେ ବୈଠକ କରି ଆଗାମୀ ୫ ତାରିଖ ରାଜ୍ୟ ସ୍ତରୀୟ ଆନ୍ଦୋଳନରେ ଶତ ପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେବା ସୁନିଶ୍ଚିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ତଥା ଡିସେମ୍ବର ଏକ ତାରିଖରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ପାଇଁ ଜିଲ୍ଲା ସଂଘ ତରଫରୁ ସୂଚନା ଦିଆଯାଇଥିଲା। କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ୬ ବର୍ଷ ଠିକା ସମୟକୁ ମୂଳ ଚାକିରିରେ ଗଣନା ଓ ୬ଟି ନୋସନାଲ ଇନ୍‌କ୍ରୀମେଣ୍ଟ ପ୍ରଦାନ ଦାବି ନେଇ ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘ ଆସନ୍ତା ଡିସେମ୍ବର ୫ ତାରିଖରେ ଆନ୍ଦୋଳନ ଆରମ୍ଭ କରିବ। ବୈଠକରେ ଜିଲ୍ଲା କୋଷାଧ୍ୟକ୍ଷ ଆଶୁତୋଷ ପାତ୍ର, ଗାଇସିଲେଟ ବ୍ଲକ ସଭାପତି ନାରାୟଣ କିଶୋର ପଣ୍ଡା, ବରପାଲି ବ୍ଲକ ସଭାପତି ଠାକୁର ଅତିଶ ବେହେରା, ବରଗଡ଼ ବ୍ଲକ ସଭାପତି ବିରେନ୍ଦ୍ର ନାଥକୁମ୍ଭାର, ଆମ୍ବଭୋନା ବ୍ଲକ୍ ସଭାପତି ସ୍ୱାଧୀନ ସାହୁ, ଭଟଲି ବ୍ଲକ ସଭାପତି ଯୋଗେଶ୍ୱର ପ୍ରଧାନ, ପାଇକମାଲ ବ୍ଲକ ସଭାପତି ନିରାକାର ପ୍ରଧାନ, ଝାରବନ୍ଧ ବ୍ଲକ ସଭାପତି ବିଷ୍ଣୁ ଚରଣ ସାହୁ, ସୋହେଲା ବ୍ଲକ ଉପ ସଭାପତି କୁବେର ମହାପାତ୍ର, ଭେଡେନ ସମ୍ପାଦକ ତନ୍ମୟ ଖମାରୀ ତଥା ଅନ୍ୟ ବ୍ଲକ କାର୍ଯକାରୀ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

## ବିଜେପୁରରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ




**ବିଜେପୁର, ୩୦।୧୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ସଂଗ୍ରାମୀ ପୀଠ ସମଲାଇପଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜୟସିଂ ନାଏକ ମୁଖ୍ୟ ଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାଥମିକ, ଉଚ୍ଚ ପ୍ରାଥମିକ ତଥା ମାଧ୍ୟମିକ ସ୍କୁଲର ଛାତ୍ରଛାତ୍ରୀଙ୍କର ୧୨୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ବଲ୍ଲଭ ମେହେରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ବିଜ୍ଞାନ ସୁପରଭାଇଜର ଧୀରୋଜ ପଟ୍ଟନାୟକ, ଶିକ୍ଷକ ପ୍ରଶିକ୍ଷକ ଗଗନ ବେହେରା, ପଞ୍ଚସଖା ଶିକ୍ଷା ସେତୁର ଭାରପ୍ରାପ୍ତ ଜିଲ୍ଲା ଅଧିକାରୀ ପ୍ରିୟବ୍ରତ ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବାକର ବରିହା ଓ ପୂର୍ଣ୍ଣଚନ୍ଦ୍ର ପଧାନ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦର୍ଶନୀର ସମ୍ପାଦକ ଆରତି ଯୋଶୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜାଜିଂ ସିଆରସିସି ରାଜେଶ୍ୱର ବେହେରା ଓ ଶିକ୍ଷକ ବିଜୟ ରଞ୍ଜନ ଦାଶ ସମାରୋହକୁ ସଂଯୋଜନା କରିଥିଲେ। ବରପାଲି ହାଇସ୍କୁଲର ମନୋଜ ବାରିକ ଓ ସେହିପରି ଗୋଷ୍ଠୀ ଶିକ୍ଷା ଅଧିକାରୀ ବଲ୍ଲଭ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟକୃଷ୍ଣ ଡନସନା ମୁଖ୍ୟ ଅତିଥି, ଯୋଖିପାଲୀ ସରପଞ୍ଚ ସବିତା ସାହୁ, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବାକର ବରିହା ଓ ପୂର୍ଣ୍ଣଚନ୍ଦ୍ର ପଧାନ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସନ୍ତୋଷ ବାଗ, ଚାରପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ଭାର୍ଗବ ନାଏକ, ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ଆରତି ଯୋଶୀ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ସିଆରସିସି ସୁଧାଂଶୁ ଶେଖର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

ଜନାର୍ଦ୍ଦନ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଲେଣ୍ଡା ଆଥ୍‌ଲେଟିକ ଆସୋସିଏସନ୍ ଚାମ୍ପିଅନ

ମେଲଛାମୁଣ୍ଡା, ୩୦।୧୧(ସମିସ)



ଘେଁସ ହାଇସ୍କୁଲ ପଡ଼ିଆଠାରେ ଚାଲିଥିବା ତ୍ରିଦିବସୀୟ ଜନାର୍ଦ୍ଦନ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଲେଣ୍ଡା ଆଥ୍‌ଲେଟିକ ଆସୋସିଏସନ ଚାମ୍ପିଅନ ହୋଇଛି। ଫାଇନାଲ ଖେଳଟି ଇଛାପୁର ଆଥଲେଟିକ ଆସୋସିଏସନ ଓ ଲେଣ୍ଡା ଆଥଲେଟିକ ଏସୋସିଏସନ ମଧ୍ୟରେ ହୋଇଥିଲା। ଏଥିରେ ଲେଣ୍ଡା ଦଳ ଟ୍ରାଇବ୍ରେକର ଜରିଆରେ ୭ - ୫ ଗୋଲରେ ଇଛାପୁର ଦଳକୁ ହରାଇ ଚାମ୍ପିଅନ ହୋଇଛି। ପ୍ରଥମ ସେମିଫାଇନାଲ ମ୍ୟାଚରେ ବୁରୋମୁଣ୍ଡା ଆଥଲେଟିକ୍ ଆସୋସିଏସନକୁ ହରାଇ ଇଛାପୁର ଟ୍ରାଇବ୍ରେକରର ସହାୟତାରେ ୫ - ୩ ଗୋଲରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଏମ୍.ଗଣ୍ଡପାଲି ଦଳକୁ ୧-୦ ଗୋଲରେ ହରାଇ ଲେଣ୍ଡା ଦଳ ଫାଇନାଲକୁ ପ୍ରବେଶ କରିଥିଲା। ରେଫରି ଅଶ୍ୱିନୀ ମେହେର, ଗୌରାଙ୍ଗ ପାଣ୍ଡେ, ସନ୍ତୋଷ ପଟେଲ ଆଜିର ମ୍ୟାଚ ଗୁଡ଼ିକ ଖେଳାଇଥିବାବେଳେ ଚତୁର୍ଥ ରେଫରି ଭାବରେ ମଣ୍ଟୁ ବାଗ ରହିଥିଲେ। ସୁନୀଲ ରାଉତ ମ୍ୟାଚ କମେଣ୍ଟ୍ରି କରିଥିଲେ। ଘେଁସ ସରପଞ୍ଚ ଗୋକୁଳଚନ୍ଦ୍ର ଦାସ ଅତିଥି ଭାବରେ ଯୋଗଦାନ କରି ପଡ଼ିଆ ମଧ୍ୟରେ ଖେଳାଳିଙ୍କ ସହିତ ଅତିଥି ପରିଚୟ ହୋଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ଫୁଟବଲ ଖେଳାଳି ଅମୀୟ ପଟେଲଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଘେଁସ ସରପଞ୍ଚ ଗୋକୁଳଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ଜଗବନ୍ଧୁ ସାହୁ, ମଧୁପୁର ହାଇସ୍କୁଲ ପିଇଟି ମିନିକେତନ ପାଣିଗ୍ରାହୀ, ଚାଷୀନେତା ପ୍ରଭାତ ସାହୁ, ଜଗଦାନନ୍ଦ ଦାସ, ସନ୍ତୋଷ ସାହୁ ପ୍ରମୁଖ ଚାମ୍ପିଅନ ଲେଣ୍ଡା ଆଥଲେଟିକ ଆସୋସିଏସନ ଓ ରନର୍ସଅପ ଇଛାପୁର ଆଥଲେଟିକ ଆସୋସିଏସନକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରି ଉତ୍ସାହିତ କରିଥିଲେ। ସ୍ଥାନୀୟ ସୁନୀଲ ସ୍ପୋର୍ଟିଂ ତରଫରୁ ରେଫରୀ ଓ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ସମ୍ମାନ ସୂଚକ ମେଡାଲ ପୁରସ୍କୃତ କରାଯାଇଥିଲା। ଅମୀୟ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଦିଲୀପ ମେହେର, ଅନନ୍ତ ଦାସ, ସୁବ୍ରତ ସାହୁ, ଗିରିଧାରୀ ନାଗ, ରାମ ପାଣ୍ଡେ, ଶୁଭମ୍ ବରିହା, ଚିନ୍ମୟ ବରିହା, ନାରାୟଣ ଗିଙ୍ଗିରା ଓ ଲାଲଯୋଗେନ୍ଦ୍ରନାଥ ସିଂ ଆଥଲେଟିକ ଆସୋସିଏସନର ସଦସ୍ୟାମାନେ ସହଯୋଗ କରିଥିଲେ।

# କଣ୍ଠଶିଳ୍ପୀ ଚନ୍ଦନ ଗନ୍ତାୟତ ଓ ସାମ୍ବାଦିକ ଅନୀଲ ସାହୁକାର ସମ୍ବର୍ଦ୍ଧିତ



ଗୁଣୁପୁର, ୩୦।୧୧(ସମିସ): ରାଜ୍ୟ ସରକାରଙ୍କ ଓଡିଶା ସଂଗୀତ ନାଟକ ଏକାଡେମୀ ତରଫରୁ ସୁଗମ ସଂଗୀତ ବର୍ଗରେ 'କବିଚନ୍ଦ୍ର କାଳିଚରଣ ଯୁବ ପ୍ରତିଭା ସମ୍ମାନ-୨୦୨୩'ରେ ସମ୍ମାନିତ ହୋଇଥିବା ରାୟଗଡ଼ ଜିଲ୍ଲାର ଗୁଣୁପୁରର କଣ୍ଠଶିଳ୍ପୀ ତଥା ଭେଷଜ ବିଶେଷଜ୍ଞ ଡାକ୍ତର ଚନ୍ଦନ ଗନ୍ତାୟତ ଏମ୍ଆର୍‌ଟି ଭାରତୀୟ କଳା ଏବଂ ସାଂସ୍କୃତିକ କେନ୍ଦ୍ର, ଗୁଣୁପୁର ଶାଖା ତରଫରୁ ଶୁଭେଚ୍ଛା ସହ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ତଥା ସମାଜସେବୀ ଇଂ ପ୍ରଣବ ଚୌଧୁରୀ, ଓଡ଼ିଶୀ ନୃତ୍ୟ ଗୁରୁ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ରାୟଗଡ଼ା ଜିଲ୍ଲାର ସାଧାରଣ ସଭ୍ୟା ସୁଶ୍ରୀ ସସ୍ମିତା ପଣ୍ଡା କଣ୍ଠଶିଳ୍ପୀ ଡା. ଚନ୍ଦନଙ୍କୁ ନିଜର ସୁନ୍ଦର ଗାୟନ ତଥା ସୁଗମ ସଂଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ଜନକ ପୁରସ୍କାରରେ ସମ୍ମାନିତ କରାଯାଇଛି ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବରିଷ୍ଠ ସାମ୍ବାଦିକ ଅନିଲ ସାହୁକାରଙ୍କୁ ଶ୍ରେଷ୍ଠ ସାମ୍ବାଦିକତା ପାଇଁ ଇସିଏସିଆଇ ଅନୁଷ୍ଠାନ ତରଫରୁ କଣ୍ଠଶିଳ୍ପୀ ଡାକ୍ତର ଚନ୍ଦନ ଗନ୍ତାୟତଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଢେଙ୍କାନାଳରେ କୃତିତ୍ୱ ଅର୍ଜନ କରିଥିବା ଅନୁଷ୍ଠାନର କୁନି କୁନି କଳାକାରମାନଙ୍କୁ ମଧ୍ୟ ଡା. ଗନ୍ତାୟତ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡା. ପ୍ରଶାନ୍ତ ହୋତା, ପ୍ରଜ୍ଞାରାଣୀ ସାହୁ ଏବଂ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ପରିଚାଳନା କରିଥିଲେ।






# ଜମିଜମା ମାମଲାର ରାୟ ପ୍ରକାଶ

ରାୟଗଡା,୩୦।୧୧(ସମିସ): ରାୟଗଡ଼ା ବରିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତରେ ବହୁଦିନରୁ ଲମ୍ବିତ ମାମଲା ସଂଖ୍ୟା ସିଏସ ୧୨୨/୨୦୨୩ର ରାୟ ପ୍ରକାଶ ପାଇଛି। ମିଳିଥିବା ଖବରରୁ ପ୍ରକାଶ ଯେ, ରାୟଗଡା ଜିଲ୍ଲା କଲ୍ୟାଣସିଙ୍ଗପୁର ତହସିଲ ଅନ୍ତର୍ଗତ ମାଝିଗୁଡା ମୌଜାର ଏକର ୩. ୮୫ ସେଣ୍ଟ ଏବଂ ୦.୦୫୦ ସେଣ୍ଟ ଜମି ପାଇଁ ବାଦି ଉଟାଲା ସୁଜାତା ପ୍ରତିବାଦି ଦାଣ୍ଡୁ ଶିବାଜୀ ଓ ସିର୍ଲା କ୍ରୀଷ୍ଟାଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେଇଥିଲେ। ମାମଲାଟି ବିଚାରକରି ମାନ୍ୟବର ରାୟଗଡା ବରିଷ୍ଠ ଦେୱାନୀ ବିଚାରପତି ଆଶୀଷ ପଟ୍ଟନାୟକ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ଯେ, କ୍ରିଷ୍ଟା ଯେଉଁ ଜମି ବିକ୍ରି କରିଛନ୍ତି ତାହା ଆଇନ ସଂଗତ ଓ ଯୁକ୍ତିଯୁକ୍ତ। ଆଇନଜୀବୀ ପ୍ରଦୀପ କୁମାର ଦାଶ ବାଦିଙ୍କ ମାମଲା ଏବଂ ଆଇନଜୀବୀ ଲାବଣ୍ୟ ମୋହନ ପଟନାୟକ ପ୍ରତିବାଦିଙ୍କ ମାମଲା ପରିଚାଳନା କରୁଥିଲେ।

# ବିଷମ କଟକରେ ଦୋକାନ ଗୃହ ଲୋକାର୍ପିତ



ବିଷମ କଟକ,୩୦।୧୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍‌ସଦର ମୁଖ୍ୟ ବଜାରରେ ନିର୍ମିତ ହୋଇଥିବା ଫଳ ପନିପରିବା ଦୋକାନ ଗୃହ ଆଜି ବିଷମ କଟକ ବିଧାୟକ ନିଳମାଧବ ହିକକାଙ୍କ କରକମଳରେ ଲୋକାର୍ପିତ ହୋଇଯାଇଛି। ବିଷମ କଟକ ଗ୍ରାମ ପଞ୍ଚାୟତ ତରଫରୁ ଦୀର୍ଘ ଦିନ ମୁଖ୍ୟ ବଜାରରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇ ପଡିରହିଥିବା ବେଳେ ବର୍ତ୍ତମାନ ଏହି ଘର ଗୁଡିକୁ ମଧ୍ୟ ମରାମତି କରି ବ୍ୟବସାୟୀମାନଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହିତ ଫଳ ଉଠା ଦୋକାନୀମାନଙ୍କ ନିମନ୍ତେ ମଧ୍ୟ ନୂତନ ଦୋକାନ ଗୃହ ସବୁ ନିର୍ମାଣ କରି ବ୍ୟବସାୟୀମାନଙ୍କୁ ହସ୍ତାନ୍ତର କରାଯାଇଛି। ଲୋକାର୍ପଣ ଉତ୍ସବ ଅବସରରେ ବିଷମକଟକ ସରପଞ୍ଚ ନମିତା କୁଲସିକା, ସାଂସଦ ପ୍ରତିନିଧି ଦିଲ୍ଲିପ ପଟ୍ଟନାୟକ, ବ୍ଲକ୍ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ନାଏବ ସରପଞ୍ଚ ଜି. ପ୍ରଦୀପ କୁମାର, ବିଷମକଟକ ଥାନା ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢି, କଂଗ୍ରେସ ବ୍ଲକ ସଭାପତି କୃଷ୍ଣ ନଣାକା, କଂଗ୍ରେସର ବରିଷ୍ଠ ନେତା ଅମିତାଭ ପଟ୍ଟନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଦୀର୍ଘ ଦିନ ପରେ ବ୍ୟବସାୟୀମାନେ ସ୍ଥାୟୀ ଦୋକାନ ଗୃହ ପାଇ ଖୁସିବ୍ୟକ୍ତ କରିଛନ୍ତି।


# ମାନସିକ ବିକୃତଙ୍କ ଆକ୍ରମଣରେ ଯୁବକ ମୃତ

ଚିତ୍ରକୋଣ୍ଡା,୩୦।୧୧(ସମିସ): ଆଜି ସନ୍ଧ୍ୟା ସମୟରେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଦୈନିକ ବଜାର ନିକଟରେ ଜଣେ ମାନସିକ ବିକୃତ ବ୍ୟକ୍ତି ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଛନ୍ତି। ମୃତକ ସାନିଆ ଟ୍ରାକ୍ରୀ ବୋଲି ଜଣାପଡ଼ିଛି। ହତ୍ୟାକାରୀ ରବି ଶାଗରିଆକୁ ଚିତ୍ରକୋଣ୍ଡା ପୋଲିସ ଥାନାରେ ଅଟକ ରଖି ପୁଲିସ ତଦନ୍ତ ଆରମ୍ଭ କରିଛି। ହତ୍ୟାକାରୀ ରବି ଶାଗରିଆ ସନିଆ ଟ୍ରାକ୍ରୀ ଘରେ ଶୋଇଥିବା ସମୟରେ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ବେକ କାଟି ଦେଇଥିଲା।













୫ମ ସ୍ୱନକ୍ଷତ୍ର

ସକାଳ THE SAKALA
www.sakalaepaper.com
ରାଉରକେଲା

## ଧରାପଡ଼ିଲେ ୪ ସାଇବର ଠକ

# ୨ ମାସରେ ୮୦୦ରୁ ଉର୍ଦ୍ଧ୍ୱ ଆକାଉଣ୍ଟ ଖୋଲି ଠକେଇ

**ରାଉରକେଲା, ୩୦।୧୧(ସମିସ)**





ବ୍ୟାଙ୍କ ଅଧିକାରୀଙ୍କ ସହ ମିଶି ରାଉରକେଲାରେ ସାଇବର ଅପରାଧ କରୁଥିବା ୪ ଜଣିଆ ଅପରାଧୀ ସିଣ୍ଡିକେଟ୍‌କୁ ରାଉରକେଲା ପୁଲିସ ଠାବ କରିଛି। ଏହି ଘଟଣାରେ ୪ ଜଣଙ୍କୁ ରାଉରକେଲା ସାଇବର ଥାନା ପୁଲିସ ଗିରଫ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ କିଛି ଘରୋଇ ବ୍ୟାଙ୍କ ସହ ସମ୍ପୃକ୍ତି ରହିଥିବା ସୂଚନା ମିଳିଛି। ବିଭିନ୍ନ ବ୍ୟାଙ୍କରେ ୧୧ ଶହ ଏକାଉଣ୍ଟ୍ ଖୋଲି ଅନଲାଇନ ଜରିଆରେ ଲକ୍ଷଲକ୍ଷ ଟଙ୍କା ଠକୁଥିବା ଗିରଫ ଏହି ୪ ଜଣ ସାଇବର ଠକଙ୍କ ମଧ୍ୟରୁ ତିନି ଜଣଦୁଇଟି ଘରୋଇ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଏବଂ ଇଣ୍ଡସିଇଣ୍ଡ ବ୍ୟାଙ୍କର କର୍ମଚାରୀ ଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅଜୟ କୁମାର ସା, ବ୍ୟାଙ୍କ କର୍ମଚାରୀ ହିମାଂଶୁ କୁମାର ସ୍ୱାଇଁ, ଶିବଶଙ୍କର ପଟ୍ଟନାୟକ ଓ ପ୍ରଭଞ୍ଜନ ନାୟକ। ଗିରଫ ସାଇବର ଠକମାନେ ଦେଶର ବିଭିନ୍ନ ସ୍ଥାନରେ ବ୍ୟାଙ୍କ ଆକାଉଣ୍ଟ୍ ଖୋଲିବା ପରେ ପାସବୁକ, ଏଟିଏମ୍‌କାର୍ଡ ଓ ମୋବାଇଲ ସିମ୍‌କାର୍ଡ ନିଜ ପାଖରେ ରଖି ସାଇବର ଠକେଇ କରୁଥିଲେ ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧୨ଟି ଏଟିଏମ୍ କାର୍ଡ, ବ୍ୟାଙ୍କ ପାସବୁକ, ୪ଟି ମୋବାଇଲ ଫୋନ ଓ ଏକ ହଜାରରୁ ଅଧିକ ବିଭିନ୍ନ ଡକ୍ୟୁମେଣ୍ଟ ଜବତ କରାଯାଇଛି। ବେକାର ଯୁବକ, ଗ୍ରାମାଞ୍ଚଳର ନୀରିହ ଲୋକ ବୃଦ୍ଧ ବୃଦ୍ଧାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ୍ ଖୋଲି ଠକେଇ କରୁଥିଲେ। ଗିରଫ ସାଇବର ଠକମାନେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ରାୟପୁର, ଛତିଶଗଡ଼, କଲିକତା ସହିତ ଦେଶର ବିଭିନ୍ନ ସ୍ଥାନରେ ଠକେଇ ଘଟଣାରେ ସମ୍ପୃକ୍ତ ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଦୁଇ ମାସରେ ୮୦୦ରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ୍ ଖୋଲି ସାଇବର ଠକେଇ କରିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ଏ ନେଇ ରାଉରକେଲା ପୁଲିସ ଜିଲ୍ଲା ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇ କହିଲେ ବ୍ୟାଙ୍କ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଏହା ହେଉଛି ଦ୍ୱିତୀୟ ସାଇବର ଅପରାଧ। ଅସାଧୁ ଘରୋଇ ବ୍ୟାଙ୍କ କର୍ମଚାରୀମାନେ ବିଭିନ୍ନ ସହରର ନିରୀହ ଯୁବକଙ୍କୁ ଟାର୍ଗେଟ କରି ବିଭିନ୍ନ ପ୍ରଲୋଭନ ମାଧ୍ୟମରେ ସେମାନଙ୍କ ଆଧାର, ପାନ୍, ପରିଚୟ ପତ୍ର ହାତେଇବା ପରେ ସେମାନଙ୍କ ନାମରେ ଉକ୍ତ ଘରୋଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ସାଇବର ଅପରାଧୀମାନଙ୍କୁ ଏହି ଆକାଉଣ୍ଟଗୁଡ଼ିକୁ ଭଡ଼ାରେ ଦେଉଥିଲେ କିମ୍ବା ବିକ୍ରି କରି ଦେଉଥିଲେ। ଏହାପରେ ସାଇବର ଅପରାଧିମାନେ ଏହି ଆକାଉଣ୍ଟଗୁଡ଼ିକୁ ସାଇବର ଅପରାଧରେ ନିର୍ବିଘ୍ନରେ ବ୍ୟବହାର କରୁଥିଲେ। ସାଇବର ଠକେଇର ଶୀକାର ହେଉଥିବା ବ୍ୟକ୍ତିଙ୍କ ସହ ଏହି ଆକାଉଣ୍ଟରେ ଓଟିପି ଦିଆନିଆ, ମନି ଟ୍ରାଞ୍ଜାକ୍ସନ ଆଦି କରୁଥିଲେ। ଏପରିକି ସାଇବର ଅପରାଧରୁ ଉପାର୍ଜିତ ସମସ୍ତ ଅର୍ଥକୁ ଏହି ଆକାଉଣ୍ଟଗୁଡିକରେ ଜମା କରି ପୁନର୍ବାର ତାକୁ ଉଠାଇ ନେଉଥିଲେ। ଏହାସହ କେୱାଇସି ଦରକାର ପଡ଼ିଲେ ଉପରୋକ୍ତ ବ୍ୟାଙ୍କ କର୍ମଚାରୀମାନେ ଏହାକୁ ବିନା ଯାଞ୍ଚରେ କେୱାଇସି କରି ଦେଉଥିଲେ। ଯାହା ଫଳରେ ଅର୍ଥ ଟ୍ରାଞ୍ଜାକ୍ସନ କରିବାରେ କୌଣସି ଅସୁବିଧା ହୋଇ ନ ଥାଏ। ଫଳରେ ସେମାନେ ନିର୍ବିଘ୍ନରେ ଗୋଟିଏ ପରେ ଗୋଟିଏ ସାଇବର ଅପରାଧ କରି ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରୁଥିଲେ ବୋଲି ଏସପି ଶ୍ରୀ ୱାଧୱାନୀ କହିଛନ୍ତି। କେବଳ ସେତିକି ନୁହେଁ ସାଇବର ଅପରାଧିମାନେ ଏହି ଆକାଉଣ୍ଟଗୁଡିକୁ ଷ୍ଟକ ମାର୍କେଟ, ଆଇପିଏଲ, ଅନଲାଇନ ଜୁଆ, ଲଟେରି ଉଠିଥିବା ନାମ, ମୋବାଇଲ ଟାୱାର ବସାଇବା, ଡିଜିଟାଲ ଆରେଷ୍ଟ, ଏଟିଏମ କାର୍ଡ ଲକ୍ ହୋଇଥିବା, ଋଣ ଦେବା ନାମରେ ସାଇବର ଠକମାନେ କରୁଥିବା ଠକେଇ ଟଙ୍କା ବ୍ୟାଙ୍କ ଏକାଉଣ୍ଟ୍ କୁ ଆସିବା ପରେ ଲକ୍ଷଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ଏହି ସାଇବର ଠକେଇ ଘଟଣାରେ ଆଉ କିଛି ବ୍ୟାଙ୍କ କର୍ମଚାରୀ ଓ ସାଇବର ଠକ ସମ୍ପୃକ୍ତ ଥିବାରୁ ସେମାନଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏହାସହ ଗିରଫ ଅଭିଯୁକ୍ତ ମାନେ ୪ ହଜାରରୁ ଅଧିକ ସାଇବର ଠକେଇ ଘଟଣାରେ ସମ୍ପୃକ୍ତ ଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ ଯେ ଏହି ଗ୍ୟାଙ୍ଗ୍‌ର ଭାରତ ଏବଂ ବିଦେଶରେ ବଡ଼ ଧରଣର ସାଇବର ଅପରାଧ ଏବଂ ମନିଲଣ୍ଡରିଂ କାର୍ଯ୍ୟକୁ ସହଜ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ନିରୀହ ଲୋକଙ୍କ ନାମରେ ଉକ୍ତ ଘରୋଇ ବ୍ୟାଙ୍କରେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟଗୁଡିକୁ ବ୍ୟବହାର କରନ୍ତି। ଆହୁରି ମଧ୍ୟ ଏହି ଗ୍ୟାଙ୍ଗ ଜେଲରେ ଥିବା ବେକାର ଯୁବକ ଏବଂ ଛୋଟ ଛୋଟ ଅପରାଧୀଙ୍କୁ ବିଭିନ୍ନ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟ, ସକ୍ରିୟ ସିମ୍ କାର୍ଡ ଏବଂ ପରିଚୟପତ୍ର ଯୋଗାଡ କରିବାକୁ ନିୟୋଜିତ କରିଥାନ୍ତି। ସେମାନେ ପ୍ରାୟତଃ ଜାଲ କାଗଜପତ୍ର ଏବଂ ପରିଚୟ ବ୍ୟବହାର କରୁଥିଲେ। ଅଧିକାଂଶ ଆକାଉଣ୍ଟ କେୱାଇସି ମାନଦଣ୍ଡକୁ ଏଡାଇ ବ୍ୟାଙ୍କ କର୍ମଚାରୀଙ୍କ ନୀରବ ଅନୁମୋଦନ ଏବଂ ସହଯୋଗରେ ଖୋଲାଯାଇଥିଲା। ସେମାନେ ରାଉରକେଲା ଏବଂ ଏହାର ଆଖପାଖରେ କାର୍ଯ୍ୟ କରୁଥିଲେ ଏବଂ ତା'ପରେ ଏହି ସକ୍ରିୟ ଆକାଉଣ୍ଟଗୁଡ଼ିକୁ ବିହାର, ରାୟପୁର, ଝାଡ଼ଖଣ୍ଡ, ଛତିଶଗଡ଼, କଲିକତା ଇତ୍ୟାଦି ବିଭିନ୍ନ ରାଜ୍ୟକୁ ପଠାଇଥିଲେ ଯାହାର କିଛି ଆନ୍ତର୍ଜାତୀୟ ଲିଙ୍କ୍ ସହିତ ତଦନ୍ତ ଚାଲିଛି। ଏହି ଆକାଉଣ୍ଟଗୁଡ଼ିକୁ ପ୍ରତି ଆକାଉଣ୍ଟ ପାଇଁ ୮ରୁ ୧୦ ହଜାର ଟଙ୍କାରେ ଭଡ଼ା ଦିଆଯାଇଥିଲା କିମ୍ବା ବିକ୍ରି କରାଯାଇଥିଲା, ବୋଲି ଏସପି ଶ୍ରୀ ୱାଧୱାନୀ ସୂଚନା ଦେଇଛନ୍ତି। ରାଉରକେଲା ସାଇବର ଥାନା ଡିଏସପି ସେରୋଫିନା ସେସ୍ ଏବଂ ଇନ୍ସପେକ୍ଟର ଏସ୍. କେ. ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ତଦନ୍ତ କରାଯାଇ ୪ ସାଇବର ଅପରାଧିଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଏହା ସହିତ ସମଗ୍ର ଭାରତରେ ସାଇବର ଅପରାଧରେ ଏହି ଆକାଉଣ୍ଟଗୁଡ଼ିକର ସମ୍ପୃକ୍ତି ହେଉଛି ଏହି ବର୍ଷ ରାଉରକେଲାରେ ପଞ୍ଜିକୃତ ହୋଇଥିବା ତୃତୀୟ ମୁଲ୍ ବ୍ୟାଙ୍କ ଆକାଉଣ୍ଟ ମାମଲା। ଏହିବର୍ଷ ୬୦ ରୁ ଅଧିକ ସାଇବର ଅପରାଧୀଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

## ସରସରାରେ ହାତୀ ଉପଦ୍ରବ



**ରାଉରକେଲା, ୩୦।୧୧(ସମିସ):** ଜିଲ୍ଲା ବଣାଇଁ ଫରେଷ୍ଟ ରେଞ୍ଜର ସରସରା ସେକ୍ସନ ଏବଂ ଧରଣୀଧରପାଲି ସେକ୍ସନରେ ଏକ ୯ ଟିକିଆ ହାତୀ ପଲଙ୍କ ଆତଙ୍କ ଯୋଗୁଁ ୫/୬ ଟି ଗ୍ରାମର ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। କିଛି ଦିନ ତଳେ ସରାସରା ସେକ୍ସନ ଗୋଡ଼ାପୋଠ ଜଙ୍ଗଲରେ ଜଣେ ଗ୍ରାମବାସୀଙ୍କୁ ହାତୀ ମାରି ଦେଇଥିଲା। ଜଣେ ୧୨ବର୍ଷର ବାଳକ ମଧ୍ୟ ଗୁରୁତର ଆହତ ହୋଇଥିଲା। ଗତକାଲି ରାତିରେ ଏହି ୯ ଟିକିଆ ହାତୀ ପଲ ଝାରବେଡ଼ା, ଶିବନାଥପୁର, ମୃଷା ପୋଷ, ଘଟପୋଷ ଅଞ୍ଚଳରେ ପଶି ପାଚିଲା ଧାନ ଫସଲ ଖାଇ ନଷ୍ଟ କରି ଦେଇଥିଲେ। ହାତୀପଲଙ୍କୁ ଦେଖି ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଥିଲେ। ଅମଳ ସମୟରେ ହାତୀ ଦଳ ଫସଲ ନଷ୍ଟ କରି ଦେଉ ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ବନ ବିଭାଗ ରାତିରେ ହାତୀ ଘଉଡ଼ାଇବାକୁ ଚେଷ୍ଟା କରୁ ଥିବା ବେଳେ ହାତୀ ପାଲଟା ଆକ୍ରମଣ କରୁଛି। ଦଳରେ ଥିବା ଛୁଆ ହାତୀକୁ ସୁରକ୍ଷା ଦେବା ଲାଗି ହାତୀ ବନ ବିଭାଗ କର୍ମଚରୀଙ୍କୁ ଗୋଡ଼ାଉଥିବା ଜଣାପଡ଼ିଛି।

## ଆର୍‌ଏସ୍‌ପିର ସିଏସ୍‌ଆର୍ ବିଭାଗ ପକ୍ଷରୁ ଗ୍ରାମୀଣ ମହିଳାଙ୍କ ଜୀବିକା ତାଲିମ ଶିବିର



**ରାଉରକେଲା, ୩୦।୧୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର ସିଏସଆର ପଦକ୍ଷେପ, ଲିଡ୍ସରାଞ୍ଚି ସହଯୋଗରେ, କନ୍ଥା ସିଲେଇ ଏବଂ କପଡ଼ା କାରିଗରୀରେ ତିନି ମାସିଆ ଜୀବିକା ନିର୍ବାହ ତାଲିମ କାର୍ଯ୍ୟକ୍ରମର ଦ୍ୱିତୀୟ ବ୍ୟାଚ୍ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ନୂଆଗାଁ ଗାଁର ୨୦ ଜଣ ବଞ୍ଚିତ ଶ୍ରେଣୀର ମହିଳା ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମ ଉଦ୍‌ଘାଟନୀ ସମାରୋହର ଆରଏସପିର ସହରସେବା ଓ ସିଏସଆର ବିଭାଗର ସିଜିଏମ ଟିଜି କାନେକର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୁନ୍ଦରଗଡ଼ର ନୂଆଗାଁର ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ ଏବଂ ନୂଆଗାଁର ବିଡିଓ ଜ୍ୟୋତି ବିକାଶ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସିଏସଆର ବିଭାଗର ଜିଏମ ଇନଚାର୍ଜ ମୁନମୁନ ମିତ୍ର, ଲିଡ୍ସର ନିର୍ଦ୍ଦେଶକ ଏକେ ସିଂହଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏକେ ସିଂହ ସମାବେଶକୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଆରଏସପିର ସିଏସଆର ଅତିରିକ୍ତ ମହିଳାମାନଙ୍କୁ ତାଲିମ ଦେବା ଏବଂ ହସ୍ତଶିଳ୍ପ ଆଧାରିତ କ୍ଷୁଦ୍ର ଉଦ୍ୟୋଗଗୁଡିକୁ ସୁଦୃଢ଼ କରିବା ପାଇଁ ସମାନ କ୍ଲଷ୍ଟରରେ ପ୍ରକଳ୍ପକୁ ବିସ୍ତାର କରିଛି। ଗ୍ରାମୀଣ ମହିଳାମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା, ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ସହିତ ସମ୍ପ୍ରଦାୟ ବିକାଶକୁ ପ୍ରୋତ୍ସାହିତ କରିବା ସେଲ ଆରଏସ୍‌ପିର ସିଏସଆର ବିଭାଗର ଲକ୍ଷ୍ୟ ରହିଛି। ତିନି ମାସର ପାଠ୍ୟକ୍ରମ ମଧ୍ୟରେ, କନ୍ଥା ସିଲାଇର ମାଷ୍ଟର ଟ୍ରେନର ଏବଂ କପଡ଼ା ଚିତ୍ରକଳା ବିଷୟରେ ତାଲିମ ପ୍ରଦାନ କରିବେ। ଏହା ମହିଳାମାନଙ୍କୁ ବଜାରରେ ବିକ୍ରୟ ଯୋଗ୍ୟ ଜିନିଷ ଉତ୍ପାଦନ କରିବାକୁ ସକ୍ଷମ କରାଇବ। ତୃତୀୟ ମାସରୁ ଏହି ଉତ୍ପାଦଗୁଡିକୁ ବିକ୍ରୟ ପାଇଁ ବଜାର ଦୋକାନ ସହିତ ମଧ୍ୟ ସଂଯୋଗ କରାଯିବ। ମୌଳିକ ଶିକ୍ଷା ଏବଂ ପୂର୍ବ ଚିତ୍ରାଙ୍କନ ଦକ୍ଷତା ଥିବା ବିପିଏଲ ପରିବାରରୁ ୧୫ରୁ ୪୫ ବର୍ଷ ବୟସର ମହିଳାମାନେ ଏହି ତାଲିମ ପାଇଁ ମନୋନୀତ ହୋଇଛନ୍ତି।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ମହିଳାଙ୍କୁ ଶୀତକାଳୀନ ସହାୟତା



**ରାଉରକେଲା, ୩୦।୧୧(ସମିସ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶା ପକ୍ଷରୁ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାଙ୍କୁ ଶୀତରୁ ରକ୍ଷା ଦେବା ପାଇଁ କମ୍ବଳ ବଣ୍ଟନ କରାଯାଇଛି। ଜାମଖାନୀ, ଘୋଘରପଲ୍ଲୀ ଏବଂ କୁରାଲୋଇ ଗାଁର ୩୦୦୦ରୁ ଅଧିକ ମହିଳାଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ଯେଉଁଥିରେ ବୟସ୍କ ବ୍ୟକ୍ତି, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳା, ଏସଏଚଜି ସଦସ୍ୟ, ମହିଳା ନେତୃତ୍ୱାଧୀନ ପରିବାର ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନେ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ। ଶୀତ ଋତୁରେ ଅଧିକ ଲୋକଙ୍କୁ ସହାୟତାର ହାତ ବଢ଼ାଇବା ପାଇଁ କମ୍ପାନୀ ଏହି କାର୍ଯ୍ୟକ୍ରମକୁ ବିସ୍ତାର କରି ଆଗକୁ ମଧ୍ୟ ଜାରି ରଖିବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମକୁ କୁରାଲୋଇ ପଞ୍ଚାୟତ ସରପଞ୍ଚ ସନାତନ ନାୟକ, ପିପିଲିମଲ ପଞ୍ଚାୟତ ସରପଞ୍ଚ ରଙ୍ଗାଧର ଦିଲ୍ଲା ଏବଂ ଘୋଘରପାଲି ପଞ୍ଚାୟତ ସମିତି ସଦସ୍ୟ ମାଧବ ବାରିକ୍ ଉଦ୍‌ଘାଟନ କରିଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି ଦ୍ୱାରା ମୋବାଇଲ୍ ଡେମୋ ଭ୍ୟାନ୍ ଜରିଆରେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ରାଉରକେଲା, ୩୦।୧୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ଅଭିନବ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ସହିତ ସଜ୍ଜିତ ଏକ ସ୍ୱତନ୍ତ୍ର ଡିଜାଇନର 'ମୋବାଇଲ୍ ଡେମୋ ଭ୍ୟାନ୍' ଜରିଆରେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ସେବା ବିଭାଗର ସିଜିଏମ ଇନଚାର୍ଜ ଆତିଶ ଚନ୍ଦ୍ର ସରକାର, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର, ସୁରକ୍ଷା ଜିନିୟରିଂ ବିଭାଗର ଜିଏମ ଅବକାଶ ବେହେରାଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। କାରଖାନାର ଅନ୍ୟ ବହୁ ସିଜିଏମ ତଥା ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀ ପଲାଇ କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ମଧ୍ୟରେ ପିପିଇର ସଠିକ୍ ବ୍ୟବହାର ବିଷୟରେ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଆରଏସପିର ଶୂନ୍ୟ କ୍ଷତି ଲକ୍ଷ୍ୟ ହାସଲ ଦିଗରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଠିକା ଶ୍ରମିକମାନେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗରେ ଅବସ୍ଥିତ 'ମୋବାଇଲ୍ ଡେମୋ ଭ୍ୟାନ୍' ପରିଦର୍ଶନ କରିଥିଲେ। ଏଥିରେ ପତନ ସୁରକ୍ଷା ଉପକରଣ ଏବଂ ସ୍ଥିରରେଖା ପ୍ରଣାଳୀ (ଭୂଲମ୍ବ ଏବଂ ଭୂସମାନ୍ତର ରେଖା), ମସ୍ତକ ସୁରକ୍ଷା, ଅଭିନବ ପଦ ସୁରକ୍ଷା ଉତ୍ପାଦ, ସୁରକ୍ଷା ଚଷମା, ଶ୍ରବଣ ସୁରକ୍ଷା, ହାତ ସୁରକ୍ଷାର ବିସ୍ତୃତ ବ୍ୟବସ୍ଥା, କଭରଅଲ୍ ଶରୀର ସୁରକ୍ଷା, ଶ୍ୱାସକ୍ରିୟା ସୁରକ୍ଷା (ଜୈବ ବାଷ୍ପ ମାସ୍କ), ଜରୁରୀକାଳୀନ ନିଷ୍କାସନ ଏବଂ ଆତ୍ମ ଉଦ୍ଧାର ପ୍ରଣାଳୀ, ସୀମିତ ସ୍ଥାନ ପ୍ରବେଶ ଏବଂ ପ୍ରସ୍ଥାନ ସମାଧାନ (ଡେଭିଟ୍ ଆର୍ମ) ଭଳି ଆହୁରି ଅନେକ ସୁରକ୍ଷା ଉତ୍ପାଦର ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ଉନ୍ନତ ସୁରକ୍ଷା ସମାଧାନକୁ ବ୍ୟାଖ୍ୟା କରିବା ସହିତ ପରିଦର୍ଶକଙ୍କ ପ୍ରଶ୍ନର ଉତ୍ତର ତଥା ସମସ୍ୟା ସମାଧାନ କରିବା ପାଇଁ ବିଶେଷଜ୍ଞ ଏବଂ ସୁରକ୍ଷା କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଇଡି ଉତ୍କର୍ଷତା ପୁରସ୍କାର ପ୍ରତିଯୋଗିତା


**ରାଉରକେଲା, ୩୦।୧୧(ସମିସ):** ରାଉକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ଇଡି (କାର୍ଯ୍ୟ) ଦକ୍ଷତା ପୁରସ୍କାର ପାଇଁ ଦକ୍ଷତା ପରୀକ୍ଷା ଆରମ୍ଭ ହୋଇଥିଲା। ଏହି ପ୍ରତିଯୋଗୀତାକୁ ଏସ୍.ଏସ୍ ରାୟ ଚୌଧୁରୀ, ଏଚ୍‌ଆର-ଏଲଆଣ୍ଡ ଡି ବିଭାଗର ସିଜିଏମ ପି.କେ ସାହୁ ଏବଂ ମେକାନିକାଲ ବିଭାଗର ସିଜିଏମ ଡି.କେ ପାଲୋଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କାରଖାନାର ବହୁ ବରିଷ୍ଠ ଅଧିକାରୀ, ବୈଷୟିକ କମିଟି ସଦସ୍ୟ ଏବଂ ଏଲଆଣ୍ଡଡି ସେଣ୍ଟରର ବିଭିନ୍ନ ଟ୍ରେଡ ପ୍ରଶିକ୍ଷକମାନେ ଉପସ୍ଥିତ ଥିଲେ। ଉକ୍ତ ପ୍ରତିଯୋଗିତା ନିମନ୍ତେ ଚଳିତବର୍ଷ ସମୁଦାୟ ୮ଟି ଟ୍ରେଡ୍ ପ୍ରାୟ ୨୦୦ ଆବେଦନକାରୀ ପ୍ରତିଯୋଗିତା ପାଇଁ ଆବେଦନ କରିଛନ୍ତି। ଏହି ଅବସରରେ ନିଜର ଅଭିଭାଷଣରେ ଶ୍ରୀ ରାୟ ଚୌଧୁରୀ ଏହି ପ୍ରତିଯୋଗିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଯାହା ବ୍ୟକ୍ତିବିଶେଷଙ୍କ ଅଭିଜ୍ଞତାକୁ ସ୍ୱୀକୃତି ଦେବା ସହିତ ଜାତୀୟ ସ୍ତରରେ କମ୍ପାନୀ ପାଇଁ ଗୌରବ ଆଣିବା ପାଇଁ ଉତ୍ତମ ଦକ୍ଷତା ପ୍ରଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି ପ୍ରତିଯୋଗୀତା ପାଇଁ ବିଭିନ୍ନ ଟ୍ରେଡ୍‌ଗୁଡ଼ିକ ମଧ୍ୟରେ ଟର୍ନର, ଫିଟର, ହାଇଡ୍ରୋଲିକ୍ସ ଟେକ୍ନିସିଆନ୍, ୱେଲ୍ଡର, ଇଲେକ୍ଟ୍ରିସିଆନ୍, ଇଲେକ୍ଟ୍ରୋନିକ୍ସ ମେକାନିକ୍, ସିଓପିଏ ଏବଂ ଇନ୍‌ଷ୍ଟ୍ରୁମେଣ୍ଟେସନ୍ ଅନ୍ତର୍ଭୁକ୍ତ ଥିଲା। ଏହି କାର୍ଯ୍ୟକ୍ରମକୁ ଏଲଆଣ୍ଡଡି ବିଭାଗର ସିନିୟର ମ୍ୟାନେଜର ଏଲ୍ ମାରାଣ୍ଡି, ସଂଯୋଜନା କରିଥିଲେ। ଉଲ୍ଲେଖନୀୟ ଯେ ଦକ୍ଷତାରେ ଉତ୍କର୍ଷତାକୁ ପ୍ରତ୍ସାହିତ କରିବା ସହିତ ଏହାକୁ ସ୍ୱୀକୃତି ଦେବା ଲକ୍ଷ୍ୟ ରେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ପୁରସ୍କାର ୨୦୧୧-୧୨ ମସିହାରେ ପ୍ରଚଳନ କରାଯାଇଥିଲା। ଏଥିସହିତ ବିଭିନ୍ନ ଟ୍ରେଡର ପ୍ରଥମ ସ୍ଥାନ ଅଧିକାରକାରୀଙ୍କୁ ସିଆଇଆଇ କାର୍ଯ୍ୟ-ଦକ୍ଷତା ପ୍ରତିଯୋଗିତାରେ ଆର୍‌ଏସପିକୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ କରାଯାଇଥାଏ।



**ସୁନ୍ଦରଗଡ଼ରେ ଗୃହରକ୍ଷୀ ପରୀକ୍ଷା ଆରମ୍ଭ**

## ୯ ୬୫୧ରୁ ବଛା ହେବେ ୨୦୧୮

ରାଉରକେଲା, ୩୦ ।୧୧(ସମିସ): ଗୃହରକ୍ଷୀ ପଦ ପାଇଁ ରବିବାର ସ୍ଥାନୀୟ ସଶସ୍ତ୍ର ପୁଲିସ ବାହିନୀ (ରିଜର୍ଭ) ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏସପି ଅମ୍ରିତପାଲ କୌରଙ୍କ ତତ୍ତ୍ୱାବଧାନରେ ଆଜି ଆୟୋଜିତ ଏହି ପରୀକ୍ଷାରେ ମୋଟ ୯୬୫୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୦୧୮ ଜଣ ହୋମଗାର୍ଡଙ୍କୁ ଚୟନ କରାଯିବ ବୋଲି ସୂଚନା ମିଳିଛି। ଜିଲ୍ଲାର ସୀମାନ୍ତ ବୀରମିତ୍ରପୁର, ରାଏବୋଗା, କୁତ୍ରା, ବଡ଼ଗାଁ, ଲେଫ୍ରିପଡ଼ା, ହେମଗିର ଅଞ୍ଚଳର ପରୀକ୍ଷାର୍ଥୀ ମାନେ ରହିଥିବା ସୂଚନା ମିଳିଛି।



## ୨ରୁ ଏକତ୍ର ପକ୍ଷରୁ ତୃତୀୟ ଇସ୍ପାତ ନାଟ୍ୟମହୋତ୍ସବ

**ରାଉରକେଲା, ୩୦।୧୧(ସମିସ):** ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ୨୭ଟି ନାଟ୍ୟାନୁଷ୍ଠାନକୁ ନେଇ ଗଠିତ 'ଏକତ୍ର' ଆୟୋଜନ କରିବାକୁ ଯାଉଛି ବିଶାଳ ନାଟ୍ୟମେଳା। ଏନେଇ ସେକ୍ଟର - ୬ ଇସ୍ପାତ ସରୋବରଠାରେ ଏକତ୍ର ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ରାଜୀବପାଣି ସୂଚନା ପ୍ରଦାନ କରି କହିଲେ ଯେ ଆସନ୍ତା ଡିସେମ୍ବର ମାସ ୨ ରୁ ୧୨ ପର୍ଯ୍ୟନ୍ତ ରାଉରକେଲାର ପ୍ରତିଷ୍ଠିତ ନାଟ୍ୟାନୁଷ୍ଠାନମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯିବ। ଆସନ୍ତା ୨ ତାରିଖ ଦିନ ନାଟ୍ୟାନୁଷ୍ଠାନ ଦ. ବିଲିଭର୍ସ ତରଫରୁ 'ଭକ୍ତର ଭଗବାନ', ୩ ତାରିଖ ଦିନ ନାଟ୍ୟାନୁଷ୍ଠାନ କୋଶଲ ନାଟକ ପରିଷଦ ତରଫରୁ 'ନାଟକ ଦେବତା', ୪ ତାରିଖ ଦିନ ନାଟ୍ୟାନୁଷ୍ଠାନ ସଂକଳ୍ପ ତରଫରୁ ନାଟକ 'ସଦ୍‌ଗତି', ନାଟ୍ୟାନୁଷ୍ଠାନ ସରନା ନବ ଯୁବକ ସଙ୍ଘର ନାଟକ 'ଚନ୍ଦ୍ରାଦିତ୍ୟ', ୫ ତାରିଖ ନାଟ୍ୟାନୁଷ୍ଠାନ ନାୟିକାର ନାଟକ 'ଅହି ସୁଲକ୍ଷଣୀ' ଏବଂ ନାଟ୍ୟାନୁଷ୍ଠାନ ଉପହାର ତରଫରୁ ନାଟକ 'ଶେଷ ଚିଠି', ୬ ତାରିଖ ଦିନ ନାଟ୍ୟାନୁଷ୍ଠାନ ମହୁମାଛି ତରଫରୁ ନାଟକ 'କାଞ୍ଚି ଅଭିଯାନ', ନାଟ୍ୟାନୁଷ୍ଠାନ ନଟରାଜ ନୃତ୍ୟ ପରିଷଦ ତରଫରୁ ନାଟକ 'ଅବ୍ୟକ୍ତ ଅନେକ', ୭ ତାରିଖ ଦିନ ନାଟ୍ୟାନୁଷ୍ଠାନ ଆମେ ନାଟୁଆ ତରଫରୁ ନାଟକ 'କିଛି ସତ କିଛି ମିଛ', ୮ ତାରିଖ ଦିନ ନାଟ୍ୟାନୁଷ୍ଠାନ ରଙ୍ଗମଞ୍ଚ ତରଫରୁ ନାଟକ 'ହନୁମାନ ପଇସା', ୯ ତାରିଖ ଦିନ ନାଟ୍ୟାନୁଷ୍ଠାନ ପଞ୍ଚତତ୍ତ୍ୱ ତରଫରୁ ନାଟକ 'ନାଗମଣ୍ଡଳ', ୧୦ ତାରିଖ ଦିନ ନାଟ୍ୟାନୁଷ୍ଠାନ ପ୍ରତିବିମ୍ବ ତରଫରୁ ନାଟକ 'ବ୍ରହ୍ମନାଦ', ୧୧ ତାତିଖ ଦିନ ନାଟ୍ୟାନୁଷ୍ଠାନ ପ୍ରୟାସ ତରଫରୁ ନାଟକ 'ସୂର୍ଯ୍ୟୋଦୟ ପୂର୍ବେ', ୧୨ ତାରିଖ ଦିନ ନାଟ୍ୟାନୁଷ୍ଠାନ ସ୍ୱସ୍ତି ଝଙ୍କାର ତରଫରୁ ନାଟକ ନିଜ ଠାରୁ ନିଜର ଦୂରତା ପରିବେଷଣ ହେବ। ଏହାସହ ସେହିଦିନ ଉଦ୍‌ଯାପନୀ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ପ୍ରତ୍ୟେହ ସନ୍ଧ୍ୟା ୬. ୧୫ମି ସମୟରେ ସେକ୍ଟର - ୧୯ ସ୍ଥିତ ସିଭିକ ସେଣ୍ଟର ଠାରେ ରାଉରକେଲାର ସମସ୍ତ ନାଟ୍ୟପ୍ରେମୀ ଓ ଜନସାଧାରଣ ମାନଙ୍କୁ ନିଃଶୁଳ୍କ ନାଟକ ଦେଖିବା ପାଇଁ ଏକତ୍ର ପକ୍ଷରୁ ନିବେଦନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଉପଦେଷ୍ଟା ଡା କୃପାସିନ୍ଧୁ ନାୟକ, ଉପସଭାପତି ଆଲୋକ ବୋଷ, ରମେଶ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ସମ୍ପାଦକ ପ୍ରସନ୍ନ ମହାନ୍ତି, ସୁଦେଶ ନାୟକ, ପ୍ରଦୀପ ନାୟକ, ପ୍ରଦୀପ ପଣ୍ଡା, ପ୍ରଜ୍ଞାନନ୍ଦ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଦିବଙ୍ଗତ ଅଭିନେତା ସୂର୍ଯ୍ୟରଶ୍ମି ଦାଶଙ୍କ ବିୟୋଗରେ ନୀରବ ପ୍ରାର୍ଥନା ସହ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା। କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ଆରଏସପି ମୁଖ୍ୟ ଆଲୋକ ବର୍ମା ଓ ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ ତଥା ଉଦଯାପନୀ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଓ ଆରଏସପି ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଅତିଥି ଭାବେ ଯୋଗଦେବେ। ପ୍ରଦୀପ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ନାଟ୍ୟାନୁଷ୍ଠାନର ଭାସ୍କର ମହାପାତ୍ର, ଅକ୍ଷୟ ଧଳ, ନରେନ ଦାସ, ଅକ୍ଷୟ ସାମଲ, କାଶୀନାଥ ପାତ୍ର, ପ୍ରଳୟ ଶତପଥୀ, ରବି ମହାଲିକ, ସୂର୍ଯ୍ୟକାନ୍ତ ସାହୁ, ପ୍ରବୀର ଜେନା, ପଞ୍ଚାନନ ପାତ୍ର, ସାଗର ମୁଣ୍ଡା, ସୁକାନ୍ତ ମହାପାତ୍ର, ଜୟନ୍ତ ମହାପାତ୍ର, ପ୍ରଫୁଲ୍ଲ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିପିୟୁଟି ସ୍ମାର୍ଟଇଣ୍ଡିଆ ହାକାଥନ୍ ଗ୍ରାଣ୍ଡ ଫାଇନାଲର ନୋଡାଲ୍ ସେଣ୍ଟର ଭାବେ ମନୋନୀତ

**ରାଉରକେଲା, ୩୦।୧୧(ସମିସ)**

ଆସନ୍ତା ଡିସେମ୍ବର ୮ ଓ ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସ୍ମାର୍ଟ ଇଣ୍ଡିଆ ହାକାଥନ-୨୦୨୫ ସଫ୍ଟୱେୟାର ସଂସ୍କରଣର ଗ୍ରାଣ୍ଡ ଫାଇନାଲ ପାଇଁ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଓଡ଼ିଶାକୁ ନୋଡାଲ୍ କେନ୍ଦ୍ର ଭାବରେ ମନୋନୀତ କରାଯାଇଥିବା ଜଣାପଡ଼ିଛି। ଏହାଦ୍ୱାରା ବିପିୟୁଟି ପୂର୍ବ ଭାରତର ୮ଟି ସମେତ ସମଗ୍ର ଭାରତର ୬୦ଟି ପ୍ରମୁଖ ପ୍ରତିଷ୍ଠାନର ସେହି ତାଲିକାରେ ସାମିଲ ହୋଇଛି, ଯାହାଙ୍କୁ ଏହି ପ୍ରତିଷ୍ଠିତ ଜାତୀୟ ନବସୃଜନ କାର୍ଯ୍ୟକ୍ରମ ଆୟୋଜନ କରିବାପାଇଁ ଦାୟିତ୍ୱ ଦିଆଯାଇଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟଙ୍କ ଇନୋଭେସନ୍ ସେଲ୍‌ଫ ଏବଂ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ, ନୂଆଦିଲ୍ଲୀ ଅଧୀନରେ ଆରମ୍ଭ ହୋଇଥିବା ସ୍ମାର୍ଟ ଇଣ୍ଡିଆ ହାକାଥନ ବିଶ୍ୱର ସର୍ବବୃହତ ମୁକ୍ତ ନବସୃଜନ ପ୍ଲାଟଫର୍ମ ମଧ୍ୟରୁ ଅନ୍ୟତମ, ଯାହା ଭାରତର ଯୁବପିଢ଼ିଙ୍କୁ ସେମାନଙ୍କର ସୃଜନଶୀଳତା ଏବଂ ସମସ୍ୟା ସମାଧାନ ଦକ୍ଷତା ପ୍ରଦର୍ଶନ କରିବାକୁ ସଶକ୍ତ କରୁଛି।

ସୂଚନାଯୋଗ୍ୟ ଯେ ଏକ ନୋଡାଲ୍ ସେଣ୍ଟର ଭାବରେ ବିପିୟୁଟିରେ ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, ଉତ୍ତର ପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ, ହରିୟାଣା, ଝାଡ଼ଖଣ୍ଡ, ତେଲେଙ୍ଗାନା ଏବଂ ପଞ୍ଜାବ ଇତ୍ୟାଦିଙ୍କୁ ମିଶାଇ ଭାରତର ୧୦ଟି ରାଜ୍ୟରୁ ୨୫ଟି ଫାଇନାଲିଷ୍ଟ ଦଳକୁ ଅଂଶଗ୍ରହଣ କରିବେ। ଡିଜିଟାଲ୍ ଶାସନ, ଶିକ୍ଷା, କୃଷି ଏବଂ ସାଇବର ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ନେଇ ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଚିହ୍ନଟ କରାଯାଇଥିବା ପାଞ୍ଚଟି ସମସ୍ୟାର ସମାଧାନ ଉପରେ ଏହି ଦଳଗୁଡ଼ିକ କାର୍ଯ୍ୟ କରିବେ। ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ ତିନୋଟି ସମସ୍ୟା ମଧ୍ୟରେ ଏକ ଏକୀକୃତ ଶିକ୍ଷା ଇଣ୍ଟରଫେସ୍ ବିକାଶ, ଐତିହାସିକ ତଥ୍ୟ ବିଶ୍ଳେଷଣ ଏବଂ ୟୁଜିସି ଏବଂ ଏଆଇସିଟିଇରେ ଶିକ୍ଷାନୁଷ୍ଠାନଗୁଡ଼ିକର ଅନୁମୋଦନ ପ୍ରକ୍ରିୟା ପାଇଁ କାର୍ଯ୍ୟଦକ୍ଷତା ସୂଚକ ସୃଷ୍ଟି କରିବା ପାଇଁ ଏକ କୃତ୍ରିମ ବୁଦ୍ଧିମତା ଆଧାରିତ ପ୍ରଣାଳୀ ଏବଂ ଉଚ୍ଚଶିକ୍ଷା ବିଭାଗର ବ୍ୟବସ୍ଥା, ନୀତି, ପ୍ରକଳ୍ପ, ନିୟମ ଏବଂ ଯୋଜନା ସମ୍ବଳିତ ବ୍ୟାପକ ଡାଟାବେସରୁ ସୂଚନା ସଂଗ୍ରହ ପାଇଁ ଏକ ବୁଦ୍ଧିମାନ ସମାଧାନ ଅନ୍ତର୍ଭୁକ୍ତ। ୩୨ ଘଣ୍ଟା ଧରି ଚାଲିବାକୁ ଥିବା ଏହି ହାକାଥନ୍‌ରେ ଅଂଶଗ୍ରହଣକାରୀ ଦଳମାନେ ପରାମର୍ଶଦାତା ଏବଂ ମୂଲ୍ୟାଙ୍କକଙ୍କ ମାର୍ଗଦର୍ଶନରେ ଚିହ୍ନିତ ସମସ୍ୟା ମାନଙ୍କର ସମାଧାନ ନିମନ୍ତେ ଅଭିନବ ପ୍ରୋଟୋଟାଇପ ଗୁଡିକ ଡିଜାଇନ୍ ଏବଂ ବିକଶିତ କରିବାରେ ନିୟୋଜିତ ହେବେ। ଏହି କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲ୍ ମୋଡରେ ଉଦ୍‌ଘାଟନ କରିବେ, ଯେଉଁଥିରେ ଶିକ୍ଷା ମନ୍ତ୍ରଣାଳୟ, ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ତଥା ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହିବେ। ଏହାବ୍ୟତୀତ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଜାତୀୟ କାର୍ଯ୍ୟକ୍ରମ ସମୟରେ ଫାଇନାଲିଷ୍ଟମାନଙ୍କୁ ସମ୍ବୋଧିତ କରିବେ ଏବଂ ଛାତ୍ର ନବସୃଜନକାରୀଙ୍କ ସହ ଭାବ ବିନିମୟ କରିବେ ବୋଲି ଆଶା କରାଯାଉଛି।

# ମନ୍ଦରଗିରି ନେଚର୍ ୱାକ୍ କାର୍ଯ୍ୟକ୍ରମ



**ଅନୁଗୋଳ, ୩୦।୧୧(ସମିସ)**

ସାମ୍ପ୍ରତିକ ସମୟର ସର୍ବବୃହତ ଆହ୍ୱାନକାରୀ ବିଶ୍ୱସ୍ତରୀୟ ସମସ୍ୟା ମଧ୍ୟରେ ପରିବେଶ ସଂକଟ ସବୁଠାରୁ ଆଗରେ। ଏ କଥାକୁ ସମସ୍ତ ଯୁବପିଢ଼ି ହୃଦବୋଧ କରିବା ଆବଶ୍ୟକ। ଯୁବପିଢ଼ି ପରିବେଶ ସଂକଟ ପ୍ରସଙ୍ଗ ସମ୍ବନ୍ଧରେ ଗମ୍ଭୀର ହେଲେ ସେମାନେ ପରିବେଶଧର୍ମୀ ହେବେ ଏବଂ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବେ। ଏହି ଉଦ୍ଦେଶ୍ୟ ନେଇ ଅନୁଗୋଳର ସାମାଜିକ ଅନୁଷ୍ଠାନ 'ସାଥୀ ପରିବାର' ପକ୍ଷରୁ 'ମନ୍ଦରଗିରି ନେଚର ୱାକ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ସିଦ୍ଧାର୍ଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରାମର୍ଶଦାତା ସୁଶାନ୍ତ ତ୍ରିପାଠୀ, ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନର ଅଧ୍ୟାପିକା ସ୍ୱପ୍ନା ମଞ୍ଜରୀ, ପ୍ରକୃତିପ୍ରେମୀ ବିଷ୍ଣୁପ୍ରିୟା ଦାସ, ଭାରତୀୟ ସେନାରେ କାର୍ଯ୍ୟରତ ହାସ୍ୟଜିତ୍ ସାହୁ, ଚନ୍ଦ୍ରବାହାଳ ଗ୍ରାମର ଜଙ୍ଗଲପ୍ରେମୀ ପ୍ରସନ୍ନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ବନ୍ତଲା ସେକେଣ୍ଡ ୟୁଥ ଆସୋସିଏସନର କର୍ମକର୍ତ୍ତାଙ୍କ ସମେତ ଅନୁଗୋଳ ସହର ଓ ଆଖପାଖ ଅଞ୍ଚଳର ଯୁବ ପ୍ରକୃତିପ୍ରେମୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ମନ୍ଦରଗିରି ପର୍ବତ ଚଢ଼ି ମନ୍ଦରଗିରିର ଐତିହ୍ୟ, ଔଷଧୀୟ ଉଦ୍ଭିଦ, ବିଭିନ୍ନ ବନ୍ୟପ୍ରାଣୀ, ପକ୍ଷୀବଂଶ ଏବଂ ମନ୍ଦରଗିରିର ଜୈବବିବିଧତା ସଂସ୍ପର୍ଶରେ ଆସିଥିଲେ। ଭବିଷ୍ୟତରେ ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ନିଜ ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସକୁ ଆପଣେଇବାକୁ ଆଗ୍ରହ ପ୍ରକାଶ କରିଥିଲେ। ମନ୍ଦରଗିରି ପରିଭ୍ରମଣ କରି ପରାମର୍ଶଦାତା ସୁଶାନ୍ତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମସ୍ତ ଛାତ୍ରଛାତ୍ରୀ ଏବଂ ଅତିଥି ନିଜ ପ୍ରକୃତି ସମ୍ବନ୍ଧୀୟ ଅଭିଜ୍ଞତା ବାଣ୍ଟିଥିଲେ। ଅନୁଗୋଳର ବିଭିନ୍ନ ପରିବେଶ ସମସ୍ୟା ସମ୍ବନ୍ଧରେ ଖୋଲା ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରକୃତି କବି ସୁବର୍ଣ୍ଣ ଦେହୁରୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ନିଜର ପ୍ରକୃତି ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ଦେବାଶିଷ ସାହୁ, ଗୁରୁଦେବ ସାହୁ, ପପୁନ ସାହୁ ଏବଂ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ବାଇକ ଆରୋହୀ ମୃତ

**ପାଲଲହଡ଼ା, ୩୦।୧୧(ସମିସ):** ରବିବାର ସନ୍ଧ୍ୟାରେ ୪୯ ନଂ ଜାତୀୟ ରାଜପଥର କାଇଁଶିରିପାଲି ଛକ ନିକଟରେ ଅଜଣା ଟ୍ରକ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ସାମନ୍ତସାହିର ରଞ୍ଜନ କୁମାର ବେହେରା ଓରଫ କାଳିଆ। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଦୀର୍ଘ ସମୟ ରାସ୍ତା ଅବରୋଧ କରିଥିଲେ। ପୁଲିସ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ପୁଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

## ଆଜି କିଶୋରନଗରରେ ଜନଶୁଣାଣି

**କିଶୋରନଗର, ୩୦।୧୧(ସମିସ):** କିଶୋରନଗର ବ୍ଲକ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ୧୦ଟାରେ ଅନୁଗୋଳ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏ ନେଇ ବିଡିଓ ସୁବ୍ରତ ବେହେରା ସୂଚନା ଦେଇଛନ୍ତି। ଶିବିରରେ ଜନସାଧାରଣଙ୍କ ସମସ୍ତ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରାଯିବ। ଶିବିରରେ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଶିକ୍ଷା, ସ୍ୱାସ୍ଥ୍ୟ, ସମାଜ ମଙ୍ଗଳ, ସାମାଜିକ ସୁରକ୍ଷା, ମହିଳା ଓ ଶିଶୁ ବିକାଶ, ଜଙ୍ଗଲ, ମତ୍ସ୍ୟ ଓ ପ୍ରାଣୀସମ୍ପଦ, କୃଷି, ଉଦ୍ୟାନ କୃଷି, ଆଦି ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ନିଜ ବିଭାଗ ଉପରେ ହେବାକୁ ଥିବା ଜନଶୁଣାଣିରେ ଅଂଶଗ୍ରହଣ କରିବେ।




### ତାଳଚେର ଜେସିଆଇର ସପ୍ତମ ସ୍ଥାପନା ଦିବସ

## ଅରୁଣ ମୋଦି ହେଲେ ନୂତନ ସଭାପତି



**ଅନୁଗୋଳ, ୩୦।୧୧(ସମିସ):** ଜୁନିଅର ଚାମ୍ବର ଇଣ୍ଟରନ୍ୟାସନାଲ ଜେସିଆଇ ତାଳଚେର ଶାଖାର ସପ୍ତମ ସ୍ଥାପନା ଦିବସ ପାଳିତ ହୋଇଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଉତ୍ସବରେ ନୂତନ ସଭାପତି ଅରୁଣ ମୋଦି ଶପଥ ଗ୍ରହଣ କରିଥିଲେ। ବିଦାୟୀ ସଭାପତି ମହେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜେସିଆଇ ଜୋନ ସଭାପତି ପ୍ରଣବ ଲାଠ, ଉପସଭାପତି ରୂପମ ଦାସ, ଉପଦେଷ୍ଟା ଡ. ରଶ୍ମିରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜସେବା ଦିଗରେ ଜେସିଆଇ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରକାଶ କରିଥିଲେ।

ଆଗାମୀ ଦିନରେ ସମାଜର ଅବହେଳିତ, ଗରିବ ଓ ଅସହାୟ ବ୍ୟକ୍ତିଙ୍କ ପ୍ରତି ସହଯୋଗ ବଜାୟ ରଖିବାକୁ ଅତିଥି ପରାମର୍ଶ ଦେଇଥିଲେ। ବିଦାୟୀ ସଭାପତି ମହେଶ ଅଗ୍ରୱାଲ ବିବରଣୀ ପାଠ କରିବା ସହ ବିଗତ ବର୍ଷରେ ଜେସିଆଇର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜୋନ ଉପସଭାପତି ରୂପମ୍ ଦାସ ନୂତନ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇବା ସହିତ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ତାଳଚେର ଶାଖାର ପ୍ରତିଷ୍ଠାତା ଆଶିଷ ଅଗ୍ରୱାଲ କର୍ମକର୍ତ୍ତାଙ୍କୁ ସଂଗଠିତ ହୋଇ ସମାଜ କଲ୍ୟାଣ ଦିଗରେ କାର୍ଯ୍ୟ କରିବା ପାଇଁ ଆଗେଇ ଆସିବାକୁ ମାର୍ଗଦର୍ଶନ କରିଥିଲେ। ଚଳିତ ବର୍ଷ ଜେସିଆଇ ପକ୍ଷରୁ ଚାରାରୋପଣ, ପାନୀୟ ଜଳ ପ୍ରକଳ୍ପ, ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଟ୍ରେନିଂ, ସ୍ୱାସ୍ଥ୍ୟସେବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ନୂତନ ସଭାପତି ଅରୁଣ ମୋଦି ସୂଚନା ଦେଇଥିଲେ। ଜେସିଆଇର ପ୍ରକଳ୍ପ ନିର୍ଦ୍ଦେଶକ ଆକାଶ ମୋଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାରୋହରେ ତାଳଚେର ଶାଖାର ପୂର୍ବତନ ସଭାପତି ରାକେଶ ଗୁପ୍ତା, ବାସୁଦେବ ସାହୁ, ଦୀପ୍ତିରଞ୍ଜନ ବିଶ୍ୱାଳ, ମନିଷ ଅଗ୍ରୱାଲ, କୁଶଳ ଅଗ୍ରୱାଲ, କୋଷାଧ୍ୟକ୍ଷ ଜିତେନ୍ଦ୍ର ଅଗ୍ରୱାଲ, ସୁଶୀଲ ସାହୁ, ଶୁଭ ଆଚାର୍ଯ୍ୟ, ହିତେଶ ଅଗ୍ରୱାଲ, ସୋବେନ ମିଶ୍ର, ଲିପିକା ମିଶ୍ର, ପଲ୍ଲବୀ ଅଗ୍ରୱାଲ, ତୃପ୍ତିମୟୀ ସାହୁ, ରୋଟାରୀ କ୍ଲବ ସମ୍ପାଦକ ଆଇନଜୀବୀ ହରେକୃଷ୍ଣ ପାତ୍ର, ସମାଜସେବୀ ବଜରଙ୍ଗ ଅଗ୍ରୱାଲ, ବରିଷ୍ଠ ଆଇନଜୀବୀ ଯଦୁମଣି ସାହୁଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ମାରୱାଡ଼ି ମହିଳା ସମିତି କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଏକଲ ଅଭିଯାନ ଓଡ଼ିଶାର ସାମ୍ବାଦିକ ସମ୍ମିଳନୀ



**ଅନୁଗୋଳ, ୩୦।୧୧(ସମିସ):** ଏକଲ ଅଭିଯାନ ଓଡ଼ିଶା ଆନୁକୂଲ୍ୟରେ ଆଗାମୀ ଡିସେମ୍ବର ୪ ତାରିଖ ଗୁରୁବାର ଏକଲ ସୁରତାଲ ଟିମର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସଂସ୍କାର ଶିକ୍ଷା ସଭାପତି ବିଜୟ କୁମାର ମୋଦୀ, ପୂର୍ବ ପ୍ରଭାଗ ଶିକ୍ଷା ପ୍ରଭାରୀ ସିଦ୍ଧାନାଥ ସାହୁ, ସମ୍ପାଦକ ଭୋଗଦେବ ପ୍ରଧାନ, ଗଣମାଧ୍ୟମ ସଂଯୋଜକ ଚନ୍ଦ୍ରକାନ୍ତ ଧଳ ସୂଚନା ଦେଇଛନ୍ତି। ଭୋଗଦେବ ପ୍ରଧାନ ଏକଲ ଅଭିଯାନ ସଂଗଠନର ସ୍ୱରୂପ ବର୍ଣ୍ଣନା କରିଥିଲେ। ସିଦ୍ଧନାଥ ସାହୁ ଏକଲ ଅଭିଯାନର ଲକ୍ଷ୍ୟ-ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବିଜୟ କୁମାର ମୋଦୀ ଏକଲ ସୁରତାଲ କାର୍ଯ୍ୟକ୍ରମ ଅନୁଗୋଳ ଜିଲ୍ଲାର ସଭାଘରେ କିଭଳି ସୁଚାରୁରୂପେ ହୋଇପାରିବ ସେ ନେଇ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଭାରତର କୋଣ ଅନୁକୋଣରୁ କାର୍ଯ୍ୟକର୍ତ୍ତା ସୁରତାଲ ଟିମ୍ ଦ୍ୱାରା ଭାରତୀୟ ସଂସ୍କୃତି ଓ ଦେଶଭକ୍ତି ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିବା 'ଭାରତ କେ ରଙ୍ଗ ଏକଲ କେ ସଙ୍ଗ' କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅନୁଗୋଳ ନଗରର ସମସ୍ତ ଲୋକ ଉପସ୍ଥିତ ରହି ଦେଖିବାକୁ ଆଗ୍ରହ ପ୍ରକାଶ କରାଯାଇଛି। ଶେଷରେ ଯୁବା ପ୍ରଭାରୀ ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଭିଯାନର ଖଗେଶ୍ୱର ଭୂତିଆ, ଲଡୁକେଶ୍ୱର ଅଗ୍ରୱାଲ, ସୁରେଶ ସାହା, ସୁକେଶ କୁମାର ବେହେରା ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କ୍ରିଷ୍ଣା ବିକାଶ ଟେକ୍ନୋ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

**ଅନୁଗୋଳ, ୩୦।୧୧(ସମିସ):** ସ୍ଥାନୀୟ କ୍ରିଷ୍ଣା ବିକାଶ ଟେକ୍ନୋ ସ୍କୁଲ ପରିସରରେ ବିଜ୍ଞାନ ପ୍ରଦର୍ଶନୀ ଓ ଟେଷ୍ଟ ଏକ୍ସପୋ-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସାନୁଜ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଦେବାଶିଷ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଅନୁଗୋଳ ସହାୟକ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଚେତନା, ନବଚିନ୍ତନ ଓ ଆବିଷ୍କାର ଚେତନା ବୃଦ୍ଧି କରିବା



ସହିତ ସହ ପାକକଳା ଓ ସ୍ୱାସ୍ଥ୍ୟକର ଖାଦ୍ୟ ଧାରଣାକୁ ପ୍ରୋତ୍ସାହନ ଯୋଗାଇଥିଲା। ପ୍ରଦର୍ଶନୀରେ ପରିବେଶ ସୁରକ୍ଷା, ରୋବୋଟିକ, ଜଳ ସଞ୍ଚୟ, ନବୀକରଣ ଶକ୍ତି, ଅଗ୍ନିଶମ ସୁରକ୍ଷା ଇତ୍ୟାଦି ବିଷୟ ଉପରେ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପ, ପ୍ରୟୋଗ ଓ ନବ ଧାରଣା ସ୍ଥାପିତ ଥିଲା। ପରେ ଫୁଡ୍ ଫେଷ୍ଟରେ ଓଡ଼ିଆ ପରମ୍ପରାଗତ ଖାଦ୍ୟରୁ ଆରମ୍ଭ କରି ବିଭିନ୍ନ ଆଧୁନିକ ପଦାର୍ଥ ପର୍ଯ୍ୟନ୍ତ ଆକର୍ଷଣୀୟ ଷ୍ଟଲ୍ ଥିଲା। ଛାତ୍ରଛାତ୍ରୀଙ୍କ ପ୍ରତିଭା, ଶିକ୍ଷକମାନଙ୍କ ପରିଶ୍ରମ ଓ ଅଭିଭାବକଙ୍କ ସହଯୋଗରେ ଏଭଳି କର୍ଯ୍ୟକ୍ରମ ସମ୍ଭବ ହୋଇପାରିଛି ଏବଂ ଆଗାମୀ ଦିନରେ ଏ ପ୍ରକାର ଆୟୋଜନକୁ ବିସ୍ତୃତ ଭାବେ କରାଯିବ ବୋଲି ପ୍ରଧାନଶିକ୍ଷକ ଶତପଥୀ ପ୍ରକାଶ କରିଥିଲେ।

## ଆର୍‌ଟିଓ ପକ୍ଷରୁ ଶୂନ୍ୟ ମୃତାହତ ପକ୍ଷ ପାଳନ

**ତାଳଚେର, ୩୦।୧୧(ସମିସ):** ତାଳଚେର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ପକ୍ଷରୁ ଶୂନ୍ୟ ମୃତାହତ ପକ୍ଷ ପାଳିତ ହେବା ସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ତାଳଚେର ପରିବହନ ଅଧିକାରୀ ନିଖିଲ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ପ୍ରତ୍ୟେକ ଜୀବନ ମୂଲ୍ୟବାନ, ଏହାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ସ୍ଲୋଗାନ ଦେଇ ତାଳଚେର ଜଗନ୍ନାଥ ମନ୍ଦିରଠାରୁ ବୋଲଣ୍ଡ ପର୍ଯ୍ୟନ୍ତ ଏକ ସଚେତନତା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ, ତାଳଚେର ସଡିପିଓ ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ।





# ପ୍ରଦୂଷଣ ଓ ରାସ୍ତାଘାଟ ସମସ୍ୟାରେ ଲୋକେ ଜର୍ଜରିତ

**ତାଳଚେର, ୩୦।୧୧(ସମିସ)**




ତାଳଚେରରେ ବର୍ଷବର୍ଷ ଧରି ପ୍ରଦୂଷଣ ଓ ରାସ୍ତାଘାଟ ସମସ୍ୟା ରହିଥିଲେ ସୁଦ୍ଧା ତାହାର ନିରାକରଣ ଅଦ୍ୟାବଧି ହୋଇ ନ ପାରିବା ଉଦବେଗର ବିଷୟ ପାଲଟିଛି। ତାଳଚେର ବ୍ଲକ ତାଳବେଡ଼ାଠାରୁ ଚାଇଁପାଳ ଦେଇ ବଅଁରପାଳ ଯାଇଥିବା ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ରାସ୍ତା ପାର୍ଶ୍ୱରେ ଥିବା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକେ ଦୀର୍ଘବର୍ଷ ହେବ ରାସ୍ତାରୁ ଉଡୁଥିବା ପ୍ରଚୁର କୋଇଲା ଗୁଣ୍ଡ ମିଶ୍ରିତ ଧୂଳିଧୂଆଁରେ ଅଣନିଃଶ୍ୱାସୀ ହେବା ସହ ଦୈନନ୍ଦିନ ଦୁର୍ଘଟଣାର ଶିକାର ହେବା ଘଟଣା ଅଞ୍ଚଳବାସୀଙ୍କୁ ବ୍ୟଥିତ କରୁଛି। ଏଠାରେ ପୂର୍ବରୁ ଅନୁଗୋଳ ଜିଲ୍ଲାପାଳ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧୂଳିଧୂଆଁ ଟ୍ରାଫିକ ବ୍ୟବସ୍ଥା ନେଇ ନୋ ଏଣ୍ଟ୍ରି ଓ ଭାରୀଯାନଗୁଡ଼ିକ ୨୦ କିମି ବେଗରେ ଯିବାରୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଲୋକଙ୍କୁ ସେହି ନୋ ଏଣ୍ଟ୍ରି ସମୟରେ ଯାତାୟାତ କରିବା ସୁବିଧା ହେଉଥିଲା। ମାତ୍ର ବର୍ତ୍ତମାନ ଏହାକୁ ହେୟଜ୍ଞାନ କରି ଟ୍ରକଗୁଡ଼ିକ ଦ୍ରୁତଗତିରେ ଜାତୀୟ ରାଜପଥରେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ତେଲ ପକାଇବା ତଥା ମରାମତି କରିବା ନାଁରେ ରାଜପଥ ପାର୍ଶ୍ୱରେ ମନଇଚ୍ଛା ପାର୍କିଂ କରିବା ଯୋଗୁଁ ରାସ୍ତା ସଙ୍କୁଚିତ ହୋଇ ଦୁର୍ଘଟଣା ବୃଦ୍ଧି ପାଉଛି। ଦୈନିକ ଶହ ଶହ ଟ୍ରକ ଯାତାୟାତ କରୁଥିବାରୁ ତାଳଚେର ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସାଙ୍ଗକୁ ୧୩ କିମି ରାସ୍ତା ଅତିକ୍ରମ କରିବାକୁ ୪ରୁ ୫ ଘଣ୍ଟା ଲାଗିଯାଉଛି। ବେଳେ ବେଳେ ଜରୁରୀ ସେବା ଯୋଗାଣକାରୀ ଗାଡ଼ି ଯଥା ଆମ୍ବୁଲାନ୍ସ, ଜନନୀ ଏକ୍ସପ୍ରେସ୍, ଦମକଳ ମଧ୍ୟ ରାସ୍ତାରେ ଯାଇ ନ ପାରି ଦୀର୍ଘ ସମୟ ଫସି ରହୁଥିବା ଲକ୍ଷ୍ୟ କରାଯାଉଛି।

ତାଳଚେର ଉପଖଣ୍ଡରେ ବିଭିନ୍ନ କୋଇଲାଖଣି, ଏନଟିପିସି, ଡେରେଙ୍ଗ ଜିନ୍ଦଲ ଆଦି ଶିଳ୍ପାନୁଷ୍ଠାନ ରହିଛି। ଏହି କୋଇଲା ଖଣି, ଏନଟିପିସି, ଜିନ୍ଦଲରୁ ହଜାର ହଜାର ସଂଖ୍ୟକ କୋଇଲା ଓ ପାଉଁଶ ବୋଝେଇ ଟ୍ରକ ଜାତୀୟ ରାଜପଥରେ ଚଳପ୍ରଚଳ କରିଥାନ୍ତି। ଫଳରେ ଟ୍ରକଗୁଡ଼ିକରେ ଆସୁଥିବା କୋଇଲା ଗୁଣ୍ଡ, ଧୂଳିଧୂଳିଆଁରେ ରାଜପଥ ସମ୍ପୂର୍ଣ୍ଣ ପ୍ରଦୂଷିତ ହେବା ସହ ଲୋକେ ଆକ୍ରାନ୍ତ ହୋଇପଡୁଛନ୍ତି। ସାଇକଲ ଓ ବାଇକ ଆରୋହୀ ଧୂଳିରେ ଅଣନିଃଶ୍ୱାସୀ ହେବା ସହ ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରିକି ରାସ୍ତା ପାର୍ଶ୍ୱରେ ତାଳବେଡ଼ା ଗ୍ରାମଠାରୁ ଆରମ୍ଭକରି ଚାଳକିଆକୁଟା, ତାଳଚେର କଲେଜ, ବାଇପାସ୍ ଛକ, ବହ୍ଲର, ଥର୍ମାଲ, ଆନନ୍ଦବଜାର, ଚାଇଁପାଳ ପର୍ଯ୍ୟନ୍ତ ଉଡୁଥିବା କୋଇଲା ଗୁଣ୍ଡ ଓ ଧୂଳି ଭାତହାଣ୍ଡିରେ ପଡୁଥିବା ଅଭିଯୋଗ ହୋଇଆସୁଛି। ଏହାର ପ୍ରତିକାର ନିମନ୍ତେ ଅଞ୍ଚଳବାସୀ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କୁ ଗୁହାରି କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ତାଳଚେର ଅଞ୍ଚଳରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିପୁଳ ରାଜସ୍ୱ ନେଉଥିଲେ ମଧ୍ୟ ବର୍ଷବର୍ଷ ଧରି ପ୍ରମୁଖ ସମସ୍ୟାଗୁଡ଼ିକ ଲାଗି ରହିଛି। ଜିଲ୍ଲା ଖଣିଜ ପାଣ୍ଠିରେ କୋଟିକୋଟି ଟଙ୍କା ପଡ଼ି ରହିଥିଲେ ମଧ୍ୟ ତାହାକୁ କାହିଁକି ସମସ୍ୟା ସମାଧାନ ଦିଗରେ ବିନିଯୋଗ କରାଯାଉନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।




KALINGA PACKERS
ESTD. 1982
Smart Packaging Solutions
Your Trusted Partner in Packaging Solutions
Leading manufacturer of Corrugated Cardboard & Mono Carton
State-of-the-art manufacturing facilities.
Quality-driven, eco-friendly, and cost-effective solutions.
Serving FMCG, Pharma, Food, Textile & more
Corrugated Boxes
Monocarton Boxes
Regd. Office
75, New Industrial Estate, Jagatpur, Cuttack - 754021 (Odisha)
Tel .: 0671-2491646 / Mob. : 8908283508
kalingapacker@yahoo.co.in | www.kalingapackers.com


ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା
ୟୁଏଲ୍ଏ ମଡେଲ
TPNODL
ଟିପି ନର୍ଦର୍ଣ୍ଣ ଓଡ଼ିଶା
ପ୍ରତି ବର୍ଷ ବିଦ୍ୟୁତ୍ ବିଲ୍ ରେ
₹୫,୦୦୦
ପର୍ଯ୍ୟନ୍ତ ସଞ୍ଚୟ କରନ୍ତୁ
ସୌର ପ୍ୟାନେଲ ସ୍ଥାପନ କରନ୍ତୁ,
ଆଜୀବନ ସଞ୍ଚୟ କରନ୍ତୁ !
୧ କିଲୋୱାଟ୍ ଘରୋଇ ଉପଭୋକ୍ତାଙ୍କ ପାଇଁ
₹୫,୦୦୦
ରେ ୧ କିଲୋୱାଟ ସୌର ପ୍ୟାନେଲ୍
ଅଧିକ ବିବରଣୀ ପାଇଁ ସ୍କାନ କରନ୍ତୁ
ଲାଭ ଉଠାନ୍ତୁ:
କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ₹୫୫,୦୦୦ ସବସିଡି
ନେଟ୍ ମିଟର ଦେୟ ମୁକ୍ତ । ସୋଲାର ମିଟର ମୂଲ୍ୟ ଅତିରିକ୍ତ ₹୩,୬୪୭
ଟିପିଏନ୍ଓଡିଏଲ୍ ବିଦ୍ୟୁତ୍ କାର୍ଯ୍ୟାଳୟ / ଗ୍ରାହକ ସେବା କେନ୍ଦ୍ରରେ ଯୋଗାଯୋଗ କରନ୍ତୁ
ଆବେଦନ କରନ୍ତୁ : www.tpnodl.com
୨୪/୭ ନିଃଶୁଳ୍କ ଗ୍ରାହକ ସେବା ନମ୍ବର : 1800-3456-718/1912
tpnodl.odisha | tpnodl.odisha | tpnodl_odisha | tpnodl_odisha | 77770 04759


www.vedantaaluminium.com
vedanta
transforming for good
ବେଦାନ୍ତ
ଓଡ଼ିଶା ସହ,
ଭାରତ ପାଇଁ
ଆଲୁମିନିୟମ,
ଭବିଷ୍ୟତର ଏକ ରଣନୈତିକ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଯାହା ମହାକାଶ ଅନୁସନ୍ଧାନ ରୁ ନେଇ ସ୍ୱଚ୍ଛ ଶକ୍ତି, ଭିତ୍ତିଭୂମି ଏବଂ ଜାତୀୟ ପ୍ରତିରକ୍ଷା ପର୍ଯ୍ୟନ୍ତ ଭବିଷ୍ୟତର ମୂଳଦୁଆ ନିର୍ମାଣ କରୁଛି ।
ଓଡ଼ିଶାର ବକ୍ସାଇଟ୍ ଭାରତର ଭବିଷ୍ୟତ ଗଠନ କରିବ ।
ଏହି ସମ୍ଭାବନାକୁ ପୂର୍ଣ୍ଣ ରୂପ ଦେବାରେ ବେଦାନ୍ତ, ସରକାରଙ୍କ ସହିତ ପ୍ରତିଶ୍ରୁତିବଦ୍ଧ ।
ଓଡ଼ିଶାର ରୂପାନ୍ତରଣ -
• ଝାରସୁଗୁଡାରେ ବାର୍ଷିକ 18 ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲ୍ଟର
• ବାର୍ଷିକ 30 ଲକ୍ଷ ଟନ୍ ଗ୍ରୀନଫିଲ୍ଡ ଇଣ୍ଟିଗ୍ରେଟେଡ୍ ଆଲୁମିନିୟମ୍ କମ୍ପ୍ଲେକ୍ସ ପାଇଁ 1 ଲକ୍ଷ କୋଟି ଟଙ୍କାର ନୂତନ ପୁଞ୍ଜିନିବେଶ
• ପ୍ରସ୍ତାବିତ ଆଲୁମିନିୟମ ପାର୍କରେ 500 ରୁ ଅଧିକ ଅନୁଗାମୀ ଶିଳ୍ପକୁ କଞ୍ଚାମାଲ ଏବଂ ବିଦ୍ୟୁତ୍ ଯୋଗାଣ
• ବାର୍ଷିକ 50 ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଏକ ଅତ୍ୟାଧୁନିକ ଆଲୁମିନା ରିଫାଇନାରୀ ମାଧ୍ୟମରେ କଳାହାଣ୍ଡିର ବିକାଶକୁ ସୁଦୃଢ଼ କରୁଛୁ
ଓଡ଼ିଶାରେ 1 ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ
ପ୍ରତିଷ୍ଠା ପରଠାରୁ ଓଡ଼ିଶାରେ 5 ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି
20,000 ରୁ ଅଧିକ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ସୁଯୋଗ ସୃଷ୍ଟି
ଦେଶ୍ କୀ ଜରୁରତୋ କେ ଲିୟେ


EVOS ALCHEMY
PATIA, RAGHUNATHPUR
evos
SPREADING LOVE
ODISHA'S TALLEST & LARGEST LANDMARK
Artistic Impression
*T&C apply
Luxurious 3, 3+S & 4+S Bedded Residences
₹1.95 Cr Onwards*
6.9 ACRE AREA | 4 TOWERS | 42/43 STOREYS | MORE THAN 70% OPEN SPACE
Raghunathpur, Nandankanan Road, Bhubaneswar
ORERA RP/19/2023/01077 | rera.odisha.gov.in
9776-099-997
www.evosalchemy.com

# ୧୭ରୁ ମୁରିବାହାଲ ବିରାଟ ଧନୁଯାତ୍ରା

**ମୁରିବାହାଲ, ୩୦।୧୧(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ ସପ୍ତମ ବର୍ଷ ବିରାଟ ଧନୁଯାତ୍ରା ମହୋତ୍ସବ ଚଳିତ ଡିସେମ୍ବର ୧୭ ତାରିଖଠାରୁ ୨୩ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଧନୁଯାତ୍ରା ପଡ଼ିଆରେ ମହାସମାରୋହରେ ଅନୁଷ୍ଠିତ ହେବ। ଏହି ୭ ଦିନ ବ୍ୟାପୀ ବିରାଟ ଧନୁଯାତ୍ରା ମହୋତ୍ସବରେ ମୁରିବାହାଲ ଗ୍ରାମ ମଥୁରାନଗରୀ ଓ ପାଖ ବନବାହାଲ ଗ୍ରାମ ଗୋପପୁର ପାଲଟିବ। ୧୭ ତାରିଖ ଉଦ୍‌ଘାଟନୀଠାରୁ ପ୍ରତ୍ୟହ ସନ୍ଧ୍ୟାରେ ମଥୁରା ନରେଶ ମହାରାଜ କଂସଙ୍କ ଦରବାର ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଅଞ୍ଚଳର ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏହି ଧନୁଯାତ୍ରାର ମହାରାଜ କଂସ ଭୂମିକାରେ ସବୁବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଲାଠୋରର ବରିଷ୍ଠ କଳାକାର ଆର୍ତ୍ତତ୍ରାଣ ସୁନାନୀ ଓ ତାଙ୍କ ସାଥୀମାନେ ବିଭିନ୍ନ ଭୂମିକାରେ ଅଭିନୟ କରିବେ। ଚଳିତ ବର୍ଷ ଆୟୋଜକ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି।

# ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




**ଖପ୍ରାଖୋଲ, ୩୦।୧୧(ସମିସ):** ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ହେଇଥିବା ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ସଭାପତି ପ୍ରଧାନ ଶିକ୍ଷକ ଇସପାଲ ସୁନାଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ ବିଆରସିସି ରୁଦ୍ରଦେବ ଷଡଙ୍ଗୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପରକ୍ଷିତ ବେହେରା ପ୍ରମୁଖ ଉପସ୍ଥିତ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଖୋଖୋ, କବାଡି, ଲମ୍ବଡିଆଁ, ଉଚ୍ଚ ଡିଆଁ, ବ୍ୟାଡମିଣ୍ଟନ ଆଦି ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ରୋଜୀ ମଲ୍ଲିକ ଓ ଶିକ୍ଷକ ସମୀରଦେବ ଚୌହାନ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ ଯୋଗ ଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିଆର୍‌ସିସି ରୁଦ୍ର ଦେବ ଷଡଙ୍ଗୀ, ଏବିଇଓ ମୀନକେତନ ବରିହା ପ୍ରମୁଖ ଉପସ୍ଥିତ ରହିଥିଲେ। ଶିକ୍ଷକ ଓମ୍ ପ୍ରକାଶ ମେହେର ମଞ୍ଚ ପରିଚାଳନା କରିଥିଲେ ଓ ଶିକ୍ଷକ ମୁରଲୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଷ୍ଟେଟ୍ ୟୁନିୟନ୍ ଅଫ ଜର୍ଣ୍ଣାଲିଷ୍ଟସ୍ ବଲାଙ୍ଗିର ଶାଖାର ପ୍ରାନ୍ତୀୟ ସମାବେଶ

**ବଲାଙ୍ଗିର, ୩୦।୧୧(ସମିସ)**




ସ୍ଥାନୀୟ ସାମ୍ବାଦିକ ଭବନରେ ଷ୍ଟେଟ୍ ୟୁନିୟନ୍ ଅଫ ଜର୍ଣ୍ଣାଲିଷ୍ଟସ (ଓଡ଼ିଶା), ବଲାଙ୍ଗିର ଶାଖାର ପ୍ରାନ୍ତୀୟ ସମାବେଶ ମହାସମାରୋହରେ ପାଳିତ ହୋଇଯାଇଛି। ସମାବେଶରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ଯୋଗ ଦେଇ ସମାଜରେ ସକାରାତ୍ମକ ପରିବର୍ତ୍ତନ ଦିଗରେ ସାମ୍ବାଦିକମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ବଲାଙ୍ଗିର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅରବିନ୍ଦ ଓଝା ଯୋଗଦେଇ ମୂଲ୍ୟବୋଧ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ସାମ୍ବାଦିକ ଏକତା, ସୁରକ୍ଷା, ପେନସନ ଓ ବୀମାରାଶି ବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସମ୍ପର୍କରେ ଅନେକ ତଥ୍ୟ ଉପସ୍ଥାପନା କରିଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ ସାଧାରଣ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ, ରାଜ୍ୟ ଯୋଗାଯୋଗ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶଶି ଭୂଷଣ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତ୍ତି ଚନ୍ଦ୍ର ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ ପାଢ଼ୀ, ରାଜ୍ୟ ଉପଦେଷ୍ଟା ଗୋପବନ୍ଧୁ ଶତପଥୀ, ରାଜ୍ୟ ଟ୍ରିବୁନାଲ ଅଧ୍ୟକ୍ଷ ସନ୍ତୋଷ ମିଶ୍ର ପ୍ରମୁଖ ଯୋଗ ଦେଇ ମୂଲ୍ୟବୋଧ ଭିତ୍ତିକ ସାମ୍ବାଦିକତା ଆଜିର ଆହ୍ୱାନ ହେବା ଉଚିତ ବୋଲି କହିଥିଲେ। ସାମ୍ବାଦିକଙ୍କ ସୁରକ୍ଷା ଓ ପେନସନ୍ ପାଇଁ ସରକାର ନୂତନ ଆଇନ ପ୍ରଣୟନ କରିବାକୁ ନିବେଦନ କରିଥିଲେ। ସାମ୍ବାଦିକମାନେ ସତ୍ୟ ଓ ନିର୍ଭିକ ହୋଇ ଖବର ପରିବେଷଣ କଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ ବୋଲି ବକ୍ତାମାନେ ମତ ଦେଇଥିଲେ। ଏହି ଅବସରରେ ଏସ୍‌ୟୁଜେର ନୂତନ ସଭ୍ୟ ସାମ୍ବାଦିକ ଚିତ୍ତରଞ୍ଜନ ମିଶ୍ରଙ୍କୁ ସ୍ୱାଗତ କରାଯାଇଥିଲା। ସାମ୍ବାଦିକ ବଳରାମ ମିଶ୍ର, ଚନ୍ଦ୍ରଭାନୁ ମୌଲାନା, ପ୍ରବୀଣ ପୁରୋହିତ, ରଶ୍ମିରଞ୍ଜନ ପଟ୍ଟନାୟକ, ଖବରକାଗଜ ବିତରକ ଜୟପ୍ରକାଶ ମଟାରୀ, ଡାକ୍ତର ବେଣୁଧର ପାଣ୍ଡେ, ଉଦ୍ୟୋଗୀ ମହିଳା ମୀରା ଦେବୀ କେଜରିୱାଲ ଓ ସୁଜାତା ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏସ୍‌ୟୁଜେ ବଲାଙ୍ଗୀର ଶାଖାର ସଭାପତି ଶରତ ମହାକୁର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ରାଜ୍ୟ ଉପ ସଭାପତି ମହେନ୍ଦ୍ର ଦର୍ଜି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏସ୍‌ୟୁଜେ ବଲାଙ୍ଗୀର ଶାଖାର ସାଧାରଣ ସମ୍ପାଦକ ରଘୁ ନନ୍ଦନ ସିଂହ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମହେନ୍ଦ୍ର ପଧାନ, ରାଜେଶ ପାଣିଗ୍ରାହୀ, ସୁଧୀର ମିଶ୍ର, ନିରୋଜ ମିଶ୍ର, ସତ୍ୟ ନାରାୟଣ(ବଣ୍ଟି) ମିଶ୍ର, ସନ୍ତୋଷ ଠାକୁର, ବିନୋଦ ଦୀପ, ମାନସୀ ମିଶ୍ର, ରାଧାକୃଷ୍ଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଦାଦନ ଦଲାଲ ଗିରଫ



**ଖପ୍ରାଖୋଲ, ୩୦।୧୧(ସମିସ):** ଖପ୍ରାଖୋଲ ଥାନା ପୁଲିସ ଖପ୍ରାଖୋଲ-ପାଟଣାଗଡ଼ ରାସ୍ତା ଦେଦର୍ହ ଛକ ନିକଟରୁ ୭ ଶିଶୁ ସମେତ ୧୪ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଏମାନଙ୍କୁ ବସ୍ ଯୋଗେ ଚାଲାଣ କରାଯାଉଥିବା ଖବର ପାଇଥିଲା। ତେବେ ଉଦ୍ଧାର ଶ୍ରମିକମାନେ ପାଟଣାଗଡ଼ ଥାନା ଆଇଁଲାପାଲି ଗାଁର ଓ ବରଗଡ଼ ଜିଲ୍ଲା ବୁଡେନ୍ ଥାନା ଅମାବାହଲ ଗାଁର। ସମସ୍ତଙ୍କୁ ଇଟାକାମ ପାଇଁ ତେଲେଙ୍ଗାନା ରାଜ୍ୟ ହାଇଦ୍ରାବାଦ ନିକଟ ଏକ ଇଟାଭାଟି ଚାଲାଣ କରାଯାଉଥିଲା। ଏମାନଙ୍କୁ ବେଆଇନଭାବେ ଚାଲାଣ କରାଯାଉଥିବା ଅଭିଯୋଗରେ ବେଲପଡ଼ା ଥାନା ବେଲପଡ଼ା ଗାଁର ବିରଞ୍ଚି ମହାନନ୍ଦ (୩୮)କୁ ଖପ୍ରାଖୋଲ ପୁଲିସ ଗିରଫ କରଛି।

# ଭାଇକୁ ହାଣିଲା ଭାଇ

**ଖପ୍ରାଖୋଲ, ୩୦।୧୧(ସମିସ):** ଲାଠୋର ଥାନା କରୁଆଁଝର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀ ସ୍ତ୍ରୀ କଳହକୁ ମନା କରିବାରୁ ଭାଇକୁ ଭାଇ କୁରାଢ଼ିରେ ହାଣିଛି। ଅନ୍ତର୍ଯ୍ୟାମୀ ଭୁଏ ଗୁରୁତର ହୋଇଛନ୍ତି। ଅଭିଯୁକ୍ତ ଫକିର ଭୁଏକୁ ପୁଲିସ ଗିରଫ କରିଛି। ଦୁହେଁ କରୁଆଝର ଗ୍ରାମରେ ଏକାଠି ଗୋଟିଏ ଘରେ ରହନ୍ତି। ଅଭିଯୁକ୍ତ ତା ସ୍ତ୍ରୀ ଦୁଳେଶ୍ୱରୀ ଭୋଇଙ୍କ ସହ ଝଗଡ଼ା କରୁଥିଲା। ସେତେବେଳେ ଅନ୍ତର୍ଯ୍ୟାମୀ ଓ ତାଙ୍କ ସ୍ତ୍ରୀ ଜମିରୁ ଘରକୁ ଆସୁଥିଲେ। ଏହି ସମୟରେ



ଫକିର ତାଙ୍କ ସ୍ତ୍ରୀ ସହ କଳହ କରୁଥିବା ଦେଖି ବାରଣ କରିଥିଲେ। ଏଥିରେ ଫକିର ଉତ୍ତ୍ୟକ୍ତ ହୋଇ ଅନ୍ତର୍ଯାମୀଙ୍କୁ ଅଶ୍ଳୀଳ ଭାବେ ଗାଳି ଦେଇଥିଲା। ଏହାପରେ ଘରୁ ଗୋଟିଏ ଟାଙ୍ଗିଆ ଆଣି ଆକ୍ରମଣ କରିଥିଲା। ତାଙ୍କ ମୁଣ୍ଡ ଓ ଗାଲରେ ଦୁଇ ଚୋଟ ବାଜିଥିଲା। ଆକ୍ରମଣ ପରେ ସେ ଟାଙ୍ଗିଆ ନେଇ ପଳାଇ ଯାଇଥିଲା। ଟାଙ୍ଗିଆ ଚୋଟ ଆଘାତରେ ଅନ୍ତର୍ଯ୍ୟାମୀଙ୍କ ମୁଣ୍ଡ ପଛ ପଟ ଓ ଗାଲରୁ ପ୍ରବଳ ରକ୍ତ ସ୍ରାବ ହେବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ଖପ୍ରାଖୋଲ ଡାକ୍ତରଖାନାକୁ ନେଇଥିଲେ। ସେଠାର ଡକ୍ତର ତାଙ୍କ ସ୍ଥିତି ଗୁରୁତର ଦେଖି ତାଙ୍କୁ ବଲାଙ୍ଗିରକୁ ସ୍ଥାନାନ୍ତର କରିଥିଲେ। ପରେ ବଲାଙ୍ଗିରରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଲାଠୋର ପୁଲିସ ଘଟଣାର ତଦନ୍ତ ସହ ଅଭିଯୁକ୍ତ ଫକିରକୁ ଗିରଫ କରିଛି। ତା ପାଖରୁ ଟାଙ୍ଗିଆ ଜବତ ହୋଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ସୂଚନା ଦେଇଛନ୍ତି।


# ଭାରତୀୟ କିଷାନର ଚାଷୀଙ୍କ ଜମି ପରିଦର୍ଶନ



**ବଲାଙ୍ଗିର, ୩୦।୧୧(ସମିସ):** ଭାରତୀୟ କିଷାନ ୟୁନିଅନର ଏକ ଟିମ୍ ଚାଷୀଙ୍କ ଜମି ପରିଦର୍ଶନ କରିଛି। ରାଜ୍ୟ ସଭାପତି ସୌରୀ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଗ୍ରାମର ଚାଷ ଜମି ପରିଦର୍ଶନ କରିଛି। ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ଲୁହାଖାନ, ଗୋଇଲପିଟା, ରାମଚନ୍ଦ୍ରପୁର ଓ ସିଂହାମୁଣ୍ଡା ପଞ୍ଚାୟତର ଖଲିଆପାଲି, ଲଖନପୁର୍, ସିଂହାମୁଣ୍ଡା ଗ୍ରାମରେ ଏହି ଟିମ୍ ସ୍ଥିତି ଅନୁଧାନ କରିଛି। ତଳିରୁଆରେ ପାଣି ଅଭାବ ଯୋଗୁଁ ଚାଷୀ ପଲ୍ଲା ପକାଇ ରୁଆ କାର୍ଯ୍ୟ କରି ପାରି ନ ଥିଲେ। ଏଣୁ ଅନେକ ଜମି ପଡ଼ିଆ ପଡ଼ିଛି। ତେବେ ସୁବିଧା ହେଉଥିବା କିଛି ଜମିରେ ପମ୍ପ ସାହାଯ୍ୟରେ ପାଣି ଲଗାଇ ଚାଷ କରାଯାଇଛି। ଏଣୁ ଅମଳ ବହୁତ୍ କମ୍ ହୋଇଥିବା ଚାଷୀ ପ୍ରକାଶ କରୁଛନ୍ତି। ପାଖାପାଖି ୬୦/୭୦ ପ୍ରତିଶତ ଜମି ପଡ଼ିଆ ପଡ଼ିଛି। ୩ ଦିନ ଭିତରେ ଯଦି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏହି ପଞ୍ଚାୟତକୁ ସହାୟତା ସହ ମରୁଡ଼ି ଘୋଷଣା ନ କରନ୍ତି ଆନ୍ଦୋଳନ ହେବ। ଶ୍ୱେତ ଭାଟି, ଯୁଗ୍ମ ପଧାନ, ଭ୍ରମର ହାତୀ, ଦେଶାନ୍ତର ପଟେଲ, ଚିନ୍ତାମଣି ଭାଟି, ନାରାୟଣ ପଧାନ, ଲାଲୁ ପଧାନ ପ୍ରମୁଖ ଏହି ଟିମ୍‌ରେ ସାମିଲ ଥିଲେ।







# ୧୬ଜଣଙ୍କୁ ମିଳିବ ଏସ୍ଏସ୍ଆଇ ସ୍ପୋର୍ଟ୍ସ ଆୱାର୍ଡ

ଭୁବନେଶ୍ୱର, ୩୦ ।୧୧ (ସମିସ):




କ୍ରୀଡ଼ା ବିଜ୍ଞାନ ଓ କ୍ରୀଡ଼ା ପ୍ରୋତ୍ସାହନ ସଂସ୍ଥା ଏସଏସ୍ଆଇ ପକ୍ଷରୁ ତୃତୀୟ ସ୍ପୋର୍ଟ୍ସ ନ୍ୟାସନାଲ ଆୱାର୍ଡ ଏଥର ୧୬ଜଣ କ୍ରୀଡ଼ା ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯିବ। ଏହି କ୍ରୀଡ଼ା ବ୍ୟକ୍ତିତ୍ୱଙ୍କ ମଧ୍ୟରୁ ଅନେକ ସମ୍ମାନଜନକ ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜୟୀ ହୋଇସାରିଛନ୍ତି। ଯେଉଁମାନଙ୍କ ମଧ୍ୟରେ ଆଥ୍‌ଲେଟ ଜ୍ୟୋତି ୟାରାଜୀ, ସନ୍ତରଣକାରୀ ସଜନ ପ୍ରକାଶ, ଅଲିମ୍ପିଆନ ଶକ୍ତି ସିଂ, ବ୍ୟାଡ୍‌ମିଣ୍ଟନ ଖେଳାଳି ଆୟୁଷ ସେଟ୍ଟୀ, ଟିଟି ଖେଳାଳି ଶରତ କମଲ ପ୍ରମୁଖ ରହିଛନ୍ତି। ଡିସେମ୍ବର ୬ ଓ ୭ ଦୁଇଦିନ ଧରି କଳିଙ୍ଗ ଷ୍ଟାଡିୟମରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ପାଳନ କରାଯିବ। ଏଥର ପୁରସ୍କାର ବହୁବିଧ ବିଭାଗ ଓ ଶୃଙ୍ଖଳାରେ ଦିଆଯିବ। ଏସଏସଆଇ କର୍ଣ୍ଣ ଆୱାର୍ଡ, ମିଲଖା ସିଂହ ସ୍ପ୍ରିଣ୍ଟ ଆୱାର୍ଡ, ହକି କିମ୍ବଦନ୍ତୀ ଦିଲୀପ ତିର୍କୀ ଓ ଆଥ୍‌ଲେଟ ଶକ୍ତି ସିଂଙ୍କ ନାମରେ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ ବୋଲି ଏସ୍ଏସ୍ଆଇର ପ୍ରତିଷ୍ଠାତା ଡକ୍ଟର ସାର୍ଥକ ପଟ୍ଟନାୟକ ରବିବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେହିଭଳି ପୁରସ୍କାର ବିତରଣର ଅଂଶବିଶେଷ ସ୍ୱରୂପ ପ୍ରଥମଥର ଆନ୍ତଃବିଦ୍ୟାଳୟ କ୍ରୀଡ଼ା କୁଇଜ ଓ ସ୍ପୋର୍ଟ୍ସ ସାଇନ୍ସ କନକ୍ଲେଭ ଡିସେମ୍ବର ୭ରେ ଅନୁଷ୍ଠିତ ହେବ ବୋଲି ଏସଏନ୍ଏମ୍ ଗ୍ରୁପର ଏମ୍‌ଡି ପ୍ରବୋଧ ମହାନ୍ତି କରିଛନ୍ତି।

# ନିଆରା ଢଙ୍ଗରେ ଜନ୍ମଦିନ ପାଳନ

ଯାଁଳା,୩୦।୧୧(ସମିସ): ଭୁବନେଶ୍ୱର ଉପକଣ୍ଠ ପଞ୍ଚପଲ୍ଲୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମକୁଣ୍ଡଳ ଗ୍ରାମରେ ଏକ ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରାଯାଇଛି। ଏହି ଗ୍ରାମର ଶାଶ୍ୱତ ଜେନା ଓ ତାଙ୍କ ପତ୍ନୀ ରଶ୍ମିତା ନିଜ ଝିଅ ତୃପ୍ତିର ସ୍ୱନକ୍ଷତ୍ର ଉତ୍ସବ ବୃକ୍ଷରୋପଣ କରି ପାଳନ କରିଛନ୍ତି, ପ୍ରଦୂଷିତ ପରିବେଶର ସୁରକ୍ଷା ନିମନ୍ତେ ଏହା ଏକ ଭଲ ବାର୍ତ୍ତା ବୋଲି ସେ ଆଶା ପ୍ରକଟ କରିଛନ୍ତି। ଏନେଇ ସେ ସମସ୍ତଙ୍କ ଉଦ୍ଦେଶ୍ୟରେ ଏହି ନିବେଦନ ରଖିଛନ୍ତି କି ଉତ୍ସବରେ ଅତିକମ୍‌ରେ ଯଦି ଗୋଟିଏ ଗଛ ଲଗାଇ ତା'ର ଯତ୍ନ ନିଆଯାଆନ୍ତା। ତେବେ ପରିବେଶ ସୁରକ୍ଷା ପାଇଁ ଏକ ସୁନ୍ଦର ପଦକ୍ଷେପ ସୃଷ୍ଟି ହୋଇପାରନ୍ତା।

# ପିଜିଏମ୍ଇଆର୍ ପ୍ରତିଷ୍ଠାତା ନିର୍ଦ୍ଦେଶିକା ପ୍ରଫେସର ନିବେଦିତା ପାଣି ପୁରସ୍କୃତ



ଭୁବନେଶ୍ୱର, ୩୦ ।୧୧(ସମିସ): କ୍ୟାପିଟାଲ ହସ୍ପିଟାଲ ପିଜିଏମ୍ଇଆର ପ୍ରତିଷ୍ଠାତା ନିର୍ଦ୍ଦେଶିକା ପ୍ରଫେସର ନିବେଦିତା ପାଣି। ସର୍ବଭାରତୀୟ ସ୍ତରରେ ମହିଳା ନିଶ୍ଚେତକ ବିଶେଷଜ୍ଞ ଭାବେ ପୁରସ୍କୃତ ହୋଇଛନ୍ତି। ଗତ ବୁଧବାରଠାରୁ ରବିବାର ପର୍ଯ୍ୟନ୍ତ ଛତିଶଗଡ଼ର ରାୟପୁରରେ ଆୟୋଜିତ ବିଶ୍ୱସ୍ତରୀୟ ନିଶ୍ଚେତକ ଡାକ୍ତର ସମ୍ମିଳନୀରେ ପ୍ରଫେସର ପାଣିଙ୍କୁ ସମ୍ମାନିତ କରାଯାଇଛି। ମହିଳା ନିଶ୍ଚେତକ ବିଶେଷଜ୍ଞ ଭାବେ ବିଶ୍ୱସ୍ତରୀୟ ପୁରସ୍କାର ପାଇବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ଡାକ୍ତର। ଚିକିତ୍ସା କ୍ଷେତ୍ରରେ ଆନାସଥେସିଆ ବିଜ୍ଞାନରେ ଉଲ୍ଲେଖନୀୟ ଅବଦାନ ପାଇଁ ନୁହଁ ପ୍ରଫେସର ପାଣି ନିର୍ଦ୍ଦେଶିକା ଭାବେ କ୍ୟାପିଟାଲ ହସ୍ପିଟାଲର ପୋଷ୍ଟଗ୍ରାଜୁଏଟ ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ ଏଜୁକେସନ ଓ ରିସର୍ଚ୍ଚ ଅନୁଷ୍ଠାନ ଗଢ଼ିତୋଳିବାରେ ପ୍ରମୁଖ ଭୂମିକା ଜୀବନବ୍ୟାପି ରୋଗୀ ସେବା କ୍ଷେତ୍ରରେ ଆଉଟଷ୍ଟାଣ୍ଡିଂ ଅବଦାନ ପାଇଁ ପୁରସ୍କୃତ ହୋଇଛନ୍ତି। ଏହି ସମ୍ମିଳନୀରେ ଦେଶ ବିଦେଶରୁ ୨ ହଜାର ୫୦୦ ଜଣ ନିଶ୍ଚେତକ ବିଶେଷଜ୍ଞ ଯୋଗ ଦେଇଥିଲେ। ୫ ଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ନିଶ୍ଚେତକ ବିଜ୍ଞାନରେ ବହୁ ଗବେଷଣାରକ ସନ୍ଦର୍ଭ ଉପରେ ଆଲୋଚନା ହୋଇଥିଲା। ୱାର୍ଲଡ ଫେଡେରେସନ ସୋସାଇଟି ଅଫ ଆନାସଥେସିଓଲୋଜିର ପ୍ରେସିଡେଣ୍ଟ ରୁମାନିଆର ପ୍ରଫେସର ଡାନିଏଲ ଫିଲିପେଶ୍ଚୁ ଏବଂ ଇଣ୍ଡିଆନ ସୋସାଇଟି ଅଫ ଆନାସଥେସିଓଲୋଜିର ପ୍ରେସିଡେଣ୍ଟ ଡାକ୍ତର ଜେ.ବାଲାଭେଙ୍କଟ ପ୍ରଫେସର ପାଣିଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି।

# ହୀରାପୁର ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ

ବାଲିଅନ୍ତା,୩୦ ।୧୧(ସମିସ): ଆଜି ମହାମାୟା ଯୁବ ପରିଷଦ ପ୍ରାଙ୍ଗଣରେ ୮ମ ସଂସ୍କରଣ ହୀରାପୁର ପ୍ରିମିଅର ଲିଗ ନିମନ୍ତେ ଖେଳାଳି ନିଲାମି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୨୫, ୨୬, ୨୭ ଏବଂ ୨୮ ତାରିଖ ୪ ଦିନ ଧରି ଖେଳ ଅନୁଷ୍ଠିତ ହେବ। ଏଥିର ୧୨୧ ଜଣ ପିଲା ଖେଳିବା ପାଇଁ ଆବେଦନ କରିଥିଲେ। ୮ଟି ମାଲିକ ଏହି ପିଲାମାନଙ୍କୁ କିଣିଥିଲେ। ଟିମ ଗୁଡିକ ହେଲା ଜେବିଏଲ ୱାରିଅର, ଲିଓ ଲାନ୍ସରମ୍ସ, ୱାନ ମ୍ୟାନ ଟାଇଟନ, ସାଇ କ୍ରିଷ୍ଣା ୱାରିଅର, ବିଶୁନିଆ ପଡ଼ା ବୁଲ୍ସ, ବିବି ରାଇଡ଼ର, ଗୋପୀନାଥ ରାଇଡ଼ର, ଗେମ ଚେଞ୍ଜର ଇଲେଭେନ ଆଦି କ୍ରିକେଟ କ୍ଲବ୍ ନିଲାମିରେ ଅଂଶ ଗ୍ରହଣ କରିଥିଲେ। ନିଲାମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଚକ୍ରଧର ନାୟକ, ରବୀନ୍ଦ୍ର ନାଥ ନାୟକ, ପ୍ରଶାନ୍ତ କୁମାର ନନ୍ଦ, ସୁକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ଅକ୍ଷୟ କୁମାର ଦାସ, ସନ୍ତୋଷ କୁମାର ନାୟକ, ଧରଣୀଧାର ଦାସ, ରବୀନ୍ଦ୍ରନାଥ ସାହୁ, ରାଜକିଶୋର ନାୟକ, ଆଶିଷ କୁମାର ସାହୁ, ଅଭିଶେଖ ନାୟକ।

# ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ରେ ୱେଲ୍‌ନେସ୍ ରନ୍ ୨.୦




ଭୁବନେଶ୍ୱର,୩୦।୧୧(ସମିସ): ଭାରତୀୟ ଚିକିତ୍ସା ସଂଗଠନ, ଓଡ଼ିଶା ସହିତ ହେଲ୍‌ଥଭିଲେ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ହସ୍ପିଟାଲର ମିଳିତ ସହଯୋଗରେ ଓଡିଏମ୍ ପବ୍ଲିକ୍ ସ୍କୁଲ କ୍ୟାମ୍ପସ୍‌ରେ ମିଶନ ମଧୁମେହ ମୁକ୍ତ ଓଡ଼ିଶା ଏବଂ ସୁସ୍ଥ ଓଡିଶା ବୃହତ୍ ଆନ୍ଦୋଳନର ଅଂଶ ଭାବରେ ୱେଲ୍‌ନେସ୍ ରନ୍ ୨.୦ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମର ନେତୃତ୍ୱ ହେଲ୍‌ଥଭିଲ୍ ଅଧ୍ୟକ୍ଷ ଏବଂ ଆଇ.ଏନ୍.ଓ.ର ମୁଖ୍ୟ ପୃଷ୍ଠପୋଷକ ଡ. ସତ୍ୟବ୍ରତ ମୀନକେତନ କରିଥିଲେ। ସେ କହିଥିଲେ, ମଧୁମେହ ଏକ ଜୀବନଶୈଳୀ ଦ୍ୱାରା ସୃଷ୍ଟି ହୋଇଥିବା ଅବସ୍ଥା ଏବଂ ଉପଯୁକ୍ତ ସଚେତନତା, ଶୃଙ୍ଖଳିତ ଦିନଚର୍ଯ୍ୟା ଏବଂ ପ୍ରାକୃତିକ ଚିକିତ୍ସା ଆଧାରିତ ନୀତି ସହିତ ଓଡିଶା ଏକ ମଧୁମେହ ମୁକ୍ତ ରାଜ୍ୟ ହୋଇପାରିବ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବିଏମ୍‌ସି କମିଶନର ଚଞ୍ଚଲ ରାଣା ଯୋଗଦେଇ ସହରାଞ୍ଚଳ କଲ୍ୟାଣରେ ସକ୍ରିୟ ଜୀବନଶୈଳୀ ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବାର ଭୂମିକା ଉପରେ ଆଲୋକପାତ କରିଥିଲେ। ଆର୍.ଏସ୍.ଏସ୍. ସଦସ୍ୟ ଏବଂ ସମାଜସେବୀ ହିଂମାଶୁ ଶେଖର ନାୟକ, ଆଇଏନ୍‌ଓ ଓଡ଼ିଶାର ସଭାପତି ସୁବାଷ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି ହେଲ୍‌ଥଭିଲ୍ ଏବଂ ଆଇଏନ୍ ଦ୍ୱାରା ପରିଚାଳିତ ଏକ ପ୍ରତିଶ୍ରୁତି ସହିତ ଶେଷ ହୋଇଥିଲା।

# ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଦିବାକର ପରିଡ଼ାଙ୍କ ଜୟନ୍ତୀ




ଭୁବନେଶ୍ୱର,୩୦।୧୧(ସମିସ): ବିପ୍ଳବୀ ରଘୁ ଦିବାକର ଥିଲେ ପରାଧୀନ ଭାରତରେ ଆଦ୍ୟ ଆନ୍ଦୋଳନର ପୁରୋଧା। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରବିବାର ସହିଦ ଦିବାକର ପରିଡ଼ାଙ୍କର ଜୟନ୍ତୀ ଉତ୍ସବ ୟୁନିଟ-୯ ସ୍ଥିତ ତାଙ୍କ ଆବକ୍ଷ ପ୍ରତିମୂର୍ତ୍ତିସ୍ଥଳରେ ପାଳନ କରାଯାଇଛି। ସହିଦ ଦିବାକର ପରିଡ଼ାଙ୍କ ଦେଶ ପାଇଁ ଦେଇଥିବା ଅଭୂତ ବଳିଦାନ ଯୁଗ ଯୁଗ ନିମନ୍ତେ ଏ ଜାତିକୁ ପ୍ରେରଣା ଯୋଗାଉଥିବ ବୋଲି ଇତିହାସ ଅନେକ ଦୃଷ୍ଟାନ୍ତ ଉପସ୍ଥାପନ କରି ଅତିଥିମାନେ ବିପ୍ଳବୀଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରାରମ୍ଭିକ ବରପୁତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର। ବେଦ ପାଠ କରି ନିଜସ୍ୱ ମତାମତ ରଖିଥିଲେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ। ଅନ୍ୟମାନଙ୍କ ମଧ୍ୟରେ ରାମ ଚନ୍ଦ୍ର ଦାସ, ବାମନ ପରିଡା, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ରିନା ମହାନ୍ତି ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଦେଇଥିଲେ।


# ଆଜିଠାରୁ ଖଣ୍ଡଗିରି ଅଭିରାମ ଆଶ୍ରମରେ ବ୍ରହ୍ମ ସନାତନ ଯଜ୍ଞ

ଭୁବନେଶ୍ୱର,୩୦।୧୧(ସମିସ): ଖଣ୍ଡଗିରିସ୍ଥିତ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ଆଶ୍ରମର ବାର୍ଷିକୋତ୍ସବ ତଥା ବ୍ରହ୍ମସନାତନ ଯଜ୍ଞ ଆସନ୍ତାକାଲି ସୋମବାର ଠାରୁ ଆରମ୍ଭ ହେବ। ଡିସେମ୍ବର ୪ ତାରିଖ ଗୁରୁବାର ପୂର୍ଣ୍ଣମୀ ଦିନ ପୂର୍ଣ୍ଣାହୁତି କରାଯିବ। ଠାକୁରଙ୍କ ମୁଖ୍ୟ ଆଶ୍ରମ କରମଳାର ସାଧୁ ସନ୍ଥମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଠାକୁରଙ୍କ ମୁଖ ନିଶୃତ ବାଣୀ, ପ୍ରବଚନ ଓ ଭଜନ ପରିବେଷଣ କରିବେ। ଏହା ବ୍ୟତୀତ ସାଧୁ ସନ୍ଥମାନଙ୍କୁ ପୂର୍ଣ୍ଣାହୁତି ଦିନ ସମ୍ବର୍ଦ୍ଧନ କରାଯିବାର କାର୍ଯ୍ୟକ୍ରମ ରହିଛି। ଦୀର୍ଘ ଚାରିଦିନ ଧରି ଆଶ୍ରମ ପରିସରରେ ବିଭିନ୍ନ ଆଧ୍ୟାତ୍ମିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯିବ। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସୌଜନ୍ୟରୁ ପାଲା, ଭଜନ ଓ ଛଉନୃତ୍ୟ ପରିବେଷଣ କରାଯିବ। ତେଣୁ ଠାକୁର ଆଶ୍ରିତ ଭକ୍ତମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଭୁକୃପା ଲାଭ କରିବାକୁ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ଭକ୍ତ ସମିତି ପକ୍ଷରୁ ନିବେଦନ କରାଯାଇଛି।

# ବିବେକାନନ୍ଦ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା



ଧଉଳି,୩୦।୧୧(ସମିସ): ବାଲକାଟୀ ଜାମୁ ତୋଟାସ୍ଥିତ ବିବେକାନନ୍ଦ ପବ୍ଲିକ୍ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ବିଦ୍ୟାର୍ଥୀଙ୍କ ଦ୍ୱାରା ସର୍ବ ମୋଟ ୪୬ ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଯାହା ପରିବେଶ ସୁରକ୍ଷା, ସୌରଶକ୍ତିର ବ୍ୟବହାର ଓ ଉତ୍ପାଦନା, ଜଳବାୟୁର ପ୍ରଦୂଷଣର ନିୟନ୍ତ୍ରଣ, ବିଭିନ୍ନ ଖାଦ୍ୟ ଶସ୍ୟର ଉତ୍ପାଦନରେ ବିଜ୍ଞନର ଯାନ୍ତ୍ରିକ କୌଶଳ ଆଦି ଅନେକ ପ୍ରକଳ୍ପ ବିଦ୍ୟାର୍ଥୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦ୍ୟାନକୃଷି ବିଶେଷଜ୍ଞ ଅଜୟକୁମାର ଦଶ, ବିଶିଷ୍ଟ ସମାଜ ସେବୀ ପ୍ରହଲ୍ଲାଦ ସାହୁ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ଉପକାରିତା ଏବଂ ଆଧୁନିକ ଭାରତରେ ପ୍ରତ୍ୟକ ବ୍ୟକ୍ତି ବେଶେଷଙ୍କୁ ବିଜ୍ଞାନର ପ୍ରଗତି କ୍ଷେତ୍ରରେ ସଚେତନ ହେବା ଉପରେ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବସନ୍ତ କୁମାର ସ୍ୱାଇଁ, ସୁବ୍ରତ କୁମାର ପଣ୍ଡା, ସତ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀମାନଙ୍କର ପ୍ରକଳ୍ପକୁ ମୂଲ୍ୟାଙ୍କନ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏହି ମେଳାକୁ ସୁଚାରୁ ରୂପେ ପରିଚାଳନା କରିଥିବାବେଳେ ସ୍କୁଲର ଅଧ୍ୟକ୍ଷ ଅଭିରାମ ସାହୁ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ।



# ରାଜଧାନୀରେ କଳା ପଲ୍‌ସର୍ ଆତଙ୍କ

**ଭୁବନେଶ୍ୱର,୩୦।୧୧(ସମିସ):** ରାଜଧାନୀ ଓ ଉପକଣ୍ଠରେ ଛାଇଗଲେଣି ଲୁଟେରା। ସୁଯୋଗ ପାଇବା ମାତ୍ରେ ଲୁଟ୍‌ପାଟ୍ କରି ଆଖି ପିଛୁଳାକେ ଗାଏବ ହୋଇ ଯାଉଛନ୍ତି। ବିଶେଷକରି ଷୋହଳ ନମ୍ବର ଜାତୀୟ ରାଜପଥରେ ଖେଳାଉଛନ୍ତି ଆତଙ୍କ। ସହରର ଜନଗହଳି ପୂର୍ଣ୍ଣ ଅଞ୍ଚଳଠାରୁ ଗାଁ ଗହଳିରେ ମଧ୍ୟ ନିଜର ଦବଦବା ଜାହିର୍ କଲେଣି। କେଉଁଠି ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଉଛନ୍ତି ତ କେତେବେଳେ ସୁନା ଚେନ୍ ଲୁଟି ନେଲେଣି। କଳା ପଲସରର ଆତଙ୍କ ଏମିତି ହେଲାଣି ଯେ, ଘରୁ ଗୋଡ଼ କାଢ଼ିବାକୁ ଡରିଲେଣି ରାଜଧାନୀବାସୀ। ନିକଟରେ ଘଟିଥିବା କିଛି ଲୁଟ୍ ଘଟଣାରୁ ଏଭଳି କଥା ସ୍ପଷ୍ଟ ହୋଇଛି।

ଅଭିଯୋଗ ଅନୁଯାୟୀ, ରବିବାର ସକାଳେ ବାଲିପାଟଣା ଆମଣାକୁଦ ଗାଁର ସନ୍ଧ୍ୟାରାଣୀ ମହାନ୍ତି ତାଙ୍କ ଘର ନିକଟରେ ଥିବା ଅମଣେଇ ମନ୍ଦିରକୁ ଯାଉଥିଲେ। ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଦୁଇଜଣ ଲୁଟେରା ଏକ ପଲସର୍ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଇ ନିଆଳି ଆଡ଼କୁ ପଳାଇଥିଲେ। ସନ୍ଧ୍ୟାରାଣୀ ଏ ନେଇ ବାଲିପାଟଣା ଥାନାରେ ଅଭିଯୋଗ କରିଛନ୍ତି।

ସେହିପରି ସୋନାଲି ପଟ୍ଟନାୟକ ନାମ୍ନୀ ମହିଳା ସହିଦନଗରସ୍ଥିତ ପ୍ରକାଶ ଦୀପ ଟାୱାରରେ ରହୁଛନ୍ତି। ସେ ତାଙ୍କ ସାଙ୍ଗ ସହିତ ବାରଙ୍ଗସ୍ଥିତ ସାରଙ୍ଗେଶ୍ୱରୀ ମନ୍ଦିରକୁ ଯାଉଥିଲେ। ସେମାନେ ସତ୍‌ସଙ୍ଗ ବିହାର ଅତିକ୍ରମ କରୁଥିବାବେଳେ ଦୁଇଜଣ ଦୁର୍ବୃତ୍ତ ବ୍ଲାକ୍ ପଲସର୍‌ରେ ଆସି ସୋନାଲିଙ୍କଠାରୁ ଭ୍ୟାନିଟି ବ୍ୟାଗ ଛଡ଼ାଇ ନେଇଥିଲେ। ଲୁଟ୍ ହୋଇଥିବା ଭ୍ୟାନିଟି ବ୍ୟାଗ୍‌ରେ ଗୋଟିଏ ମୋବାଇଲ ଫୋନ୍, ଦୁଇଟି ଏଟିଏମ୍ କାର୍ଡ ଓ ଅନ୍ୟାନ୍ୟ ସାମଗ୍ରୀ ରହିଥିଲା। ଏ ନେଇ ସୋନାଲି ସହିଦନଗର ଥାନାରେ ଏତଲା ଦେଇଛନ୍ତି।



**୩ ଦିନରେ ୫ ଜଣଙ୍କୁ ଲୁଟିଲେଣି**

**କାମ କରୁନି କ୍ୟାମେରା; ଚିନ୍ତାରେ ପୁଲିସ**

ଖୋର୍ଦ୍ଧାର ଜଣେ ମହିଳା ଓ ତାଙ୍କ ସ୍ୱାମୀ ବାଇକ୍ ଯୋଗେ ଆଇଗିଣିଆସ୍ଥିତ ବନ୍ଧୁ ଘରକୁ ଯାଉଥିଲେ। ଡିଏନ୍ ରିଗାଲିଆ ଫ୍ଲାଇଓଭର ଅତିକ୍ରମ କରୁଥିବାବେଳେ ଦୁଇ ଜଣ ଲୁଟେରା ମହିଳାଙ୍କଠାରୁ ଭ୍ୟାନିଟି ବ୍ୟାଗ ଛଡ଼ାଇ ନେଇଥିଲେ। ଲୁଟ୍ ହୋଇଥିବା ଭ୍ୟାନିଟି ଭିତରେ ମୋବାଇଲ, ୧୨୦୦ ଟଙ୍କା, ଏଟିଏମ୍ କାର୍ଡ ରହିଥିଲା। ସେ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଟ୍ରାକିଂ ଜରିଆରେ ହାଇଟେକ୍ ଛକ ଅଞ୍ଚଳରୁ ମୋବାଇଲ ଠାବ କରିଥିଲେ ମଧ୍ୟ ଅନ୍ୟ ଜିନିଷ କି ଲୁଟେରାଙ୍କ ଟେର ପାଇ ପାରିନାହାଁନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସାଙ୍ଗେ ସାଙ୍ଗେ ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରିବାକୁ ବାହାରି ପଡ଼ିଥିଲା। ଜାତୀୟ ରାଜପଥରେ ଲାଗିଥିବା କ୍ୟାମେରା ଯାଞ୍ଚ କରିବାକୁ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିଲା। ହେଲେ ୨ ମାସ ହେବ କ୍ୟାମେରା ଅଚଳ ଥିବା ଜାଣିବାକୁ ପାଇଥିଲା। ମାତ୍ର ୩ ଦିନ ଭିତରେ ନାକେଦମ୍ କଲେଣି ଲୁଟେରା। ସ୍ପଷ୍ଟ ଦିବାଲୋକରେ କମିସନରେଟ୍ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଲୁଟ୍ କରି ଚାଲିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ମାମଲା ରୁଜୁ କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଲୁଟେରାଙ୍କ ପାଖରେ ପହଞ୍ଚି ପାରିନାହିଁ। ସେପଟେ ଲୁଟେରାଙ୍କ ଉତ୍ପାତ ଯୋଗୁଁ ରାଜଧାନୀବାସୀ ନିଜକୁ ଅସୁରକ୍ଷିତ ମଣିଲେଣି।

## ସର୍ଭର ଡାଉନ; ପର୍ଯ୍ୟଟକ ହୀନସ୍ତା




**ନନ୍ଦନକାନନ,୩୦।୧୧(ସମିସ):** ନନ୍ଦନକାନନ ଟିକଟ କାଉଣ୍ଟରରେ ରବିବାର ପୂର୍ବାହ୍ନରେ ସର୍ଭର୍ ଡାଉନ୍ ହେତୁ ପର୍ଯ୍ୟଟକମାନେ କାଉଣ୍ଟରରୁ ଟିକଟ କାଟିବାରେ ଅସୁବିଧାରେ ପଡ଼ିଥିଲେ। ଫଳରେ ପର୍ଯ୍ୟଟକମାନେ ହ୍ୱାଟ୍ସଆପ୍ ଜରିଆରେ ଟିକଟ କାଟିଥିଲେ। ସକାଳ ସାଢ଼େ ୮ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ନନ୍ଦନକାନନ ଟିକେଟ କାଉଣ୍ଟରରେ ଏଭଳି ସମସ୍ୟା ଦେଖିଦେଇଥିଲା। ଯାହାପାଇଁ ବହୁ ପର୍ଯ୍ୟଟକ ଟିକଟ କାଉଣ୍ଟରରେ ଧାଡ଼ିରେ ଛିଡ଼ାହୋଇ ବି ନିରାଶ ହୋଇଥିଲେ। ପ୍ରାୟ ୧୦ଟା୪୦ ସୁଦ୍ଧା କାଉଣ୍ଟରରେ ଟିକଟ କାଟିବାରେ ପର୍ଯ୍ୟଟକ ସକ୍ଷମ ହୋଇଥିଲେ। ଏ ନେଇ ଜଣେ ଅଧିକାରୀଙ୍କୁ ପଚାରିବାରୁ ଟିକେଟ କାଉଣ୍ଟରରେ କିଛି ସମୟ ପର୍ଯ୍ୟନ୍ତ ସର୍ଭର ଡାଉନ ହୋଇଯାଇଥିଲା। ପରେ ଏହା ଠିକ ହେବା ସହ ସ୍ୱାଭାବିକ ଭାବେ ପର୍ଯ୍ୟଟକମାନେ କାଉଣ୍ଟରରୁ ଟିକଟ କାଟିଥିଲେ।

## ସ୍କର୍ପିଓ ପୋଡ଼ି ଯୁବକ ଗିରଫ

**ବାଲିଅନ୍ତା,୩୦।୧୧(ସମିସ):** ବାଲିଅନ୍ତା ବ୍ଲକ୍ ସରସକଣା ଅଧୀନ ଛଦୋଳ ଗ୍ରାମର ଅଭିଯୋଗକାରିଣୀ ମୀନାକ୍ଷୀ ରାଉତରାୟଙ୍କ ଲିଖିତ ରିପୋର୍ଟ ଆଧାରରେ ଏକ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅଧୀନ ପାଇଲୋ ଗ୍ରାମର ପ୍ରଦୀପ ଶୁକ୍ଳା ଓରଫ ଦିପୁ। ସୂଚନାଯୋଗ୍ୟ ଯେ, ୨୯ ତାରିଖ ୧୧.୨୦୨୫ରେ ପ୍ରାୟ ୧୧.୦୦ ଟା ସମୟରେ ଅଭିଯୋଗକାରିଣୀଙ୍କ ଘର ଆଗରେ ତାଙ୍କ ସ୍କର୍ପିଓ ଗାଡି ପାର୍କ ହୋଇଥିଲା। ସେହି ସମୟରେ ପୂର୍ବ ଶତ୍ରୁତାରୁ ଅଭିଯୁକ୍ତ ପ୍ରଦୀପ ଶୁକ୍ଳା ଗାଡିରେ ନିଆଁ ଲଗାଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଗାଡ଼ିରେ ନିଆଁ ଲାଗିଥିବା ଦେଖି ମୀନାକ୍ଷୀ ଚିତ୍କାର କରିଥିଲେ। ଯାହାପରେ ଅଭିଯୁକ୍ତ ଜଣେ ରାମଚନ୍ଦ୍ର ରାଉତରାୟଙ୍କ ଘର ଆଡକୁ ଦୌଡ଼ି ଭିତରକୁ ପଶି ଯାଇଥିଲେ। ଏହା ସମ୍ବନ୍ଧରେ ଅଭିଯୋଗକାରିଣୀ ବାଲିଅନ୍ତା ଥାନାକୁ ଅବଗତ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତଙ୍କ କାରଣରୁ ଗାଡିର ଆଗ ଭାଗ ପୋଡ଼ି ଯାଇଥିବା ସତ୍ୟ ପ୍ରମାଣିତ ହୋଇଥିଲା। ପରବର୍ତ୍ତୀ ଚଢଉରେ ଅଭିଯୁକ୍ତ ପ୍ରଦୀପ ସୁକଳା ଓରଫ ଦୀପୁଙ୍କୁ ପୋଲିସ୍ ଗିରଫ କରିଥିଲା। ପ୍ରାଥମିକ ପ୍ରମାଣରେ ତାଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବା ପରେ, ସମ୍ବନ୍ଧିତ ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରି ତାଙ୍କୁ ଆଜି କୋର୍ଟକୁ ଚାଲାଣ କରାଯାଇଛି। ବର୍ତ୍ତମାନ ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ରାସ୍ତାରେ ପଡ଼ି ଯୁବ ଡାକ୍ତରଙ୍କ ମୃତ୍ୟୁ

**ଯାଁଳା,୩୦।୧୧(ସମିସ):** ଏମିତି ବି ମୃତ୍ୟୁ ଆସେ। ଆଜି ଜଟଣୀ ବ୍ଲକ୍ ଯାଁଳା ପଞ୍ଚାୟତ ଦକ୍ଷିଣ ମୁଣ୍ଡମୁହାଁଣ ଗ୍ରାମର ନିହାର ରଞ୍ଜନ ସୁନ୍ଦରାୟଙ୍କ ପୁତ୍ର ଡାକ୍ତର ନିର୍ମଳ ରଞ୍ଜନ ସୁନ୍ଦରାୟ (୨୮) ରାସ୍ତାରେ ପଡ଼ି ପ୍ରାଣ ହରାଇଛନ୍ତି। ଗତକାଲି ସେ ଡେଣ୍ଟାଲ୍ କ୍ଲିନିକ୍‌ରୁ ତାଙ୍କ ଘରକୁ ଫେରିଲା ବେଳେ ବାଟରେ ମୃତ୍ୟୁ ବରଣ କରିଥିଲେ। ସୂଚନା ଥାଉକି ଗତକାଲି ଶନିବାର ରାତି ପ୍ରାୟ ୧୦ ଟାରେ ନିହାର ତାଙ୍କ ବାଇକ୍ ଦ୍ୱାରା ଘରକୁ ଫେରୁଥିବାବେଳେ ଘରଠାରୁ ମାତ୍ର ୨ଶହ ମିଟର ଦୂରରେ କୌଣସି କାରଣରୁ ବାଟରେ ଗାଡି ରଖି ସେହି ପାଖରେ ପଡ଼ିଯାଇଥିଲେ। ସେହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଦେଖି ଲୋକମାନଙ୍କୁ ଡାକିଥିଲେ ଓ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଏମ୍‌ସ୍ ଡାକ୍ତର ଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ, ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ହୋଇଥିଲା।

## ଫଟୋ ଭାଇରାଲ ଧମକ; ବନ୍ଧା ହେଲା ପ୍ରେମିକ

**ଭୁବନେଶ୍ୱର, ୩୦।୧୧ (ସମିସ):** ଫଟୋ ଭାଇରାଲ କରିବାକୁ ଧମକ ଦେଉଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବରୀ ଥାନା ବାଲିଆପାଳ ଗାଁର ରଶ୍ମୀରଞ୍ଜନ ମହାରଣା (୨୮)। ପୁଲିସ ସୂଚନାନୁସାରେ, ବରୀ ଅଞ୍ଚଳର ଜଣେ ଯୁବତୀଙ୍କର ୧୦ ବର୍ଷ ହେବ ରଶ୍ମୀରଞ୍ଜନ ସହ ପ୍ରେମ ରହିଥିବାବେଳେ ଦୁଇ ବର୍ଷ ପୂର୍ବେ ଉଭୟ ଅଲଗା ହୋଇ ଯାଇଥିଲେ। ରଶ୍ମୀରଞ୍ଜନ କିଛିମାସ ହେବ ତାଙ୍କୁ ପିଛା କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲା। ଦାବି ଅନୁଯାୟୀ ଟଙ୍କା ନଦେଲେ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇଥିଲା। ଏନେଇ ଯୁବତୀ ଜଣକ ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି କିମ୍ସ ଗେଟ୍ ନିକଟରୁ ରଶ୍ମିରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କେନ୍ଦ୍ରୀୟ ବିଦ୍ୟାଳୟ ବୋମା ମାଡ଼ ଘଟଣା | ୫ ଜଣଙ୍କୁ ଅଟକ ରଖି ପଚରାଉଚରା

**ଭୁବନେଶ୍ୱର,୩୦।୧୧(ସମିସ):** ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତବେଳେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୩ ଉପରକୁ ବୋମା ମାଡ଼ ହୋଇଥିଲା। ତେବେ ଘଟଣାକୁ ୭୨ଘଣ୍ଟା ବିତିଯାଇଥିଲେ। ଏହା ପଛର ଉଦ୍ଦେଶ୍ୟ ସମ୍ପର୍କରେ ପୁଲିସକୁ ଏପର୍ଯ୍ୟନ୍ତ କିଛି ବି ସୁରାକ ମିଳିପାରି ନାହିଁ। ପୁଲିସ ଏବେ ବି ଅନ୍ଧାରେ ବାଡି ବୁଲାଉଛି। ଏହି ଘଟଣାରେ ପୁଲିସ ପ୍ରଥମେ ୪ ଜଣଙ୍କୁ ଅଟକ ରଖିଥିଲା। ବହୁ ସମୟ ଧରି ସେମାନଙ୍କୁ ପଚରା ଉଚରା କରିଥିଲା। ହେଲେ ସେମାନଙ୍କ ସମ୍ପୃକ୍ତି ନମିଳିବାରୁ ଛାଡି ଦେଇଥିଲା। ରବିବାର ମଞ୍ଚେଶ୍ୱର ଥାନା ପୁଲିସ ୫ଜଣଙ୍କୁ ଅଟକ ରଖି ପଚରାଉଚରା କରିଛି। ହେଲେ ଏପର୍ଯ୍ୟନ୍ତ ପୁଲିସ ଘଟଣାରୁ ପରଦା ଉଠାଇ ପାରି ନ ଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।



ବୋମା ମାଡ଼ ଘଟଣାରେ ଅଟକ ଥିବା ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର। ଏମାନଙ୍କ ପୁରୁଣା ଅପରାଧିକ ରେକର୍ଡ ରହିଛି। ମଞ୍ଚେଶ୍ୱର ଥାନା ପୁଲିସ ପୂର୍ବରୁ ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏମାନେ ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳରେ ହେଉଥିବା ଗଣ୍ଡଗୋଳ ସହ ଲିପ୍ତ ରୁହନ୍ତି। ଅନ୍ୟମାନଙ୍କୁ ହତିଆର ଓ ବୋମା ଯୋଗାଉଥିବା ନେଇ ପୁଲିସକୁ ଖବର ମିଳିଛି।

ତେବେ ସ୍କୁଲକୁ କିଏ କାହିଁକି ଟାର୍ଗେଟ କଲା, ଏହା ପଛର କାରଣ କ'ଣ? ଏ ନେଇ ପୁଲିସ ଖୋଳତାଡ ଜାରି ରଖିଛି। ଖୁବ୍‌ଶୀଘ୍ର ଏହି ସମସ୍ତ ଘଟଣାର ପର୍ଦ୍ଦାଫାସ ହେବ ବୋଲି ପୁଲିସର ଜଣେ ଅଧିକାରୀ କହିଛନ୍ତି।

# ନିରନ୍ତର ବିକାଶ ହାସଲରେ ବିଜ୍ଞାନ ଅଗ୍ରଣୀ ଭୂମିକା ଗ୍ରହଣ କରୁ

**ଭୁବନେଶ୍ୱର, ୩୦।୧୧(ସମିସ):** ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ୨୬ତମ ଓଡ଼ିଶା ବିଜ୍ଞାନ ଏବଂ ପରିବେଶ କଂଗ୍ରେସ ଏବଂ 'ନିରନ୍ତର ସବୁଜ ସୀମା' ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭାରତ ସରକାରଙ୍କ ପୂର୍ବତନ ସଚିବ ଡ. ଅରୁଣ କୁମାର ରଥ 'ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡ଼ିଜି) ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ନବସୃଜନ' ବିଷୟବସ୍ତୁ ଉପରେ ମୁଖ୍ୟବକ୍ତା ରୂପେ ଅଭିଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ଅଧିବେଶନରେ ବେଙ୍ଗାଲୁରୁର ଭାରତୀୟ ଉଦ୍ୟାନ କୃଷି ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ତୁଷାରକାନ୍ତି ବେହେରା, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରଫେସର ଦୀନବନ୍ଧୁ ସାହ, ଗ୍ରୀଡକୋର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ବେଲଜିୟମ୍‌ର କାଥୋଲିଏକେ ବିଶ୍ୱବିଦ୍ୟାଳୟର ପ୍ର. ୱାଲ୍ଟର ଲୁଏଟେନ୍ ଏବଂ ଭୁବନେଶ୍ୱର ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ, ୧୭ଟି ଏସ୍‌ଡ଼ିଜିର ବିଭିନ୍ନ ଦିଗ ଉପରେ ଆଲୋଚନା ଉପସ୍ଥାପନ କରିଥିଲେ। ପୂର୍ବତନ ଏନ୍‌ଆଟି ନିର୍ଦ୍ଦେଶକ ପ୍ର. ସୁନୀଲ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଅଧିବେଶନରେ ଆଲୋଚକ ରୂପେ ଡ. ଶୁଭ୍ରାଂଶୁ ଭୂଷଣ ରାୟ, ପ୍ର. ବିନୋଦ ଚନ୍ଦ୍ର ଚୌଧୁରୀ, ଡ. ନିଶିଥ କୁମାର ମହାନ୍ତି ଏବଂ ପ୍ର. ଗୋପାଳ ଚନ୍ଦ୍ର କୁଣ୍ଡୁ 'ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନ - ଆହ୍ୱାନ ଏବଂ ସମ୍ଭାବନା' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ପ୍ର. ଆଦିତ୍ୟ ପ୍ରସାଦ ଦାଶ ତଥା ସମ୍ମାନିତ ଅତିଥି ଭାବରେ ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ ଯୋଗଦାନ କରିଥିଲେ ଓ ଅତିଥିମାନେ ୨୦୩୦ ମଧ୍ୟରେ ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ଦ୍ୱାରା ନିର୍ଦ୍ଧାରିତ ୧୬୯ଟି ଉଦ୍ଦେଶ୍ୟ ହାସଲ କରିବାରେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଗବେଷଣା କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ନିମନ୍ତେ ପ୍ରଫେସର ଦାଶଙ୍କୁ 'ଜୀବ ବିଜ୍ଞାନରେ ଉତ୍କର୍ଷତା ପୁରସ୍କାର'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ, ଡିନ୍ ପ୍ର. ପ୍ରଶାନ୍ତ ରଥ, ସଂଯୋଜକ ପ୍ର. ସନ୍ଦୀପ ନାରାୟଣ କୁଣ୍ଡ, ସହ-ସଂଯୋଜକ ଡ. ଆଲୋକ କୁମାର ପଣ୍ଡା, ଏବଂ ସଂଗଠନ ସମ୍ପାଦକ ଡ. ଶୁଭାଙ୍ଗୀ ଡି. ସାହୁ ମଧ୍ୟ ଉପସ୍ଥିତ ଥିଲେ। ସହ-ସଂଯୋଜକ ଡ. ସୁରଭି ଜୈନ ଧନ୍ୟବାଦ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୫୦ରୁ ଅଧିକ ପ୍ରତିନିଧି ଯୋଗଦାନ କରି ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ।



**୨୬ତମ ବିଜ୍ଞାନ ଓ ପରିବେଶ କଂଗ୍ରେସର ଉଦ୍‌ଯାପିତ**

## ମା'ର ମାଦେବୀଙ୍କ ୧୨୫ତମ ଜୟନ୍ତୀ

**ଭୂବନେଶ୍ୱର ୩୦।୧୧(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତ୍ରୀ ମାଆ ରମାଦେବୀଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱାଧୀନତା ଆନ୍ଦୋଳନ କାଳରେ ତାଙ୍କ ପ୍ରେରଣାରେ ଶହ ଶହ ମହିଳା ଏଥିରେ ସାମିଲ ହେବା ସହ ଭାରତବର୍ଷକୁ ଶୃଙ୍ଖଳମୁକ୍ତ କରାଇପାରିଥିଲେ।




ରମାଦେବୀଙ୍କ ପ୍ରେରଣାରେ କେବଳ ସେ ନୁହନ୍ତି, ତାଙ୍କର ସମଗ୍ର ପରିବାର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଓ ସ୍ୱାଧୀନୋତ୍ତର ଭାରତରେ କ୍ଷମତା ରାଜନୀତିକୁ ନଯାଇ ବରଂ ସର୍ବୋଦୟ ଆନ୍ଦୋଳନରେ ଜୀବନ ସମର୍ପି ଦେଇଥିଲେ। ଅଳକା ଆଶ୍ରମ, ଇଞ୍ଚୁଡି ଲବଣ ସତ୍ୟାଗ୍ରହ, ବରୀ ଆଶ୍ରମ ମାଧ୍ୟମରେ କର୍ମୀ ନିର୍ମାଣ, ହରିଜନ ପଦଯାତ୍ରା ସମୟରେ ମାହାରା ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ଭାବରେ କାର୍ଯ୍ୟ, ଭାରତ ଛାଡ଼ ଆନ୍ଦୋଳନରେ ନେତୃତ୍ୱ ପୁଣି ସ୍ୱାଧୀନ ଭାରତରେ ଭୁଦାନ ଗ୍ରାମଦାନ ଆନ୍ଦୋଳନର ନେତୃତ୍ୱ ଠାରୁ ଆରମ୍ଭ କରି ଜରୁରୀ ପରିସ୍ଥିତି ବିରୋଧୀ ସଂଗ୍ରାମରେ ଓଡ଼ିଶାର ନେତୃତ୍ୱ ସବୁଥିରେ ମା ରମାଦେବୀଙ୍କର ଓଡ଼ିଶାରେ ନାଁ ଡାକ ଥିଲା। ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ, କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟ, ବାଜିରାଉତ ଛାତ୍ରାବାସ, ଠକ୍କର ବାପା ଆଶ୍ରମ, ଲୋହିଆ ଏକାଡ଼େମୀ, ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବା ସଂଗଠନ ଆଦି ସଂଗଠନମାନଙ୍କୁ ନେଇ ଗଠିତ ଗାନ୍ଧିବାଦୀ ଗଣ ସଂଗଠନ ସମୂହଙ୍କ ପକ୍ଷରୁ ଆଗାମୀ ଡିସେମ୍ବର ୧ ତାରିଖରୁ ୩ ତାରିଖ ଯାଏ ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀର ରାଜ୍ୟବ୍ୟାପୀ ଉଦଯାପନୀ ଉତ୍ସବ ପାଳିତ ହେବ ବୋଲି ନିଷ୍ପତ୍ତି ହୋଇଛି। ମାଆ ରମାଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦେବା ପାଇଁ କୃଷ୍ଣା ମହାନ୍ତି, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଡଃ ବିଶ୍ୱଜିତ, ମିହିର ପ୍ରତାପ ଦାସ, ବିରୁପାକ୍ଷ ତ୍ରିପାଠୀ, ସନ୍ଧ୍ୟାରାଣୀ ମଲ୍ଲିକ, ଜୟନ୍ତ ଦାସ, ଇଂ ଧନେଶ୍ୱର ସାହୁ, ପ୍ର. ସୀତା ସାହୁ, ଆର୍ଯ୍ୟଭଟ୍ଟ ମହାନ୍ତି, ସୂର୍ଯ୍ୟ ନାରାୟଣ ନାଥ, ମାନସ ପଟ୍ଟନାୟକ ପ୍ରମୁଖ କହିଛନ୍ତି।

# ବହୁ ଛକରେ ନାହିଁ 'ଆମ ବସ୍' ରହଣୀସ୍ଥଳ

**ବିପଦପୂର୍ଣ୍ଣ ଭାବେ ବସ୍‌କୁ ଅପେକ୍ଷା କରୁଛନ୍ତି ଯାତ୍ରୀ**



**ଭୁବନେଶ୍ୱର, ୩୦।୧୧(ସମିସ):** ରାସ୍ତା ଉପରେ ବିପଦ ସଙ୍କୁଳ ଅବସ୍ଥାରେ ଲୋକମାନେ ଆମ ବସ୍‌କୁ ଅପେକ୍ଷା କରୁଛନ୍ତି। ରାସ୍ତାରେ ଏବେ ଯେଉଁ ଭଳି ଭାବରେ ଦୁର୍ଘଟଣା ଘଟୁଛି କେତେ ବେଳେ କ'ଣ ହେବ ତାହା କହି ହେବନି।

ରାଜଧାନୀରେ ୩୫ଟି ରୁଟ୍‌ରେ ୩୫୦ 'ଆମ ବସ୍' ଚାଲୁଛି। ଏଥିରେ ଏସି ୧୯୦ ରହିଥିବା ବେଳେ ବିନା ଏସି ବସ୍ ୧୬୦ଟି ରହିଛି। ଆମ ବସ୍ ଉପରେ ଅନେକ ଲୋକ ନିର୍ଭର କରୁଥିବା ବେଳେ ପ୍ରତିଦିନ ଶହ ଶହ ଲୋକ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ନେବା ଆଣିବା କରୁଛି। କିନ୍ତୁ ସହରରେ ବିଭିନ୍ନ ଛକରେ ଆମ ବସ ଷ୍ଟପ୍ ନାହିଁ। ଫଳରେ ଲୋକମାନେ ଖରା, ବର୍ଷା, ଶୀତରେ ରାସ୍ତା ଉପରେ ବିପଦପୂର୍ଣ୍ଣ ଭାବେ ବସ୍‌କୁ ଅପେକ୍ଷା କରୁଛନ୍ତି।

କ୍ୟାପିଟାଲ ହସ୍ପିଟାଲର ଗୋଟେ ପାଖେ ବସ୍‌ଷ୍ଟପ୍ ଥିବା ବେଳେ ଅନ୍ୟ ପାଖରେ ବସ୍‌ଷ୍ଟପ୍ ନାହିଁ। ଫଳରେ ଲୋକଙ୍କ ସମେତ ରୋଗୀମାନେ ରାସ୍ତା କଡ଼ରେ ବସି ବସ୍‌କୁ ଅପେକ୍ଷା କରୁଛନ୍ତି। ଠିକ୍ ଏହିପରି ମଧ୍ୟ ଫରଚ୍ୟୁନ୍ ଟାୱାର ଛକ, ଖଣ୍ଡଗିରି, ଆଇଗିଣିଆ, ସିଟି ଓମେନ୍ସ କଲେଜ ଆଦି ଛକର ଗୋଟେ ପଟେ ଥିବା ବେଳେ ଅନ୍ୟ ପଟ କଥା ନକହିବା ଭଲ। ଏହିପରି ସହରରେ ରାଜମହଲ, ହଂସପାଳ, ନୟାପଲ୍ଲୀ, ଆଇଗିଣିଆ, ଶାସ୍ତ୍ରୀ ନଗର, ରାମ ମନ୍ଦିର, ତମାଣ୍ଡୋ, କୋଳଥିଆ, ଜାଗମରା, ଜାଗମରା ଜଗନ୍ନାଥ ମନ୍ଦିର, ଆଇଟିଆର କଲେଜ୍, ଓୟୁଏଟି ଆଦି ଛକରେ କେଉଁଠି ଗୋଟେ ପଟେ ବସ୍‌ଷ୍ଟପ୍ ଅଛି ତ ଆଉ କେଉଁ ପଟେ ମୂଳରୁ ନାହିଁ। ଫଳରେ ଅନେକ ପର୍ଯ୍ୟଟକଙ୍କ ସମେତ ଯାତ୍ରୀମାନେ ରାସ୍ତା ଉପରେ ତ ଆଉ କେଉଁଠି ଗଛ ମୂଳେ ବସ୍‌କୁ ଅପେକ୍ଷା କରି ରହୁଛନ୍ତି।

ଏ ନେଇ ଫରଚ୍ୟୁନ୍ ୱାଟାର ପାଖରେ ବସ୍‌କୁ ଅପେକ୍ଷା କରିଥିବା ଛାତ୍ରୀ ରୋଶ୍ନି ପଟ୍ଟନାୟକ କୁହନ୍ତି ଆମେ ପ୍ରତିଦିନ ଆମ ବସ୍ ଉପରେ ନିର୍ଭରଶୀଳ। କିନ୍ତୁ ବସ୍‌କୁ ଅପେକ୍ଷା କରିବା ବେଳେ ବସଷ୍ଟପ୍ ନାହିଁ। ସହରରେ ଏମିତି ଅନେକ ସ୍ଥାନ ଅଛି ଯେଉଁଠି ଦୁଇ ଦୁଇ ପଟେ ରହୁଛି ହେଲେ ଯେଉଁ ସ୍ଥାନ ଗୁଡ଼ିକରେ ବସ୍‌ଷ୍ଟପ୍ ଦରକାର ସେଠାରେ ମୂଳରୁ ନାହିଁ ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ କ୍ରୁଟ୍‌ର ଜଣେ ଅଧିକାରୀଙ୍କ କୁହନ୍ତି ଏହି ବିଷୟରେ ଉପରିସ୍ଥ ଅଧିକାରୀ ସଠିକ୍ ଭାବରେ ମତାମତ ଦେଇ ପାରିବେ। ଏହି ସଂକ୍ରାନ୍ତରେ କୈଣସି ମତାମତ ନଦେଇ ଏହାକୁ ଏଡ଼ାଇ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ପାଇଁ ପ୍ରସ୍ତୁତି


ମାଲକାନଗିରି,୩୦।୧୧(ସମିସ): ମାଲକାନଗିରି ଜିଲ୍ଲାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ନିମନ୍ତେ ପ୍ରସ୍ତୁତି ବୈଠକ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୋଳମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩ ରୁ ୬ ଡିସେମ୍ବର ପର୍ଯ୍ୟନ୍ତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ବିଷୟରେ ଆଲୋଚନା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ରାଜ୍ୟସ୍ତରୀୟ ମୂତ୍ର ରୋଗ ବିଶେଷଜ୍ଞ, ମସ୍ତିଷ୍କ ବିଶେଷଜ୍ଞ, କିଡନୀ ବିଶେଷଜ୍ଞ, ହୃଦ୍‌ରୋଗ ବିଶେଷଜ୍ଞ, ପାଚକ ତନ୍ତ୍ର ବିଶେଷଜ୍ଞ ଏବଂ ଲାପାରୋସ୍କୋପି ଏବଂ ଶଲ୍ୟ ବିଶେଷଜ୍ଞ ଆଦି ଡାକ୍ତରୀଦଳ ଆସି ଏହି ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସା ସେବା ସହ ଅସ୍ତ୍ରୋପଚାର କରିବାର କାର୍ଯ୍ୟକ୍ରମ ରହିଛି। ଜନସାଧାରଣଙ୍କ ମଧ୍ୟରେ ସଚେତନତା ସହ ସ୍ୱାସ୍ଥ୍ୟ ଶିବିରରେ ଆସୁଥିବା ବିଶେଷଜ୍ଞ ଡାକ୍ତର ସମ୍ପର୍କିତ ବାର୍ତ୍ତା ଦେବା ନିମନ୍ତେ ଜିଲ୍ଲାର ୭ଟି ବ୍ଲକ ଏବଂ ସହରାଞ୍ଚଳ ମାଲକାନଗିରିରେ ଡାକବାଜି ଯନ୍ତ୍ର ମାଧ୍ୟମରେ ମଧ୍ୟ ପ୍ରଚାର କରାଯାଉଛି। ଏଣୁ ଆସନ୍ତା ଡିସେମ୍ବର ୩ ରୁ ୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିରକୁ ବହୁଳ ଭାବେ ରୋଗୀ ଆସି ବିନା ମୂଲ୍ୟରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମାଲକାନଗିରିଠାରେ ଚିକିତ୍ସା ସୁବିଧା ପାଇବାକୁ ଅନୁରୋଧ କରାଯାଇଛି। ଏହି ବୈଠକରେ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଅଧିକ୍ଷକ ଡା.ବ୍ରଜବନ୍ଧୁ ଦାଶ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ଡା. ମୌସୁମୀ ମିଶ୍ରଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ଡାକ୍ତର ଓ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ୩୭ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୩୦।୧୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦନ୍ତେବାଡ଼ାରେ ପୁଲିସରେ ୩୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏଥିରେ ୧୨ ଜଣ ମହିଳା କ୍ୟାଡରର ସଦସ୍ୟ ଅଛନ୍ତି। ଯେଉଁ ବନ୍ଧୁକରେ ବହୁ ସଂଖ୍ୟାରେ ନିରୀହ ଲୋକଙ୍କର ଜୀବନ ନେଇଥିଲେ, ସେଗୁଡ଼ିକୁ ପୁଲିସ ନିକଟରେ ହସ୍ତାନ୍ତର କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୨୭ ଜଣଙ୍କ ନାମରେ ୬୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ଏମାନେ ଡିଆରଜି କାର୍ଯ୍ୟାଳୟ ଦନ୍ତେୱାଡାରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁସାରେ ୫୦ ହଜାର ଟଙ୍କା ତତ୍କାଳିତ ସହାୟତା ରାଶି ଦିଆଯିବ। ଏଥି ସହିତ ଦକ୍ଷତା ବିକାଶ ତାଲିମ, ଚାଷ ଜମି ଓ ସାମାଜିକ ଥଇଥାନ ଭଳି ସୁବିଧା ଉପଲବ୍ଧ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ୨୦ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ; ୨ ଗିରଫ


କାଳିମେଳା,୩୦।୧୧(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି- ୯୦ ଅଞ୍ଚଳରେ କାଳିମେଳା ପୋଲିସ୍ ଟିମ୍ ରାତ୍ରି କାଳୀନ ପାଟ୍ରୋଲିଂ କରୁଥିବା ସମୟରେ ୨୦ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମାଲା ମଲ୍ଲେଶମ୍ ଓ ଅଗୁର୍ଲା କୁମାର। ସେମାନେ ତେଲେଙ୍ଗାନାର କରିମନଗର ଅଞ୍ଚଳର ହୋଇଥିବା ବେଳେ ସେମାନଙ୍କ ପାଖରୁ ନଗଦ ୨୫,୦୦୦ ଟଙ୍କା, ଏପି- ୧୫ବିଡି -୮୮୯୫ ବିଶିଷ୍ଟ ଏକ ଟାଟା ଇଣ୍ଡିକା ଭିସ୍ତା କାର ସମେତ ଦୁଇଟି ମୋବାଇଲ୍ ଫୋନ୍ ଜବତ କରିଛି କାଳିମେଳା ପୁଲିସ। ତେବେ ଅନ୍ୟ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଖସିଯିବାରେ ସଫଳ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ସେମାନେ ଏମ୍‌ଭି- ୯୦ ଗ୍ରାମ ଛକ ନିକଟରେ କାରରେ ବେଆଇନ ଭାବରେ ଚୋରା ଗଞ୍ଜେଇ ରଖି ବସିଥିବାବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଦେହ ଜଣକ ଭାବେ ଯାଞ୍ଚ କରିବା ସହ ସେମାନଙ୍କୁ ଗିରଫ କରିଥିଲେ। ଏହି ଗଞ୍ଜେଇକୁ ଅଭିଯୁକ୍ତମାନେ ତେଲେଙ୍ଗାନା ଅଞ୍ଚଳକୁ ଚାଲାଣ କରୁଥିବା ସୂଚନା ମିଳିଥିବାବେଳେ ଏନେଇ ପୁଲିସ୍ କେସ୍ ନମ୍ବର ୨୮୧/୨୫ରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ମୁକୁନ୍ଦ ମେଲକା।








■ ସବୁଜ ଭବିଷ୍ୟତ ଗଠନ ପ୍ରୟାସ


# ଜେଏସ୍‌ଡବ୍ଲୁ ଷ୍ଟିଲ୍ ପକ୍ଷରୁ ଚାରା ବଣ୍ଟନ

ଯୋଡ଼ା, ୩୦ା୧୧ (ସମିସ):




ଜେଏସଡବ୍ଲୁ ଷ୍ଟିଲର ଓଡ଼ିଶା ଖଣି ବିଭାଗ କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାର ସ୍କୁଲ ଏବଂ କଲେଜଗୁଡ଼ିକରେ ଚାରା ବଣ୍ଟନ ଅଭିଯାନ ଆରମ୍ଭ କରିଛି। ଏହି ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କୁ ପରିବେଶଗତ ସଂରକ୍ଷଣରେ ନିୟୋଜିତ କରିବା ଏବଂ ସହରାଞ୍ଚଳ ସବୁଜୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଛି। କମ୍ପାନୀର ଜଙ୍ଗଲ ଏବଂ ପରିବେଶ ବିଭାଗ ନେତୃତ୍ୱରେ ଏହି ଅଭିଯାନ ୧୭ଟି ଶିକ୍ଷାନୁଷ୍ଠାନରେ ୨୦୦୦ରୁ ଅଧିକ ଚାରା ବଣ୍ଟନ କରିଛି। କେନ୍ଦୁଝରରେ ୭ଟି ସ୍କୁଲ ଏବଂ ଗୋଟିଏ କଲେଜର ଛାତ୍ରଛାତ୍ରୀମାନଙ୍କୁ ୧,୨୨୫ ଚାରା ଯୋଗାଇ ଦିଆଯାଇଛି। ଶୁକ୍ରବାର ବାର୍ବିଲ୍ କଲେଜରେ ପ୍ରାୟ ୬୦୦ ଚାରା ବଣ୍ଟନ ଏକ ପ୍ରମୁଖ ଆକର୍ଷଣ ଥିଲା। ଏହି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ମଧ୍ୟରେ ପରିବେଶଗତ ଦାୟିତ୍ୱ ଏବଂ ସବୁଜ ମୂଲ୍ୟବୋଧ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଏହି ପ୍ରୟାସ ଦ୍ୱାରା ଦାୟିତ୍ୱ, ପରିବେଶଗତ ସାକ୍ଷରତା ଏବଂ ସ୍ଥାୟିତ୍ୱ ପ୍ରତି ଜୀବନବ୍ୟାପୀ ପ୍ରତିବଦ୍ଧତା ବୃଦ୍ଧି କରାଯାଇ ପାରିବ ବୋଲି ବାର୍ବିଲ କଲେଜର ଅଧକ୍ଷ ନାରାୟଣଚନ୍ଦ୍ର ଦାଶ କହିଛନ୍ତି। ଛାତ୍ରମାନେ ଉତ୍ସାହର ସହିତ ଏହି ପ୍ରୟାସକୁ ସ୍ୱାଗତ କରିଥିଲେ। ଅଧ୍ୟାପକମାନେ ସାମିଲ ହେବା ଦ୍ୱାରା ଏହି ଭାବନା ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥିଲା। ଜେଏସଡବ୍ଲୁ ଷ୍ଟିଲର ଚାରା ବଣ୍ଟନ ଉତ୍ସବରେ ବନ ବିଭାଗର କର୍ମଚାରୀ ପୁଣ୍ୟଶ୍ଳୋକା ମହାନ୍ତି, ସୁମିତାଭ ଦତ୍ତ, ଅଭିଶ୍ରୀ ଏସ୍, ଦୀପଚାନ୍ଦ ବିହାରୀ (ପିଆର ଏବଂ କର୍ପ କମ୍)-ଜେଏସଡବ୍ଲୁ ଫାଉଣ୍ଡେସନ ପ୍ରତିନିଧି ପାର୍ଥ ବେହୁରା ଏବଂ ବିଜୟା ସାହୁ ଉପସ୍ଥିତ ଥିଲେ। ପରିବେଶ ଶିକ୍ଷା କେନ୍ଦ୍ରର ଦଳ, କପିଳ କର୍ମକାର ଏବଂ ଲକ୍ଷ୍ମୀପ୍ରିୟା ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ।




## ଚିକିତ୍ସାରେ ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

# ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା, କାର୍ଯ୍ୟାନୁଷ୍ଠାନ ଦାବି


କେନ୍ଦୁଝର, ୩୦ା୧୧(ସମିସ):



ଶନିବାର ବିଳମ୍ବିତ ରାତିରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଜଣେ ମହିଳାଙ୍କ ମୃତ୍ୟୁକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଛି। ମହିଳାଙ୍କ ଉପଯୁକ୍ତ ଚିକିତ୍ସାରେ ଡାକ୍ତରଙ୍କ ଅବହେଳା ପାଇଁ ମୃତ୍ୟୁ ହୋଇଥିବା ପରିବାର ଅଭିଯୋଗ ଆଣିଛନ୍ତି। ଉକ୍ତ ମହିଳା ଜଣକ ହେଉଛନ୍ତି ତୁରୁମୁଙ୍ଗାର ପିଙ୍କି ସାହୁ(୨୫)। ପ୍ରସବ ଜନିତ ଯନ୍ତ୍ରଣା ହେବାରୁ ଶନିବାର ସକାଳ ୮ଟାରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲେ। ଡ୍ୟୁଟିରେ ଥିବା ଡାକ୍ତର ପଦ୍ମଲୋଚନ ମହାନ୍ତ ସନ୍ଧ୍ୟାରେ ଅପରେସନ କରାଯିବ ବୋଲି କହିଥିଲେ। ସନ୍ଧ୍ୟାରେ ପିଙ୍କି ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ରାତି ପ୍ରାୟ ୧୧ଟା ବେଳେ ପ୍ରବଳ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ସେତେବେଳେ ପରିବାର ଲୋକ ଡ୍ୟୁଟିରେ ଥିବା ନର୍ସଙ୍କୁ ଜଣାଇଥିଲେ। ତେବେ, ଡ୍ୟୁଟିରେ ଥିବା ଡାକ୍ତର ପଦ୍ମଲୋଚନ ମହାନ୍ତଙ୍କୁ ଫୋନ କଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ। ଯନ୍ତ୍ରଣା ବଢ଼ିବାରୁ ରାତି ପ୍ରାୟ ୧୨ଟା ସମୟରେ ଷ୍ଟ୍ରେଚରରେ ଏଚଡିୟୁ ୱାର୍ଡକୁ ନେଇଥିଲେ। ସେଠାରେ ଥିବା ନର୍ସ ଡାକ୍ତରଙ୍କୁ ଜଣାଇଥିଲେ ମଧ୍ୟ ଡାକ୍ତର ନ ଆସିବାରୁ ନର୍ସ ଏକ ଇଞ୍ଜେକସନ ଦେଇଥିଲେ। ପରେ ରାତି ୨ଟା ୪୫ଟାରେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିଲା। ନର୍ସ ପରିବାର ଲୋକଙ୍କୁ ଏକ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ମୃତ୍ୟୁ ପ୍ରମାଣପତ୍ରରେ ଡାକ୍ତରଙ୍କ ଦସ୍ତଖତ ନଥିଲା। ପରିବାର ଏବଂ ସମ୍ପର୍କୀୟ ଲୋକ ଚିକିତ୍ସାରେ ଅବହେଳା କରିଥିବା ଡାକ୍ତର ଏବଂ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଉଚିତ କ୍ଷତିପୂରଣ ଦାବି କରି ଶବ ଉଠାଇବେ ନାହିଁ ବୋଲି ଜିଦ୍ ଧରି ବସିଥିଲେ। ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ(ମେଡିକାଲ) ଡାକ୍ତର ପ୍ରଦୀପ ମିଶ୍ର, କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ସୁରେନ୍ଦ୍ରନାଥ ସୋରେନ, ସଦର ଏସଡିପିଓ ସୁଦର୍ଶନ ଗାଗୋଇ, ଟାଉନ ଥାନାଧିକାରୀ ଶ୍ରୀକାନ୍ତ ସାହୁ ଆଲୋଚନା କରିବା ପରେ ରବିବାର ଦିନ ୧୧ଟା ପରେ ଶବ ଉଠାଇବାକୁ ରାଜି ହୋଇଥିଲେ। ମୃତ ମହିଳାଙ୍କ ସ୍ୱାମୀ ଆନନ୍ଦ ପୃଷ୍ଟି ଚିକିତ୍ସାରେ ଅବହେଳା ଅଭିଯୋଗ କରି ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ କେସ ନମ୍ବର ୯୨୩/୨୦୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅପରେସନ ପାଇଁ ୧୫୦୦ ଟଙ୍କା ଦିଆଯାଇଥିଲା ବୋଲି ମୃତକଙ୍କ ସାନ ଭଉଣୀ ପ୍ରିୟଙ୍କା ସାହୁ ଅଭିଯୋଗ କରିଛନ୍ତି। ରାତିରେ ଡ୍ୟୁଟିରେ ଡାକ୍ତର ରହୁ ନଥିବା ସେ ଅଭିଯୋଗ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରମାନେ ସଠିକ୍ ଭାବେ ଡ୍ୟୁଟି ନ କରି କେତେକ ନର୍ସିଂହୋମରେ ଡ୍ୟୁଟି କରୁଥିବାରୁ ଏଭଳି ଅଘଟଣ ବାରମ୍ବାର ଘଟୁଥିବା ଅଭିଯୋଗ ହେଉଛି। ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମିଶ୍ର। ଘଟଣାସ୍ଥଳରେ ବହୁ ରୋଗୀଙ୍କ ସଂପର୍କୀୟ ସଠିକ୍ ଚିକିତ୍ସା ହେଉ ନଥିବା ଅଭିଯୋଗ କରିଥିଲେ। ଚମ୍ପୁଆ ବ୍ଲକ ବଳଭଦ୍ରପୁର ଗ୍ରାମର ବସୁମତି ଖଣ୍ଡେଇ ନାମକ ଜଣେ ମହିଳା ଅଭିଯୋଗ କରି କହିଛନ୍ତି ଯେ ତାଙ୍କ ମା' ଙ୍କୁ ଚିକିତ୍ସା ପାଇଁ ଶୁକ୍ରବାର ସନ୍ଧ୍ୟାରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ୩ ଦିନ ହେବ କୌଣସି ଡାକ୍ତର ତାଙ୍କୁ ଦେଖି ନଥିବା ଅଭିଯୋଗ କରିଛନ୍ତି। ଡାକ୍ତର କେତେ ବେଳେ ଆସିବେ ବୋଲି ନର୍ସଙ୍କୁ ପଚାରିଲେ ପାଲଟା ଆକ୍ରୋଶର ଶିକାର ହେବାକୁ ପଡୁଛି। ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ମାନଙ୍କୁ ଡାକ୍ତରଖାନାରେ ଦୁର୍ବ୍ୟବହାର କରାଯାଉଥିବା ନେଇ ବହୁ ଲୋକ ଅଭିଯୋଗ କରିଥିବା ଜଣାପଡ଼ିଛି।

# ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟ ଶେଷ ପରେ ବି ମିଳୁନି ଅର୍ଥ

ଚମ୍ପୁଆ,୩୦ା୧୧(ସମିସ): ଗରିବ ଅସହାୟଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସରକାର ଗୃହ ଯୋଗାଇ ଦେଉଥିଲା ବେଳେ ଚମ୍ପୁଆ ଏନଏସିରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଆବାସ ପାଇଁ କାର୍ଯ୍ୟଦେଶ ପାଇଁ କାର୍ଯ୍ୟ କଉଠି ଅଧା ହେଲାଣି ତ ଆଉ କେଉଁଠି ଶେଷ ହେବାକୁ ବସିଲାଣି। ମାତ୍ର କାର୍ଯ୍ୟାଦେଶ ପରେ ପର୍ଯ୍ୟାୟକ୍ରମରେ ମିଳିବାକୁ ଥିବା ଅର୍ଥ ପାଇବାରୁ ହିତାଧିକାରୀମାନେ ବଞ୍ଚିତ ହୋଇ ବନ୍ଧାଛନ୍ଦା ତଥା ଧାର ଉଧାର କରି କାର୍ଯ୍ୟକରି ଅର୍ଥିକ କଷ୍ଟ ଭୋଗୁଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଚମ୍ପୁଆ ଏନଏସିର ଭିଭିନ୍ନ ୱାର୍ଡର ହିତାଧିକାରୀଙ୍କ କ୍ଷେତ୍ରରେ। ୧ ନଂ ୱାର୍ଡର ଚିଙ୍ଗିନି ନାଏକ, ଗେନ୍ଦ୍ଲେଇ ନାଏକ, ମଲ୍ଲି ନାଏକ, ଚାନ୍ଦ ନାଏକ, ରାନୁ ନାଏକ, ନିରାଶ ବେଓ୍ୱା, ଶୁକଦେବ ନାଏକ, ସୁଲୋଚନା ସେଠୀଙ୍କ ଆବାସ କାର୍ଯ୍ୟ ଶେଷ ପର୍ଯ୍ୟାୟ ପହଞ୍ଚିଥିଲେ ମଧ୍ୟ ଏମାନଙ୍କ ମଧ୍ୟରୁ କାହାକୁ ଗୋଟାଏ କିସ୍ତି ତ କାହାକୁ ଦୁଇଟି କିସ୍ତି ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରୁ ଅଧାରୁ ଅଧିକ ବାଲି ସିମେଣ୍ଟ ରଡ ଆଦି ଧାର କରଜ କରି ଆଣିଥିଲେ ମଧ୍ୟ ଉଧାର ସୁଝି ପାରୁନାହାନ୍ତି। ଫଳରେ ରାତି ପାହିଲେ ଦୋକାନୀଠାରୁ ଆରମ୍ଭ କରି ମିସ୍ତ୍ରି ପର୍ଯ୍ୟନ୍ତ ଘରେ ଯାଇ ପଇସା ମାଗୁଛନ୍ତି। ଏନେଇ ଏନଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା କହିଛନ୍ତି ଯେ ଏହି ଅର୍ଥ ସବୁ ଜିଲ୍ଲାରୁ ପଇଠ କରାଯାଉଛି ଆମେ କାଗଜପତ୍ର ସବୁ ଜିଲ୍ଲାକୁ ପଠାଇ ସାରିଛୁ। ଆମ ପାଖରେ କୌଣସି କାମ ବକେୟା ନାହିଁ ତୁରନ୍ତ ପଇଠ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ।



# ବିଶ୍ୱ ଏଡ୍‌ସ ଦିବସ ଆଜି

କେନ୍ଦୁଝର, ୩୦ା୧୧(ସମିସ): ପ୍ରତିବର୍ଷ ଡିସେମ୍ବର ପହିଲାକୁ ସମଗ୍ର ପୃଥିବୀରେ ବିଶ୍ୱ ଏଡସ ଦିବସ ଭାବରେ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ କେନ୍ଦୁଝରରେ ଏହାର ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜନ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ରହିଛି। ୨୦୩୦ ସୁଦ୍ଧା ଏଡସ ଏକ ସାର୍ବଜନୀନ ବିପଦର ଧାରଣାକୁ ଶେଷ କରିବା ଲକ୍ଷ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କାର୍ଯ୍ୟରତ। ଚଳିତ ବର୍ଷ ବିଶ୍ୱ ଏଡସ ଦିବସରେ ଏଚଆଇଭି ଏଡସ ମିଥ ଏବଂ ସତ୍ୟ ସମ୍ପର୍କରେ ଜାଣିବା ନିତାନ୍ତ ଜରୁରୀ ହୋଇପଡିଛି। ଏଡସ ସମ୍ପର୍କିତ ସଂକୋଚ, ଭୟ ଓ ସାମାଜିକ ଦୂରତ୍ୱକୁ ଦୂର କରିବା କେତେ ଆବଶ୍ୟକ ଅଟେ। ଏହି କଳଙ୍କିତ ଭାବନା ଲୋକଙ୍କ ଜୀବନକୁ ଅନେକ ପ୍ରଭାବିତ କରୁଛି। ଆଜି ବିଜ୍ଞାନର ପ୍ରଗତି ଫଳରେ ଏଚଆଇଭି ପଜିଟିଭ ଏଡସ ପର୍ଯ୍ୟାୟରେ ନାହିଁ, ଠିକ ଚିକିତ୍ସା ଆଉ ନିୟନ୍ତ୍ରିତ ଜୀବନ ପ୍ରଣାଳୀ ଦ୍ୱାରା ଏଚଆଇଭିକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ନିୟନ୍ତ୍ରଣରେ ରଖାଯାଇପାରୁଛି। କିଛି ଆକ୍ରାନ୍ତଙ୍କ ଶରୀରରେ ନିଷ୍କ୍ରିୟ ହୋଇ ରହିଥିବା ଏଚଆଇଭି ଆଧୁନିକ ଆଣ୍ଟିରେଟ୍ରୋଭାଇରଲଥେରାପି ପାଇଁ ଚ୍ୟାଲେଞ୍ଜ ହୋଇଥାଏ; କିନ୍ତୁ ଏବେ ସମୟ ପରିସ୍ଥିତି ବଦଳି ଯାଇଛି। ଏଚଆଇଭି ପଜିଟିଭ ଲୋକେ ଆଣ୍ଟିରେଟ୍ରୋଭାଇରଲ ଥେରାପି ଦ୍ୱାରା ସାଧାରଣ ଜୀବନଯାପନ କରିପାରିବେ। ଏହା କେବଳ ଅସୁରକ୍ଷିତ ଯୌନ ସମ୍ପର୍କ, ସଂକ୍ରମିତ ଇଞ୍ଜେକେସନ ଛୁଞ୍ଚି ଦ୍ୱାରା ବ୍ୟାପିଥାଏ। ୨୦୧୯ରେ ଏକ ବୈଜ୍ଞାନିକ ବିଶ୍ଳେଷଣ ଦ୍ୱାରା ଜଣାଯାଇଛି ଯେ ଚିହ୍ନଟ ହୋଇପାରୁ ନଥିବା ଏଚଆଇଭି ଅନ୍ୟ ନିକଟକୁ ସଂକ୍ରମିତ ହୋଇପାରେନାହିଁ। ଠିକ ଚିକିତ୍ସା କେବଳ ରୋଗୀକୁ ସୁସ୍ଥ ରଖେନାହିଁ ବରଂ ଏହାକୁ ସଂକ୍ରମିତ ହେବାକୁ ଦିଏନାହିଁ। ଏଚଆଇଭି ନିଗେଟିଭ ବ୍ୟକ୍ତିଙ୍କ ପାଇଁ ଆଜି ପ୍ରଭାବଶାଳୀ ଔଷଧ ଉପଲବ୍ଧ ହେଉଛି। ଫଳରେ ସମାଜରୁ ପ୍ରଚଳିତ ଭ୍ରାନ୍ତ ଧାରଣା ଦୂରେଇଦେବାର ପ୍ରଚେଷ୍ଟା ଜାରି ରହିଛି ବୋଲି ଜାତୀୟସ୍ତରୀୟ ମାଷ୍ଟର ଟ୍ରେନର ତଥା ଯୁଗ୍ମ ସମ୍ପାଦକ କେନ୍ଦୁଝର ରେଡକ୍ରସ ଏ.ଆର ଖାନ ପ୍ରକାଶ କରିଛନ୍ତି।



# ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ୬ ଗିରଫ ନେତାଙ୍କୁ ନିସର୍ତ୍ତ ଖଲାସ ଦାବି

ତୁରୁମୁଙ୍ଗା, ୩୦ା୧୧(ସମିସ):





କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପୁଲିସ ୬ ଜଣ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ନେତାଙ୍କୁ ଗିରଫ କରବା ପ୍ରତିବାଦରେ ରବିବାର ଅଲଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାଟଣା ବ୍ଲକ ଯମୁନାପଶିଠାରେ ସଙ୍ଗଠନର ଜିଲ୍ଲା ସଭାପତି ଘନଶ୍ୟାମ ମହାନ୍ତ, ଅକ୍ଷୟ କୁମାର ନାଏକ, ଜୟଦେବ ମହାନ୍ତଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ସାହାରପଡା ବଜାରରେ ଖଗେଶ୍ୱର ମହାନ୍ତଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେହିପରି ସାହାରପଡା ବ୍ଲକର ବେଲ ସରେଇଠାରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗିରଫ ହୋଇଥିବା ୬ ନେତାଙ୍କୁ ନିସର୍ତ୍ତରେ ଛାଡିବା ସହ ସେମାନଙ୍କ ନାମରେ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର, ଜିନ୍ଦଲ ପୋସ୍କୋ ସହ ହୋଇଥିବା ଚୁକ୍ତିନାମା ରଦ୍ଦ ଦାବି ଆଦି ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।






# ମାନସିକ ସ୍ୱାସ୍ଥ୍ୟ କର୍ମଶାଳା

**ଭଦ୍ରକ, ୩୦।୧୧ (ସମିସ):** ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ କ୍ରମାଗତ ମାନସିକ ସ୍ୱାସ୍ଥ୍ୟ କର୍ମଶାଳା ଚାଲୁ ରହିଥିବାବେଳେ ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟ ଓ ବିଏନଏମଏ କଲେଜ ପାଲିଆବିନ୍ଧାଠାରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି। ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତିଙ୍କ ସଞ୍ଚାଳନରେ ଯଥାକ୍ରମେ ଅଧ୍ୟକ୍ଷ ଅମୂଲ୍ୟ ପରିଡ଼ା ଓ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରତାପଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ସ୍ୱାସ୍ଥ୍ୟ ମନସ୍ତତ୍ତ୍ୱବିତ୍ ଲୋନି ଲିୟନି ବେହେରା ଓ ଡଃ ଲଳିତା ସୋରେନ ମାନସିକ ଅବସାଦଜନିତ ଆତ୍ମହତ୍ୟାର ଲକ୍ଷଣ, କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ଉପଯୁକ୍ତ ଚିକିତ୍ସା ଓ ପରାମର୍ଶ ମାଧ୍ୟମରେ ଉକ୍ତ ମାନସିକ ଦୁଶ୍ଚିନ୍ତା, ଅବସାଦ ଦୂର କରାଯାଇପାରିବ ବୋଲି ଉପସ୍ଥିତ ଶତାଧିକ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଅଧ୍ୟାପିକା ଅଧ୍ୟାପକ ଅଶୋକ କୁମାର ଗୋଚ୍ଛାୟତ, ସ୍ୱପ୍ନାବାସବ ସୂତାର, ପଦ୍ମାଳୟା ଖଟୁଆ, ଅଶୋକ ମଲ୍ଲିକ, ରାମଚନ୍ଦ୍ର ବେହେରା, ରାଜେନ୍ଦ୍ର ଭୂଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କୋଡିନେଟର ଦେବେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




## ଧାମରା ରେଳପଥରୁ କୋଇଲା ଚୋରି

# ନିରାପତ୍ତା ଅଧିକାରୀ ଓ ଗ୍ରାମବାସୀ ମୁହାଁମୁହିଁ

**ଭଦ୍ରକ, ୩୦।୧୧ (ସମିସ)**

ଭଦ୍ରକ ଜିଲ୍ଲା ଧାମରା ବନ୍ଦରରୁ କୋଇଲା ଚୋରି କିଛି ଦିନ ବନ୍ଦ ରହିବା ପରେ ପୁଣି ଏହା ଆରମ୍ଭ ହୋଇଯାଇଛି। ଏହି କୋଇଲା ଚୋରି ରୋକିବାକୁ ଜିଲ୍ଲା ପ୍ରଶାସନ ସବୁବେଳେ ସଜାଗ ଥିବା ସତ୍ତ୍ୱେ ସମ୍ପୂର୍ଣ୍ଣ ଚୋରି ରୋକିବା ଦିଗରେ ଜନସାଧାରଣ ପୁଲିସକୁ ସହାୟତା କରିବା ବଦଳରେ ବିରୋଧ କରୁଥିବା ଦୃଷ୍ଟିଗୋଚର ହୋଇଛି। ଧାମରା ଡିଆଇ ରୋଡ ନିକଟରେ ଏପରି ଏକ କାଣ୍ଡ ଘଟିଥିବାବେଳେ ଧାମରା ବନ୍ଦର ନିରାପତ୍ତା ଅଧିକାରୀ ଓ କୋଇଲା ଗୋଟାଉଥିବା ସ୍ଥାନୀୟ ଜନସାଧାରଣ ମଧ୍ୟରେ



ମାରପିଟ ହେଉଥିବା ଏକ ଭିଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି।

ସୂଚନା ମୁତାବକ, ଡିଆଇ ରୋଡ ନିକଟରେ ସ୍ଥାନୀୟ ଲୋକ କିଛି ରେଳଧାରଣାରୁ କୋଇଲା ସଂଗ୍ରହ କରୁଥିବାବେଳେ ଧାମରା ବନ୍ଦର ନିରାପତ୍ତା ଅଧିକାରୀଙ୍କୁ ବାରଣ କରିଥିଲେ। ଏହି କଥାକୁ ନେଇ ସ୍ଥାନୀୟ ଲୋକେ ସମ୍ପୃକ୍ତ ୨ ନିରାପତ୍ତା ଅଧିକାରୀଙ୍କୁ ମାଡ଼ ମାରିଥିଲେ। ମାଡ଼ ଖାଇସାରିବା ପରେ ସମ୍ପୃକ୍ତ ଅଧିକାରୀ ଆସି ଧାମରା ସାମୁଦ୍ରିକ ଥାନାରେ ୧୦ ଜଣଙ୍କ ନାମରେ

### ଥାନାରେ ଉଭୟ ପକ୍ଷଙ୍କ ଅଭିଯୋଗ

ଲିଖିତ ଅଭିଯୋଗ କରିଥିଲେ। ପରେ ସ୍ଥାନୀୟ ମହିଳା ଆସି ସମ୍ପୃକ୍ତ ୨ ନିରାପତ୍ତା ଅଧିକାରୀଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ୨ ପକ୍ଷଙ୍କ ପକ୍ଷରୁ ଲିଖିତ ଅଭିଯୋଗ ପରେ ୨ଟି ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି ବୋଲି ଧାମରା ସାମୁଦ୍ରିକ ଥାନାଧିକାରିଣୀ ପ୍ରିୟଦର୍ଶନୀ ଖଟୁଆଙ୍କ ନିକଟରୁ ପ୍ରକାଶ ପାଇଛି।

# ପୂର୍ତ୍ତ ବିଭାଗ ରାସ୍ତାର ସମ୍ପୂର୍ଣ୍ଣ ମରାମତି ଦାବି

ବାରିକପୁର, ୩୦।୧୧(ସମିସ): ଭଣ୍ଡାରିପୋଖରୀ ପାଳଦାବାଙ୍କଠାରୁ ମଣିନାଥପୁର ଯାଜପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ରାସ୍ତାଟି ଦୀର୍ଘଦିନ ଧରି ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। କେଉଁଠି କଂକ୍ରିଟ ଫାଟି ଯାଇଥିଲା ତ ପୁଣି କେଉଁଠି ପିଚ ନଷ୍ଟ ହୋଇଥିଲା। ଏଥିପାଇଁ ବିଭିନ୍ନ ସମୟରେ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଆହତ ହେଉଥିଲେ। ଏ ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ରାସ୍ତା ମରାମତି ପାଇଁ ଟେଣ୍ଡର ହୋଇଥିଲା। ତଦନୁଯାୟୀ ପାଳଦାବାଙ୍କ ସହିତ ଏକଗୋଲା, ବରଦା ବଜାର, ସରସଦା ଓ ପଟାପୋଲଠାରେ ରାସ୍ତା ମରାମତି ହୋଇଛି। ଏହାସତ୍ତ୍ୱେ ହାଜିପୁରଠାରୁ ଖପୁରିଆପଦା ଯାଏଁ ରାସ୍ତା ଏବେବି କେତେକ ସ୍ଥାନରେ ବିପଦପୂର୍ଣ୍ଣ ଭାବେ ରହିଛି। ଯେଉଁଥିପାଇଁ ପୂର୍ବଭଳି ଦୁର୍ଘଟଣା ଜାରି ରହିଛି। କିଛିଦିନ ପୂର୍ବରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ଯାଜପୁରସ୍ଥ ଘରକୁ ଫେରୁଥିବାବେଳେ ହାଜିପୁରଠାରେ ଦୁର୍ଘଟଣାରେ ଶିକାର ହୋଇଥିଲେ। ଭଗ୍ନ କଂକ୍ରିଟ ମଧ୍ୟରେ ସ୍କୁଟି ଚକା ରହିଯିବା ହେତୁ ମହିଳା ଜଣଙ୍କ ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କ ଗୋଡ, ହାତ, ପିଠିରେ ଗଭୀର ଆଘାତ ଲାଗିଥିଲା।

ସେହିଭଳି ରାଢୋ, ସାନମାଳଦା, ମାଳଦା ବଜାର, ସରତା ପୋଲ ଇତ୍ୟାଦି ସ୍ଥାନରେ ରାସ୍ତା ମରାମତି



ଅପରିହାର୍ଯ୍ୟ ହୋଇପଡ଼ିଛି। ଏପଟେ ବ୍ୟୟବରାଦ ସୀମିତ ଅର୍ଥ ମଧ୍ୟରେ ମାତ୍ର ତିନି କିଲୋମିଟର ରାସ୍ତା ମରାମତି ହୋଇଥିବାବେଳେ ଆହୁରି ୧୦ କିଲୋମିଟର ବାକି ରହିଛି। ତେଣୁ ଏହା ଉପରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଦୃଷ୍ଟି ଦେବା ସହିତ ତୁରନ୍ତ ବାକିଥିବା ସ୍ଥାନରେ ରାସ୍ତା ମରାମତି ପାଇଁ ଦୃଢ ଦାବି ହୋଇଛି।

# ଜିଲ୍ଲା ପ୍ରାଥମିକ ଶିକ୍ଷକ ମହାସଂଘର ପ୍ରସ୍ତୁତି ବୈଠକ

**ଭଦ୍ରକ, ୩୦।୧୧ (ସମିସ):** ଆଜି ଭଦ୍ରକ ବାଇପାସସ୍ଥ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲାର ସମସ୍ତ ଏନ୍‌ପିଏସ୍ ବର୍ଗର ଶୀର୍ଷ ନେତୃତ୍ୱଙ୍କୁ ନେଇ ପ୍ରାଥମିକ ଶିକ୍ଷକ ମହାସଂଘର ଆଗାମୀ ଡିସେମ୍ବର ୫ ତାରିଖ ରାଜ୍ୟସ୍ତରୀୟ ମହାଆନ୍ଦୋଳନ ପାଇଁ ଓଡ଼ିଶାର ସମସ୍ତ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ୨ଦଫା ଦାବି ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ୨ ଦଫା ଦାବି ପ୍ରାଥମିକ ଶିକ୍ଷକଙ୍କ ମୂଳପଦବୀକୁ ଅପଗ୍ରେଡ କରି ଲେବୁଲ୍-୯ ଅନୁଯାୟୀ ମୂଳବେତନ ୩୫୪୦୦ ଟଙ୍କା ପ୍ରଦାନ କରିବା ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଚ୍ଛେଦ ଉଚ୍ଛେଦ କରି ୨୦୦୧ ମସିହାଠାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହିତ ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବା। ବୈଠକର ଚୂଡାନ୍ତ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୩୦ ତାରିଖ ଦିନ ପ୍ରତ୍ୟେକ ବ୍ଲକ ସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବା ସହିତ ଆସନ୍ତା ୫ ତାରିଖରୁ ସବୈତନିକ ଛୁଟି ନେଇ ଦାବି ହାସଲ ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣାରେ ବସିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଶିକ୍ଷକ ନେତା ପର୍ଶୁରାମ ନାୟକ, ଉତ୍ତମ ଦାସ, ଅରବିନ୍ଦ ଦୀକ୍ଷିତ, ସୁବ୍ରତ ଧଳ, ଜ୍ୟୋତିର୍ମୟ ଅଗସ୍ତି, ଅଜିତ ମହାରଣା, ନୀଳାଦ୍ରୀ ତ୍ରିପାଠୀ, ପ୍ରକାଶ ନାରାୟଣ ଜେନା, ତବରେଜ ଖାନ, ଗୟାଧର ଦାସ, ପ୍ରଣୟ ମହାପାତ୍ର, ପ୍ରକାଶ କୁମାର ନାୟକ, ରୂପକ ମିଶ୍ର, ପ୍ରଦୀପ ସେଠୀ, ନରେନ୍ଦ୍ର ସାହୁ, ସନ୍ତୋଷ ମଲ୍ଲିକ, ଦେବାଶିଷ ନାଥ, ନିରଞ୍ଜନ ଖିଲାର, ସତ୍ୟବ୍ରତ ରାଉତ, ପ୍ରଣୟ ମହାପାତ୍ର, ଚନ୍ଦ୍ରକାନ୍ତ ଶୁକ୍ଲ, ସଞ୍ଜୟ ନନ୍ଦ, ପ୍ରଶାନ୍ତ ବେହେରା, ସୁକାନ୍ତ ବେହେରା, ଓମ୍ ପ୍ରକାଶ ରାଉତ, ପ୍ରଭାସ ପଣ୍ଡା, ବିମଳ ଦାସ, ହେମନ୍ତ ମଲ୍ଲିକ, ଦୀପକ ସୂତାର, ତୋଫାନ କୁମାର ନାୟକ, ଝାନସୀ ରାଣୀ ରାଉତ, ପରମେଶ୍ୱର ପୃଷ୍ଟି, ଦେବାଶିଷ ବେହେରା, ବିପିନୀ ବିହାରୀ ଜେନା, ଆଲୋକ ମଲ୍ଲିକ, ସାଫଲ୍ୟ ମହାଲିକ, ଆନନ୍ଦ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ।




# ଲିଙ୍ଗଭିତ୍ତିକ ହିଂସା ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୩୦।୧୧ (ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ଓ ଆସିୟାନା ଫେଲୋସିପର ମିଳିତ ଆନୁକୂଲ୍ୟରେ ପୁରୁଣାବଜାରସ୍ଥ ନାରାୟଣ ଚନ୍ଦ୍ର ହାଇସ୍କୁଲ ସଭାଗୃହରେ ଫେଲୋସିପର ସମ୍ପାଦକ ଏସଏମ ଫାରୁକଙ୍କ ସଭାପତିତ୍ୱରେ ଲିଙ୍ଗଭିତ୍ତିକ ହିଂସା ବିରୁଦ୍ଧରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ସର୍ବଶିକ୍ଷା ଅଭିଯାନର ବାଳିକା ସଂଯୋଜକ ଇପ୍‌ସିତା ଜେନା, ସମ୍ମାନିତ ଅତିଥି ଭାବେ ପ୍ରିୟଙ୍କା ପ୍ରିୟଦର୍ଶନୀ ବେହେରା, ନିତ୍ୟାନନ୍ଦ ରାଉତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ସରସ୍ୱତୀ ନାୟିକା, ଶିକ୍ଷକ ସେକ୍ ସରିଫ୍, ସେକ୍ ମହମ୍ମଦ ହାଫିଜୁଦ୍ଦିନ୍, ସଖି ୱାନ ଷ୍ଟପ ସେଣ୍ଟରର କେସ୍ ୱାର୍କର ପ୍ରିୟଙ୍କା ପ୍ରିୟଦର୍ଶନୀ, ଅଙ୍ଗନବାଡ଼ି କର୍ମୀ ରେସମା ଖାତୁନ ପ୍ରମୁଖ ଯୋଗଦେଇ ସକାରାତ୍ମକ ପୁରୁଷତ୍ୱକୁ ପ୍ରୋତ୍ସାହିତ କରିବା ସହ ଗୁରୁତ୍ୱରୋପ କରି ନାରୀ ଓ ପୁରୁଷ ସମାନତା ଉପରେ ଆଲୋକପାତ କରିଥିଲେ। ଫେଲୋସିପ୍ ଶକ୍ତି ସଦନ ସୁପରିଟେଣ୍ଡେଣ୍ଟ ଯୋଗମାୟା ଚାନ୍ଦ ସ୍ୱାଗତ ଭାଷଣ ଓ ଆସିୟାନାର ସଂଯୋଜକ ରିଆଜ ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ।






### ମହିଳା ମହାବିଦ୍ୟାଳୟ

## କମ୍ପ୍ୟୁଟରବିଜ୍ଞାନବିଭାଗରଆଲୋଚନାଚକ୍ର




**ବାରିପଦା, ୩୦।୧୧(ସମିସ):** ସ୍ଥାନୀୟ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ କମ୍ପ୍ୟୁଟର ବିଜ୍ଞାନ ବିଭାଗ ପକ୍ଷରୁ 'ଫ୍ରମ ଡିଭାଇସେସ ଟୁ ଡିସିସନ୍ସ:ଏମଏଲ ପାଓ୍ବାର୍ଡ ଏଲଓଟି ଆଣ୍ଡ ଏଲଓବି ଇନ୍ ରିଏଲ ଲାଇଫ' ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ସାଗରିକା ସିଂହଙ୍କ ତତ୍ତ୍ୱାବଧାନ ଓ ପୌରୋହିତ୍ୟରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ବିଭାଗର ଶେଷ ବର୍ଷର ଛାତ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ଅତିଥିଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ କରିଥିଲେ। ବିଭାଗର ଅଧ୍ୟାପକ ମନୀଷ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ବିଭାଗର ଅନ୍ୟତମ ଅଧ୍ୟାପିକା ଶେଫାଳି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ମୁଖ୍ୟ ଅଭିଷେକ ବରାଳ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସଭା ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ଛାତ୍ରୀ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ପ୍ରଫେସର ଡ ପାର୍ଥସାରଥି ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଏଲଓଟି ଏବଂ ଏଲଓବିର ବାସ୍ତବ ଜୀବନରେ ପ୍ରୟୋଗ ଯଥା ମେସିନ, ସେନ୍ସର ଓ ଡିଭାଇସ୍ ଆଦି ସହିତ ସଂଯୁକ୍ତ ହୋଇ କିପରି ତଥ୍ୟ ସଂଗ୍ରହ କରୁଛନ୍ତି ଯେଉଁଥିରେ ମେସିନ ଲର୍ନିଂ (ଏମଏଲ) ସେହି ତଥ୍ୟକୁ ବିଶ୍ଳେଷଣ କରି ନିର୍ଣ୍ଣୟନରେ କିପରି ସହାୟତା କରୁଛି ସେହି ଉପରେ ପୁଙ୍ଖାନୁ ପୁଙ୍ଖ ଆଲୋଚନା କରି ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ ସମ୍ମାନୀୟ ଅତିଥିଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହିତ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀ ମାନେ ବହୁ ସଂଖ୍ୟା ରେ ଯୋଗ ଦେଇ କାର୍ଯକ୍ରମର ସଫଳ ରୂପାୟନ କରିଥିଲେ।

## ବନ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର




**ମହୁଲଡିହା, ୩୦।୧୧(ସମିସ):** କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳରେ କର୍ମଚାରୀଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ଶିବିର ରବିବାର ଦିନ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଡାକ୍ତର ହାଁସଦା, ଡାକ୍ତର ଗିରିଶ ଚନ୍ଦ୍ର ଅଧିକାରୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରୀକ୍ଷା ପରେ ସମସ୍ତ କର୍ମଚାରୀଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା। ସହକାରୀ ବନ ସଂରକ୍ଷକ ପ୍ରଭାତ କୁମାର କୁଅଁର ଶିବିର ପରିଦର୍ଶନ କରି କର୍ମଚାରୀଙ୍କୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ।ବନପାଳ ବିଦ୍ୟାଧର ମହାନ୍ତ, ବନରକ୍ଷୀ ପ୍ରମୋଦ ମହାନ୍ତ, ଗାୟତ୍ରୀ ମହାନ୍ତ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଅବହେଳିତ ଟୁଙ୍କି ଜଳପ୍ରପାତ

# କେବେ ମିଳିବ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା

**କୁଆମରା, ୩୦ ।୧୧(ସମିସ)**

ମୟୂରଭଞ୍ଜ ଜିଲ୍ଲାର ବହୁ ପର୍ଯ୍ୟଟନ ସ୍ଥଳୀ ରହିଛି। ଏଥିମଧ୍ୟରୁ ଟୁଙ୍କି ଜଳପ୍ରପାତ ଅନ୍ୟତମ। ଖୁଣ୍ଟା ବ୍ଲକର ସିମିଳିପାଳ ପାଦଦେଶରୁ ବାହାରିଥିବା ଏହି ଜଳପ୍ରପାତ ପର୍ବତମାଳାର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବାନ୍ଧି ରଖିଛି। ଏଠାରେ ଜିଲ୍ଲା ଓ ଜିଲ୍ଲା ବାହାରର ବହୁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ବିଶେଷକରି ନଭେମ୍ବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ପର୍ଯ୍ୟଟକ ଏଠାକୁ ଆସି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଭୋଜିର ଆସର ଜମାଇଥା'ନ୍ତି। ଶହଶହ ପର୍ଯ୍ୟଟକ ଏଠାକୁ ଆସୁଥିଲେ ମଧ୍ୟ ଆଜି ସୁଦ୍ଧା ପର୍ଯ୍ୟଟନ କ୍ଷେତ୍ରରେ ମାନ୍ୟତା ପାଇପାରିନାହିଁ ଉକ୍ତ ଜଳପ୍ରପାତ। ଏହି ସ୍ଥାନ ପର୍ଯ୍ୟଟନ ବିଭାଗ ଆଢୁଆଳରେ ରହିଛି। ସେତିକି ନୁହେଁ ଅଭୟାରଣ୍ୟ ମଧ୍ୟରେ ଥିବା ଏହି ଜଳପ୍ରପାତ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିବା ସହ ପ୍ରଚାର ଓ ପ୍ରସାର ଅଭାବରୁ ବିକାଶରେ ବାଧା ଉପୁଜୁଛି। ଏହି ଜଳପ୍ରପାତକୁ ପର୍ଯ୍ୟଟନ ମାନ୍ୟତା ପ୍ରଦାନ କରାଯିବାକୁ ଦାବି ହେଉଛି।

ଖୁଣ୍ଟା ବ୍ଲକର ଭୋଳାଗଡ଼ିଆ ପଞ୍ଚାୟତଠାରୁ ୧୦ କିଲୋମିଟର ଦୂରରେ ଏହି ଜଳପ୍ରପାତ ଅବସ୍ଥିତ। ବର୍ଷ ତମାମ ଏହି ଜଳପ୍ରପାତରୁ ଅନବରତ ବହି ଚାଲିଛି ପାଣି। ପର୍ବତର ଉଚ୍ଚତା ପ୍ରାୟ ୨ଶହ ଫୁଟ ହୋଇଥିବାବେଳେ ୫୦ ଫୁଟ ଉପରୁ ତଳକୁ ପଡୁଛି ପାଣି। ପାଣି ପଡୁଥିବା



ସ୍ଥାନର ୧୦ ଫୁଟ ଗଭୀରର କୁଣ୍ଡ ମଧ୍ୟରେ ପାଣି ଜମି ରହି ତାହା କୁଳୁକୁଳୁ ଶବ୍ଦରେ ତଳକୁ ତଳ ପାହାଡ଼ ମଧ ଦେଇ ବହି ଚାଲିଛି। ବର୍ଷସାରା କୁଣ୍ଡରେ ଥିବା ପାଣି ସ୍ୱଚ୍ଛ ରହୁଥିବାରୁ ପର୍ଯ୍ୟଟକ ସେହି କୁଣ୍ଡରେ ସ୍ନାନ କରିବା ସହ ପର୍ବତ ଶିଖରରେ ଥିବା ଶିବ ଲିଙ୍ଗକୁ ଦର୍ଶନ କରି ସୌଭାଗ୍ୟ ମଣନ୍ତି। ପର୍ବତର ପାଦଦେଶରୁ ପାହାଡ଼ ଉପରକୁ ଲମ୍ବିଯାଇଥିବା ଅଙ୍କାବଙ୍କା ରାସ୍ତାରେ ଚଢିବା ପରେ ପ୍ରକୃତିରାଣୀର ମନଲୋଭା ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିପାରିଛି ବୋଲି କହିଛନ୍ତି ପ୍ରକୃତିପ୍ରେମୀ। ସେହି କୁଣ୍ଡରେ ଜମିଥିବା ପାଣିରେ ସ୍ନାନ କରିବା ମଜା ଯୁବପିଢିଙ୍କ ପାଇଁ ନିଆରା। ପର୍ବତ ଉପରକୁ ଚଢିବା ସମୟରେ ଏକାଧିକ ସ୍ଥାନରେ ଗୁମ୍ଫାରେ ବିଭିନ୍ନ ଦେବାଦେବୀଙ୍କ ବିଗ୍ରହ ଦେଖିବାକୁ ମିଳୁଛି। ଶିବ ରାତ୍ରରେ ଟୁଙ୍କିରେ ଅବସ୍ଥାପିତ ମହାଦେବଙ୍କୁ ସ୍ୱତନ୍ତ୍ର ପୂଜା କରାଯାଇଥାଏ ବୋଲି ପାହାଡ଼ ଉପରେ ବସିଥିବା ବାବା କହିଛନ୍ତି। ଏ ସମୟରେ ବିଭିନ୍ନ ପ୍ରାନ୍ତରରୁ ଭକ୍ତଙ୍କ ଗହଳି ଲାଗି ରହିବା ସହ ଚଳଚଞ୍ଚଳ ହୋଇଉଠେ। ବିଭିନ୍ନ ଭକ୍ତ ଓ ବ୍ରତଧାରୀ ଉପବାସ କରିବା ସହ ମହାଦେବଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥା'ନ୍ତି। ମାତ୍ର ପରିତାପର ବିଷୟ ଗମନାଗମନ ପାଇଁ ଭଲ ରାସ୍ତା ନାହିଁ। ତତ୍‌ସହିତ ସେଠାରେ ବିଦ୍ୟୁତ ଆଲୋକ ବ୍ୟବସ୍ଥା ହୋଇପାରିନି। ପୀଠର ବିକାଶ ହୋଇ ନ ଥିବାରୁ ପର୍ଯ୍ୟଟକଙ୍କୁ ସନ୍ଧ୍ୟା ପୂର୍ବରୁ ସ୍ଥାନ ଛାଡିବାକୁ ପଡ଼ିଥାଏ। ସନ୍ଧ୍ୟା ହେଲେ ସରୀସୃପ, ହାତୀ, ଜୀବଜନ୍ତୁ ଦେଖିବାକୁ ମିଳେ। ପାହାଡ଼ ପାଦଦେଶରେ ବହୁ ସଂଖ୍ୟାରେ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ତଳେ ଚାଷଜମି ଥିବାବେଳେ ଜଳପ୍ରପାତରୁ ଅନବରତ ବହି ଆସୁଥିବା ପାଣିକୁ ବ୍ୟବହାର କରି ଚାଷ କରିଥା'ନ୍ତି। ପୂର୍ବରୁ ଏହା ମରୁଭୂମି ଥିବାବେଳେ ରବିଋତୁରେ ପରିବା ଚାଷ ଆଦିବାସୀଙ୍କ ପାଇଁ ରୋଜଗାରର ମାଧ୍ୟମ ପାଲଟିଛି। ଏଣୁ ପର୍ଯ୍ୟଟକ ବିଭାଗ ଓ ଓଡ଼ିଶା ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଏହା ପର୍ଯ୍ୟଟନ କ୍ଷେତ୍ର ଭାବେ ଓଡ଼ିଶା ମାନଚିତ୍ରରେ ସ୍ଥାନ ପାଇବା ସହ ରାଜ୍ୟ ଓ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ ବୋଲି ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି।

## ବରିଷ୍ଠ ନାଗରିକ ସଂଘର ସ୍ମୃତି ଚାରଣ ସଭା



**ଉଦଳା, ୩୦।୧୧(ସମିସ):** ଉଦଳା ଇତିହାସର ଜଣେ ଦକ୍ଷ ବିଦ୍ଵାଣୀ ଜୟଚନ୍ଦ୍ର ପତ୍ରିଙ୍କ ପାଇଁ ଉଦଳା ବରିଷ୍ଠ ନାଗରିକ ସଂଘ ଦ୍ୱାରା ବରିଷ୍ଠ ନାଗରିକ ସଭାଗୃହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଂଘର କାର୍ଯ୍ୟକାରୀ ସଭାପତି ଡା ସଚ୍ଚିଦାନନ୍ଦ ପରିଡ଼ା ଙ୍କ ଅନୁରୋଧକ୍ରମେ ବରିଷ୍ଠ ନାଗରିକ ସଂଘର ପ୍ରାକ୍ତନ ସଭାପତି ଡ. ଜୟଚନ୍ଦ୍ର ପତ୍ରୀଙ୍କ ଫୋଟ ଚିତ୍ରରେ ସମସ୍ତ ସଭ୍ୟ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ମିନିଟ ନିରବ ପ୍ରାର୍ଥନା କରିଥିଲେ। ସେ ଉଦଳା ମହାବିଦ୍ୟାଳୟ ଆରମ୍ଭରେ ସକ୍ରିୟ ଅଂଶଗ୍ରହଣ କରିବା ଓ ଉଦଳରେ ଭାଗବତ ଟୁଙ୍ଗି ସ୍ଥାପନ କରାଇଥିବା ବେଳେ ମୟୂରଭଞ୍ଜରେ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଏହାବ୍ୟତୀତ ମୟୂରଭଞ୍ଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଦୁଇ ଦୁଇଥର ସଭାପତି ହେବା ସହିତ ପ୍ରତ୍ୟେକ ବୈଠକରେ 'ଆହେ ଦୟାମୟ ବିଶ୍ୱ ବିହାରୀ' ପ୍ରାର୍ଥନାଟି ନିଶ୍ଚିତ ଭାବରେ ଗାନ କରି ଏକ ଆଧ୍ୟାତିକ ପରିବେଶ ସୃଷ୍ଟି କରୁଥିବା ଭଳି ଅନେକ ଦୃଷ୍ଟାନ୍ତ ମୂଳକ ତଥ୍ୟକୁ ନେଇ ଉପସ୍ଥିତ ସଦସ୍ୟମାନେ ସ୍ୱର୍ଗତଃ ପତ୍ରୀଙ୍କର ଗଣଗାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସଦସ୍ୟ ଲକ୍ଷ୍ମୀଧର ପୁଆଳ, ଶ୍ୟାମସୁନ୍ଦର ପଣ୍ଡା, ଉପେନ୍ଦ୍ରନାଥ ପୁହାଣ, କୃପାସିନ୍ଧୁ ବେହେରା, କାଶୀନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ।




# ବାରିପଦା ବିଶ୍ୱବିଦ୍ୟାଳୟ ଆୟୋଜନ କରିବ ଉତ୍ତର ଓଡ଼ିଶା ଆଞ୍ଚଳିକ ଏଆଇ ହାକାଥନ

**ବାରିପଦା, ୩୦।୧୧(ସମିସ):** ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ନେଇ ଉତ୍ତର ଓଡ଼ିଶା ଅଞ୍ଚଳ ପାଇଁ ଉତ୍ତର ଆଞ୍ଚଳିକ ଏଆଇ ହାକାଥନ୍ ଆୟୋଜନ କରିବାକୁ ନୋଡାଲ କେନ୍ଦ୍ର ଭାବେ ମନୋନୀତ କରାଯାଇଛି। ଓଏସଏ (ଓଡ଼ିଆ ସୋସାଇଟି ଅଫ୍ ଦ ଆମେରିକାସ୍) ଓ ଓଡ଼ିଶା ଏଆଇ ପୃଷ୍ଠପୋଷକତାରେ ହେଉଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୯ ତାରିଖରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଅନୁଷ୍ଠିତ ହେବ। ଯାହାକି ଭୁବନେଶ୍ୱରରେ ୧୮ ତାରିଖରେ ଅନୁଷ୍ଠିତ ହେଉଥିବା ଓଡ଼ିଶା ଏଆଇ ସିମ୍ପୋଜିୟମ୍‌ର ଏକ ପ୍ରାକ୍-କାର୍ଯ୍ୟକ୍ରମ। ଓଡ଼ିଶାକୁ ବିଶ୍ୱର ବୌଦ୍ଧିକ ଏଆଇ ରାଜଧାନୀ ଭାବେ ସ୍ଥାପନ କରିବାର ବୃହତ୍ ଉଦ୍ୟମର ଅଂଶ ହିସାବରେ ଓଡ଼ିଶା ଏଆଇ ନୀତି, ଓଡ଼ିଶା ଭିଜନ, ଭାରତ ଏଆଇ ମିଶନ ଓ ବିଶ୍ୱବ୍ୟାପୀ ଏଆଇ ଧାରା ସହ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ପାଇଁ ଏହି ହାକାଥନ ଆୟୋଜନ କରାଯାଉଛି। ଏହି ହାକାଥନ୍‌ରେ ଡିପ୍ଲୋମା, ସ୍ନାତକ, ସ୍ନାତକୋତ୍ତର, ପିଏଚ୍‌ଡି ଛାତ୍ରଛାତ୍ରୀ, ବ୍ୟକ୍ତିଗତ ଉଦ୍ଭାବକ ଓ ପଞ୍ଜିକୃତ/ଅପଞ୍ଜିକୃତ ଷ୍ଟାର୍ଟଅପ୍‌ମାନେ ୫ ତାରିଖ ସୁଦ୍ଧା ଆବେଦନ କରିପାରିବେ। ଶ୍ରେଷ୍ଠ ୩ ଟିମ୍ ସିଧାସଳଖ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆଞ୍ଚଳିକ ହାକାଥନ୍‌ରେ ପ୍ରଥମ ପୁରସ୍କାର ୧୨, ୦୦୦, ଦ୍ୱିତୀୟ ପୁରସ୍କାର ୮, ୦୦୦ ଓ ତୃତୀୟ ପୁରସ୍କାର ୫, ୦୦୦ ରାଶି ରଖାଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ ଶତପଥୀ ଉତ୍ତର ଓଡ଼ିଶାର ସମସ୍ତ ଶିକ୍ଷାନୁଷ୍ଠାନକୁ ଏହି ଗୌରବମୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ପ୍ରତିଭାବାନ ଯୁବ ଉଦ୍ଭାବକଙ୍କୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରିବାକୁ ଆହ୍ୱାନ କରିଛନ୍ତି। ଅଂଶଗ୍ରହଣ ପାଇଁ https://odishaaisummit.org/hackathonରେ ଆବେଦନ କରିବାକୁ ଆଞ୍ଚଳିକ ନୋଡାଲ୍ ସଂଯୋଜକ ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଷୋୟୀ ସୂଚନା ଦେଇଛନ୍ତି।




### ବିଶୋଇ ଚାମ୍ପିଅନ୍ସ ଲିଗ୍ ପାଇଁ ଖେଳାଳି ନିଲାମ

# ଜଗଦାନନ୍ଦ ଗିରି ଦାମୀ ଖେଳାଳି




**ବିଶୋଇ, ୩୦।୧୧(ସମିସ)**

ବିଶୋଇ ନେତାଜୀ କ୍ଲବ ଆନୁକୂଲ୍ୟରେ ଆୟଜିତ ହେବାକୁ ଥିବା ବିଶୋଇ ଚାମ୍ପିଅନ୍ସ ଲିଗ୍‌ର ଚତୁର୍ଥ ସଂସ୍କରଣ ପାଇଁ ଖେଳାଳି ନିଲାମୀ ପ୍ରକ୍ରିୟା ଶେଷ ହୋଇଛି। ଏଥିନିମନ୍ତେ କ୍ଲବ୍‌ର ସଭାପତି ମାନସ୍ ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ବରିଷ୍ଠ ସଦସ୍ୟ ନାରାୟଣ ମହାପାତ୍ର, ସୁଭାଷ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ବିଦ୍ୟୁତ୍ସ୍ମିତା ଦେଓ, ବିଶୋଇ ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ଦେବେନ୍ଦ୍ର ମହାପାତ୍ର, ପ୍ରେମାନନ୍ଦ ମହାନ୍ତି, ବିମ୍ବାଧର ଧୀର ପ୍ରମୁଖ ଉପସ୍ଥିତ ରହି ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାବାନ କ୍ରିକେଟରଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏପରି ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଲିଗ ନିମନ୍ତେ ବିଶୋଇ, ବିଜାତଳା, ସାରସକଣା ଓ ବାଙ୍ଗିରିପୋଷି ପ୍ରମୁଖ ୪ଟି ବ୍ଲକର ପୂର୍ବରୁ ପଞ୍ଜୀକରଣ କରିଥିବା ୧୬୪ ଜଣ ପ୍ରତିଭାବାନ କ୍ରିକେଟର ନିଲାମୀ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ୮ଟି ଫ୍ରାଞ୍ଚାଇଜର ମାଲିକ ଓ ଆଇକନ ଖେଳାଳି ରିତୁନ ମହାନ୍ତି, ଶିପୁ ଗିରି, ରାଜୁ ସାହୁ, ରଇଦାସ ମାଝୀ, ତପୁ ସେଠୀ, ସୂରଜ ମାର୍ଣ୍ଡି, ମଳୟ ବେହେରା, ଅଭିଜିତ ବାରିକଙ୍କ ଉପସ୍ଥିତିରେ ନିଲାମୀ ମାଧ୍ୟମରେ ଚୟନ କରି ନିଜ ନିଜ ଦଳରେ ସାମିଲ କରିଥିଲେ। ଡିକେ ଫାଇଟର, ବଜରଙ୍ଗୀ ବିଶୋଇ ଫାଇଟର, ବାଉତିବେଢ଼ା ବୁଲଡ଼ଜୋର, ବ୍ଲୁ ଷ୍ଟାର, ନ୍ୟୁ ରାଇଜିଂ, ଗୁଣ୍ଡୁରିଆ ପାନ୍ଥର, ରାଜକୁମାର ରୟାଲ, ବିଶୋଇ ୱାରିୟର, ଜ୍ଞାନ ସୁପର ଚ୍ୟାଲେଞ୍ଜର ପ୍ରମୁଖ ୮ଟି ଫ୍ରାଞ୍ଚାଇଜ ମଧ୍ୟରେ ଆସନ୍ତା ୨୨ ତାରିଖରୁ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ନିଲାମୀ ପ୍ରକ୍ରିୟାରେ ବିଶୋଇ ବ୍ଲକ ନୂଆଗାଁ ପଞ୍ଚାୟତରେ ନାଲୁଆ ଗ୍ରାମର ଜଗଦାନନ୍ଦ ଗିରି ସବୁଠାରୁ ଦାମୀ ଖେଳାଳି ଭାପେ ବଜରଙ୍ଗୀ ବିଶୋଇ ଫାଇଟର ନିଜ ଦଳରେ ସାମିଲ କରିଥଲେ। ଗ୍ରାମାଞ୍ଚଳ ସ୍ତରରେ ଯୁବ ପ୍ରତିଭାଙ୍କୁ ଲୋକପ୍ରିୟ ଖେଳ କ୍ରିକେଟ ପ୍ରତି ଆକର୍ଷିତ କରିବା ଏହି ଚାମ୍ପିଅନ୍ସ ଲିଗର ମୂଳ ଲକ୍ଷ୍ୟ ବୋଲି ନେତାଜୀ କ୍ଲବ୍ ପ୍ରକାଶ କରିଛି। କ୍ଲବ୍ ସମ୍ପାଦକ ସଚିନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ସୁମନ୍ତ ସାହୁ, କ୍ରୀଡ଼ା ସମ୍ପାଦକ ରିତୁନ ମହାନ୍ତି, ସୌମ୍ୟରଞ୍ଜନ ମହାନ୍ତି, ରଞ୍ଜନ କବାଟ, ସୁଶାନ୍ତ ମହାନ୍ତ, ଅଭିଜିତ ମହାନ୍ତି, ରଞ୍ଜିତ ମହାନ୍ତି, ପିଣ୍ଟୁ ଗିରି, ଶୁଭ୍ରଜିତ ମହାପାତ୍ର, ଦେବାଶିଷ ନାଏକ, କିରଣ ପାତ୍ର, ଦେବାଶିଷ ପାତ୍ର, ସଞ୍ଜୀବ ସେଠୀ, ଶିପୁନ ସି, ବିନୋଦ ମହାନ୍ତ ପ୍ରମୁଖ ନିଲାମୀ ପ୍ରକ୍ରିୟା ପରିଚାଳନା କରିଥିଲେ।

# ଭିନ୍ନକ୍ଷମ ହୁଇଲ ଚେୟାର କ୍ରିକେଟ୍ ଟ୍ରଫି ଉଦ୍‌ଘାଟିତ



**ଧର୍ମଶାଳା, ୩୦।୧୧(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ସାଂସଦ ଖେଲୋ ଇଣ୍ଡିଆ ମାଧ୍ୟମରେ ଅନୁଷ୍ଠିତ ଜାତୀୟସ୍ତରୀୟ ଭିନ୍ନକ୍ଷମ କ୍ରିକେଟ ପ୍ରତିଯୋଗିତା ଅବସରରେ ଆଜି ଟ୍ରଫି ଉନ୍ମୋଚିତ ହୋଇଯାଇଛି। ମିସ୍ ଲୋରିଆଙ୍କ ସଂଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ଘାଟକ ଭାବେ ଯାଜପୁର ସାଂସଦ ରବୀନ୍ଦ୍ର ନରାୟଣ ବେହେରା, ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ମୁଖ୍ୟବକ୍ତା ଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଅତିଥି ଭାବେ ଯାଜପୁର ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ପୁର୍ବତନ ଜିଲ୍ଲା ସଭାପତି ଆଶୁତୋଷ ପରିଡା, ବିଞ୍ଝାରପୁର ବିଜେପି ନେତ୍ରୀ ବବିତା ମଲିକ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀରମୋହନ ଟୁଡୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସାଂସଦ ଖେଲ ଇଣ୍ଡିଆର ଟ୍ରଫିକୁ ଉନ୍ମୋଚନ କରିଥିଲେ। ବିଜେପି ନେତା କାହ୍ନୁ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଧର୍ମଶାଳା ଷ୍ଟାଡିୟମରେ ଖେଲୋଇଣ୍ଡିଆ ୨୦୨୫ ମାଧ୍ୟମରେ ଅନୁଷ୍ଠିତ ଭିନ୍ନକ୍ଷମ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମହାରାଷ୍ଟ୍ର, ଓଡ଼ିଶା, ଛତିଶଗଡ଼, ଗୋଆ, ହିମାଚଳ ପ୍ରଦେଶ, ରାଜସ୍ଥାନ ଆଦି ୬ ଗୋଟି ରାଜ୍ୟର କ୍ରୀଡ଼ାବିତମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଗତକାଲି ଫ୍ଲଡ୍‌ଲାଇଟରେ ଓଡ଼ିଶା ଓ ଗୋଆ ମଧ୍ୟରେ ମ୍ୟଚ ଅନୁଷ୍ଠିତ ହୋଇଥିବା ବେଳେ ଓଡ଼ିଶା ଦଳ ବିଜୟୀ ହୋଇଥିଲା। ଓଡ଼ିଶା ତରଫରୁ ଶଙ୍କର ୫ଟି ୱିକେଟ ନେଇଥିବା ବେଳେ ଗୋଆ ଦଳର ହେମନ୍ତ ୨ଟି ୱିକେଟ ନେଇଥିଲେ। ସେହିପରି ଓଡ଼ିଶା ଦଳର ଶଙ୍କର ୩୫ ରନ କରିଥିବା ବେଳେ ଗୋଆ ଦଳର ମହେଶ ୩୫ ରନ ସଂଗ୍ରହ କରିଥିଲେ। ତେବେ ଆଜି ପ୍ରଥମ ମ୍ୟାଚ ଛତିଶଗଡ଼ ଓ ମହାରାଷ୍ଟ୍ର ମଧ୍ୟରେ ହୋଇଥିବା ବେଳେ ମହାରାଷ୍ଟ୍ର ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଓଡ଼ିଶା ଓ ହିମାଚଳ ପ୍ରଦେଶ ମଧ୍ୟରେ ହୋଇଥିବା ବେଳେ ହିମାଚଳ ପ୍ରଦେଶ ପ୍ରଥମେ ବ୍ୟାଟିଂ କରି ୬୦ ରନ କରିଥିଲା। ଜବାବରେ ଓଡ଼ିଶା ବ୍ୟାଟିଂ କରି ୩ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଛି। ଏହି ସମସ୍ତ ଖେଳକୁ ସୁରଥ ପାତ୍ର ଓ ଗୌରୀଶଙ୍କର ଜେନା ପରିଚାଳନା କରିଥିବା ବେଳେ ସ୍କୋରରେ ଶିବସୁନ୍ଦର ଦାସ ସହୟତା କରିଥିଲେ। ଡିସେମ୍ବର ୩ ତାରିଖରେ ଏହି କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ଧର୍ମଶାଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଧର୍ମଶାଳା,୩୦।୧୧(ସମିସ):** ପ୍ରସିଦ୍ଧ ଧର୍ମଶାଳା ମହୋତ୍ସବ ଓ ଲକ୍ଷ୍ମୀନାରାୟଣ ପୂଜା ନେଇ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରବିବାର ଅପରାହ୍ନରେ ଅନୁଷ୍ଠାନର ସମ୍ପାଦକ ସତ୍ୟପ୍ରିୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଧର୍ମଶାଳା ଷ୍ଟାଡିୟମ୍‌ଠାରେ ଆୟୋଜିତ ଏହି ବୈଠକରେ ପୂଜା ଓ ମହୋତ୍ସବ ପାଇଁ ପ୍ରସ୍ତୁତି କାର୍ଯ୍ୟକ୍ରମ ସହିତ ଦାୟିତ୍ୱ ବଣ୍ଟନ କରାଯାଇଛି। ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ଦୋକାନୀମାନଙ୍କୁ ବ୍ୟବସ୍ଥିତ ଢଙ୍ଗରେ ବସାଇବା, ଟ୍ରାଫିକ ସମସ୍ୟା, ଶୌଚାଳୟ ଓ ଉପହାର ଯୋଜନା ପାଇଁ ପ୍ରାକ୍ ପ୍ରସ୍ତୁତି କରାଯାଇଛି। ଡିସେମ୍ବର ୧୫ ତାରିଖରେ ଲକ୍ଷ୍ମୀନାରାୟଣ ପୂଜା ଅନୁଷ୍ଠିତ ହେବା ସହିତ ୨୫ ତାରିଖ ଧର୍ମଶାଳା ମହୋତ୍ସବ ଉଦ୍‌ଘାଟନ କରାଯିବ। ଜାନୁଆରୀ ୭ ତାରିଖ ଉପହାର ଯୋଜନା ସହିତ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ସବୁ ବର୍ଷପରି ଲକ୍ଷ୍ମୀନାରାୟଣ ପୂଜାରେ ସ୍ଥାନୀୟ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଙ୍କୀର୍ତ୍ତନ ଓ ପାଲା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ବୈଠକରେ ମହୋତ୍ସବ ସଂଯୋଜକ ଦେବରାଜ ମିଶ୍ର, ରାଜେଶ କୁମାର ପାଲ, ଜିତେନ୍ଦ୍ର ରାଉତ, ସବ୍ୟସାଚୀ ସୁନ୍ଦରାୟ, କିଶୋର ନାୟକ, ରାମ ମଲ୍ଲିକ, ବିଚିତ୍ରାନନ୍ଦ ସ୍ୱାଇଁ, ମାନସ ମହାନ୍ତି, ଚନ୍ଦ୍ରମଣି ପଣ୍ଡିତ, ଉପେନ୍ଦ୍ର କର, ତୁଷାର ରାୟ, ଲୋକନାଥ ମହାନ୍ତି ପ୍ରମୁଖ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


## ଆନ୍ତଃ ବିଦ୍ୟାଳୟ ଗୀତା ଜ୍ଞାନ ପ୍ରତିଯୋଗିତା

**ପ୍ରୀତିପୁର,୩୦।୧୧(ସମିସ):** ବିଞ୍ଝାରପୁର ବ୍ଲକର ଫଟେପୁର ପଞ୍ଚାୟତର ନଛିପୁର ସ୍ଥିତ ନୀଳାଦ୍ରି ବିହାରରେ ଆନ୍ତଃ ବିଦ୍ୟାଳୟ ଶ୍ରୀମଦ୍‌ଭଗବଦ୍ ଗୀତା ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାଟିକୁ ସମାଜସେବୀ ପଦ୍ମାକର ଗୁରୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଶ୍ରୀମଦ୍‌ଭଗବଦ୍ ଗୀତାର ଅଷ୍ଟମ ଅଧ୍ୟାୟରୁ ତିରିଶଟି ପ୍ରଶ୍ନ ପ୍ରସ୍ତୁତ ହୋଇଥିଲା। ଗୀତା ଜ୍ଞାନ ପ୍ରତିଯୋଗିତା କମିଟିର ଅଧ୍ୟକ୍ଷ ସୁଧୀର କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୀଳାଦ୍ରି ବିହାର ଶ୍ରୀମନ୍ଦିର ପରିଚାଳନା ସମିତି ସଭାପତି ରତନଲାଲ ଭୂୟାଁ ଏଥିରେ ଯୋଗଦେଇଥିଲେ। ଚଳିତ ବର୍ଷ ଡିସେମ୍ବର ୨ତାରିଖ ଦିନ ଗୀତା ଜୟନ୍ତୀ ଅବସରରେ ଚିନ୍ମୟ ମିଶନ, କଟକର ଅଚାର୍ଯ୍ୟ ଓଁକାରାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଦିବ୍ୟ ପ୍ରବଚନ ପ୍ରଦାନ କରିବା ସହିତ ଚଳିତ ବର୍ଷର ଭକ୍ତ ନିରଞ୍ଜନ ସ୍ମୃତି ସମ୍ମାନ ପଣ୍ଡିତ ଗୁଣନିଧି ଦାଶଙ୍କୁ ପ୍ରଦାନ କରାଯିବ। ଏଥିରେ ଶ୍ରୀମନ୍ଦିର ଅଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଅମ୍ବରୀଶ ଆଚାର୍ଯ୍ୟ, ଭକ୍ତହରି ବିଶ୍ୱାଳ, ରମାକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

## ଶିଶୁ କବିତା ପୁସ୍ତକ 'ଗୁଲୁରି ଗାଉଛି ଗୀତ' ଲୋକାର୍ପିତ




**ଧର୍ମଶାଳା,୩୦।୧୧(ସମିସ):** ଧର୍ମଶାଳା ବ୍ଲକ ଜାରକା ହାଇସ୍କୁଲ 'ଆମ ପାଠାଗାର' ପରିସରରେ ଆଜି ପୂର୍ବାହ୍ନରେ ବିଶିଷ୍ଟ ଶିଶୁସାହିତ୍ୟିକ ରତ୍ନାକର ନାୟକଙ୍କ ଶିଶୁ କବିତା ପୁସ୍ତକ "ଗୁଲୁରି ଗାଉଛି ଗୀତ' ଲୋକାର୍ପିତ ହୋଇଯାଇଛି। କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ଡ.ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଲୋକାର୍ପିତ ଉତ୍ସବରେ ଡ. ବସନ୍ତ କିଶୋର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ "ଗୁଲୁରି ଗାଉଛି ଗୀତ' ଶିଶୁ ପୁସ୍ତକକୁ ଲୋକାର୍ପିତ କରିବା ସହ ଶିଶୁ ସାହିତ୍ୟ କୁନିକୁନି ପିଲାଙ୍କ ମନଲାଖି ହେବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ପ୍ରାବନ୍ଧିକ ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ସାହିତ୍ୟ ଓଡିଆ ଭାଷା ସାହିତ୍ୟର ଏକ ସ୍ୱତନ୍ତ୍ର ବିଭାଗ। ଯାହା ପ୍ରାରମ୍ଭ ସୋପାନରେ ନିଜକୁ ଠିଆ କରିବାରେ ସକ୍ଷମ ହୋଇଛି ବୋଲି ଶ୍ରୀ ମହାନ୍ତି ଆଲୋକପାତ କରିଥିଲେ। ଶିଶୁ ସାହିତ୍ୟିକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଓ ବିଶିଷ୍ଟ କଥାକାର ଅର୍ଜୁନ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।










## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କାମାକ୍ଷାନଗର,୩୦ ।୧୧(ସମିସ): କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ସହାକାରୀ ଶିକ୍ଷୟିତ୍ରୀ କବିତା ରାଉତଙ୍କୁ ବ୍ଲକ ଓଷ୍ଟା ଓ ବିଦ୍ୟାଳୟ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ତଥା ଓଷ୍ଟା ଢେଙ୍କାନାଳ ଜିଲ୍ଲା ସଭାପତି ଶ୍ରୀରାମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଷ୍ଟା ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା ମୁଖ୍ୟଅତିଥି, ଶିକ୍ଷାବିତ ବଟକୃଷ୍ଣ ଦାସ ମୁଖ୍ୟବକ୍ତା, ଶିକ୍ଷାବିତ ପ୍ରମୋଦ କୁମାର ମିଶ୍ର, ଲୋକନାଥ ଷଡ଼ଙ୍ଗୀ, କୈଳାସ ଚନ୍ଦ୍ର ପୃଷ୍ଟି, ଉପେନ୍ଦ୍ର ନାଥ ପଣ୍ଡା, ଉପେନ୍ଦ୍ର କୁମାର ପଣ୍ଡା, ଓଷ୍ଟା ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ, ବ୍ଲକ ସମ୍ପାଦକ ଗଜେନ୍ଦ୍ର କୁମାର ନାୟକ, ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଜିତେନ୍ଦ୍ରୀୟ ବିଶ୍ୱାଳ, ପୂର୍ବତନ ଛାତ୍ରସଂସଦ ସଭାପତି ନୀହାରକାନ୍ତ ରାଉତ, ସମ୍ପାଦକ ଜିତେନ୍ଦ୍ରପ୍ରସାଦ ସାମଲ, କୋଷାଧ୍ୟକ୍ଷ ସୁଧୀର କୁମାର ରାଉତ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଆଦର୍ଶ ଶିକ୍ଷୟିତ୍ରୀ ଭାବେ ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିବା ରାଉତଙ୍କର ବିଦ୍ୟାଳୟ ପ୍ରତି ବଳିଷ୍ଠ ଅବଦାନ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ ପରିଚୟ ପ୍ରଦାନ କରିଥିବା ବେଳେ ବ୍ଲକ ଓଷ୍ଟା ସଭାପତି ସୁରେଶ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ, ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, କର୍ମଚାରୀ ଗିରୀଶ ଚନ୍ଦ୍ର ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ ସହଯୋଗ କରିଥିଲେ।

## ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦଘାଟିତ



କାମାକ୍ଷାନଗର,୩୦ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଡିଗ୍ରୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶୀତକାଳୀନ ଶିବିର ଶନିବାର ଅପରାହ୍ନରେ ନୂଆ ରେକୁଳା ଗ୍ରାମରେ ଉଦଘାଟିତ ହୋଇଛି। ୭ ଦିନ ଧରି ହେବାକୁ ଥିବା ଏହି ଶିବିରକୁ ବୈଦ୍ୟରାଜ ସର୍ବେଶ୍ୱର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପଣ୍ଡିତ ଶୁକଦେବ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମ ସଭାପତି ସତ୍ୟାନନ୍ଦ ସାହୁ, ସମ୍ପାଦକ ହଟକିଶୋର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରିଣୀ ଡ. ଶେଷାଞ୍ଜଳି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟକ୍ଷା ରେଣୁକା ପଣ୍ଡା, ଅଧ୍ୟାପକ ଆଶିଷ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା



ପରଜଙ୍ଗ,୩୦ ।୧୧(ସମିସ): ପରଜଙ୍ଗ ବ୍ଲକ ବସୁଲେଇ ଗ୍ରାମରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ଅଶାନ୍ତି ନାଏକଙ୍କ ଘର ଭସ୍ମୀଭୂତ ହୋଇଥିଲା। ତାଳଚେର ଅଞ୍ଚଳର ୟୁଥ ୟୁନାଇଟେଡ ଫର ସଷ୍ଟେନେବଲ ଏନଭିରନମେଣ୍ଟ ଅନୁଷ୍ଠାନ ପକ୍ଷରୁ ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଅନୁଷ୍ଠାନର ସମ୍ପାଦିକା ପୂଜାରାଣୀ ଭୁକ୍ତା ବିପନ୍ନ ପରିବାର ନିକଟରେ ପହଞ୍ଚି ଶୀତବସ୍ତ୍ର, ଲୁଗାପଟା, ଶୁଖିଲା ଖାଦ୍ୟ ଆଦି ଯୋଗାଇ ଦେଇଛନ୍ତି। ଅନୁଷ୍ଠାନର ସଦସ୍ୟ ଜିଲୁ ବିଶ୍ୱାଳ, ଦୀପକ ସାହୁ, ସାମ୍ବାଦିକ ଶାନ୍ତନୁ କୁମାର ଭୁକ୍ତା, ଅମରେନ୍ଦ୍ର ଦାସ, ଗୋପବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ସରପଞ୍ଚ ମଧ୍ୟ ବିପନ୍ନଙ୍କ ପାଖରେ ପହଞ୍ଚି ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଉଦ୍ୟମ କରିଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ କଳସଯାତ୍ରା



ଢେଙ୍କାନାଳ,୩୦ ।୧୧(ସମିସ): ଶ୍ରୀବିଷ୍ଣୁ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସ୍ଥାନୀୟ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିର ସମ୍ମୁଖରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏହି ଅବସରରେ ସ୍ଥାନୀୟ ଭାଗୀରଥି ସାଗର କୂଳରୁ ପୂଜାର୍ଚ୍ଚନା କରାଯାଇ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ୨୮ ତାରିଖ ଅଙ୍କୁରାରୋପଣ, କଳସଯାତ୍ରା ଓ ଅଧିବାସ ହୋଇଥିଲା। ଡିସେମ୍ବର ୧ ତାରିଖ ସୂର୍ଯ୍ୟପୂଜା, ସୁରଭି ପୂଜନ, ଦେବତା ଆବାହନ, ଯଜ୍ଞକୁଣ୍ଡରେ ଅଗ୍ନି ସଂସ୍ଥାପନ, ୨ ତାରିଖ ସୂର୍ଯ୍ୟପୂଜା, ସୁରଭି ପୂଜନ, ମହା ରୁଦ୍ରାର୍ଚ୍ଚନ, ମହାଦେବାର୍ଚ୍ଚନ, ରୁଦ୍ର ଚଣ୍ଡୀ ଯାଗ, ୩ ତାରିଖ ସୂର୍ଯ୍ୟପୂଜା, ସୁରଭି ପୂଜନ, ମହାବିଷ୍ଣୁ ପୂଜନ, ଗୀତାଯାଗ ହୋଇ ଅପରାହ୍ନ ସାଢ଼େ ୧ଟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ପ୍ରତ୍ୟେକ ଦିବା ୧ଟାରୁ ହରିହାଟ ବ୍ୟବସ୍ଥା କରାଯାଇଛି। ମୁଖ୍ୟ ପୂଜକ ପ୍ରଦୀପ ଆଚାର୍ଯ୍ୟ, ସହଯୋଗୀ ପ୍ରଦୀପ ମିଶ୍ର, ଜିତେନ୍ଦ୍ର ମହାପାତ୍ର, ଓମପ୍ରକାଶ ରଥ, ହେମନ୍ତ ଆଚାର୍ଯ୍ୟ ଓ ତାରିଣୀ ପ୍ରସାଦ ପଣ୍ଡା ପ୍ରମୁଖ ଯଜ୍ଞ ସମ୍ପାଦନ କରିବେ। ଉପଦେଷ୍ଟା ବିଭୁଦତ୍ତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସଂଗଠନର କର୍ମକର୍ତ୍ତାମାନେ ସହଯୋଗ କରିଛନ୍ତି। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

● ସର୍ବଭାରତୀୟ ବାଜି ରାଉତ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଡାଇମଣ୍ଡ ହାର୍ବର କୋଲକାତା ଚାମ୍ପିଅନ

ଢେଙ୍କାନାଳ,୩୦ ।୧୧(ସମିସ):



ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଜିଲ୍ଲା କ୍ରୀଡ଼ା ସଙ୍ଘ, ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ଆୟୋଜିତ ସର୍ବଭାରତୀୟ ବାଜି ରାଉତ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ଡାଇମଣ୍ଡ ହାର୍ବର କୋଲକାତା ଓ ଇନକମ ଟାକ୍ସ ଚେନ୍ନଇ ମଧ୍ୟରେ ଖେଳାଯାଇଥିଲା। ଡାଇମଣ୍ଡ ହାର୍ବର ୭-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି।

ପ୍ରଥମ ଓ ଦ୍ୱିତୀୟ ଗୋଲ ରାମଦିନ ତାବା ଦେଇଥିବା ବେଳେ ତୃତୀୟ ଗୋଲ ଜୁବି ଜଷ୍ଟିନ ଦେଇଥିଲେ। ଚତୁର୍ଥ ଗୋଲ ରାମଲିନ ଥାରା, ୫ମ ଗୋଲ କ୍ଲେଟନ ସେଭେରା, ଷଷ୍ଠ ଗୋଲ ବ୍ରାଇଟ ଇନାବାଖେ ଓ ସପ୍ତମ ଗୋଲ ଆଣ୍ଟୋନିଓ ମୋୟାନେ ଦେଇଥିଲେ। ମୁଖ୍ୟଅତିଥି ଭାବେ ମ୍ରିଦୁଳା ଠାକୁର, ସମ୍ମାନିତ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂହଦେଓ, ନୱାର ନିର୍ଦ୍ଦେଶକ ରାଜେଶ ଘୋଷ, କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାଶ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ଉପସଭାପତି ସଞ୍ଜୟ କୁମାର ଭଞ୍ଜ ଯୋଗଦେଇଥିଲେ। ମୁଖ୍ୟଅତିଥି ଚାମ୍ପିଅନ ଟିମକୁ ୨ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିବା ବେଳେ ରନର୍ସଅପ ଟିମକୁ ଅମରଜ୍ୟୋତି ସିଂହଦେଓ ୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ବିଶିଷ୍ଟ ଫୁଟବଲ ଖେଳ ସଂଗଠକ ଅରୁଣ ଆସମାନ ଦାଶ ଏବଂ ପ୍ରତୀକ ଭଞ୍ଜଙ୍କ ସମେତ ସମସ୍ତ ରେଫରୀ ଏବଂ ସଭ୍ୟମାନଙ୍କୁ ସମ୍ମାନିତ କରିଥିଲେ। କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢ଼ୀ, ସୁନୀଲ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ବାବୁଲି ସାହୁ, ପ୍ରତୀକ ଭଞ୍ଜ, ବେସାରତ ଖାଁ, ପର୍ଶୁରାମ ମିଶ୍ର, ସରୋଜ ପାଢ଼ୀ, ମନୋଜ ଦାସ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଜୟବାରିକ, ଦୀପ୍ତିରଞ୍ଜନ ସେଠୀ, ବିଭୁ ପଟ୍ଟନାୟକ, ମାନସ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ପର୍ଶୁରାମ ମିଶ୍ର, ପ୍ରେମାନନ୍ଦ ମହାନ୍ତି, ଆଇନଜୀବୀ ସରୋଜ କୁମାର ପାଢ଼ୀ ଧାରାବିବରଣୀ ପ୍ରଦାନ କରିଥିଲେ।

## ଯୋରନ୍ଦାରେ ମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ



ଯୋରନ୍ଦା,୩୦ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦାରେ ରବିବାର ଅପରାହ୍ନରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୋରନ୍ଦା ସରପଞ୍ଚ ଆରତୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପାତ୍ର ୫୦ ଆବେଦନପତ୍ର ଗ୍ରହଣ କରି ସମସ୍ୟା ଶୁଣିଥିଲେ। ୭୫ ପ୍ରତିଶତ ମାନସିକ ଅନଗ୍ରସର ସୌମ୍ୟରଞ୍ଜନ ମହାପାତ୍ରଙ୍କ ଅନ୍ତ୍ୟୋଦୟ କାର୍ଡ ପାଇଁ ଆବେଦନ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଜନ୍ମରୁ ବିକଳାଙ୍ଗ ନାରାୟଣ ଲେଙ୍କା ୭୫ ପ୍ରତିଶତ ଦିବ୍ୟାଙ୍ଗ କାର୍ଡ ପାଇଥିଲେ। ମାତ୍ର ନବୀକରଣ ସମୟରେ ତାଙ୍କର ୬୦ ପ୍ରତିଶତକୁ କମାଇ ଦିଆଯାଇଛି। ଏହାର ପୁନର୍ବିଚାର କରି ସହାୟତା ଯୋଗାଇ ଦେବାକୁ ଉଭୟ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସମସ୍ତ ଅଭିଯୋଗକୁ ମନ୍ତ୍ରୀ ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଯୋରନ୍ଦା ସମିତି ସଭ୍ୟ ପ୍ରତ୍ୟୁଷହରି ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ମନ୍ତ୍ରୀଙ୍କ ପ୍ରତିନିଧି ରତିକାନ୍ତ ସାହୁ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। କାବରା ସମିତି ସଭ୍ୟ ଶତ୍ରୁଘ୍ନ ରାଉତ, ବରିଷ୍ଠ କର୍ମକର୍ତ୍ତା ଅମ୍ବିକା ପ୍ରସାଦ ମିଶ୍ର, ପ୍ରତାପ ନାଥ, ଦିଗମ୍ବର ସାହୁ, ଅଭୟ ପାଣି, ଧର୍ମାନନ୍ଦ ରାଉତ, ପ୍ରଶାନ୍ତ ଦେହୁରୀ, ବୀରେନ୍ଦ୍ର ନାୟକ, ଅଶୋକ ପଣ୍ଡା, ପ୍ରହ୍ଲାଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂର୍ବତନ ଛାତ୍ର କଂଗ୍ରେସ ସଭାପତିଙ୍କ ପରଲୋକ



ଢେଙ୍କାନାଳ,୩୦ ।୧୧(ସମିସ): ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଇଦ୍ରିଶ ବକ୍ସଙ୍କର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କ ୫୧ ବର୍ଷ ବୟସ ହୋଇଥିଲା। କିଛିଦିନ ଧରି ଅସୁସ୍ଥ ରହି ଚିକିତ୍ସାଧୀନ ଥିଲେ। ମୃତଶରୀର ସହରସ୍ଥିତ ଗୁଡ଼ିଆନାଳୀଠାରେ ଥିବା ତାଙ୍କ ବାସଭବନରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଭଗବାନପୁରସ୍ଥିତ କବରସ୍ଥାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଶିଶୁ ବିଭାଗର ଚିକିତ୍ସକ ସ୍ୱର୍ଗତ ଡା. ଅବଦୁଲ କରିମ ବକ୍ସଙ୍କ ବଡ଼ପୁଅ ଇଦ୍ରିଶ ଛାତ୍ର ରାଜନୀତିରେ ବେଶ୍ ସକ୍ରିୟ ରହିଥିଲେ। କିଛିବର୍ଷ ତଳେ ସେ ଢେଙ୍କାନାଳ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି କାର୍ଯ୍ୟ ତୁଲାଇଥିଲେ। ଜଣେ କ୍ରୀଡ଼ାବିତ ଭାବେ ମଧ୍ୟ ଜଣାଶୁଣା ଥିଲେ। ଢେଙ୍କାନାଳର ପ୍ରମୁଖ କସମସ କ୍ରିକେଟ କ୍ଲବର ସେ ସଦସ୍ୟ ଥିଲେ। ବହୁ ବ୍ୟକ୍ତି, ପରିବାର ସଦସ୍ୟ, ସହପାଠୀ ଓ ସହଯୋଗୀ ବାସଭବନରେ ପହଞ୍ଚି ତାଙ୍କ ଶେଷଦର୍ଶନ କରିଥିଲେ।


## ୧୨ରେ ପାଚିକା ସହାୟିକା ସଂଘର ବିଧାନସଭା ଘେରାଉ

ଢେଙ୍କାନାଳ,୩୦ ।୧୧(ସମିସ): ସ୍ଥାନୀୟ ଯାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମଡିଏମ ପାଚିକା ସହାୟିକା ସଂଘର



ବୈଠକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସମ୍ପାଦିକା ଭାରତୀ ଦାସ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଗତ ସେପ୍ଟେମ୍ବର ୨୦ ତାରିଖ ହୋଇଥିବା ଆନ୍ଦୋଳନର ସମୀକ୍ଷା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବି ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଆସନ୍ତା ୩, ୪ ଓ ୫ ତାରିଖ ରାଜଧାନୀରେ କେନ୍ଦ୍ରୀୟ ମିଳିତ ଶ୍ରମିକ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବା ସହ ୧୨ରେ ବିଧାନସଭା ଘେରାଉ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଉକ୍ତ ଦିନ ସ୍କୁଲଗୁଡ଼ିକରେ ପାଚିକା ସହାୟିକାମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଫଳରେ ମଧ୍ୟାହ୍ନ ଭୋଜନରେ ବ୍ୟାଘାତ ପାଇଁ ସଂଘ ଦୁଃଖ ପ୍ରକାଶ କରିଛି। ୧୦ମାସ ବଦଳରେ ୧୨ମାସର ପାରିଶ୍ରମିକ, ବର୍ଷକୁ ୨ଖଣ୍ଡ ଶାଢ଼ି, ପାଚିକାମାନଙ୍କୁ ବିଇଓଙ୍କ ଦ୍ୱାରା ନିଯୁକ୍ତି, ମାସର ପ୍ରଥମ ସପ୍ତାହରେ ପାରିଶ୍ରମିକ, ଅବସର ପରେ ପେନସନ, ସର୍ବନିମ୍ନ ମଜୁରି, ସାମାଜିକ ସୁରକ୍ଷା, ଶ୍ରମିକ କର୍ମଚାରୀ ମାନ୍ୟତା ପ୍ରଭୃତି ବିଭିନ୍ନ ଦାବିରେ ଆନ୍ଦୋଳନ କରିବାକୁ ସ୍ଥିର କରାଯାଇଛି। ମାସକୁ ୩ ହଜାର ଟଙ୍କାରେ ଗୋଟିଏ ପାଚିକା ପରିବାର କିପରି ଚଳିବ ବୋଲି ରାଜ୍ୟ ଉପଦେଷ୍ଟା ରଥ ପ୍ରଶ୍ନ କରିଛନ୍ତି। ବୈଠକରେ ଶାନ୍ତିପ୍ରିୟା ସାହୁ, ସୁବାସିନୀ ବେହେରା, ବୁଧେଇ ବେହେରା, ଶ୍ରଦ୍ଧାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଓଷ୍ଟାର ମେଧା ଅନ୍ୱେଷା ପରୀକ୍ଷା



ଢେଙ୍କାନାଳ,୩୦ ।୧୧(ସମିସ): ରାଜ୍ୟ ଓଷ୍ଟା ସଂଘ ଆନୁକୂଲ୍ୟରେ ଢେଙ୍କାନାଳରେ ମେଧା ଅନ୍ୱେଷା ପରୀକ୍ଷା ଅନୁଷ୍ଠିତ ହୋଇଛି। କାମାକ୍ଷାନଗର କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମେତ ୩ ପରୀକ୍ଷା କେନ୍ଦ୍ରରେ ୨୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ପୂର୍ବାହ୍ନ ୧୧ଟାରେ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ସମାପନ ହୋଇଥିଲା। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପରୀକ୍ଷା ନିରୀକ୍ଷକ ଭାବେ ରାଜ୍ୟ ଓଷ୍ଟା ସଂଘ ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ ଯୋଗଦାନ କରିଥିଲେ। ଅଧ୍ୟକ୍ଷ ଅଜୟ କୁମାର ବଳ ସୁପରିନଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ। ଢେଙ୍କାନାଳ ଓଷ୍ଟାର ପୂର୍ବ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ପୂର୍ବ ସମ୍ପାଦକ ବିଭୂତି ସାମଲ, ପୂର୍ବ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ଧଳ, ବର୍ତ୍ତମାନର ଯୁଗ୍ମ ସମ୍ପାଦକ ଅଞ୍ଜନ ମହାରଣା, ପ୍ରେମାନନ୍ଦ ଜେନା, ଅଶୋକ କୁମାର ଦାଶ, ପଙ୍କଜ ମହାରଣା, ଦେବେନ୍ଦ୍ର କୁମାର ଦାସ, ବ୍ରହ୍ମାନନ୍ଦ ପ୍ରଧାନ, ପଙ୍କଜ ଲୋଚନ ପିରେଇ, ଅକ୍ରୁର କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା



ଗଁଦିଆ,୩୦ ।୧୧(ସମିସ): ସ୍ଥାନୀୟ କପିଳାସ ମହାବିଦ୍ୟାଳୟରେ ଅର୍ନ୍ତଜାତୀୟ ଚାରଣଗୋଷ୍ଠୀ ପୁରୀ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଛି। ଖଙ୍କିରା ସରକାରୀ ଉଚ୍ଚ ବିଦ୍ୟାଳୟ, ଗଁଦିଆ ଉଚ୍ଚ ବିଦ୍ୟାଳୟ, ବେଢ଼ାପାଳ ଉଚ୍ଚ ବିଦ୍ୟାଳୟ, ଖୁରୁସିଆ ଉଚ୍ଚ ବିଦ୍ୟାଳୟ, ବଣସିଂ ଉଚ୍ଚ ବିଦ୍ୟାଳୟ, କଙ୍କଡ଼ାହାଡ଼ ଉଚ୍ଚ ବିଦ୍ୟାଳୟ, ଯୋରନ୍ଦା ଉଚ୍ଚ ବିଦ୍ୟାଳୟ, ଯୋରନ୍ଦା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଓ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରୁ ମନୋନୀତ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। କପିଳାସ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୋଲେଖ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ହୋଇଥିଲା। କପିଳାସ ମହାବିଦ୍ୟାଳୟର ମୋନାଲିସା ରାଉତରାୟ ପ୍ରଥମ, ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଜ୍ଞା ପ୍ରିୟଦର୍ଶିନୀ ସାମଲ ଦ୍ୱିତୀୟ ଓ ବଣସିଂ ସରକାରୀ ଉଚ୍ଚ ବିଦ୍ୟାଳୟର ମଧୁସ୍ମିତା ସାହୁ ଏବଂ ସନ୍ଥପୁର ଉଚ୍ଚ ବିଦ୍ୟାଳୟର ପ୍ରଭାତି ବେହେରା ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଛାତ୍ରୀମାନେ ଡିସେମ୍ବର ୭ ତାରିଖ ଶ୍ରୀକ୍ଷେତ୍ରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ଢେଙ୍କାନାଳ ଚାରଣ ଗୋଷ୍ଠୀ ମୁଖ୍ୟ ଅରୁଣ ପୁହାଣ କହିଛନ୍ତି।

## ଚତୁର୍ଥ ବ୍ରାହ୍ମଣୀ ବନ୍ଦନା ଓ ନାଗନାଥେଶ୍ୱର ମହୋତ୍ସବ




ଢେଙ୍କାନାଳ,୩୦ ।୧୧(ସମିସ): ଢେଙ୍କାନାଳ ସଦର ବ୍ଲକ ବଣସିଂହ ଏବଂ ଚାଉଳିଆ ପଞ୍ଚାୟତ ବଡ଼ନାଗନାସ୍ଥିତ ଉତ୍କଳର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଶ୍ରୀଶ୍ରୀ ନାଗନାଥେଶ୍ୱର ମହାଦେବଙ୍କ ପବିତ୍ର ପୀଠରେ ଚତୁର୍ଥ ବ୍ରାହ୍ମଣୀ ବନ୍ଦନା ଓ ନାଗନାଥେଶ୍ୱର ମହୋତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଏସଟିର ଯୁଗ୍ମ ନିର୍ଦ୍ଦେଶକ ସଞ୍ଜୀବ କୁମାର ସାହୁ ଯୋଗଦେଇ କହିଲେ, ଏହି ଉତ୍ସବ ଆଗାମୀ ଦିନରେ ବିରାଟ ରୂପ ନେବ। ଏଥିରେ ଅଞ୍ଚଳବାସୀ, କାର୍ଯ୍ୟକର୍ତ୍ତାଙ୍କ ଅକୁଣ୍ଠ ସହଯୋଗ ପ୍ରଶଂସନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ସୌଦାମିନୀ ସାହୁ, ଜିଲ୍ଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳ, ପୂର୍ବତନ ସରପଞ୍ଚ ସଞ୍ଜୁକ୍ତା ହୋତା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ କହିଥିଲେ। ସୁଦାମ ଚରଣ ବେହେରା ସଭାପତିତ୍ୱ କରିଥିବା ବେଳେ ମନ୍ଦିର ପରିଚାଳନା କମିଟି ସଭାପତି ନିତ୍ୟାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନୂତନ ପେନସନ୍‌ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ବୈଠକ

କାମାକ୍ଷନଗର,୩୦ ।୧୧(ସମିସ):



କାମାକ୍ଷାନଗର ବ୍ଲକ ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଙ୍ଘର ଜରୁରୀ ବୈଠକ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକ ସଂଘ ସଭାପତି ବିଷ୍ଣୁପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘ ଡାକରା କ୍ରମେ ଆସନ୍ତା ଡିସେମ୍ବର ୫ ତାରିଖ ହେବାକୁ ଥିବା ମହାଆନ୍ଦୋଳନରେ ବ୍ଲକର ଶତପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେବାକୁ ସଂଘ ସମ୍ପାଦକ ଦୁର୍ଗାପ୍ରସାଦ ତ୍ରିପାଠୀ ଆହ୍ୱାନ କରିଥିଲେ। ଡିସେମ୍ବର ୧ ତାରିଖ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କାମାକ୍ଷାନଗର ବିଇଓ ଓ ଡିସେମ୍ବର ୩ ତାରିଖ ଡିଇଓଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ପ୍ରକାଶଥାଉକି ପ୍ରାଥମିକ ଶିକ୍ଷକମାନଙ୍କ ମୂଳ ପଦବୀକୁ ଅପଗ୍ରେଡ୍ କରି ଲେଭୁଲ-୯ ଅନୁଯାୟୀ ମୂଳ ବେତନ ୩୫,୪୦୦/- ଟଙ୍କା ପ୍ରଦାନ ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ କରି ୨୦୦୧ରୁ ଅଦ୍ୟାବଧି ସମସ୍ତ ଶିକ୍ଷକଙ୍କ ମୂଳ ଚାକିରିରେ ୬ ବର୍ଷ ଗଣନା ସହ ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ପ୍ରଦାନ ଦାବି ନେଇ ଏହି ଆନ୍ଦୋଳନ ପାଇଁ ସଂଘ ପ୍ରସ୍ତୁତ ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପସଭାପତି ବିଚିତ୍ରାନନ୍ଦ ଖଟୁଆ, ଦିଲୀପ ନନ୍ଦ, ମୀନକେତନ ସାହୁ, ରାଜେନ୍ଦ୍ର ପୃଷ୍ଟି, ସୁଫଳା ପାଳ, ଦୀପ୍ତିମୟୀ ନାୟକ, ବିଷ୍ଣୁପ୍ରିୟା ପ୍ରଧାନ, ସଙ୍ଗୀତା ଜେନା, ରାଜେଶ ସାହୁ, ବ୍ୟୋତିକେଶ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଶକ୍ତି ସଂରକ୍ଷଣ ସାଧାରଣ ଜ୍ଞାନ ପ୍ରତିଯୋଗିତା

ବ୍ରହ୍ମପୁର,୩୦।୧୧(ସମିସ): ସ୍ଥାନୀୟ ଭିଭିଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପରିବେଶ ଅଧ୍ୟୟନ କେନ୍ଦ୍ର ଆନୁକୁଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼. ପ୍ରଭାତୀ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶକ୍ତି ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ଆୟୋଜିତ କରାଯାଇଥିଲା । ପ୍ରତିଯୋଗିତାରେ ସମଗ୍ର ଜିଲ୍ଲାରୁ ୬୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଆସିକା ସ୍ଥିତ ଏନଏସି ହାଇସ୍କୁଲର ଛାତ୍ର ଆର୍ଯ୍ୟାନ ସାବତ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଗଣ୍ଡାପଲ୍ଲୀ ଆଦର୍ଶ ବିଦ୍ୟାଳୟ ଛାତ୍ର ଆଦିତ୍ୟ କୁମାର ଦାଶ ଦ୍ୱିତୀୟ, ଗୋପୀନାଥ ହାଇସ୍କୁଲ ଛାତ୍ର ବିଭବ ସାହୁ ତୃତୀୟ ସ୍ଥାନ ହାସଲ କରି ମାନପତ୍ର ଓ ଅର୍ଥରାଶିରେ ପୁରସ୍କୃତ ହୋଇଥିଲେ । ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି । ଗଞ୍ଜାମ ଜିଲ୍ଲା ଇକୋ କ୍ଲବ ସଂଯୋଜକ ଡ. ଶଙ୍କର ନାରାୟଣ ବେଜ୍, ପୁରୁଣାପାଟଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୋକୁଳକୃଷ୍ଣ ପଣ୍ଡା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟତ୍ରୀ ଉପାଳି ଅପରାଜିତା ପରିଚାଳନାରେ ସହଯୋଗ କରିଥିଲେ ।
















## ଅମୃତ ମିଳନରେ ଶତାଧିକ ଶ୍ରଦ୍ଧାଳୁ

ଦାରିଙ୍ଗବାଡ଼ି,୩୦ ।୧୧ (ସମିସ): ଦାରିଙ୍ଗବାଡି ବ୍ଲକ ମା'ଦଶଭୁଜା ଚାରିଛକ ଅସ୍ଥାୟୀ ମଣ୍ଡପଠାରେ ଶନିବାର ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଛି । ସକାଳ ୯ ଟାରୁ ଶହ ଶହ ମହିଳା ଶିବ ମନ୍ଦିର ପ୍ରାଙ୍ଗଣରେ ଥିବା ପୋଖରୀରୁ ଗଙ୍ଗାପୂଜା କରି ଜଳ ଉଠାଇ କଳସ ଶୋଭାଯାତ୍ରାରେ ବାହାରି ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ । ଅସ୍ଥାୟୀ ମଣ୍ଡପରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ସହ ଅଷ୍ଟପ୍ରହରୀ ନାମ ଯଜ୍ଞ, ଘୃତ, ଜ୍ଞାନ, ଦୀପ, ଅନ୍ନ ଯଜ୍ଞ ଅନୁଷ୍ଠିତ ହୋଇଥିଲା ।




## କୁଇ ସମାଜ ସେବା ସମିତିର ପ୍ରତିଷ୍ଠା ଉତ୍ସବ




ଫିରିଙ୍ଗିଆ,୩୦ ।୧୧(ସମିସ): ଫୁଲବାଣୀ କୁଇ ସମାଜ ସେବା ସମିତିର ୭୨ତମ ପ୍ରତିଷ୍ଠା ଦିବସ ଫିରିଙ୍ଗିଆରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କୁଇ ସମାଜ ସେବା ସମିତି ସଭାପତି ସୁଦର୍ଶନ କହଁରଙ୍କ ଅଧ୍ୟକ୍ଷତା ଓ ଫିରିଙ୍ଗିଆ କୁଇ ସମାଜ ସଭାପତି ମୁକୁନ୍ଦ କହଁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷା ନମିତା କହଁର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ମହେନ୍ଦ୍ରଗଡ଼ର ସ୍ୱତନ୍ତ୍ର ଜମି ବନ୍ଦୋବସ୍ତ ଅଧିକାରୀ ରବୀନ୍ଦ୍ର ନାଥ କହଁର ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଜିଲ୍ଲାର ଆଦିବାସୀଙ୍କ ଜଳ, ଜଙ୍ଗଲ, ଜମି ଅଧିକାର ଓ ସେମାନଙ୍କର ସର୍ବାଙ୍ଗୀନ ବିକାଶ ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଦୂରୀକରଣ ଉପରେ ବକ୍ତବ୍ୟ କରଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲିକ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଶ୍ରୀନିବାସ ମଲିକ, ମନୋଜ କୁମାର ପ୍ରଧାନ ଏମଓ କନ୍ଧମାଳ, ଖଜୁରୀପଡା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା କୁଇସମାଜର ସାଂସ୍କୃତିକ ସମ୍ପାଦକ ବୀରେନ୍ଦ୍ର କହଁର, ଫିରିଙ୍ଗିଆର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ, କୁଇ ଗବେଷକ ଦିନବନ୍ଧୁ କହଁରଙ୍କ ସହ ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ସମ୍ପାଦକ ଅବନୀ କୁମାର କହଁର ବିବରଣୀ ପାଠ କରିଥିବା ବେଳେ ମିଣିଆ ଅଞ୍ଚଳର ବରିଷ୍ଠ କୁଇ ନେତା ବିଶ୍ୱମ୍ବର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ଗାଁରୁ ଆସିଥିବା କୁଇ ଆଦିବାସୀ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ପ୍ରଶାସନିକ ଅଧିକାରୀ ଭାବେ ପଦୋନ୍ନତି



ପୋଲସରା,୩୦ ।୧୧(ସମିସ): ପୋଲସରା ବ୍ଲକ ଚିରିକିପଡା ଶାସନ ଗ୍ରାମର ସୁନ୍ଦର ମାଧବ ପାଢ଼ୀ ଭାରତୀୟ ପ୍ରଶାସନିକ ଅଧିକାରୀ (ଆଇଏସ) ଭାବେ ପଦୋନ୍ନତି ପାଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ଅଣପ୍ରଶାସନିକ ଅଧିକାରୀରୁ ସିଧା ସଳଖ ଭାରତୀୟ ପ୍ରଶାସନିକ ଅଧିକାରୀ ଭାବେ ପଦୋନ୍ନତି ପାଇଛନ୍ତି । ଏନେଇ ନଭେମ୍ବର ୨୮ରେ କେନ୍ଦ୍ର ସରକାରଙ୍କ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବର୍ତ୍ତମାନ ସେ ଖୋର୍ଦ୍ଧା ଜିଲ୍ଲା ରାସ୍ତା ଓ କୋଠାବାଡ଼ି ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ କାର୍ଯ୍ୟରତ ଅଛନ୍ତି । ଅତି ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରି ମଧ୍ୟ ଏତେବଡ ପଦବୀର ଅଧିକାରୀ ହୋଇଥିବାରୁ ଅଞ୍ଚଳରେ ଖୁସି ଦେଖିବାକୁ ମିଳିଛି । ନିଜ ପଦ ମର୍ଯ୍ୟାଦାର ଉତ୍ତର ଦାୟିତ୍ୱକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ସାମର୍ଥ୍ୟ ପ୍ରଦାନ କରିବା ଏବଂ ଏହି ନୂତନ ଯାତ୍ରାରେ ସେ ସଫଳତାର ଶୀର୍ଷକୁ ସ୍ପର୍ଶ କରନ୍ତୁ ବୋଲି କାମନା କରିଛନ୍ତି ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ।






**ରବିବାର ଭିତରକନିକାରେ ଭିଡ଼**

# ୬୭ ବୋଟ୍‌ରେ ବୁଲିଲେ ୯୪୯ ପର୍ଯ୍ୟଟକ

**ରାଜନଗର,୩୦ ।୧୧(ସମିସ):**

ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣଭୂମି ପାଲଟିଛି ପର୍ଯ୍ୟଟକଙ୍କ ଭୂସ୍ୱର୍ଗ। ଆଜି ମାସଶେଷ ରବିବାର ଥିବାରୁ ଭିତରକନିକାରେ ପର୍ଯ୍ୟଟକଙ୍କ ଖଚାଖଚ ଭିଡ଼ ଦେଖିବାକୁ ମିଳିଛି। ୬୭ଟି ବୋଟରେ ୯୪୯ ପର୍ଯ୍ୟଟକ ନୌବିହାର କରି ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଜଳପଥରେ ଆସିଥିବା ପର୍ଯ୍ୟଟକମାନେ ଭିତରକନିକାର ପ୍ରାକୃତିକ ପରିବେଶରେ ନଈ ପଠାରେ ଖରା ପୁଉଁଥିବା ବିରାଟକାର କୁମ୍ଭୀର ଦେଖି ବିମୋହିତ ହୋଇଥିଲେ।

ଡାଙ୍ଗମାଳରେ ପହଞ୍ଚି ପୋଖରୀରେ ଆବଦ୍ଧ ଥିବା ଧଳାକୁମ୍ଭୀର ଗୋରୀ, ମଲ୍ଲିକୁ ଦେଖିଥିଲେ। ଡାଙ୍ଗମାଳରେ ଲୁଣାଜଙ୍ଗଲ ନର୍ସରୀ, ମ୍ୟୁଜିୟମ ସହିଦ୍ ସ୍ତମ୍ଭ, ସ୍କାୟ ଓକ ବ୍ରିଜ ସମେତ ବୋଟ ଲାଇବ୍ରେରୀ ଦେଖି ବିମୋହିତ ହୋଇଥିଲେ। ଖୋଲା ଏଣ୍ଟ୍ରି ପଏଣ୍ଟ ଦେଇ ୪୭ଟି ବୋଟରେ ୩୮୭ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଥିବା ବେଳେ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୮ ବୋଟରେ ୮୪, ଚାନ୍ଦବାଲି





ଏଣ୍ଟ୍ରି ପଏଣ୍ଟ ଦେଇ ୧୨ ବୋଟରେ ୧୪୬ ଓ ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ସ୍ଥଳପଥରେ ୩୩୨ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଥିଲେ। ପର୍ଯ୍ୟଟକମାନେ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଜାତୀୟ ଉଦ୍ୟାନରେ ଭିଡ଼ ଜମାଇଥିବା ବିରଳ ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ଆମେରିକା, ପାକିସ୍ତାନ, ଜାପାନ, ଶ୍ରୀଲଙ୍କା, ବାଂଲାଦେଶ ଆଦି ବିଦେଶୀ ପକ୍ଷୀଙ୍କ ସହ ଦେଶୀୟ ପକ୍ଷୀଙ୍କ କାକଳିରେ ବିମୋହିତ ହୋଇପଡୁଛନ୍ତି ପର୍ଯ୍ୟଟକ। ବିରଳ ବଉଳାକୁମ୍ଭୀର, ଶହ ଶହ ସଂଖ୍ୟାରେ ହରିଣ, ବାର୍ହା, ସମ୍ବର, ଫିସିଂ କ୍ୟାଟ୍, ହାଏନା, ଝିଙ୍କ ସହ ପାଣିଗୋଧି, ଅଜଗର, ଅହିରାଜ ଆଦି ବିରଳ ସରୀସୃପ ବି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏଥିସହିତ ଅଭୟାରଣ୍ୟରେ ଅନ୍ୟତ୍ର ଲୁପ୍ତପ୍ରାୟ ହେନ୍ତାଳବଣ ଓ ୬୩ ପ୍ରକାରର ଲୁଣା ଜଙ୍ଗଲ ରହିଛି। ହେନ୍ତାଳ, ସୁନ୍ଦରୀ, ଶିଶୁମାର, କେରୁଆଁ, ରାଇ, ବଣି, ଗରଣି, ଖରସି, ବନ୍ଦରୀ, ପାଣିଆମ୍ବ, ସିଙ୍ଗଡ଼ା, ପୀତାମ୍ବରା, ପୀତକୋରୁଆ ଭଳି ବିରଳ ଉଦ୍ଭିଦ ସହିତ ମନୋରମ ପକୃତି ଓ ପରିବେଶ କେବଳ ପଶୁପକ୍ଷୀଙ୍କୁ ସୁହାଉନି, ଏହା ପର୍ଯ୍ୟଟକଙ୍କ ମନ ମଧ କିଣି ନେଇଛି।

ମିୟୁଜିୟମ୍‌ରେ ୧୯ ଫୁଟ୍ ଓ ୧୭ ଫୁଟ୍ ଲମ୍ବର ବିରାଟକାୟ ଦୁଇଟି ବଉଳା କୁମ୍ଭୀରଙ୍କ କଙ୍କାଳ ସହ ଭିତରକନିକାରେ ଥିବା ପ୍ରାୟ ସମସ୍ତ ସ୍ତନ୍ୟପାୟୀ ଓ ସରୀସୃପ ପ୍ରାଣୀଙ୍କ କଙ୍କାଳ ରହିଛି। ପ୍ରକୃତି ଓ ପରିବେଶ ମଧ୍ୟରେ ଭିତରକନିକାକୁ ପାଖରେ ଦେଖିବା ପାଇଁ ଏବେ ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଭିଡ଼ ଜମାଉଛନ୍ତି। ଏସିଏଫ ମାନସ କୁମାର ଦାସଙ୍କ କହିବା କଥା, ଭିତରକନିକାକୁ ବୁଲି ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ବନ ବିଭାଗ ପକ୍ଷରୁ ପ୍ଲାଷ୍ଟିକକୁ କଡ଼ାକଡ଼ି ବାରଣ କରାଯାଇଛି। ତେବେ ପର୍ଯ୍ୟଟକଙ୍କ ପାଇଁ ବିଶୁଦ୍ଧ ପାଣି, ପରିସ୍ରାଗାର, ବୟୋଜ୍ୟେଷ୍ଠ ଏବଂ ଭିନ୍ନକ୍ଷମଙ୍କ ପାଇଁ ଭିଓଭି ବ୍ୟବସ୍ଥା କରାଯାଇଛି।

# ଶ୍ରମିକନେତା ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା,୩୦ ।୧୧(ସମିସ):** ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ କେନ୍ଦ୍ରାପଡ଼ା ଆସିଥିବା ରାଜ୍ୟ ଆଇଏନଟିୟୁସି ସଭାପତି, ସର୍ବଭାରତୀୟ ଆଇଏନଟିୟୁସି ଉପସଭାପତି ତଥା ଜେନେଭାସ୍ଥିତ ଅନ୍ତର୍ଜାତୀୟ ପ୍ରବାସୀ ଶ୍ରମିକ ସଂଗଠନ ଅଧ୍ୟକ୍ଷ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ଗରାପୁର ଡାକବଙ୍ଗଳା ଛକରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କେନ୍ଦ୍ରାପଡ଼ାର ମିଳିତ ଟ୍ରେଡ ୟୁନିଅନ ପକ୍ଷରୁ ପ୍ରତିନିଧିମାନେ ଖୁଣ୍ଟିଆଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଟ୍ରେଡୟୁନିଅନ ପ୍ରତିନିଧିମାନେ କେନ୍ଦ୍ରାପଡ଼ାର ନିର୍ମାଣ ଶ୍ରମିକମାନ ବିଭିନ୍ନ ସମସ୍ୟା ଓ ଦୁରବସ୍ଥା ସମ୍ପର୍କରେ ଅବଗତ କରି ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ଖୁଣ୍ଟିଆ ଆସନ୍ତା ୩, ୪ ଓ ୫ ତାରିଖ ରାଜ୍ୟସ୍ତରୀୟ ଶ୍ରମକୋଡ୍ ପ୍ରଚଳନ ବିରୋଧୀ ସମାବେଶକୁ କେନ୍ଦ୍ରାପଡ଼ା ଜିଲ୍ଲାରୁ ବହୁ ସଂଖ୍ୟାରେ ପ୍ରତିନିଧି ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ସମସ୍ତ ପଞ୍ଚାୟତରେ ପିଅନ ନିଯୁକ୍ତି ପରିପ୍ରେକ୍ଷୀରେ ଯେଉଁଠି ପୂର୍ବରୁ ଥିବା ପିଅନ ଠିକ ଭାବେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ପୁନଃନିଯୁକ୍ତି ପ୍ରଦାନ କରିବାକୁ ଖୁଣ୍ଟିଆ ମତବ୍ୟକ୍ତ କରିଥିଲେ। ଯେଉଁ ପଞ୍ଚାୟତରେ ରାଜନୀତୀକରଣ କରାଯିବ ତାକୁ ଜିଲ୍ଲା ମିଳିତ ଟ୍ରେଡ ୟୁନିଅନ ପକ୍ଷରୁ ବିରୋଧ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇଏନଟିୟୁସି ଜିଲ୍ଲା ସଭାପତି ମୁକ୍ତାର ଖାଁ, ଫକୀର ଚରଣ ଖଟୁଆ, ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ବସନ୍ତ କୁମାର ସେଠୀ, ଜିତେନ୍ଦ୍ର ଚୌଧୁରୀ, ବିରଜା ମହାନ୍ତି, ଏଚଏମଏସର ତ୍ରିଲୋଚନ ଦାସ, ଏଆଇଟିୟୁସିର ଅଜୟ ସାମଲ, ସିଟୁର ଜଗତଜୀବନ ଦାଶ, ଅଜିତ ପରିଡ଼ା, ସନ୍ଧ୍ୟାରାଣୀ ରାଉତ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସୁଶୀଲ କୁମାର ସାମଲ, ପବିତ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ସତୀର୍ଥର ସାରସ୍ୱତ ମହାକୁମ୍ଭ**

# ‘ପୁରସ୍କାରର ଉର୍ଦ୍ଧ୍ୱରେ ରହିଥାଏ ସାହିତ୍ୟ’

**କେନ୍ଦ୍ରାପଡ଼ା,୩୦ ।୧୧(ସମିସ):** ପୁରସ୍କାର ପାଇବା ପାଇଁ ସାହିତ୍ୟର ସୃଷ୍ଟି ହୋଇ ନ ଥାଏ। ସାହିତ୍ୟ ପାଇଁ ପୁରସ୍କାର ସୃଷ୍ଟି ହୋଇଥାଏ। ତେଣୁ ସାହିତ୍ୟିକମାନେ ପୁରସ୍କାର ପାଇବା ଆଶାରେ ସାହିତ୍ୟ ସୃଷ୍ଟି କରିବା ଉଚିତ ନୁହେଁ। ସାହିତ୍ୟକମାନେ ଦାର୍ଶନିକ ଦୃଷ୍ଟିଭଙ୍ଗୀ ରଖି ସାହିତ୍ୟ ସର୍ଜନା କରିବା ଉଚିତ ବୋଲି କେନ୍ଦ୍ରାପଡ଼ା ବ୍ଲକ କୋରୋ ଗ୍ରାମରେ ଗଣକବି ଗୋପାଳ ଦାଶ ମଞ୍ଚ (ସିଦ୍ଧବଟ)ଠାରେ ସାହିତ୍ୟ ଅନୁଷ୍ଠାନ ସତୀର୍ଥ ପକ୍ଷରୁ ଆୟୋଜିତ ସାରସ୍ୱତ ମହାକୁମ୍ଭରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଲିଓ ଟଲଷ୍ଟୟ, ସକ୍ରେଟିସ, ରବୀନ୍ଦ୍ର ନାଥ ଟାଗୋର ସାହିତ୍ୟ ସର୍ଜନା କରି ଦାର୍ଶନିକ ହୋଇଛନ୍ତି। ସେହିପରି ସାହିତ୍ୟିକମାନେ ସମାଜ ବିଜ୍ଞାନୀ ଅଟନ୍ତି। ସେମାନଙ୍କ କଲମ ଚାଳନାରେ ସମାଜରେ ବ୍ୟାପକ ପରିବର୍ତ୍ତନ ଆସିଥାଏ। ଉତ୍ତମ ସମାଜ ଗଠନ ଦିଗରେ ସାହିତ୍ୟିକମାନଙ୍କ ଭୂମିକା ଅବିସ୍ମରଣୀୟ ବୋଲି ଅତିଥିମାନେ କହିଥିଲେ। ସତୀର୍ଥର ସଭାପତି କବି ଅମର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ, ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. କୁମାରବର ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ନିରୁପମା ବରାଳ, କବି ସ୍ୱର୍ଣ୍ଣାଂଶୁ ଦାସ, କବୟିତ୍ରୀ କବିତା ମୁଦୁଲି, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ, କୋରୋ ସରପଞ୍ଚ ରଞ୍ଜିତ କୁମାର ଜେନା ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ସତୀର୍ଥ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି କଥାକାର ଯଜ୍ଞଦତ୍ତ ଆର୍ଯ୍ୟଙ୍କୁ ସତୀର୍ଥ କଥା ସମ୍ମାନ ଓ କବୟିତ୍ରୀ ସୁନନ୍ଦା ପ୍ରଧାନଙ୍କୁ ବିଦ୍ୟୁତଲତା ଦେବୀ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ କବି ମନ୍ମଥନାଥ ବରାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରାଜକିଶୋର ଜେନା ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। କବି ଫକୀର ଖଟୁଆ, ଯାମିନୀ ଦାସ, ଶଙ୍କର ସାହୁ, ରାଜୁ ସାମଲ, ଅପର୍ତ୍ତି ସେଠୀ, କୃପାସିନ୍ଧୁ ବିଶ୍ୱାଳ ପ୍ରମୁଖ ୬୦ କବି କବିତା ପାଠ କରିଥିଲେ। କବି ନିକୁଞ୍ଜ ପୃଷ୍ଟି, କବି ଅଶୋକ ସାହୁ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ। ପଣ୍ଡିତ ପ୍ରତାପ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭାଗୀରଥି ଜେନା ଧନ୍ୟବାଦ ଦେଇଥିଲେ। ଭାଗବତ ଷଡ଼ଙ୍ଗୀ, ମହେଶ୍ୱର ନାୟକ, କୈଳାସ ରାଉତ ପ୍ରମୁଖ ସହଯୋଗ କରିଥିଲେ। ପ୍ରାରମ୍ଭରେ ନୃତ୍ୟଶିଳ୍ପୀ ପ୍ରଜ୍ଞା ପାରମିତା ରାଉତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

# ବିଦ୍ୟାଳୟରେ ବ୍ୟାଗ୍‌ଲେସ୍ ଦିବସ ପାଳିତ

**ପଟ୍ଟାମୁଣ୍ଡାଇ,୩୦ ।୧୧(ସମିସ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳସ୍ଥିତ ପିଏମଶ୍ରୀ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟରେ ବ୍ୟାଗଲେସ ଦିବସ ପାଳିତ ହୋଇଛି। ଏହି ଅବସରରେ ଫୁଡ୍ ଫେଷ୍ଟିଭାଲ ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷକ ଅଶୋକ କୁମାର ରାଉତରାୟଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ତହସିଲଦାର ଦିଲୀପ କୁମାର ନାୟକ, ମୁଖ୍ୟବକ୍ତା ଭାବେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ର, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ତପନ କୁମାର ଦାଶ, ଆଇନଜୀବୀ ଗୋପୀନାଥ ତ୍ରିପାଠୀ, ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ନାୟକ, ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଷିଦ୍ଧ ବାରିକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉନ୍ନତି ଓ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସୁରକ୍ଷା ଦିଗରେ ଅଭିଭାବକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏନସିସି ଅଫିସର ସରୋଜ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅନିତା ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ଫୁଡ୍ ଷ୍ଟଲରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ଦୋକାନ ବୁଲି ଦେଖିଥିଲେ। ଏଥିରେ ୫୮ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଓ ସବୁଠାରୁ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅଭିଭାବକମାନେ ମଧ ଏଥିରେ ସାମିଲ ହୋଇଥିଲେ। ଖେଳ ଶିକ୍ଷକ ଶଶାଙ୍କ ଶେଖର ସାହୁ, ସ୍କାଉଟ ଶିକ୍ଷକ ଅନିଲ କୁମାର ଦାସ, ଇକୋ କ୍ଲବ ଶିକ୍ଷକ ତାପସ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଜୟ କୁମାର ରାଉତରାୟ, ଗୋମତି ସ୍ୱାଇଁ, ଜ୍ୟୋତିଲକ୍ଷ୍ମୀ ବେହେରା, ରଶ୍ମିତା ତରାଇ, ମାନସୀ ମହାନ୍ତି ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା।

# ସାଇକଲରୁ ପଡ଼ି ବୃଦ୍ଧ ଗୁରୁତର

**ଆଳି,୩୦ ।୧୧(ସମିସ):** କଟକ-ଚାନ୍ଦବାଲି ରାସ୍ତାର କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ବାଳକାଟୀ ଛକ ନିକଟରେ ଜଣେ ସାଇକଲରୁ ପଡ଼ି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବାଳକାଟୀ ଗ୍ରାମର ଡମ୍ବରୁଧର ଦାସ (୬୧)। ତାଙ୍କ ମୁଣ୍ଡ, ମୁହଁ ଓ ଅଣ୍ଟାରେ ଗଭୀର ଆଘାତ ଲାଗିଛି। ଡମ୍ବରୁଧର ଆଳିରୁ ବାଳକାଟୀକୁ ଫେରୁଥିବା ବେଳେ ସାଇକଲରୁ ପଡ଼ିଯାଇଥିଲେ। ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ଆଳି ମେଡିକାଲ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। କୌଣସି ଗାଡ଼ି ସାଇଡ୍ ମାରିବାରୁ ସେ ସାଇକଲରୁ ଖସିପଡ଼ି ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

# ବରିଷ୍ଠ ନାଗରିକ ମଞ୍ଚ ବୈଠକ

**ରାଜନଗର,୩୦ ।୧୧(ସମିସ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ବସନ୍ତ କୁମାର ହାତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରୁ ଅବସର ନେଇଥିବା ମଞ୍ଚର ଉପଦେଷ୍ଟା କୃପାସିନ୍ଧୁ ସାମଲ ବରିଷ୍ଠ ନାଗରିକଙ୍କ ଦିନଚର୍ଯ୍ୟା ଓ ଖାଦ୍ୟ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ। ମଞ୍ଚ ସମ୍ପାଦକ ପଦବୀ ଖାଲିଥିବା ସମ୍ପର୍କରେ ସଭାପତି ପ୍ରକାଶ କରିଥିଲେ। ବଳରାମ ତ୍ରିପାଠୀଙ୍କୁ ସର୍ବସମ୍ମତି କ୍ରମେ ସମ୍ପାଦକ ଭାବେ ମନୋନୀତ କରାଯାଇଛି।

**● ପାଟକୁରାରେ ମାରାଥନ ଶିଳାନ୍ୟାସ କାର୍ଯ୍ୟକ୍ରମ**

# ବିକାଶ ହେଉଛି ମୋର ପ୍ରଥମ ଓ ପ୍ରମୁଖ ଦାୟିତ୍ୱ: ବିଧାୟକ

**ଗରଦପୁର,୩୦ ।୧୧(ସମିସ):**

ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଅବିରତ ଉଦ୍ୟମରେ ଗରଦପୁର ବ୍ଲକର ବିକାଶ ଯାତ୍ରାରେ



ଆଜି ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି ହୋଇଛି। ୨୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ମାରାଥନ ଶିଳାନ୍ୟାସ କାର୍ଯ୍ୟକ୍ରମ କରି ଅଞ୍ଚଳବାସୀଙ୍କୁ ସୁଦୃଢ଼ ବିକାଶର ନୂତନ ଆଶ୍ୱାସନା ଭେଟି ଦେଇଛନ୍ତି ବିଧାୟକ ମହାପାତ୍ର।

ପୂର୍ବାହ୍ନ ୯ଟାରେ ବଙ୍ଗାଳପୁର ପଞ୍ଚାୟତର ହୁରାସାହିରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଧାୟକ ୬ କୋଟି ୫୭ ଲକ୍ଷ ୬୩ ହଜାର ଟଙ୍କାରେ ନିର୍ମାଣ ହେବାକୁ ଥିବା ହୁରାସାହି- ସାନକୋରୁଆ ରାସ୍ତାର ଶିଳାନ୍ୟାସ କରିଥିଲେ। ସଭାକୁ ସମ୍ବୋଧିତ କରି ସେ କହିଲେ ପାଟକୁରାର ପ୍ରତ୍ୟେକ ନାଗରିକ ମୋର ପରିବାର ସଦସ୍ୟ। ବିକାଶ ହେଉଛି ମୋର ପ୍ରଥମ ଓ ପ୍ରମୁଖ ଦାୟିତ୍ୱ ବୋଲି କହିଥିଲେ। ପରେ ପାଟସୁରା ପାଇକା ନଦୀ ବାମ ପାଶ୍ୱର୍ରେ ୨ କୋଟି ୧୧ ଲକ୍ଷ ଟଙ୍କା ବ୍ୟୟରେ ପଥର ସ୍ପର ପ୍ରକଳ୍ପ, ପୁଣ୍ଡିଲୋରେ ୨ କୋଟି ୧୨ ଲକ୍ଷ ବ୍ୟୟରେ ଆଉ ଗୋଟିଏ ପଥର ସ୍ପରର ପ୍ରକଳ୍ପ, ବସନ୍ତପୁର ପାଇକା ନଦୀରେ ୩ କୋଟି ୫୦ ଲକ୍ଷ ୨୨ ହଜାର ଟଙ୍କା ବ୍ୟୟରେ ପଥର ସ୍ପର ପ୍ରକଳ୍ପ, ଚିତ୍ରୋତ୍ପଳା ନଦୀର ଶାସନଠାରେ ୩ କୋଟି ୯୩ ଲକ୍ଷ ଟଙ୍କା ବ୍ୟୟରେ ପଥର ସ୍ପର ପ୍ରକଳ୍ପ, ତଳକୁସୁମା ଆମ୍ବିଳେଇଠାରେ ୪ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟରେ ସ୍ପର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ୧୮ ପଞ୍ଚାୟତର ବିଜେଡି ନେତା, ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ବରିଷ୍ଠ ନେତା କ୍ଷିତୀଶ ଦାସ, ସରପଞ୍ଚ ପ୍ରଭାତ ନଳିନୀ ଜେନା, ସମିତି ସଭ୍ୟ ଦିଲୀପ ସାହୁ, ଗଙ୍ଗାଧର ମିଶ୍ର, ଦିଲୀପ ସେଠୀ, ପୂର୍ବତନ ସରପଞ୍ଚ

**■ ୨୦ କୋଟି ଟଙ୍କାର ଶିଳାନ୍ୟାସ**
**■ ପ୍ରତିଶ୍ରୁତି ଦେଇ ରଖିଲେ ଅରବିନ୍ଦ**

ଅଶୋକ ଜେନା, ସରପଞ୍ଚ ସନ୍ତୋଷ ମାହାଳି, ଜିଲ୍ଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ସୁଧୀର ସାମଲ, ଅବନୀ ମହାପାତ୍ର, ସରପଞ୍ଚ ରଞ୍ଜନ ନାୟକ, ଅମିୟ ନାୟକ, ରାଜେନ୍ଦ୍ର ମଲ୍ଲିକ, ସମିତି ସଭ୍ୟ ବାସୁଦେବ ବେହେରା, ବ୍ରଜକିଶୋର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଏଲିଜା ସ୍ୱାଇଁ, ରେବତୀ ଶତପଥୀ, ସଂଗ୍ରାମ ମନ୍ତ୍ରୀ, ସୁକାନ୍ତ ନାୟକ, ରବୀନ୍ଦ୍ର ମହାପାତ୍ର, ସ୍ୱରୂପ ମହାନ୍ତି, ରଘୁନାଥ ବସନ୍ତିଆ, ପ୍ରକାଶ ସାହୁ, ଅରୁଣ ପଟ୍ଟନାୟକ, ଅଜୟ ଦାସ, ଜାଭିର ଅଲ୍ଲୀ, ନାଭେଦ ଜାଫର, ମାଧବାନନ୍ଦ ନାୟକ, ସରପଞ୍ଚ ବନିତା ସ୍ୱାଇଁ, ଗୋଲଖ ସ୍ୱାଇଁ, ଆଶିଷ ମହାନ୍ତି, ବାପି ସାହୁ, ବନିତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।







**● ସଚେତନତା ସତ୍ତ୍ୱେ କମୁନି ଆକ୍ରାନ୍ତଙ୍କ ସଂଖ୍ୟା**

# ୧୨ ବର୍ଷରେ ୨୦୭୮ ଏଡ୍‌ସ୍ ସଂକ୍ରମିତ

**ଭଞ୍ଜନଗର,୩୦।୧୧(ସମିସ):** ଏଡ୍‌ସ ରୋଗର ମୂଳୋତ୍ପାଟନ ପାଇଁ ସରକାର ନାନା ପଦକ୍ଷେପ ଗ୍ରହଣ କରୁଛନ୍ତି। ହେଲେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡରେ ଏଡ୍‌ସ ସଂକ୍ରମିତଙ୍କ ସଂଖ୍ୟା କମିବା ପରିବର୍ତ୍ତେ ପ୍ରତିବର୍ଷ ବଢ଼ିବାରେ ଲାଗିଛି। ତୃଣମୂଳସ୍ତରରେ ସଚେତନତା ବାର୍ତ୍ତା ପହଞ୍ଚିପାରୁ ନଥିବାରୁ ପ୍ରତିବର୍ଷ ହାରାହାରି ୨୦୦ ନୂଆ ସଂକ୍ରମିତ ଏଠାରୁ ଚିହ୍ନଟ ହେଉଛନ୍ତି। ଯେଉଁଥିରେ ଅଧିକାଂଶ କଲେଜ ପଢୁଆ ପୁଅ-ଝିଅ ଓ ଶିକ୍ଷିତ ଯୁବ ଗୋଷ୍ଠୀ ଥିବା ଜଣାପଡିଛି।

୨୦୧୪ରେ ଏହା ଲିଙ୍କ୍ ଏଆର୍‌ଟିରୁ ଏଆର୍‌ଟି ସେଣ୍ଟର୍‌ରେ ପରିଣତ ହୋଇଥିଲା। ସେତେବେଳେ ଏଠାରେ ମାତ୍ର ୧୧୮ ଜଣ ସଂକ୍ରମିତ ଥିବାବେଳେ ୨୦୧୫ରେ ୧୩୭ ଜଣ, ୨୦୧୬ରେ ୧୫୮, ୨୦୧୭ରେ ୧୬୭, ୨୦୧୮ରେ ୧୯୨ଜଣ, ୨୦୧୯ରେ ୨୦୨ଜଣ, ୨୦୨୦ରେ ୨୧୨ଜଣ, ୨୦୨୧ରେ ୨୧୫ଜଣ, ୨୦୨୨ରେ ୨୦୯, ୨୦୨୩ରେ ୨୨୯, ୨୦୨୪ରେ ୧୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଚଳିତବର୍ଷ ଆଜି ସୁଦ୍ଧା ୧୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇସାରିଛନ୍ତି।

ଚିନ୍ତାର ବିଷୟ ହେଲା, ସେଣ୍ଟର୍‌ର ରେକଡ଼ର୍ ଅନୁସାରେ ଗତ ୧୨ ବର୍ଷ ହେଲା ଏଠାରେ

## ଅଧିକାଂଶ କଲେଜ ପଢୁଆ ପୁଅ-ଝିଅ

ଆକ୍ରାନ୍ତଙ୍କ ହାର କ୍ରମାଗତ ଭାବେ ବୃଦ୍ଧି ପାଇଛି। ଆଉ ଚଳିତବର୍ଷ ଏହା ସମୁଦାୟ ୨୦୭୮ରେ ପହଞ୍ଚିଛି। ସେଥିମଧ୍ୟରୁ ୮୩ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଏଠାରେ ଚିହ୍ନଟ ହୋଇଥିବା ସଂକ୍ରମିତ ଏବଂ ଅନ୍ୟ କେନ୍ଦ୍ରରୁ ଚିହ୍ନଟ ହୋଇ ଏଠାକୁ ସ୍ଥାନାନ୍ତର ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ବର୍ତ୍ତମାନ ୧୯୭୦ ଜଣ ଔଷଧ ନେଉଛନ୍ତି। ସେହିଭଳି ୧୪୮୪ ଜଣଙ୍କୁ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ସେଥିମଧ୍ୟରୁ ୧୨୦୮ ଜଣ ମଧୁବାବୁ ପେନସନ ଯୋଜନାରେ ମାସିକ ଭତ୍ତା ପାଉଥିବା ବେଳେ ଓ ୨୭୬ ଜଣ ସରକାରଙ୍କ 'ମୋ କୁଡ଼ିଆ' ଯୋଜନାରେ ଆବାସ ଘର ପାଇଥିବା ଜଣାପଡିଛି।

ସଚେତନତା ଅଭାବ ସାଙ୍ଗକୁ ଅସୁରକ୍ଷିତ ଯୌନ ସଂପର୍କ ଓ ଦାଦନ ଶ୍ରମିକଙ୍କ ଯୋଗୁ ପ୍ରତିବର୍ଷ ଆକାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବହୁ ସଂକ୍ରମିତ ଲୋକଲଜ୍ଜା ଭୟରେ ଔଷଧ ଗ୍ରହଣ କରୁନାହାନ୍ତି। ବିବାହ ପୂର୍ବରୁ ରକ୍ତ ପରୀକ୍ଷା କରାଯାଉନି। ଫଳରେ ବିଭିନ୍ନ କାରଣରୁ ଏଡ୍‌ସ୍‌କୁ ରୋକିବା ଅଭିଯାନ ସଫଳ ହୋଇପାରୁନି। ବିଶେଷ କରି ଯୁବପିଢ଼ି ଏଦିଗରେ ସଚେତନ ଥାଇ ମଧ୍ୟ ବିପଦକୁ ଆମନ୍ତ୍ରଣ କରୁଛନ୍ତି। ଗଞ୍ଜାମ ଜିଲ୍ଲାରେ ଅଧିକ ସଂଖ୍ୟକ ଏଡ୍‌ସ ଆକ୍ରାନ୍ତ ଚିହ୍ନଟ ହେବା ପଛରେ ଦାଦନ ସମସ୍ୟା ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ଗଞ୍ଜାମ ଜିଲ୍ଲାରୁ ଲକ୍ଷାଧିକ ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥାନ୍ତି। ସେହିଭଳି ବାହାରେ ରହି ପାଠ ପଢୁଥିବା ଅଧିକାଂଶ ଯୁବକ ଯୁବତୀ ମଧ୍ୟ ସେଠାରେ ଅସୁରକ୍ଷିତ ଯୌନ ସମ୍ପର୍କ ସ୍ଥାପନ କରି ଅଜାଣତରେ ଏଡ୍‌ସ ଆକ୍ରାନ୍ତ ହୋଇଥାନ୍ତି।

# ଝିଅ-ବୋହୂ କଳି; ୨୦ ଘଣ୍ଟା ପଡ଼ି ରହିଲା ମା'ର ଶବ

**ଧରାକୋଟ,୩୦।୧୧(ସମିସ):** ପୁଣି ମାନବିକତା ହଜିଯିବାକୁ ବସିଥିବା ଭଳି ଏକ ଖବର ମିଳିଛି ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଗୋଲା ଦାମୋଦରପଲ୍ଲୀ ପଂଚାୟତ କମାଶାସନ ଗ୍ରାମରୁ। ବୋହୁ ଏବଂ ଝିଅ କଳିରେ ଦୀର୍ଘ ୨୦ ଘଣ୍ଟା ଧରି ଘରେ ମା'ର ଶବ ପଡ଼ିରହିବା ପରେ ଆପୋଷ ସମାଧାନ ପରେ ମିଳିତ ଭାବରେ ଶବ ସତ୍କାର କରାଯାଇଛି। ଶନିବାର ରାତିରେ ସେହି ଗ୍ରାମର ରତ୍ନାଲୁ ରେଡି (୬୫) ନାମକ ଏକ ମହିଳାଙ୍କ ମୃତ୍ୟୁ ହୋଇଥିଲା। ମୃତ ରତ୍ନାଲୁଙ୍କ ଦୁଇ ପୁଅ ଓ ଦୁଇ ଝିଅଙ୍କ ମଧ୍ୟରୁ ଦୁଇ ପୁଅ ମୃତ୍ୟୁବରଣ କରିଥିବା ବେଳେ ଦୁଇ ବୋହୁ ଓ ଦୁଇ ଝିଅ ରହିଛନ୍ତି।

ପୂର୍ବରୁ ଏହି ଦୁଇ ପୁତ୍ର ମରିବା ପରେ ମା' ରତ୍ନାଲୁ ନାମରେ ଥିବା କିଛି ଟଙ୍କା ପାଇଁ ପରିବାର ସଦସ୍ୟଙ୍କ ମଧ୍ୟରେ କଳହ ଲାଗିରହିଥିଲା। ମା'ର ମୃତ୍ୟୁ ଦିନ ହିଁ ଏହି କଳହ ଉଗ୍ରରୂପ ନେଇଥିଲା। ଶନିବାର ରାତିରେ ରତ୍ନାଲୁ ମରିବା ଫଳରେ ଦୁଇ ଝିଅ ମା'ର ଶବ ନିକଟରେ ଜଗି ରହିଥିଲେ। ପରିବାରର ବିଧବା ବୋହୁ କୂଳ ସମାଜ ଭାଇବନ୍ଧୁଙ୍କୁ ନେଇ ଶବ ସତ୍କାର ନିମନ୍ତେ ବାହାରିଲା ବେଳେ ଦୁଇ ଝିଅ ମା'ର ଟଙ୍କା ପଇସାର ହିସାବ ନ ତୁଟିଲେ ଶବ ସତ୍କାର କରିବାକୁ ଦିଆଯିବନାହିଁ ବୋଲି କହି ଦୀର୍ଘ ସମୟ ଧରି ଛାଡ଼ି ନଥିଲେ। ଫଳରେ ଗାଁର ପୂଜା, କର୍ମ, ଗାଁର ପ୍ରତ୍ୟେକ ଘରେ ଚୁଲି ଲାଗି ନଥିଲା। ଏଭଳି ପରିସ୍ଥିତିରେ ଶବକୁ ନେଇ ଟଣା ଓଟରା ହେବା ଘଟଣା ଚାରିଆଡ଼େ ଖେଳିଯିବା ପରେ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ଏବଂ ତାଙ୍କ ଟିମ୍ ପହଞ୍ଚି ବୁଝାସୁଝା କରିବା ପରେ ଶବ ସତ୍କାର କୂଳ ସମାଜର ରୀତିନୀତି ଅନୁସାରେ ଗ୍ରାମ ଶ୍ମଶାନରେ ହୋଇଥିଲା।

# ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ



**ଜି .ଉଦୟଗିରି,୩୦।୧୧(ସମିସ):** ସ୍ଥାନୀୟ ହବାକ୍ ଉଚ୍ଚ ବିଦ୍ୟାଳୟରେ ଦୁଇ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ୪୨ତମ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଉଦଯାପିତ ହୋଇଯାଇଛି। ମେଳାରେ ଜିଲ୍ଲାର ୧୨ଟି ବ୍ଲକର ୮୦ ଜଣ ଛାତ୍ରଛାତ୍ରୀଙ୍କ ନିଜ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ସମାବର୍ତ୍ତନ କାର୍ଯ୍ୟକ୍ରମରେ ଜି.ଉଦୟଗିରି ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜି.ଉଦୟଗିରି ଏସଡିପିଓ ବିଜୟ କୁମାର ବିଶି ଉପସ୍ଥିତ ରହିଥିବା ବେଳେ କାର୍ଯ୍ୟକ୍ରମର ସଭାପତି ଜିଲ୍ଲା ଶିକ୍ଷା ଅଧିକାରୀ ରାକେଶ କୁମାର ସ୍ୱାଇଁ, ବିଇଓ କେଶବ ଚନ୍ଦ୍ର ମଲ୍ଲିକ, ଏବିଇଓ ମିହିର କୁମାର ପ୍ରଧାନ, ପ୍ରଫୁଲ୍ଲ ସାହୁ, ହାବାକ୍ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର୍ ପାଟମାଝୀ, ସୀମାଞ୍ଚଳ ସ୍ୱାଇଁ ଜିଲ୍ଲା ବିଜ୍ଞାନ ସୁପରଭାଇଜର ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସାହୁ ମଞ୍ଚାସିନ ରହିଥିଲେ। ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର୍ ପାଟମାଝୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ





**ଶେରଗଡ଼,୩୦।୧୧(ସମିସ):** ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନରେ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ସ୍ଥାନୀୟ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରତିଯୋଗିତାରେ ବ୍ଲକର ୧୩୦ ବିଦ୍ୟାଳୟରୁ ୩୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିବା ବେଳେ ଆଗାମୀ ଜିଲ୍ଲା ସ୍ତରୀୟ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେହିଭଳି ଗତ ମାଟ୍ରିକ ପରୀକ୍ଷାରେ ବ୍ଲକର ୧୦ଜଣ ଟପ୍ପରଙ୍କୁ ସମ୍ମାନିତ କରାଯାଇଥିଲା। ଏବିଇଓ ଶୈଳେନ୍ଦ୍ରୀ ଦଳେଇ, ଏବିଇଓ ଦିବାକର ଗମାଙ୍ଗ, ଧନନ୍ତର ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ନବୀନ ଚନ୍ଦ୍ର ପାଢୀ, ପୂର୍ବତନ ପ୍ରଧାନ ଶିକ୍ଷକ କେଦାର ନାଥ ମହାନ୍ତି, ଏସଏମସି ସଭାପତି ମକରା ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ରାଜେଶ କୁମାର ଜେନା, ସମିତି ସଭ୍ୟ ରବୀନ୍ଦ୍ର ପ୍ରଧାନ, କୃଷ୍ଣଛାଇ ବ୍ୟାଙ୍କ ଅଫ ଇଣ୍ଡିଆର ମ୍ୟାନେଜର ଅନନ୍ତ ଦାସ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଏହି କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ ସିଆରସିସି ଏବଂ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ପରିଚାଳନା କରିଥିଲେ।







# ପୂର୍ବତନ କଂସ ମହାରାଜଙ୍କୁ ସମ୍ବର୍ଦ୍ଧନା

**ବରଗଡ଼, ୩୦।୧୧(ସମିସ):** ବରଗଡ଼ର ଶିକ୍ଷାନୁଷ୍ଠାନ ଆପ୍ରାଇଜ ଗ୍ରୁପ ତରଫରୁ ମଞ୍ଚ କଳାକାର ଭୁବନେଶ୍ୱର ପ୍ରଧାନଙ୍କୁ ଓଡ଼ିଆ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ୨୦୨୫ ପାଇ ଥିବା ଖବରପାଇ ଆପ୍ରାଇଜ ଗ୍ରୁପର ଏକ ପ୍ରତିନିଧି ଦଳ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରୁପର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ମୁକୁନ୍ଦ ଦାଶ, ଚିତ୍ତରଞ୍ଜନ ଦାଶ, ଜୟକୁମାର ମେହେର, ଅନୀଲ କୁମାର ମେହେର, କମଲଜୀତ କୌର, ଇପ୍ସିତା ପଧାନ, ବର୍ଷା ବରିହା, ଲିପ୍ସା କମ୍ପ, ମନିଶା ଦୀପ, ମୋନାଲିଶା ସାହୁ, ବିଉଟି ନାଏକ ଯୋଗଦାନ କରି ସମ୍ବର୍ଦ୍ଧିତ କରିଥିଲେ।



# ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକପାଚିକା ସମ୍ମିଳନୀ



**ବରଗଡ଼, ୩୦।୧୧(ସମିସ):** ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘଠାରେ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକ ପାଚିକା ରାଜ୍ୟ ସଂଘର ବରଗଡ଼ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହେଇଛି। ରାଜ୍ୟ ସଭାନେତ୍ରୀ ଦିପାଞ୍ଜଳି ଯାଦବ ଏବଂ ଜିଲ୍ଲା ସଭାନେତ୍ରୀ ଚନ୍ଦ୍ରାବତୀ ନାଏକ ବରଗଡ଼ ଜିଲ୍ଲାଙ୍କ ନେତୃତ୍ୱରେ ଉକ୍ତ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହଇଥିଲା। ସମ୍ମିଳନୀରେ ଜିଲ୍ଲା ସଭାନେତ୍ରୀ ଚନ୍ଦ୍ରାବତୀ ନାଏକ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ସମ୍ପାଦିକା ମଲ୍ଲି ବେହେରା ବିବରଣୀ ପାଠ କରିଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଅଖିଳ ଭାରତୀୟ ଅଙ୍ଗନବାଡ଼ି କ୍ରୁତି ସମିତି ଦିଲ୍ଲୀ ସେଣ୍ଟ୍ରାଲ କମିଟି ର ମୁଖ୍ୟ ସଂଯୋଜିକା, ବିଜୁ ଶ୍ରମିକ ସାମୁଖ୍ୟର ରାଜ୍ୟ ସମ୍ପାଦିକା ତଥା ଆଲ୍ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘର ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡା ଯୋଗ ଦେଇଥିବାବେଳେ ଉପଦେଷ୍ଟା ବିମଳ କୁମାର ଦାଶ, ମୁଖ୍ୟ ସଂଯୋଜକ ନିରଞ୍ଜନ ପାତ୍ର, ମୁଖ୍ୟବକ୍ତା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସନ୍ଧ୍ୟାରାଣୀ ସ୍ୱାଇଁ, ନିରୁପମା ନାୟକ, ରିତା ବେହେରା, ଡମ୍ବରୁ ଧର ମହନ୍ତ ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥିମାନେ ନିଜନିଜ ଅଭିଭାଷଣରେ କହିଥିଲେ ଯେ ପାଚିକା ମା'ମାନେ ଦୀର୍ଘ ୩୦ ବର୍ଷ ଧରି ପିଏମ ପୋଷଣ ମଧ୍ୟାହ୍ନଭୋଜନ ଯୋଜନାରେ ସଠିକ୍ ଭାବେ କାର୍ଯ୍ୟକରି ଆସୁଥିଲେ ସୁଧା ସେମାନଙ୍କ ପ୍ରାପ୍ୟ ସଙ୍ଗଙ୍କୁ ସମୁଦ୍ର ଭଳି ବହୁତ କମ୍ ପ୍ରାପ୍ୟ ଦିଆଯାଉଛି। ଆଗାମୀ ଦିନରେ ପାଚିକା ମା ମାନଙ୍କ ମୌଳିକ ଦାବି ଉପରେ ସରକାର ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଉକ୍ତ ସଭାରେ ନିଷ୍ପତ୍ତି ନିଆଯାଇଥିଲା।

# ଅମ୍ବାଭୋନା ବ୍ଲକ୍‌ସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ

**ଡୁଙ୍ଗୁରୀ, ୩୦।୧୧(ସମିସ)**

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ସାଉନ୍ତାମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅମ୍ବାଭୋନା ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ବିଇଓ ମିଶ୍ରାଣୀ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଡିଓ ଡ.ଲଳିତ ବାଗ, ମୁଖ୍ୟ ବକ୍ତା ଭାବେ ବୈଜ୍ଞାନିକ ଡ.ଶେଷଦେବ କିଷାନ, ସମ୍ମାନିତ ଅତିଥି ଭାବେ ଲୋକସଭା ସାଂସଦ ପ୍ରତିନିଧି ଗୁନାରୁ ପ୍ରଧାନ, ବିଜ୍ଞାନ ନିରୀକ୍ଷକ ଧୀରଜ ପଟ୍ଟନାୟକ, ପଞ୍ଚସଖା ଶିକ୍ଷାସେତୁ ସଂଯୋଜକ ପ୍ରିୟବ୍ରତ ସାହୁ, ଏବିଇଓ ଲାଲମୋହନ ସିଂ, ସ୍ଥାନୀୟ ପ୍ରଧାନ ଶିକ୍ଷକ ପରମେଶ୍ୱର ରଥ, ଡୁଙ୍ଗୁରି ସରପଞ୍ଚ ଗୀତାଞ୍ଜଳି ଦୋରା, ଜିଲ୍ଲା ପରିଷଦ ସଭ୍ୟ କଳ୍ପନାପ୍ରଧାନ, ସମାଜସେବିକା ପୁଷ୍ପା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କେଦାର ନାୟକ ଓ ଶିକ୍ଷକ ରୋହିତ ଭୁଏ ମଞ୍ଚ ପରିଚାଳନା କରିଥିଲେ। ପ୍ରଦର୍ଶନୀରେ ଶିଶୁ ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରସ୍ତୁତ ୧୯୭ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଶ୍ରୀଚରଣ ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ବିଇଓ ମିଶ୍ରାଣୀ କୁମ୍ଭାର, ମୁଖ୍ୟ ବକ୍ତା ଭାବେ ପ୍ରାଥମିକ ଶିକ୍ଷକ ସଂଘର ବ୍ଲକ ସଭାପତି ରାଜ ବଘେଲ୍, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ, ବ୍ଲକ ବିଜ୍ଞାନ ଫୋରମର ସଭାପତି ସଞ୍ଜୟ ଖମାରୀ, ସମ୍ପାଦକ ମନୋହର ସାହୁ, ସିଆରସିସି ପ୍ରହ୍ଲାଦ ଡନସନା ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଶିକ୍ଷକ ଜନକରାମ ବାରିକ ଓ ସିଆରସିସି ସନ୍ତୋଷ ମାଝୀ ପରିଚାଳନା କରିଥିଲେ। ସାଉନ୍ତାମାଲ ସ୍କୁଲର ଛାତ୍ରଛାତ୍ରୀ ସ୍ୱାଗତନୃତ୍ୟ ପରିବେଷଣ କରିଥିବା ବେଳେ ଲଖନପୁର ଓ ବଡଧରା ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ପ୍ରଧା ଶିକ୍ଷକ ପରମେଶ୍ୱର ରଥ ଧନ୍ୟବାଦ ଅର୍ପଣ କରିଥିଲେ।




# କଳାପାଣି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ବିଜ୍ଞାନ ମେଳା

**ବରଗଡ଼, ୩୦।୧୧(ସମିସ):** ଦିବ୍ୟ ଜୀବନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର କଳାପାଣି ଠାରେ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଯୋଗେଶ୍ୱର ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏମସିଏଲ୍ ସଞ୍ଚାଳକ ଅଶୋକ ପଣ୍ଡା ମଞ୍ଚାସୀନ ଥିଲେ। ଶିକ୍ଷାକେନ୍ଦ୍ରର ସଭାପତି ପ୍ରତିନିଧି ଅରବିନ୍ଦ ଦାଶ ଉପସ୍ଥିତ ଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ସଂଗ୍ରାମ କେଶରୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଜ୍ଞାନ ପରିଷଦର ଇନ୍ଦ୍ରଜିତ ଭାଇ, ସୁନନ୍ଦା ଅପା ତଥା ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୭୩ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ଭାବେ ଅଶୋକ ମାଝୀ, ଶୁଭେନ୍ଦୁ ଗଡ଼ତିଆ, କ୍ଷୀରୋଦ୍ର ପ୍ରଧାନ, ଶରତ ବିଶ୍ୱାଳ, ଝସକେତନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଡୁମାଲ ଦିବସ ପାଳନ ପ୍ରସ୍ତୁତି

**ଭେଡେନ, ୩୦।୧୧(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅଧୀନ ରୁଷୁଡା ପ୍ରାଥମିକ କୃଷି ସମବାୟ ସମିତି ରୁଷୁଡା ଠାରେ ଆସନ୍ତା ଡିସେମ୍ବର ୨୦ରେ ଜାତୀୟ ଡୁମାଲ ଦିବସ ପାଳନ କରିବାପାଇଁ ବରିଷ୍ଠ ଜାତି ସଂଗଠକ ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ କିପରି ଜାତିଭାଇମାନେ ପହଞ୍ଚିବେ ଏବଂ ତାଙ୍କର ସକଳ ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ପୁରୀ ଧାମରେ ଶ୍ରୀମନ୍ଦିର ପରିକ୍ରମା ଓ ସାମୂହିକ ଜଗନ୍ନାଥ ଦର୍ଶନ ପରେ ଚକ୍ରତୀର୍ଥରୋଡରେ ଥିବା ୟୁଥ୍ ହଷ୍ଟେଲରେ ମାଁ ମାହେଶ୍ୱରୀଙ୍କ ପୂଜା ପରେ ସଭାକାର୍ଯ୍ୟ, ଜାତିର ବିଭିନ୍ନ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧନା ପର୍ବ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଥିଲା। ସଭାରେ ବରିଷ୍ଠ ଜାତି ଭାଇ ମାନ ସିଂ ବଘାର, ସାନନ୍ଦ କରନ, ସୁରେନ୍ଦ୍ର କର୍ମି, ହିରା ମହାକୁର, ଚୈତନ୍ୟ କର୍ଣ୍ଣ, ପ୍ରମୋଦ ଦନ୍ତା, ବାସୁଦେବ ପଧାନ, ପ୍ରଦିପ ମହାକୁର, ଦେବାର୍ଚ୍ଚନ ମହାକୁର, ବଳରାମ ଛନ୍ଦ, ସତ୍ୟ ଗୁରାଣ୍ଡି, ଗୌରାଙ୍ଗ ପଧାନ, ଗଣେଶ କର୍ଣ୍ଣ, ପ୍ରେମରାଜ ଦେହେରି, ଶଙ୍କର୍ଷଣ କର୍ଣ୍ଣ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟରୁ ପ୍ରାୟ ଦୁଇଶହ ପ୍ରତିନିଧି ଯୋଗଦେବା ପାଇଁ ଆଲୋଚନା ହୋଇଥିଲା। ଶେଷରେ ସୁରେନ୍ଦ୍ର କର୍ମି ଧନ୍ୟବାଦ ଦେଇଥିଲେ।



# ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଭେଡେନ, ୩୦। ୧୧(ସମିସ):** ଭେଡେନ ଶିଶୁ ବିଦ୍ୟାମନ୍ଦିରରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ କ୍ରୀଡ଼ାବିତ ମାନସ ରଥ ଅତିଥି ଭାବେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଶ୍ୱିନୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଖେଳ ଶିକ୍ଷକ ମନମୋହନ ମେଣ୍ଡଲୀ ଓ ଦିଲୀପ ପାତ୍ର ପ୍ରତିଯୋଗିତାର ପ୍ରମୁଖ ଦାୟିତ୍ୱ ସମ୍ପାଦନ କରିଥିଲେ। ମହେନ୍ଦ୍ର ରାୟ ସଂଯୋଜନା କରିଥିବାବେଳେ ଆଚାର୍ଯ୍ୟ ଲକ୍ଷ୍ମଣ ଚିନ୍ଦ୍ରା ଧନ୍ୟବାଦ ପ୍ରଦାନ କରିଥିଲେ।



# 'ପଶ୍ଚିମ ଓଡ଼ିଶା ଲୋକସଂସ୍କୃତିର ଗତି ଓ ପ୍ରକୃତି' ପୁସ୍ତକ ଲୋକାର୍ପିତ




**ସମ୍ବଲପୁର, ୩୦।୧୧ (ସମିସ) :** ସୁଧୀର ରାସେଶ୍ୱରୀ ପଟ୍ଟନାୟକ ଫାଉଣ୍ଡେସନ ଆନୁକୂଲ୍ୟରେ ଡଃ ଦୀପେନ କୁମାର ପଟ୍ଟନାୟକଙ୍କ ଦ୍ୱିତୀୟ ପୁସ୍ତକ 'ପଶ୍ଚିମ ଓଡ଼ିଶା ଲୋକସଂସ୍କୃତିର ଗତି ଓ ପ୍ରକୃତି' ଲୋକାର୍ପଣ କାର୍ଯ୍ୟକ୍ରମ ଷ୍ଟୁଡିଓ ୪୪ଠାରେ ଅନୁଷ୍ଠିତ ହୋଇଯାଇଛି। ମନୋଜ ମହାନ୍ତିଙ୍କ ପରିଚାଳନା ଏବଂ କବୟିତ୍ରୀ ଅନୁପମା ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଶିଷ୍ଟ ନାଟ୍ୟକାର ଡ.ଦ୍ୱାରିକାନାଥ ନାୟକ ମୁଖ୍ୟଅତିଥି, ଲେଖକ ଡଃ ଗୋରୀଦାସ ପ୍ରଧାନ ମୁଖ୍ୟବକ୍ତା ଏବଂ ବିଶିଷ୍ଟ ଗବେଷକ ଡ.ଶ୍ୟାମ ସୁନ୍ଦର ଧର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଲୋକ ଜୀବନ ଏବଂ ଲୋକ ସଂସ୍କୃତିର ଆଧାର ତଥା ପଶ୍ଚିମ ଓଡ଼ିଶାର ପ୍ରାଚୀନ ଲୋକ ସାଂସ୍କୃତିକ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଏସ୍ଆର୍‌ପିଏଫ୍‌ର ଆବାହକ ମୌସମ ପଟ୍ଟନାୟକଙ୍କ ସହାୟତାରେ ହୋଇଥିବା ପୁସ୍ତକ ସମୀକ୍ଷା ଆଧାରିତ ଆଲୋଚନାଚକ୍ରରେ ଅଖିଳ ବିଶ୍ୱାଳ, କମଳ ଲୋଚନ ପଣ୍ଡା, ଡଃ ପରେଶ ଚନ୍ଦ୍ର ଦାନୀ, ରତ୍ନଭୂଷଣ ପୃଷ୍ଟେଠ, ବୃନ୍ଦାବନ ମିଶ୍ର, ପୁତୁଲ ସୁପ୍ରିୟା ଦାଶ, ପ୍ରଭଞ୍ଜନ ପୁରୋହିତ, ଆଭାସ ପଣ୍ଡା, ସିଦ୍ଧାର୍ଥ ପଣ୍ଡା, ରଣଜିତ ଦାସ, ରଶ୍ମିତା ମହାନ୍ତି, ମମତା ଦାସ, ମନୋଜ ପଣ୍ଡା, ସାଇ ଗାୟତ୍ରୀ ମହାନ୍ତି, ରଶ୍ମିତା ଦାସ, ବିଶେଶ୍ୱର କୁଲାରି, ଦେବଦୁତୀ ପଟ୍ଟନାୟକ ପ୍ରମୁଖ ଭାଗ ନେଇଥିଲେ। ଏହି ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିବା ଡକ୍ଟର ଶ୍ୟାମ ସୁନ୍ଦର ଧରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏସ୍ଆରପି ଫାଉଣ୍ଡେସନର ସହସମ୍ପାଦକ ରୀତେନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ତ୍ରିମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




**ଅମ୍ବାଭୋନା, ୩୦।୧୧(ସମିସ):** ଶିକ୍ଷା ଓ ଶିକ୍ଷକ ପରିବାର, ଅମ୍ବାଭୋନା ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା, ଅମ୍ବାଭୋନା ଦ୍ୱାରା ଆୟୋଜିତ ହୋଇଥିବା ଶିକ୍ଷକ ଏକାଦଶ ଏକଦିବସୀୟ ତ୍ରିମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ - ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଲାଲମୋହନ ସିଂହଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଏଡିଇଓ ସରୋଜ କୁମାର ଭୁଏ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ସଞ୍ଜୟ ଖମାରି ଓ ସମ୍ମାନିତ ଅତିଥି ଭାବରେ ଜ୍ୟୋତିଷ ଚନ୍ଦ୍ର ପ୍ରଧାନ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଯୋଗ ଦେଇଥିଲେ। ଅମ୍ବାଭୋନା, ଅତାବିରା, ଉଟଲିର ଶିକ୍ଷକ ଏକାଦଶ ଏଥିରେ ଅଂଶଗ୍ରହଣ କରିଥିଲେ। ସିଆରସିସି ବଳରାମ ଦରଦ ମେଘ, ବୁବୁନ ପଣ୍ଡା ଓ ସନ୍ତୋଷ ମାଝୀ ଧାରାବିବରଣୀ ପ୍ରଦାନ କରିଥିଲେ। ଏଥିରେ ଅମ୍ପାୟାର ଭାବରେ ଶେଷଦେବ ଦାସ ଓ ଯୋଗେଶ୍ୱର ସେଠ ଖେଳ ପରିଚାଳନା କରିଥିବାବେଳେ ତୋଷରାମ ଦାଶ ସହଯୋଗ କରିଥିଲେ। ସମସ୍ତ ଅମ୍ବାଭୋନା ବ୍ଲକର ସିଆରସିସି ସହଯୋଗ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଲାଲମୋହନ ସିଂହ ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ସଞ୍ଜୟ ଖମାରି, ଶିକ୍ଷକ ସଂଘ ଉପସଭାପତି ରୋହିତ କୁମାର ଭୁଏ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅମ୍ବାଭୋନା କ୍ରିକେଟ ଟିମର ମଣ୍ଟୁ, ତେଜ, ସୁନୀଲ, ବୁଦୁନ, ରାହୁଲ, ସୁମନ୍ତ, ଅଚ୍ୟୁତ, ରମେଶ, ଚୌଧୁରୀ, ରାଜୁ, ଦୁଃଖନାଷନ ପ୍ରମୁଖ ସହଯୋଗ କରିଥିଲେ।



# ତେନ୍ତୁଳିଖୁଣ୍ଟିରେ ଗୁଡ଼ିଚକା ପର୍ବ ସମ୍ପନ୍ନ

**କଲମପୁର, ୩୦।୧୧(ସମିସ):** କଲମପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଆଦିବାସୀ ପରମ୍ପରାର ଆଦ୍ୟ ପର୍ବ ଗୁଡିଚକା ପର୍ବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଟୋକିମରା ବା ପୌଷ ପର୍ବ ପୂର୍ବରୁ ଏହି ପର୍ବ ପାଳନ କରାଯାଇଥାଏ। ଆଦିବାସୀମାନେ ଧରଣୀପେନୁ ବା ମାଟି ଦେବତାକୁ ସନ୍ତୁଷ୍ଟ କରିବା ସକାଶେ ଏହି ପର୍ବ ବର୍ଷକୁ ଥରେ ପାଳନ କରି ଆସୁଛନ୍ତି। ହାରାମାଲ ପଞ୍ଚାୟତ ତେନ୍ତୁଳିଖୁଣ୍ଟି ଗ୍ରାମରେ ଟୋକିପର୍ବ ପୂଜା କମିଟି ସଭାପତି ଭକ୍ତ ରାମ ଦୁର୍ଗାଙ୍କ ତତ୍ତ୍ୱାବଧାନରେ ଆଜି ଗୁଡିଚଗା ପର୍ବ ଆୟୋଜିତ ହୋଇଥିଲା। ଏଥିରେ ପୂଜାରୀ ଖଗେଶ୍ୱର ମାଝୀ, ମୁଦ୍ରା ଧରିଆ କ୍ଷିରୋଦ ମାଝୀ, ଚେଲା ବେଣୁଧର ମାଝୀ, ଜାନୀ ଘାସିରାମ ମାଝୀ, ଗୁରୁମେ ଲକି ଦଳପତି, ମୁଡିକା ଜୟ ଶଙ୍କର ଦଳପତି ପ୍ରମୁଖ ପୂଜାର୍ଚ୍ଚନା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୂଜା କମିଟି ସଭାପତି ଶ୍ରୀ ଦୁର୍ଗାଙ୍କ ସମେତ ସମ୍ପାଦକ ରାମଚନ୍ଦ୍ର ନାଏକ, ଯଶ କେତନ ଦୁର୍ଗା, ସୁରେନ୍ଦ୍ର ଦୁର୍ଗା, ପୂର୍ଣ୍ଣ ପଟେଲ ପ୍ରମୁଖ ସହଯୋଗ କରିଥିଲେ, ସେହିଭଳି ଟେମରା, ପାଜେନ ଓ ମଣ୍ଡଳ ଗ୍ରାମରେ ମଧ୍ୟ ଅନୁରୂପ ଭାବେ ଗୁଡିଚଗା ପର୍ବ ଆୟୋଜିତ ହୋଇଥିବା ସୂଚନା ମିଳିଛି।



# ମେଘୁଆ ପାଗ ପାଇଁ ଫସଲ ନଷ୍ଟ ଆଶଙ୍କା

**କେସିଙ୍ଗା, ୩୦।୧୧ (ସମିସ):** ଚଳିତ ବର୍ଷ ବର୍ଷାର ଲୁଚକାଳି ଖେଳ ସହିତ ୟୁରିୟା ସାର ଅଭାବ ପାଇଁ ଚାଷୀ ବହୁ ହଇରାଣ ହୋଇ କଷ୍ଟେମଷ୍ଟେ ଚାଷ କାମ କରିଥିଲେ। ବର୍ତ୍ତମାନ ଅମଳ ସମୟରେ ପ୍ରକୃତିର ଛାଟ।ପାଣିପାଗ ବିଭାଗ ପୂର୍ବାନୁମାନ ଅନୁଯାୟୀ ନଭେମ୍ବର ମାସ ଶେଷରେ ଲଘୁଚାପ ପ୍ରଭାବରେ ବର୍ଷା ହେବାର ସମ୍ଭାବନା ରହିଥିବା ଆଗରୁ ସୂଚନା ଦେଇଛି। ସେହି ଅନୁଯାୟୀ ପାଗ ମଧ୍ୟ ବଦଳିବାରେ ଲାଗିଛି। ଶନିବାର ଠାରୁ ଆକାଶରେ ମେଘୁଆ ପାଗ ଚାଷୀକୁ ବିଚଳିତ କରୁଛି। ଧାନ ଓ କପା ପ୍ରାୟତ ପାଚି ଅମଳ ଅପେକ୍ଷାରେ କିଛି କିଛି ଅମଳ ମଧ୍ୟ ହୋଇଗଲାଣି। ଅମଳଧାନ ଓ କପା ଚାଷୀ ଖଳାରେ ରଖିଛି ଶୁଖିବା ପାଇଁ ପାଣିପାଗ ବିଭାଗ ର ଆକଳନ ଚାଷୀଙ୍କୁ ବ୍ୟସ୍ତ କରୁଛି। ବର୍ଷା ହେଲେ ଅମଳ ଧାନ ଓ କପାକୁ ବର୍ଷା ଦାଉରୁ କୋଉଠି ସୁରକ୍ଷିତ ରଖିବ ସେଥିପାଇଁ ସୁରକ୍ଷିତ ସ୍ଥାନ ଖୋଜୁଛି ଚାଷୀ। ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର ଜିଲ୍ଲାରେ ଧାନ ମଣ୍ଡି ଆରମ୍ଭ ହୋଇ ସାରିଥିଲେ ମଧ୍ୟ କେସିଙ୍ଗା ଅଞ୍ଚଳରେ ଆରମ୍ଭ ହୋଇ ନାହିଁ। କେବେ ମଣ୍ଡି ଆରମ୍ଭ ହେବ କୌଣସି ସୂଚନା ନାହିଁ। ମିଲର୍ସ ଓ ସରକାରଙ୍କ ମଧ୍ୟ ଚାଲିଥିବା ବାକଯୁଦ୍ଧ ଯୋଗୁଁ ମିଲର୍ସ ମଣ୍ଡିରୁ ଧାନ ନ ଉଠାଇବା କଥା ଗଣମାଧ୍ୟମ ଜରିଆରେ ଶୁଣିବାକୁ ମିଳୁଛି। ଗୋଟିଏ ପଟେ ମିଲର୍ସଙ୍କ ଛାଟ ଅନ୍ୟପଟେ ଚାଷୀଙ୍କ ପ୍ରତି ସରକାରଙ୍କ ନାଟ ତେଲିଆ ମୁଣ୍ଡରେ ତେଲ ସଦୃଶ୍ୟ ହୋଇ ଯାଇଥିବା ବେଳେ ଅଦିନିଆ ବର୍ଷା ଚାଷୀକୁ ବୋଝ ଉପରେ ନଳିତା ବିଡା ସଦୃଶ୍ୟ ହେଉଛି।

## ଚେତାବନୀ ସାହିତ୍ୟ ସଂସଦର ପୁଷପୁନି ଭେଟ୍‌ଘାଟ୍

# ଡ. ଭଗବାନ ଜୟସିଂହଙ୍କୁ କଳାହାଣ୍ଡି ସାରସ୍ୱତ ସମ୍ମାନ

**କେସିଙ୍ଗା, ୩୦।୧୧(ସମିସ)**

କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଚେତାବନୀ ସାହିତ୍ୟ ସଂସଦର ପୁଷପୁନି ଭେଟ୍‌ଘାଟ ଓ ରାଜ୍ୟସ୍ତରୀୟ ଲେଖକ ସମାବେଶ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ମୁକ୍ତମଞ୍ଚରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ମନୁଷ୍ୟର ଚିନ୍ତା ଚେତନାକୁ ପରିଶୁଦ୍ଧ କରିବା ସହିତ ତାର ଚିନ୍ତାଧାରା ସମାଜରେ ସଂସ୍କାର ଆଣି ଥାଏ ବୋଲି ଅତିଥିମାନେ ମତ ପୋଷଣ କରିଥିଲେ।ଦୁଇଟି ଅଧିବେଶନରେ ଅନୁଷ୍ଠିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମ ଅଧିବେଶନରେ ସଂସଦ ର ସଭାପତି ଯାଜ୍ଞସେନୀ ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କେସିଙ୍ଗା ନଗର ପାଳ ନୃପରାଜ୍ ଯାଦବ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଡ଼.ଭଗବାନ ଜୟସିଂହ, ବରେଣ୍ୟ ଅତିଥି ଭାବରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଉପସ୍ଥିତ ଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବରେ କଟକର ଡ଼.ସେନାପତି ପ୍ରଦ୍ୟୁମ୍ନ କେଶରୀ ଯୋଗ ଦେଇଥିଲେ। ପରେ ଦିନ ରାଜ୍ୟରୁ ଆସିଥିବା କବି ଓ ସାହିତ୍ୟିଙ୍କ ଦ୍ୱାରା ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ଥିଲା। ପରେ ସେହିପରି ଉଦ୍‌ଯାପନୀ ଅଧିବେଶନରେ ରାଜ୍ୟସ୍ତରୀୟ




ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ଦୁର୍ଗାବତୀ ସ୍ମାରକୀ କଳାହାଣ୍ଡି ସାରସ୍ୱତ ସମ୍ମାନ ପାଇଥିଲେ ପୁରୀର ଡ଼. ଭଗବାନ ଜୟସିଂହ, ସେହିପରି କଥା ସାହିତ୍ୟ, ପ୍ରବନ୍ଧ ସାହିତ୍ୟ ଓ କାବ୍ୟ କବିତା ପାଇଁ ଚେତାବନୀ ପ୍ରଜ୍ଞା ସମ୍ମାନ ପାଇଲେ ଭୁବନେଶ୍ୱରର ଲକ୍ଷ୍ମୀ ଚାନ୍ଦ, ପୁରୀର ଡ଼. ଚିତ୍ତରଞ୍ଜନ ମିଶ୍ର ଓ ସୁବର୍ଣ୍ଣପୁରର କେଦାର ମିଶ୍ର, କବି ଜ୍ୟୋତି ମିଶ୍ର ଯୁବ ପ୍ରତିଭା ସମ୍ମାନ ପାଇଲେ ସୁନ୍ଦରଗଡ଼ ଜିଲ୍ଲାର ଡ.ମମତା ପ୍ରିୟଦର୍ଶିନୀ ସାହୁ, ଚେତାବନୀ ଶିକ୍ଷା ସମ୍ମାନ ପାଇଲେ କଳାହାଣ୍ଡି ଜିଲ୍ଲାର ଇ.ଅଜୟ କୁମାର ପଣ୍ଡା, କବି ପାର୍ଥ ବିଶି କିଶୋର ସାହିତ୍ୟ ସମ୍ମାନ ପାଇଲେ ବାଲେଶ୍ୱର ଜିଲ୍ଲାର ସୁରଞ୍ଜନ ସାହୁ, କବି ଲକ୍ଷ୍ମୀକାନ୍ତ ସାହା ସ୍ମୃତି ସମ୍ମାନ ପାଇଲେ ଭବାନୀପାଟଣାର ଐଶ୍ୱର୍ଯ୍ୟା ପ୍ରଧାନ, ଚେତାବନୀ ସେବା ସମ୍ମାନ ପାଇଲେ କେସିଙ୍ଗା ଅଞ୍ଚଳର ବିଶିଷ୍ଟ ବୈଦ୍ୟ ସଦାନନ୍ଦ ପଟେଲ। ସେହିପରି ଚେତାବନୀ ସୁହୃଦ ସମ୍ମାନ ପାଇଲେ କେସିଙ୍ଗାର ବିପିନ ବିହାରୀ ବିଶି। ଉଦ୍‌ଯାପନୀ ସନ୍ଧ୍ୟାରେ ଚେତାବନୀ ସାହିତ୍ୟ ସଂସଦର କେନ୍ଦ୍ରୀୟ ସଭାପତି ଡ.ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଭୁବନେଶ୍ୱରର ପ୍ରସିଦ୍ଧ କଥା ଶିଳ୍ପୀ ଓ ଶିଶୁ ସାହିତ୍ୟିକ ଦାଶ ବେନହୁର ଉପସ୍ଥିତ ଥିବା ବେଳେ ବିଶିଷ୍ଟ ଅତିଥି ଭାବରେ ଡ଼.ଭଗବାନ ଜୟସିଂହ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଚିକିତ୍ସକ ତଥା ପୂର୍ବତନ ନଗରପାଳ ଡାକ୍ତର ହେମ ସାଗର ସାହା, ସ୍ୱତନ୍ତ୍ର ଅତିଥି ଭାବରେ କେସିଙ୍ଗାର ବିଶିଷ୍ଟ କଥାଶିଳ୍ପୀ ଯାଜ୍ଞସେନୀ ସାହା ପ୍ରମୁଖ ଉପସ୍ଥିତ ଥିଲେ।ଅନୁଷ୍ଠାନର ସମ୍ପାଦକ ରଞ୍ଜନ କୁମାର ପଣ୍ଡା ସମ୍ପାଦକୀୟ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଜ୍ଞାନେନ୍ଦ୍ର ଭୋଇ, ତପନ କୁମାର ଦାସ ଓ ଡ଼. ଗୀତାଶ୍ରୀ ପ୍ରିୟମ୍ବଦା। ଅନ୍ୟମାନଙ୍କ ମଧ୍ୟରେ ସଂଯୁକ୍ତା ପାଢ଼ୀ, ଯାଜବେନ୍ଦ୍ର ସାହା, ଡମ୍ବରୁଧର ଭୋଇ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଶେଷରେ କେସିଙ୍ଗା ସାହିତ୍ୟ ସଂସଦର ଉପ ସଭାପତି ରମେଶ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବାଲ୍ୟ ବିବାହ ରୋକିଲା ଜିଲ୍ଲା ପ୍ରଶାସନ

**ନୂଆପଡ଼ା, ୩୦।୧୧ (ସମିସ):** ନୂଆପଡ଼ା ଥାନା ଅନ୍ତର୍ଗତ ଜିଲ୍ଲାସଦର ମହକୁମା ସିରତୋଲବସ୍ତିରେ ଜଣେ ବ୍ୟକ୍ତିଙ୍କ ଘରେ ଚାଲିଥିବା ବାଲ୍ୟବିବାହକୁ ପ୍ରଶାସନ ରୋକିବାରେ ସଫଳ ହୋଇଛି। ସୂଚନାରୁ ପ୍ରକାଶ ଯେ ରବିବାର ଜିଲ୍ଲା କାର୍ଯ୍ୟାଳୟଠାରୁ ମାତ୍ର ୧କିମି ଦୂର ସିର୍ତ୍ତୋଲ ବସ୍ତିରେ ଜଣେ ନାବାଳିକାଙ୍କ ବିବାହ ପାଇଁ ସବୁ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇସାରିଥିଲା। ଠିକ ଏତିକିବେଳେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟର ଜିଲ୍ଲା ସଂଯୋଜକ ରଞ୍ଜନ ସାହୁଙ୍କ ଠାରୁ ଖବର ପାଇ ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶ ତୁରନ୍ତ ହସ୍ତକ୍ଷେପ କରିଥିଲେ। ଘଟଣାର ସତ୍ୟତା ଜଣାପଡ଼ିବା ପରେ ଦାଶଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନୂଆପଡ଼ା ରଞ୍ଜିତ ନାଏକଙ୍କ ନେତୃତ୍ୱରେ ନୂଆପଡ଼ା ଥାନାର ପୁଲିସ ଟିମ୍, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧିକାର ମିତ୍ର କୃଷ୍ଣା କୁମାର ଦେୱାଙ୍ଗନ ପ୍ରମୁଖ ଗ୍ରାମରେ ପହଞ୍ଚି ବାଲ୍ୟବିବାହ ବନ୍ଦ କରାଇବା ସହ କମ ବୟସରେ ବିବାହ ନ କରାଇବାକୁ ପରିବାର ପରାମର୍ଶ ଦେଇଥିଲେ। ଶିଶୁ ସୁରକ୍ଷା ଆଇନ ତଥା ବାଲ୍ୟବିବାହ ନିଷେଧ ଆଇନ ୨୦୦୬ ଅନୁସାରେ କୌଣସି ପୁଅ ଝିଅଙ୍କ ବୟସ ଯଥାକ୍ରମେ ୨୧ ଏବଂ ୧୮ ଧାର୍ଯ୍ୟ ହୋଇଛି। ଏହାକୁ ଅବମାନନା କରିବା ଦଣ୍ଡନୀୟ ଅପରାଧ ଅଟେ। ଏହାକୁ ନେଇ ଅଧିକାରୀମାନେ ଦୁଇ ପରିବାର ଲୋକଙ୍କୁ ବୁଝାଇଥିଲେ। ପରେ ଉଭୟପକ୍ଷ ରାଜି ହୋଇ ଲିଖିତ ଭାବରେ ଥାନା ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ।

# ଭୁବନେଶ୍ୱର ଅଭିମୁଖେ ସାଇକଲ ଯାତ୍ରା


**ଗୋଲାମୁଣ୍ଡା, ୩୦।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ସମସ୍ୟା ନେଇ ଜନ ସଂଗ୍ରାମ ସମିତି ଆବାହକ ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ରବିବାର ଦିନ ଭୁବନେଶ୍ୱର ଅଭିମୁଖେ ସାଇକଲ ଯାତ୍ରା ଆରମ୍ଭ ହୋଇଯାଇଛି। ଗୋଲାମୁଣ୍ଡା ଗ୍ରାମ ଦେବୀ ମାଁ ଠାକୁରାଣୀ ଓ ସର୍ବମଙ୍ଗଳା ମନ୍ଦିରରୁ ଯାତ୍ରା ଆରମ୍ଭ ଦୀର୍ଘ ୫୫୦କିମି ଭୁବନେଶ୍ୱର ଠାରେ ପରିସମାପ୍ତ ଘଟିବ। ସେଠାରେ ଓଡ଼ିଶା ରାଜ୍ୟପାଳ ସମେତ ମୁଖ୍ୟମନ୍ତ୍ରୀ ଙ୍କୁ ୮ଦଫା ଦାବି ପତ୍ର ପ୍ରଦାନ କରାଯିବ। ଦାବି ଗୁଡିକ ମଧ୍ୟରେ ଗୋଲାମୁଣ୍ଡା ବ୍ଲକ୨୦୨୪-୨୫ ମସିହାର ରବି ଋତୁ ମୁଗ ଚାଷୀଙ୍କ ଇନ୍ସ୍ୟୁରାନ୍ସ ଟଙ୍କା ପ୍ରଦାନ, ଉଦନ୍ତୀ ନଦୀରେ ବ୍ରିଜ ନିର୍ମାଣ, ମେଘା ଲିଫ୍ଟ ଜଳ ଯୋଗାଣ କୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଗୋଲାମୁଣ୍ଡା ବ୍ଲକରେ ଧନ୍ଦାମୂଳକ କଲେଜ ସ୍ଥାପନ, ରବି ଋତୁ ଚାଷ ପାଇଁ କେନାଲ ରେ ଜଳ ଯୋଗାଣ, ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ



ଆବଶ୍ୟକୀୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଗୋଲାମୁଣ୍ଡା ଠାରେ ଏମଏସଏମଇ ଓ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ସାଙ୍ଗକୁ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହ ଓ ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ ଆଦି ଦାବିରେ ଉଲ୍ଲେଖ ରହିଛି। ତେବେ ପ୍ରମୁଖ ଦାବି ଗୁଡିକ ବାରମ୍ବାର ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ସରକାରଙ୍କ ଠାରେ ଉପସ୍ଥାପନ ପୂର୍ବରୁ କରାଯାଇଛି। ବିଭିନ୍ନ ସମୟରେ ଆନ୍ଦୋଳନ ଧର୍ମଘଟ ହୋଇଥିଲେ ହିଁ ସରକାର କର୍ଣ୍ଣପାତ କରି ନଥିବା କୁହାଯାଏ। ସାଇକଲ ଯାତ୍ରା ରେ ଅଞ୍ଚଳର ୫୦ଜଣ ସାଇକଲ ଯାତ୍ରୀ ସାମିଲ ହୋଇଛନ୍ତି।ଶେଷରେ ଦୀର୍ଘ ୫୫୦ କିମି ଦୂର ଯାଏ ସାଇକଲ ଯାତ୍ରା ଆରମ୍ଭ କରି ଦାବି ଜଣାଇବାକୁ ଏକ ଭିନ୍ନ ପ୍ରୟାସ କରାଯାଇଛି। ପୂର୍ବରୁ ମଧ୍ୟ ଗୋଲାମୁଣ୍ଡା ଠାରୁ ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ୫୫୦କିମି ପଦ ଯାତ୍ରା କରିଥିଲେ। ସରକାର ଦାବି ଗୁଡିକୁ ନିଶ୍ଚିତ ଭାବେ ଗ୍ରହଣ କରି କାର୍ଯ୍ୟକ୍ଷମ କରିବେ ବୋଲି ଶ୍ରୀ ମଙ୍ଗରାଜ ଆଶା ବାନ୍ଧିଥିବା ପ୍ରକାଶ କରିଛନ୍ତି।







## ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ନାହାନ୍ତି

# ୩ ମାସ ହେଲା ନାହିଁ ସ୍ଥାୟୀ ୧୦୮ ଆମ୍ବୁଲାନ୍ସ

**ଗୋଲାମୁଣ୍ଡା, ୩୦ ।୧୧(ସମିସ)**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଏକ ଅନୁନ୍ନତ ଅଞ୍ଚଳ ହୋଇଥିବା ବେଳେ ସବୁକ୍ଷେତ୍ରରେ ଅବହେଳିତ ହୋଇଆସୁଛି । ଗୋଲାମୁଣ୍ଡା ବ୍ଲକ ଏକ ଦାଦନ ପ୍ରବଣ ବ୍ଲକ ଭାବେ ରାଜ୍ୟରେ ପରିଚିତ ହୋଇଆସୁଛି । ସରକାର ବଦଳୁଛି, ପ୍ରଶାସନିକ ଅଧିକାରୀ ବଦଳୁଛନ୍ତି, ସର୍ବୋପରି ରାଜନେତା ଓ ନିର୍ବାଚିତ ପ୍ରତିନିଧି ମଧ୍ୟ ବଦଳୁଛନ୍ତି ହେଲେ ଗୋଲାମୁଣ୍ଡା ବ୍ଲକର ଭାଗ୍ୟ ବଦଳିପାରୁନାହିଁ।ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏବେବି ଗରିବ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଖରାପ କହିଲେ ଚଳେ। ଡାକ୍ତରଖାନା ଅଛି ହେଲେ ଡାକ୍ତର ନାହାନ୍ତି। କେବଳ ରେଫର ହିଁ ଏକମାତ୍ର ବିକଳ୍ପ ହେଉଛି। ଗୋଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ପୂର୍ବରୁ ଏହା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ପରିଚାଳିତ ହେଉଥିଲା। ୨୦୨୦-୨୧ ମସିହାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୂପେ ଘୋଷିତ ହେବା ପରେ ନୂତନ ଡାକ୍ତରଖାନା ପାଇଁ ୫ କୋଟି ଟଙ୍କାର ଅଟକଳ ପରିମାଣରେ କୋଠା ନିର୍ମାଣ ମଧ୍ୟ ଶେଷ ହୋଇଯାଇଛି। ଏହି ଡାକ୍ତରଖାନାରେ ୪ ଜଣ ଏମବିବିଏସ, ଜଣେ ଆୟୁର୍ବେଦ ଡାକ୍ତର ଓ ଦୁଇ ଜଣ ଅସ୍ଥାୟୀ ଡାକ୍ତରଙ୍କ ଦ୍ୱାରା ରୋଗୀ ସେବା ଚାଲିଛି। ହେଲେ ଗୋଟିଏ




ବି ବିଶେଷଜ୍ଞ ଡାକ୍ତର ନଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି। ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ନ ଥିବାରୁ ଅନେକ ଗରିବ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁ ଥାଇ ବି ବେଶେଷଜ୍ଞ ଡାକ୍ତର ନଥିବାରୁ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଉଛି। ଯେତିକି ଡାକ୍ତର ଅଛନ୍ତି ସେଥିମଧ୍ୟରୁ ମଝିରେ ମଝିରେ ଡାକ୍ତରମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଡେପୁଟେସନରେ ପଠାଯାଉ ଥିବା ଫଳରେ ରୋଗୀ ସେବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ଅନ୍ୟ ପକ୍ଷେ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ ମାସ ହେବ ସ୍ଥାୟୀ ୧୦୮ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ରହୁଛନ୍ତି ଅଞ୍ଚଳବାସୀ। ଜରୁରୀକାଳୀନ ସେବା ପାଇଁ ଚପୁରିଆ ଡାକ୍ତରଖାନା କିମ୍ବା ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଥିବା ଆମ୍ବୁଲାନ୍ସ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଦୀର୍ଘ ୨୦-୨୫ କିଲୋମିଟରରୁ ଆମ୍ବୁଲାନ୍ସ ଆସୁଥିବାରୁ ରୋଗୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ଯେହେତୁ ପାଇଛି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଯେଉଁ ସବୁ ସୁବିଧା ସୁଯୋଗ ମିଳିବା କଥା ସବୁ ନମିଳିଲେ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇବାକୁ ପଛଘୁଞ୍ଚା ଦେବୁନାହିଁ ବୋଲି ଜନସଂଗ୍ରାମ ସମିତିର ଆବାହକ ସାଉଲ ମଙ୍ଗରାଜ ଚେତାବନୀ ଦେଇଛନ୍ତି।

## ସରସ୍ୱତୀ ଶିଶୁମନ୍ଦିରରେ ସପ୍ତ ଶକ୍ତି କାର୍ଯ୍ୟକ୍ରମ

**ହରଭଙ୍ଗା, ୩୦ ।୧୧(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମିନତୀ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଦୀପ୍ତିରାଣୀ ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସସ୍ମିତା ସେନାପତି ଯୋଗ ଦେଇଥିଲେ। ଶାନ୍ତିଲତା ମହାକୁଡ଼, ଗୁରୁମା ନିବେଦିତା ନନ୍ଦ, ମନୋରମା ପୁରୋହିତ, ଗୁରୁମା ସୁଶ୍ରୀ ହେମାଙ୍ଗିନୀ ମିଶ୍ର, ପରିଚାଳନା ସମିତିର ସଭାପତି ଡ. ପ୍ରମୋଦ ମହାପାତ୍ର, ସତ୍ୟାନନ୍ଦ ପୁରୋହିତ, ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ପ୍ରଧାନ ଆଚାର୍ଯ୍ୟ ଭଗବାନ ମନହିରା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଲବ୍ ଘରେ ଅଙ୍ଗନବାଡ଼ି କେନ୍ଦ୍ର

**ଡୁଙ୍ଗୁରିପାଲି, ୩୦ ।୧୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଶିବାନନ୍ଦପଡ଼ା ଅଙ୍ଗନବାଡ଼ି କେନ୍ଦ୍ର- ୪ର ନିଜସ୍ୱ ଗୃହ ନାହିଁ। ଗତ ୧୮ ବର୍ଷ ହେଲା କ୍ଲବ୍ ଘରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ଆଜି କୌଣସି ସ୍କୁଲ ବାରଣ୍ଡାରେ ତ



କାଲି କେଉଁ କ୍ଲବ୍ ଘରେ ଅନ୍ୟଥା କୌଣସି ଶିଶୁ ଅଭିଭାବକଙ୍କ ଘରେ ଅଙ୍ଗନବାଡ଼ିକେନ୍ଦ୍ର ଚାଲିବା ଦୁର୍ଭାଗ୍ୟଜନକ। ସ୍ଥାନୀୟ ସାମାଜିକ କର୍ମୀ ଯଦୁମଣି କୁଦେଇ, ଅବସରପ୍ରାପ୍ତ ଶିକ୍ଷକ ଲଳିତ ଭୋଇ ଏବଂ ଶିଶୁ ଅଭିଭାବିକା ସୂର୍ଯ୍ୟକାନ୍ତି ସେଠଙ୍କ ସମେତ ଶିବାନନ୍ଦ ପଡ଼ାବାସୀ ଡୁଙ୍ଗୁରିପାଲି ସିଡିପିଓଙ୍କୁ ଏ ବାବଦରେ ବାରମ୍ବାର ଅବଗତ କରି ଆସୁଥିଲେ ହେଁ ମୁଁ ଦେଖୁଛି କହି କେବଳ ଆଶ୍ୱସନା ଦେଇ ଚାଲିଛନ୍ତି। ସମ୍ପ୍ରତି ଏହି କାମଚଳା ଅଙ୍ଗନବାଡ଼ି କେନ୍ଦ୍ର ଶିବାନନ୍ଦପଡ଼ା ମୁଖ୍ୟରାସ୍ତାକୁ ଲାଗି ରହିଛି। ପ୍ରତିଦିନ ଏହି ରାସ୍ତାରେ ଶତାଧିକ ଯାନବାହନ ଯାତାୟାତ କରୁଥିବା ଶିଶୁଙ୍କ ସକାଶେ ବିପଦସଙ୍କୁଳ ସ୍ଥିତି ସୃଷ୍ଟି କରିଛି। ଏଭଳି ସ୍ଥିତିରେ ଶିଶୁ ଅଭିଭାବକ/ଅଭିଭାବିକା ଅନିଚ୍ଛାସତ୍ତ୍ୱେ ବାଧ୍ୟ ହୋଇ ନିଜର ପିଲାମାନଙ୍କୁ ଏହି କାମଚଳା କେନ୍ଦ୍ରକୁ ପଠାଉଥିବା ପ୍ରକାଶ କରିଛନ୍ତି। ଏପରିକି ସାମାଜିକ କର୍ମୀ ଶ୍ରୀକୁଦେଇଙ୍କ ନେତୃତ୍ୱରେ ଶିବାନନ୍ଦପଡ଼ାବାସୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଦୁଇ ଦୁଇ ଥର ଅଭିଯୋଗ ଆଣିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନି। ଲୋକଙ୍କ ଅଭିଯୋଗକ୍ରମେ ସିଡିପିଓ ମୌସୁମୀ ମୈତ୍ରୀଙ୍କ ସହ ମୋବାଇଲ୍ ଫୋନ୍ ଯୋଗେ ବାରମ୍ବାର ଯୋଗାଯୋଗ କରାଯିବା ସତ୍ତ୍ୱେ ତାଙ୍କର କୌଣସି ପ୍ରତିକ୍ରିୟା ମିଳିବା ସମ୍ଭବପର ହୋଇ ନ ଥିଲା।ତେବେ ଶିବାନନ୍ଦପଡ଼ାବାସୀ କାହା ନିକଟରେ ଅଭିଯୋଗ ଆଣିଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନକୁ ପ୍ରଶ୍ନ କରିଛନ୍ତି।

# ସମ୍ବିଧାନ ମହୋତ୍ସବ ପାଳିତ

**ଭବାନୀପାଟଣା, ୩୦ ।୧୧ (ସମିସ)** ଭବାନୀପାଟଣା ଟାଉନ ହଲରେ ମୂଳନିବାସୀ ବହୁଜନ ମିଳିତ ମହାସଂଘ ତରଫରୁ ସମ୍ବିଧାନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ଜିଲ୍ଲାପାଳ ଅଫିସ ପରିସରରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଓବିସି, ଏସଟି, ଏସସି ସମ୍ପ୍ରଦାୟର ଶହ ଶହ ସାଥିମାନେ ସମବେତ ହୋଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ରାଲିରେ ଟାଉନହଲ ଠାରେ ପହଞ୍ଚିଥିଲେ। ସେଠାରେ ବହୁଜନ ମହାପୁରୁଷଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଅର୍ପଣ କରି ସଭା ଆୟୋଜିତ ହୋଇଥିଲା। ରାଜ୍ୟ ସଭାପତି ଲିଙ୍ଗରାଜ ପ୍ରଧାନଙ୍କ ସଭାପତିତ୍ୱରେ ଆରମ୍ଭ




ହୋଇଥିବା ସଭାରେ ପ୍ରଫେସର ଗୋପବନ୍ଧୁ ମହନ୍ତ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ବିବେକାନନ୍ଦ ମହାନନ୍ଦ, ସଚ୍ଚିଦାନନ୍ଦ ମହାକୁଡ଼, ସତ୍ୟ ଭୋଇ, କମଳିନୀ ଯାଦବ, ପ୍ରକାଶ ମାଝୀ, ବିକ୍ରମ ଛତର, ଦିନେଶ ନାଗ, କନକ ମଞ୍ଜରୀ ମହାନନ୍ଦ, ଦିଗାମ୍ବର ଲୁହା, ଯତୀନ୍ଦ୍ର କର, ଛବିଲାଲ ନିଆଲ, ସୀତାରାମ ମେହେର, କ୍ଷେତ୍ର ସତନାମୀ, ଶ୍ରୀବତ୍ସ ତାଣ୍ଡି, ଲିଙ୍ଗରାଜ ଆଜାଦ, ଏସ. ସୁଜାତା ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନ ଶାସକ ବର୍ଗ ସମ୍ବିଧାନକୁ ଅପବ୍ୟବହାର କରି ଏହାର ମୂଳ ଢାଞ୍ଚାକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ସମସ୍ତ ବଞ୍ଚିତ ସମାଜ ମିଳିତ ହୋଇ ଏହାର ସୁରକ୍ଷା କରିବାକୁ ହେବ ବୋଲି ଆଲୋଚନା ହୋଇଥିଲା। ରମଣୀ ଦୁରିଆ ଓ ସୁନୀଲ ନନ୍ଦ ମଞ୍ଚ ପରିଚାଳନା କରିଥିଲେ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

**ପୁରୁଣାକଟକ, ୩୦ ।୧୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ପୁରୁଣାକଟକ ମିନି ଷ୍ଟାଡିୟମ, ଲୁଣିବାହାଲ ଓ ଭୈରବୀ ଡିଗ୍ରୀ କଲେଜ ଖେଳ ପଡ଼ିଆରେ ହରଭଙ୍ଗା ବ୍ଲକ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସାଦ ପ୍ରତିନିଧି ସୁବାସ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୫ଦିନ ଧରି ଏହି ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଖେଳ ମହୋତ୍ସବରେ ଭଲିବଲ୍, କ୍ରିକେଟ, ଫୁଟବଲ, ପୁଚି, କବାଡି, ବ୍ୟାଡ୍‌ମିଣ୍ଟନ, ଖୋଖୋ ଆଦି ଖେଳ ହୋଇଥିଲା। ରବିବାର ଉଦ୍‌ଯାପନୀ ଦିବସରରେ ବରିଷ୍ଠ ବିଜେପି ନେତା ସୁଶାନ୍ତ ପ୍ରଧାନ, ହରଭଙ୍ଗା ବିଡ଼ିଓ ବିଜୟ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅଙ୍କୁର ସେଠି, ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ଉମାଚରଣ ରାଉତ, ଦାଶରଥି ଭୋଇ, ନିରଞ୍ଜନ ସାହୁ, ବିଜୟାନନ୍ଦ ସାହୁ, ଶ୍ୟାମସୁନ୍ଦର



ସେଠୀ, ଦୁଃଖୀ ଶ୍ୟାମ ଦେହୁରୀ, ସଞ୍ଜୟ ଭୋକ୍ତା, ସୀତାଂଶୁ ମହାରଣା, କୈଳାସ ବେହେରା, ସମର୍ଜିତ କର୍ମୀ, ସୁଧାଂଶୁ ନାଏକ, ସନ୍ତୋଷ ନାଏକ, ସୁନୀଲ ମହାକୁଡ଼, ଗୋପବନ୍ଧୁ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ବକୁଳ ଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି

**ବୀରମହାରାଜପୁର, ୩୦ ।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କୋଟସମଲାଇ ପଞ୍ଚାୟତ ବାଘପାଲି ସିଦ୍ଧଯୋଗୀ ଚନ୍ଦ୍ରମଣି ଦାସ ସମାଧିପୀଠରେ ପ୍ରସିଦ୍ଧ ବକୁଳ ଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ରାଜେନ୍ଦ୍ର ପ୍ରସାଦ ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଟ୍ରଷ୍ଟ ସମ୍ପାଦକ ମକୁନ୍ଦ ଧରୁଆ ବିବରଣୀ ପଠନ କରିଥିଲେ। ଡିସେମ୍ବର ୧୩ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୧୫ ତାରିଖ ଦିନ ସିଦ୍ଧଯୋଗୀ ଚନ୍ଦ୍ରମଣି ଦାସଙ୍କ ତିରୋଧାନ ଦିବସ ପାଳନ କରାଯିବ। ୧୯ ତାରିଖରୁ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହେବ। ୨୦ ତାରିଖ ଦିନ ପୂର୍ଣ୍ଣାହୁତି ହେବ ବୋଲି ସ୍ଥିର କରାଯାଇଛି। ଶେଷରେ ସମାରୁ ବରର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ତର ପାତ୍ର, ନରସିଂହ ପଧାନ, ପଦ୍ମନ ପଣ୍ଡା, ନଳିନୀକାନ୍ତ ବାଘ, ଜୟଲାଲ ସେଠି, ଫଗୁନୁ ପଧାନ, କୃପାସିନ୍ଧୁ ଥାଟି, ଯେହେରୁ ପଧାନ, ଫକୀର ପୁରୋହିତ, ଅବିଷେକ ଅମାତ ପ୍ରମୁଖ ଉପସ୍ଥିତ ଥିଲେ।







ଜଳଯୋଗାଣ ବନ୍ଦ

## ପିଇବା ପାଣିରୁ ବଞ୍ଚିତ ୪୯୦ ପରିବାର

ନିଶ୍ଚିନ୍ତକୋଇଲି,୩୦।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଫଗୋଲ ପଞ୍ଚାୟତରେ ଥିବା ଦୁଇଟି ପାନୀୟ ଜଳ ପ୍ରକଳ୍ପରୁ ୮ ଦିନ ହେବ ଜଳ ଯୋଗାଣ ସଂପୂର୍ଣ୍ଣ ଠପ୍ ହୋଇଛି। ଫଳରେ ଏହି ପଞ୍ଚାୟତର ୪୯୦ରୁ ଊର୍ଦ୍ଧ୍ୱ ପରିବାର ପିଇବା ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ଦୁଇ ପ୍ରକଳ୍ପରୁ ଟାଟା ପାୱାର କମ୍ପାନୀ ପକ୍ଷରୁ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଥିବାରୁ ଏଭଳି ଅବସ୍ଥା ଉପୁଜୁଥିବା ଜଣାଯାଇଛି। ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଏହି ପଞ୍ଚାୟତର ଫଗୋଲ ଓ ଜଗନ୍ନାଥପୁର ଗ୍ରାମରେ ଦୁଇଟି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇ ବିଭିନ୍ନ ଗ୍ରାମକୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦିଆଯାଉଥିଲା। ଫଗୋଲ ଜଳ ପ୍ରକଳ୍ପ ଉପରେ ସ୍ଥାନୀୟ ଅଞ୍ଚଳ ସହ ଝାରପଡା, ପାଇକରାପୁର ଗ୍ରାମର ୨ ଶହରୁ ଊର୍ଦ୍ଧ୍ୱ ପରିବାର ପିଇବା ପାଣି ପାଇଁ ନିର୍ଭର କରୁଥିବା ବେଳେ ଜଗନ୍ନାଥପୁର ପାନୀୟ ଜଳ ପ୍ରକଳ୍ପ ଉପରେ ସ୍ଥାନୀୟ ଅଞ୍ଚଳ ସମେତ ଝାରପଡା ଗ୍ରାମର ୪ଟି ୱାର୍ଡର ପାଖାପାଖି ୩୦୦ ପରିବାର ପାନୀୟ ଜଳ ପାଇଁ ନିର୍ଭର କରିଥାଆନ୍ତି। ଏହି ଅଞ୍ଚଳ ଗୁଡିକରେ ରହିଥିବା ନଳକୂଅ ଓ କୂଅଗୁଡିକରୁ ବାହାରୁଥିବା ପାଣି ପିଇବା ଉପଯୋଗୀ ହୋଇ ନ ଥିବାରୁ ବିଶେଷ କରି ଲୋକମାନେ ପିଇବା ପାଇଁ ଏହି ପ୍ରକଳ୍ପ ଉପରେ ନିର୍ଭର କରିଥାଆନ୍ତି। ହେଲେ ୮ ଦିନ ହେବ ପ୍ରକଳ୍ପରୁ ଜଳଯୋଗାଣ ହୋଇ ପାରୁ ନ ଥିବାରୁ ସାଧାରଣ ଲୋକେ ଓ ଗୃହପାଳିତ ପଶୁମାନେ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକମାନେ ବ୍ଲକ ପ୍ରଶାସନକୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶିଶିର କୁମାର ମଲିକଙ୍କ ପଚାରିବାରୁ ବିଦ୍ୟୁତ ବିଲ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ରହିଥିବାରୁ ସଂଯୋଗ ବିଚ୍ଛିନ୍ନ କରାଯାଇଛି ବୋଲି ପ୍ରକାଶ କରିଥିଲେ। କ'ଣ ପାଇଁ ପଞ୍ଚାୟତ ପକ୍ଷରୁ ବିଦ୍ୟୁତ ବିଲ୍ ପଇଠ କରାଯାଇ ନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଥିବା ବେଳେ ବ୍ଲକ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ଦୁଇ ପ୍ରକଳ୍ପକୁ ସଚଳ କରିବା ପାଇଁ ସଂପୃକ୍ତ ପରିବାର ଦାବି କରିଛନ୍ତି।




## ବେଆଇନ ବାଲି ଚାଲାଣ; ୨ ହାଇୱା ଜବତ



ତ୍ରିଶୂଳିଆ,୩୦।୧୧(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡଳୀ ବ୍ୟାରେଜ ନିକଟରୁ ଦୁଇଟି ବେଆଇନ ବାଲି ବୋଝେଇ ହାଇୱା ଗାଡ଼ିକୁ ଜବତ କରିଛି ପୁଲିସ। ଘଟଣାରୁ ପ୍ରକାଶ ଯେ, ବାରଙ୍ଗ ଥାନା ଅଞ୍ଚଳରେ ପ୍ରତ୍ୟେକ ଦିନ ଲଘୁ ଖଣିଜ ସମ୍ପଦ ସହିତ ଚୋରି ଡ଼କାୟତି ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଶନିବାର ରାତିରେ ଗୋଡିସାହି ଫାଣ୍ଡି ପୁଲିସ ମୁଣ୍ଡଳୀ ବ୍ୟାରେଜ ଛକରେ ଚେକିଂ କରୁଥିବା ବେଳେ ଦୁଇଟି ବେଆଇନ ବାଲି ବୋଝେଇ ହାଇୱା ଦ୍ରୁତଗତିରେ ଆସୁଥିବା ବେଳେ ପୁଲିସ ଅଟକାଇ ବାଲି ଚାଲାଣର ଆବଶ୍ୟକ କାଗଜପତ୍ର ମାଗିଥିଲେ। କିନ୍ତୁ ଉଭୟ ଚାଳକ ଘଟଣାସ୍ଥଳରେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ପରେ ଗୋଡିସାହି ଫାଣ୍ଡି ପୁଲିସ ଘଟଣାସ୍ଥଳରୁ ବେଆଇନ ବାଲି ବୋଝେଇ ହାଇୱା ଗାଡ଼ି ଦୁଇଟିକୁ ଜବତ କରିବା ସହିତ ଉଭୟ ଚାଳକଙ୍କୁ ଅଟକ ରଖିଛି। ପରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ଲଘୁ ଖଣିଜ ବିଭାଗର ଅଧିକାରୀଙ୍କୁ ସୂଚନା ଦେଇଥିଲେ।

## ଅଗ୍ନିକାଣ୍ଡରେ ୩ ଦୋକାନ ଭସ୍ମୀଭୂତ

ଟାଙ୍ଗୀ,୩୦।୧୧(ସମିସ): ୧୬ ନମ୍ବର ଜାତୀୟ ରାଜପଥ ଟାଙ୍ଗୀ ଥାନା ଗୋବିନ୍ଦପୁର ଛକରେ ଥିବା ତିନୋଟି ଦୋକାନ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡରେ ଭସ୍ମୀଭୂତ ହୋଇଥିବା ଜଣାପଡିଛି। ଛକରେ ଥିବା ଏକ କେବିନରେ ପ୍ରବଳ ମାତ୍ରାରେ ଚୋରାତେଲ ଗଚ୍ଛିତ ଥିଲା। କୌଣସିମତେ ନିଆଁ ଲାଗି ପାଖରେ ଥିବା ଅନ୍ୟ ଦୋକାନରେ ଅଗ୍ନି ଲାଗିଯାଇଥିଲା। ଖବରପାଇ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ ହେଁ ତିନୋଟି ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି।୧୬ ନମ୍ବର ଜାତୀୟ ରାଜପଥ ଗୋବିନ୍ଦପୁର ଛକରେ ଶତାଧିକ ଟ୍ରକ ଛିଡ଼ା ହୋଇଥାନ୍ତି। ଟ୍ରକର ଚାଳକମାନେ ଚୋରାରେ ନିକଟସ୍ଥ ଦୋକାନରେ ବେଆଇନ ଭାବେ ତେଲ କିଣି ଚଢା ଦରରେ ବିକ୍ରି କରନ୍ତି। ପୂର୍ବରୁ ଉକ୍ତ ବିଷୟରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ ପୋଲିସ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା ଅଞ୍ଚଳରେ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି। ତେବେ ଅଗ୍ନିକାଣ୍ଡ କଣ ପାଇଁ ଘଟିଛି ତଦନ୍ତ କରିବାପରେ ଜଣାପଡ଼ିବ ବୋଲି ଟାଙ୍ଗୀ ପୁଲିସ ସୂଚନା ପ୍ରଦାନ କରିଛି।



ଅନ୍ତର୍ଜାତୀୟ ପ୍ରେସିଡେଣ୍ଟ କପ୍

## ଇତିହାସ ରଚିଲେ ଓଡ଼ିଆ ଝିଅ ମନସ୍ୱିନୀ

ଟାଙ୍ଗୀ,୩୦।୧୧(ସମିସ): ନୌଚାଳନା ପ୍ରତିଯୋଗିତାରେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ଓଡ଼ିଆ ଝିଅ ତଥା କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ବମ୍ଭୁରୀ ନିବାସୀ ସୁଷମା ମଞ୍ଜରୀ ଓ ଅଶୋକ ସ୍ୱାଇଁଙ୍କ କନ୍ୟା ମନସ୍ୱିନୀ ଓରଫ ମାମା ଅନ୍ତର୍ଜାତୀୟ ପ୍ରେସିଡ଼େଣ୍ଟ କପ୍-୨୦୨୫ ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିବା ଚର୍ଚ୍ଚାକୁ ଆସିଛି। ଉତ୍ତରାଖଣ୍ଡ ଥିରି ଠାରେ ଆୟୋଜିତ ଉକ୍ତ ଟୁର୍ଣ୍ଣାମେଣ୍ଟର ୪ ଜଣିଆ ବର୍ଗରେ ସ୍ୱର୍ଣ୍ଣ ପଦକ ଓ ୨ଜଣିଆ ବର୍ଗରେ ରୌପ୍ୟ ପଦକ ହାସଲ ବିଷୟ ଜଣାପଡ଼ିବା ପରେ ସମଗ୍ର ଓଡ଼ିଶାରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରକାଶ ଥାଉକି ଓଡ଼ିଆ ଝିଅ ମନସ୍ୱିନୀ ଜଗତପୁରସ୍ଥିତ ଜଳକ୍ରୀଡ଼ା ପ୍ରାଧିକରଣରୁ ତାଲିମ ଗ୍ରହଣ କରି ନିଜର ପ୍ରତିଭା ବଳରେ ପାରା ମିଲିଟାରୀ ଫୋର୍ସରେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ଇତି ମଧ୍ୟରେ ସେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡାରେ ଅଂଶଗ୍ରହଣ ପୂର୍ବକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଜାଣିବାକୁ ମିଳିଛି। ଅନ୍ୟପକ୍ଷରେ ମନସ୍ୱିନୀଙ୍କ ମା' ଅଙ୍ଗନବାଡି କର୍ମୀ ଓ ପିତା ବାଇକ୍ ଗ୍ୟାରେଜ୍ କରି ସାଧାରଣ ଜନତାଙ୍କୁ ସେବା ଯୋଗାଉଥିବାବେଳେ ଝିଅ ମନସ୍ୱିନୀ ଭାରତବର୍ଷର ପ୍ରତିନିଧିତ୍ୱ କରିବା ସାଧାରଣରେ ଚର୍ଚ୍ଚା ସୃଷ୍ଟି କରିଛି।




ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଘୋର ଅବ୍ୟବସ୍ଥା

## ଆଳୁ ବିହନ ବିତରଣରେ ଚାଷୀ ଅସନ୍ତୁଷ୍ଟ

■ ଅଧିକାରୀଙ୍କ ପାଖରେ ନାହିଁ ତଥ୍ୟ
■ ମାତ୍ର ତିନି ଜଣ ଚାଷୀଙ୍କୁ ବିହନ ବଣ୍ଟନ
■ ବିହନ ବଜାରରେ ବିକ୍ରି ହେଉଥିବା ଅଭିଯୋଗ

ଆଠଗଡ଼,୩୦।୧୧(ସମିସ): ଆଠଗଡ଼ରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ଆୟୋଜିତ ଆଳୁ ବିହନ ବିତରଣ କାର୍ଯ୍ୟକ୍ରମରେ ଘୋର ଅବ୍ୟବସ୍ଥା ଯୋଗୁଁ ଚାଷୀମାନେ ଅସନ୍ତୁଷ୍ଟ ହୋଇ ଫେରିଯାଇଛନ୍ତି। ବଣ୍ଟନ ସ୍ଥଳ ତଥା ସଭାସ୍ଥଳରେ ଉପଯୁକ୍ତ ପରିଚାଳନା ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରବିବାର ଆଠଗଡ଼ ବ୍ଲକ ଅନ୍ତର୍ଗତ ଧୁରୁଷିଆ ପଞ୍ଚାୟତ ଜଗମୋହନପୁର ଠାରେ ଆଠଗଡ଼ ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ପ୍ରାମାଣିକ ଆଳୁ ବିହନ ବିତରଣ ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ବିହନ ବିତରଣ କରିବାର କାର୍ଯ୍ୟକ୍ରମ ଥିଲା। ବିଭାଗ ପକ୍ଷରୁ ଚାଷୀମାନଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବା ଯୋଗୁଁ ମାତ୍ର ତିନି ଜଣ ଚାଷୀଙ୍କୁ ଉପମୁଖ୍ୟମନ୍ତ୍ରୀ ଦେଢ଼ କ୍ୱିଣ୍ଟାଲ ଆଳୁ ବିହନ ବିତରଣ କରିଥିଲେ। ଏଥିସହ ନିଜେ ବିଲରେ ଆଳୁ ଲଗାଇଥିବା ମଧ୍ୟ ଜଣାପଡ଼ିଛି। ଆଗରୁ ମଧ୍ୟ କିଛି ଚାଷୀଙ୍କୁ ଆଳୁ ବିହନ ଯୋଗାଇ ଦିଆଯାଇଛି। କିନ୍ତୁ କେତେ ଚାଷୀଙ୍କୁ କେତେ ବିହନ ଯୋଗାଇ ଦିଆଯାଇଛି ତାହାର କୌଣସି ତଥ୍ୟ ଆଠଗଡ଼ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକଙ୍କ ପାଖରେ ନାହିଁ। ଆଠଗଡ଼ ଉପଖଣ୍ଡରେ ୨୭୦ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଆଠଗଡ଼ ବ୍ଲକ ପାଇଁ ୭୦ ହେକ୍ଟର, ତିଗିରିଆ ବ୍ଲକ ପାଇଁ ୬୫ ହେକ୍ଟର, ବଡ଼ମ୍ବା ବ୍ଲକ ପାଇଁ ୬୫ ହେକ୍ଟର ଏବଂ ନରସିଂହପୁର ବ୍ଲକ ପାଇଁ ୭୦ ହେକ୍ଟର ଜମିରେ ଆଳୁ ଚାଷ ହେବା କଥା; କିନ୍ତୁ ଏଥିପାଇଁ କେତେ ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି ଆଠଗଡ଼ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଜ୍ୟୋତ୍ସ୍ନା ଦେବୀ ବେଶ୍ରାଙ୍କୁ ପଚାରିବାରୁ ସେ "ଗୋ ସୁଗମ ଆପ୍ ଦେଖି ଦିଅନ୍ତୁ" ବୋଲି କହିଥିଲେ, ଯାହା ଅଧିକାରୀଙ୍କ ଦାୟିତ୍ୱହୀନତାକୁ ଦର୍ଶାଉଛି। ଆଠଗଡ଼ରେ ଆଳୁ ମିଶନ ବିଫଳ ହୋଇଥିବାବେଳେ ସରକାରଙ୍କ ତରଫରୁ ଦିଆଯାଉଥିବା ଆଳୁ ବିହନ ବଜାରରେ ପରିବା ଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଆଠଗଡ଼ ଜନ ଜାଗରଣ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଆଳୁ ବିହନକୁ କିଛି ଚାଷୀଙ୍କୁ ଦେଇ ଅଧିକାରୀ ଏବଂ କର୍ମଚାରୀ ସେମାନଙ୍କ ଘରକୁ ନେଇ ଖାଉଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ବିହନ ନିଗମ ପରିଚାଳନା ନିର୍ଦ୍ଦେଶକ ନୀତି ରଞ୍ଜନ ସେନଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ତେବେ ଏହି କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଜନ ପ୍ରତିନିଧିମାନଙ୍କୁ ସୂଚନା ଦିଆଯାଇ ନ ଥିବାରୁ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

